Split by PDF Splitter



## ଉତ୍କଳଦୀପିକା ।

ଗତ ମାସ ତା ୨ ରିଖରେ ଶେଷ ହୋଇଥିବା ସପ୍ତାହର ରିପୋର୍ଟରୁ ଦେଖାଗଲା ଯେ ଦୁର୍ଭିକ୍ଷ ସାହାଯ୍ୟ ପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ୬୨,୦୫୧ ରୁ ୫୦,୧୦୨ କୁ କମିଅଛି । ତତ୍ପୂର୍ବ ସପ୍ତାହରେ ୫୮୧୭୨ ସାହାଯ୍ୟ ପାଇଥିଲେ, ସୁତରାଂ ଦୁର୍ଭିକ୍ଷ ହ୍ରାସ ହେବାର କିଛି ଜଣାଯାଉ ନାହିଁ ।

---

ଭାରତରେ ପ୍ଲେଗ ରୋଗ କ୍ରମାଗତ ହ୍ରାସ ହେଉଥିବାର ଦେଖା ଯାଉଅଛି । ଅପ୍ରେଲ ମାସ ତା ୨୫ ରିଖରେ ଶେଷ ହୋଇଥିବା ସପ୍ତାହରେ ମୃତ୍ୟୁ ସଂଖ୍ୟା ୨୮,୮୪୭ ଓ ତତ୍ପୂର୍ବ ସପ୍ତାହରେ ୩୨,୧୫୯ ଥିଲା, ଗତ ମାସ ତା ୨ ରିଖରେ ଶେଷ ହୋଇଥିବା ସପ୍ତାହରେ ୨୪,୩୩୩ ହୋଇଅଛି । କେବଳ ପଞ୍ଜାବ ପ୍ରଦେଶରେ ନ ୭,୯୮୫ ଣ ଉକ୍ତ ରୋଗରେ ମରି ଯାଇଥିଲେ । ବମ୍ବେଇ ପ୍ରଦେଶର ମୃତ୍ୟୁ ୩୦୦୦ କୁ ଖସି ଆସିଅଛି । କଲିକତା ସହରର ମୃତ୍ୟୁ ୨୨୮ ମାତ୍ର ।

---

ଡେନ୍ମାର୍କର ଅଧିପତି ରଜା କ୍ରିଶ୍ଚିୟାନ ଇଂଲଣ୍ଡେଶ୍ୱର ଏଡ୍‌ୱାର୍ଡଙ୍କର ଶ୍ୱଶୁର । ସେ ନିଜ ଦାଣ୍ଡରେ ବୁଲିଯାଉଥିଲେ । ଦୁଇଗୋଟି ବାଳକ ଖେଳା କରୁଥିଲେ, ଏହି ସମୟରେ ସେମାନଙ୍କ ପଛରେ ତାଡ଼ିତ ଟ୍ରାମଗାଡ଼ି ଅତି ବେଗରେ ଆସୁଥିଲା । ରଜା ବାଳକ ଦ୍ୱୟର ଆସନ୍ନ ମୃତ୍ୟୁ ଦେଖି ହଠାତ୍ ଗୋଟିଏ ପଲକରେ ସେମାନଙ୍କୁ ଟାଣିନେଇ ଗାଡ଼ିର ସମ୍ମୁଖରୁ ଅନ୍ତର କରଦେଲେ, ମୁହୂର୍ତ୍ତ ବିଳମ୍ବ ହୋଇଥିଲେ, ଗାଡ଼ିଟି ସେମାନଙ୍କ ଉପରେ ଚାଲିଯାଇଥାଆନ୍ତା । ରଜାଙ୍କର ଏ ମହାନ୍ କାର୍ଯ୍ୟ ପ୍ରଶଂସାର୍ହ କରୁ ଏପରି ମହଦନ୍ତଃକରଣର ଦୟାଶୀଳ ବ୍ୟକ୍ତି ଅତି ବିରଳ ।

---

ଓଡ଼ିଶାର ଟେକ୍‌ସ୍ଟବୁକ କମିଟିର ସଭ୍ୟପଦରେ ନିମ୍ନଲିଖିତ ଭଦ୍ର ବ୍ୟକ୍ତିଗଣ—ନିଯୁକ୍ତ ହୋଇଅଛନ୍ତି ।

ଓଡ଼ିଶା ବିଭାଗର ସ୍କୁଲସମୂହର ଇନସ୍ପେକ୍ଟର (ପଦାଧିକାର) ପ୍ରେସିଡେଣ୍ଟ—କଟକର ସ୍କୁଲସମୂହର ଡେପୁଟୀ ଇନସ୍ପେକ୍ଟର—(ପଦାଧିକାର) ସେକ୍ରେଟରୀ

ସରକାରୀ ସଭ୍ୟ ନ ୩ ଣ

ବାବୁ ହରଶ୍ଚନ୍ଦ୍ର ଦତ୍ତ ରେଭେନ୍ସା କଲେଜର ପ୍ରୋଫେସର

ବାବୁ ଶ୍ରୀଗୋପାଳ ଭଟ୍ଟାଚାର୍ଯ୍ୟ ଓଡ଼ିଶା ବିଭାଗର କମିଶନରଙ୍କର ପର୍ସୋନାଲ ଆସିଷ୍ଟାଣ୍ଟ

ବାବୁ ସୁଧାମଚନ୍ଦ୍ର ନାୟକ ଓଡ଼ିଶା ଗଡ଼ଜାତ ମହାଲର ଅସିଷ୍ଟାଣ୍ଟ ସୁପ୍ରଡେଣ୍ଟ

ବେସରକାରୀ ସଭ୍ୟ ନ ୨ ଣ

ବାବୁ ନୀଳମଣି ଗୁହଦେ କଟକ ପ୍ୟାରୀମୋହନ ଏକାଡେମୀର ପ୍ରଧାନ ଶିକ୍ଷକ

ବାବୁ ବ୍ରଜାନନ୍ଦଦାସ କଟକ ମିସନ ଉଚ୍ଚଇଂରାଜୀ ସ୍କୁଲର ପ୍ରଧାନ ଶିକ୍ଷକ

---

ପାଠକମାନଙ୍କର ସ୍ମରଣ ଥିବ ଯେ ହାଇଦ୍ରାବାଦର ପ୍ରଧାନ ମନ୍ତ୍ରୀ ମହାରାଜା ସାର୍ କୃଷ୍ଣପ୍ରସାଦ ବାହାଦୁରଙ୍କ ବିରୁଦ୍ଧରେ ହାଇଦ୍ରାବାଦର ବୃଦ୍ଧ ନବାବ ସୟଦ ସିରାଜୁଲ ହୋସେନ ତାଙ୍କ ନାତୁଣୀକୁ ବିନା ଅନୁମତିରେ ବିବାହ ହୋଇଥିବାର ଫୌଜଦାରୀ ମୋକଦ୍ଦମା ସେକନ୍ଦରାବାଦ କେଣ୍ଟନମେଣ୍ଟ ମାଜିଷ୍ଟ୍ରେଟଙ୍କ ନିକଟରେ ଉପସ୍ଥିତ କରିଥିଲେ । ସେ ବିଷୟରେ ବାଳିକାର ମାତା ବର୍ତ୍ତମାନ କହନ୍ତି ଯେ ତାଙ୍କର କନ୍ୟା ବାଲ୍ୟକାଳରୁ ଆପଣା ପିତାଙ୍କର ତତ୍ତ୍ୱାବଧାନରେ ଥିଲା । ସେ ଦୁଇମାସ ହେବ ମରିଅଛନ୍ତି । ତଦୁତ୍ତାରୁ ତାଙ୍କର ନିଜ ତତ୍ତ୍ୱାବଧାନରେ ଅଛି । ନବାବଙ୍କ ସହିତ ତାହାର କୌଣସି ବିଶେଷ ସମ୍ବନ୍ଧ ନାହିଁ ଓ କୌଣସିଥର ତାଙ୍କ ଘରେ ମାସେ ମଧ୍ୟ ସେ ରହି ନାହିଁ । ତାହାର ବୟସ ବ ୨୧ ବର୍ଷ ସେ ନବାବଙ୍କ ଓ ଅନ୍ୟାନ୍ୟ ଆତ୍ମୀୟମାନଙ୍କର ଜ୍ଞାତ ସାରରେ ମଧ୍ୟ ବିବାହ କରିଅଛି । ଅତଏବ ମହାରାଜ ସାର୍ କୃଷ୍ଣପ୍ରସାଦଙ୍କ ବିରୁଦ୍ଧର ଦରଖାସ୍ତ ମିଥ୍ୟା ବର୍ଣ୍ଣନାରେ ପୂର୍ଣ୍ଣ । ଏହିପରି ମର୍ମରେ ଏକ ପତ୍ର ଉର୍ଦ୍ଦୁ ଦୈନିକ ସମ୍ବାଦପତ୍ରରେ ପ୍ରକାଶ ପାଇଅଛି । ହିନ୍ଦୁ ଓ ମୁସଲମାନ କନ୍ୟା ବିବାହ କରିବାର ପ୍ରଥା ମହାରାଜ କୃଷ୍ଣପ୍ରସାଦଙ୍କ ଗୃହରେ ପୁରୁଷାନୁକ୍ରମେ ଚାଲିଆସୁଅଛି । ଏ ନୂଆ ମତ ନୁହେ ।

---

କଟକ ମେଡିକେଲ ସ୍କୁଲର ଶେଷ ପରୀକ୍ଷାରେ ନିମ୍ନଲିଖିତ ଛାତ୍ରମାନେ ଏ ବର୍ଷ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ପ୍ରଥମ ଶ୍ରେଣୀ ।

୧ ପୂର୍ଣ୍ଣଚନ୍ଦ୍ର ମିତ୍ର
୨ { ଅଘୋରନାଥ ନିୟୋଗୀ / ରମେଶଚନ୍ଦ୍ର ଦେ

୨ୟ ଶ୍ରେଣୀ ।

୪ ବୈକୁଣ୍ଠନାଥ ଗୁପ୍ତ
୫ ଗୋପୀନାଥ ଦାସ
୬ କୃତାନ୍ତକୁମାର ଗୁପ୍ତ
୭ ଜଗବନ୍ଧୁ ମହାପାତ୍ର
୮ { ଖାନ ନଜରୁଦ୍ଦୀନ ଅହମ୍ମଦ / ଦୁର୍ଗାଚରଣ ସାହୁ / କ୍ଷେତ୍ରମୋହନ ଗୁପ୍ତ
୧୧ ନଗେନ୍ଦ୍ରଚନ୍ଦ୍ର ଭଟ୍ଟାଚାର୍ଯ୍ୟ
୧୨ ମୁକ୍ତେଶ୍ୱର ସାମନ୍ତରାୟ
୧୩ ପ୍ୟାରୀମୋହନ ଘୋଷ
୧୪ ଲଳିତମୋହନ ଦତ୍ତ
୧୫ ଗୋପୀନାଥ ପଟ୍ଟନାୟକ
୧୬ { ଗୋବର୍ଦ୍ଧନଚରଣ ଦାସ / ଜାଦବଚନ୍ଦ୍ର ଦତ୍ତ
୧୮ ମିସ୍ ହାନ୍ନା ସାହୁ
୧୯ ମିସ୍ ଇମୋଜିନ ସାଲିସ
୨୦ ଶ୍ୟାମସନ ସାହୁ

---

ମାଲଦାର ଡାକ୍ତରାଣୀଙ୍କ ମୋକଦ୍ଦମାରେ ଦଣ୍ଡପ୍ରାପ୍ତ ଜମିଦାର ମଦନଗୋପାଳ ଚୌଧୁରୀଙ୍କ ଅପିଲ ହାଇକୋର୍ଟ ବିଚାରରେ ଫଏସଲ ପାଇଅଛି । ହାଇକୋର୍ଟର ଫୌଜଦାରୀ ତରଫର ଅପିଲ ମୋକଦ୍ଦମା ବିଚାର ନିମନ୍ତେ ବିଚାରପତି ହାରିଙ୍ଗଟନ ଓ ବ୍ରେଟ ଥିଲେ । ସେମାନଙ୍କ ବିଚାରରେ ଦଣ୍ଡର ଲାଘବତାର କାରଣ କିଛି ଦେଖାଗଲା ନାହିଁ ସୁତରାଂ ଅପିଲରେ ନିମ୍ନ ଅଦାଲତର ଶାସ୍ତି ବହାଲ ରହିଲା ଓ ଅପିଲ ଡିସମିସ ହେଲା । ମଦନଗୋପାଳ ଦୁଇବର୍ଷ କଠିନ ପରିଶ୍ରମ ସହ କାରାବାସ ଦଣ୍ଡ ଭୋଗ କରିବେ । ନାହିଁ ରାଜଭୋଗ, ନାହିଁ ଜେଲଖାନାର ଦଣ୍ଡଭୋଗ । ଏ ପାପର ପ୍ରାୟଶ୍ଚିତ୍ତ ନିଶ୍ଚୟ ଅଛି । ସତୀତ୍ୱ ଧର୍ମ ଲାଳସାରେ ପ୍ରେମାନ୍ଧ ହୋଇ ପାପ ଅର୍ଜିବା ଦ୍ୱାରା କ ବିଷମୟ ଫଳ ହୁଏ ତାହା ଏହି ଦୃଷ୍ଟାନ୍ତରୁ ପାଠକେ ବୁଝିବେ । ଧନ ଓ ସମ୍ପତ୍ତି ପାପରୁ ଲୋକଙ୍କୁ ରକ୍ଷା କରି ପାରେ ନାହିଁ । ଯୌବନ ସମୟରେ କୁ ପ୍ରବୃତ୍ତିର ଉତ୍ତେଜନାରେ ଉନ୍ମତ୍ତ ହେଲେ, ତାହାର ବିଷମୟ ଫଳ ନିଶ୍ଚୟ ଭୋଗ

Digitized by srujanika@gmail.com

କରିବାକୁ ହେବ; ଧନ, ମାନ କୌଣସି କାରଣ ରହୁ ନାହିଁ । ଅମ୍ଭେମାନେ ଆଶା କରୁ ଯେଉଁମାନେ ଧନ ଓ କ୍ଷମତାବଳରେ ଏହିପରି ଜଘନ୍ୟ କାର୍ଯ୍ୟରେ ପ୍ରବୃତ୍ତ ହେବାକୁ ଉଲମାନ୍ଧ ସଙ୍କୁଚିତ ହୁଅନ୍ତି ନାହିଁ, ସେମାନେ ଏଣିକି ସାବଧାନ ହେବେ ।

---

ଗତ ରବିବାର କେଉଁଝର ମହାରାଜାଙ୍କର ଟୀକାଏତ ( ଜ୍ୟେଷ୍ଠପୁତ୍ର ) ଙ୍କର ସିଂହଭୂମ ଜିଲା ଅନ୍ତର୍ଗତ ଖରସୁଆଁର ବର୍ତ୍ତମାନ ନାବାଳକ ଜମିଦାର ବା ଠାକୁରଙ୍କର ଜେଷ୍ଠଭଗ୍ନୀଙ୍କ ସହିତ ଶୁଭବିବାହ କାର୍ଯ୍ୟ ମହାସମାରୋହରେ ସମ୍ପନ୍ନ ହେଲା । ରୋଶନାଇ, ଆତସବାଜି ବାଦ୍ୟ ନାଚ ଇତ୍ୟାଦିର ବହୁଳ ଆୟୋଜନ ହୋଇଥିଲା ଏବଂ ସୁଯୋଗ ହେତୁ ଲୋକେ ଆନନ୍ଦ ସହିତ ସେ ସବୁ ଦେଖିଥିଲେ । କଟକ, କଲିକତା ଏବଂ କେଉଁଝର ଏ ତିନିସ୍ଥାନର ଆତସବାଜି ଅନେକ ପରିମାଣରେ ଏକ ଠୁଳ ହୋଇଥିଲା । ବାଇନାଚ ଦକ୍ଷିଣୀ ଓ ବନାରସରୁ ଆସିଥିଲା, ବାଦ୍ୟ ଦେଶୀ ଏବଂ ଇଂରାଜୀ ଉଭୟ ପ୍ରକାର ଥିଲା ଏବଂ କଲିକତାରୁ ଏକଦଳ ଥିଏଟର ମଧ୍ୟ ଆସିଥିଲା । ଖରସୁଆଁସ୍ଥାନଟି ଛୋଟ ହେଲେହେଁ ନିକଟସ୍ଥ ଗ୍ରାମମାନଙ୍କର ଅନେକ ଲୋକ ରୋଶନାଇ ଇତ୍ୟାଦି ଦେଖିବାକୁ ଆସିଥିଲେ । ସୁତରାଂ ଭିଡ଼ ଭିଡ଼ ହୋଇଥିଲା । କାର୍ଯ୍ୟ ଶେଷବେଳକୁ ସକାଳ ହୋଇଗଲା । ଠାକୁରଙ୍କର ରାଜବାଟୀ ସୁନ୍ଦର ଓ ପ୍ରଶସ୍ତ ଅଟେ ଏବଂ ସେଠାରେ ମଜଲିସ ଭଲ ହୋଇଥିଲା ମାତ୍ର ଲୋଉନାଚ ଛଡ଼ା ଅନ୍ୟଙ୍କ ନାଚ ଗୀତର ବନ୍ଦୋବସ୍ତ ନ ଥିଲା । ଯାହାହେଉ ବରପକ୍ଷୀୟମାନେ ଗୋଟାଏ ନୂତନ ନାଚ ଦେଖି ଅନନ୍ଦିତ ହୋଇଥିଲେ । ଏବେ ଖରସୁଆଁରାଜ୍ୟଗି ଷ୍ଟେଟ ତହିଁରେ ପୁଣି ରାଜା ନାବାଳଗ ଓ କୋର୍ଟଅବ୍‌ୱାର୍ଡ୍‌ସର ଅଧୀନ । କେଉଁଝରର ଏହ୍ରେ ବର ଥାଟ ସମ୍ଭାଳିବା ତାହାଙ୍କ ପକ୍ଷରେ ସହଜ ନୁହେଁ ମାତ୍ର ସେ ସାଧ୍ୟମତେ ଚର୍ଚ୍ଚା କରି-ବାରେ ଯତ୍ନବାନ୍ ହୋଇଥିଲେ ।

---

## କଟକର ବଜାର ଦର

| | | |
|---|---|---|
| ଚାଉଳ ମୋଟ | ଟଙ୍କାକୁ | ସେ ୧୦ |
| ,, ସରୁ | ,, | ସେ ୭ |
| ଡାଲି | ,, | ସେ ୧୬ |
| ହୋଲଥ | ,, | ସେ ୨୪ |
| ମୁଗ | ,, | ସେ ୧୬ |
| ଖେସାରି | ,, | ସେ ୧୨ |
| ଗହମ | ,, | ସେ ୧୫ |
| ଜଡ଼ା | ,, | ସେ ୮୫ |
| ରାଶି | ,, | ସେ ୫।୰ |
| ସୋରିଷ | ,, | ସେ ୭ |
| ତେଲ ମୋଟ | ,, | ସେ ୨୲ |
| ,, ସୋରିଷ | ,, | ସେ ୨୫ |
| ,, ଘୋଲଙ୍ଗ | ,, | ସେ ୪ |
| ,, କିରାସିନ | ଏକଟିନକୁ | ଟ ୧୲ |
| ଘିଅ ଦେଶୀ | ମହଣ | ଟ୪୦ |
| ଗୁଡ଼ | ଟଙ୍କାକୁ | ସେ୫୫ |
| ନବାତ | ,, | ସେ ୩୫ |
| ଚିନି | ,, | ସେ ୪ |
| ଗୁଆ | ,, | ସେ ୫ |
| ଜିରା | ,, | ସେ ୧୲ |
| ହଳଦୀ | ,, | ସେ ୫ |
| ଲଙ୍କାମରିଚ | ,, | ସେ ୪୫ |
| ପଥର ସୁନା | ଭରିକୁ | ଟ ୨୪୲ |
| ଗିନିସୁନା | ,, | ଟ ୨୪୲ |
| ରୂପା | ଭ ୧୦୦ କୁ | ଟ ୭୧ |
| କଂସା | ସେରକୁ | ଟ ୧୫ |
| ପିତ୍ତଳ | ,, | ଟ ୫୲ |
| କମ୍ପାନି କାଗଜ | ଶତକରା ଟଙ୍କା | ଟ ୯୯।୰ |

—୦※୦—

## ହଗଟ ହାତୀଦାନ୍ତ ।

ମୟୂରଭଞ୍ଜ ଜିଲା ଅନ୍ତର୍ଗତ କପ୍ତିପଦା ନାମକ ସ୍ଥାନର ରାଜା ଦୁଇଗୋଟି ବୃହତ୍ ହସ୍ତୀଦନ୍ତ ଏଠାର ପ୍ରଧାନ ଓକିଲ ରାୟ ହରିବଲ୍ଲଭ ବୋଷ ବାହାଦୂରଙ୍କ ନିକଟରେ ଉପହାର ଦେଇ ଅଛନ୍ତି । ତହିଁ ମଧ୍ୟରୁ ଗୋଟିଏ ଆଠଫୁଟ ଓ ଅନ୍ୟଟି ଫୁ ୭।୯ ଇଞ୍ଚ ଲମ୍ବ ଓ ଦୁହିଁଙ୍କର ପରିଧି ଅବା ମୋଟ ମୂଳ ଭାଗରେ ଅଠର ଇଞ୍ଚ ଏବଂ ଓଜନ କଟକି ତିନି ମହଣ ଅଟେ । ଦେଖିବାରେ ଏ ଦାନ୍ତ ଯୋଡ଼ିକ ବଡ଼ ସୁନ୍ଦର ଓ ଚମତ୍କାର ଅଟେ । ଏପରି ବୃହତ୍ ଦାନ୍ତ ଅମ୍ଭେମାନେ କେବେ ଦେଖି ନ ଥିଲୁ । କେହି କହନ୍ତି କଲିକତାରେ ତହିଁର ମୂଲ୍ୟ ଚାରିଶ ପାଞ୍ଚଶ ହଜାର ଟଙ୍କା ହୋଇ ପାରିବ ।

କପ୍ତିପଦାର ରାଜା ପ୍ରକାଶ କରନ୍ତି ଯେ ସେ ହଗଟ ରାଜବଂଶୀୟ ଅଟନ୍ତି । ଏବଂ ହଗଟ ମହାରାଜା ଯେଉଁ ବୃହତ ହସ୍ତୀ ଉପରେ ବସି ଗମନ କରୁଥିଲେ ସେହି ହସ୍ତୀର ଦାନ୍ତ ଏହା ଅଟଇ ଓ ବଂଶ ଚିହ୍ନ ସ୍ୱରୂପ ତାଙ୍କ ଆବାସରେ ସେହି ସମୟରୁ ରକ୍ଷିତ ହୋଇଥିଲା । ବର୍ତ୍ତମାନ ତାଙ୍କର ଓ ମୟୂରଭଞ୍ଜ ମହାରାଜାଙ୍କ ମଧ୍ୟରେ ବିବାଦ ଚଳୁଅଛି । ସେ ଦାବି କରନ୍ତି ଯେ ତାଙ୍କର ରାଜ୍ୟ ମୟୂରଭଞ୍ଜ ଅନ୍ତର୍ଗତ ଥିଲେହେଁ ତାହା ସ୍ୱତନ୍ତ୍ର ଅଟଇ ଓ ସେ ସ୍ୱତନ୍ତ୍ର ରାଜା ଅଟନ୍ତି । ମୟୂରଭଞ୍ଜର ମହାରାଜା ପ୍ରକାଶ କରନ୍ତି ଯେ କପ୍ତିପଦା ସ୍ୱତନ୍ତ୍ର ନୁହେ ମୟୂରଭଞ୍ଜର ଗୋଟିଏ ସରବରାକାରୀ ବୃହତ ମହଲା ଅଟେ ଓ ତହିଁର ଅଧିକାରୀ ତାଙ୍କର ଅଧୀନସ୍ଥ ସରବରାକାର ଅଟନ୍ତି । ଇଂରେଜ ଗବର୍ଣ୍ଣମେଣ୍ଟଙ୍କ କପ୍ତିପଦାର ରାଜ୍ୟ ପୃଥକ୍ କରି ଦେଇ ନାହାନ୍ତି କିମ୍ବା କଛ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ନାହିଁ । ବର୍ତ୍ତମାନ ଏ ବିଷୟରେ ମାମଲା ଦାଏର ହୋଇଅଛି ଓ ତହିଁର ନିଷ୍ପତ୍ତିରେ ସବୁ ମୀମାଂସା ହୋଇ ଯିବ ଓ ପ୍ରକୃତ କଥା ପ୍ରକାଶ ପାଇବ । ଏହି ମାମଲାରେ ହରିବଲ୍ଲଭ ବାବୁ କପ୍ତିପଦାର ରାଜାଙ୍କୁ ସାହାଯ୍ୟ କରୁଥିବାରୁ ରାଜା ତାଙ୍କ ପ୍ରତି ସନ୍ତୁଷ୍ଟ ହୋଇ ଏ ଉପଢୌକନ ତାଙ୍କୁ ଦେଇଅଛନ୍ତି ।

---

## ମିଉନିସିପାଲିଟୀର ମେହନ୍ତର-ମାନଙ୍କ ମେଳ ।

ଏ ନଗରର ମିଉନିସିପାଲିଟୀ ନୂତନ ନ ହେଲେହେଁ ବହୁକାଳରୁ ଏଠାରେ ମେହନ୍ତର-ମାନଙ୍କର ମେଳ ଦେଖାଯାଇ ନ ଥିଲା । ଗତ ପୂର୍ବ ଶୁକ୍ରବାର ଦିନ ମିଉନିସିପାଲିଟୀର ଅଧୀନସ୍ଥ ସମସ୍ତ ମେହନ୍ତର ଓ ମେହନ୍ତରାଣୀମାନେ "ଧର୍ମଘଟ" କରି କାର୍ଯ୍ୟ ବନ୍ଦ କରିଦେବାରୁ ସହର ମଧ୍ୟରେ କାହାରି ପାଏଖାନା ବା କୌଣସି ରାସ୍ତା ପରିଷ୍କାର ହୋଇପାରିଲା ନାହିଁ ଏବଂ ଲୋକେ ଅତ୍ୟନ୍ତ ବିରକ୍ତ ହୋଇ ମେଳର କାରଣ ଚର୍ଚ୍ଚା କରିବାକୁ ଲାଗିଲେ । ତହିଁର ପରଦିନ ମେଳ ଭାଙ୍ଗିଦେବାକୁ ମେହନ୍ତର ଓ ମେହନ୍ତରାଣୀମାନେ ଆପଣା୨ କାର୍ଯ୍ୟକୁ ଫେରିଆସିଲେ କିନ୍ତୁ ସେ-ମାନେ ନୋଟିସ ଦେଇଅଛନ୍ତି ଯେ ଏକ ମାସ ମଧ୍ୟରେ ସେମାନଙ୍କର ଗୁହାରି ଶୁଣା ନ ଗଲେ ସେମାନେ କାର୍ଯ୍ୟ ଛାଡ଼ିଦେବେ; ସୁତରାଂ ଗୋଳମାଳଟା ଲାଗି ରହିଅଛି ବୋଲି କହିବାକୁ ହେବ । ମେହନ୍ତରମାନଙ୍କର ଆପତ୍ତି ଏହି ଯେ ପ୍ରତ୍ୟେକ ସଫାଇ ଗାଡ଼ିରେ ପ୍ରଥମତଃ ଚାରି ଟଙ୍କା ହିସାବ ବେତନରେ ଦୁଇଜଣ ପୁରୁଷ ଓ ପରେ ଚାରି ଟଙ୍କା ବେତନରେ ଜଣେ ପୁରୁଷ ଓ ଏକଟଙ୍କା ବେତନରେ ଜଣେ ବାଳକ କର୍ମ କରୁଥିଲେ ବ-ର୍ତ୍ତମାନ୍ ଟ୪୲ ବେତନରେ କେବଳ ଜଣେପୁରୁଷ ନିଯୁକ୍ତ ହୋଇଥିବାରୁ କାର୍ଯ୍ୟ ଭିଡ଼ ପଡ଼ୁଅଛି । ପାଣିଗାଡ଼ିର ମେହନ୍ତରମାନଙ୍କ ଦରମା ପୂର୍ବେ ଟ୫୲ ଙ୍କା ଥିଲା ବର୍ତ୍ତମାନ୍ ଟ ୪୲ ହୋଇଅଛି ।

Split by PDF Splitter



ମେହନ୍ତରାଣୀମାନେ ଆପତ୍ତି କରୁଅଛନ୍ତି ଯେ ସେମାନଙ୍କର ଦରମା ସେମାନଙ୍କୁ ଅଣ୍ଟୁ ନାହିଁ, କାରଣ ସେମାନେ ଛଅଟଙ୍କା ଦରମା ପାଇ ତହିଁରୁ ଗୋଟିଏ ଟଙ୍କା ଯେଉଁମାନେ ସେମାନଙ୍କର ମଇଳା ଟୋକାଇ ବୋହାଇ ନଥାନ୍ତି ସେମାନଙ୍କୁ ମଜୁରି ଦଅନ୍ତି ଏବଂ କୋଡିଏ ଟଙ୍କା ଘରକୁ ନଅନ୍ତି। ସାଧାରଣ ପାଏଖାନାର ମଇଳା ପୂର୍ବରେ ଗାଡିଦ୍ୱାରା ବୁହା ହେଉଥିଲା। ମାତ୍ର ଏଣିକି ଉକ୍ତ ପାଏଖାନାର ମେହନ୍ତରଦ୍ୱାରା ବୁହା ହେଉଥିବାରୁ ସେମାନଙ୍କର ପରିଶ୍ରମ ବଢିଅଛି କିନ୍ତୁ ସେହି ପରିମାଣରେ ଦରମା ବୃଦ୍ଧିହୋଇ ନାହିଁ। ମେହନ୍ତର ଓ ମେହନ୍ତରାଣୀମାନେ ମେଳ କରିବାରୁ ନଗରବାସିମାନେ ବର୍ତ୍ତମାନ ଏକ ବଡ ଯେଉଁ କଷ୍ଟ ଭୋଗ କରୁଅଛନ୍ତି, ମିଉନିସିପାଲିଟିର କର୍ତ୍ତୃପକ୍ଷମାନେ ପ୍ରତୀକାର ନ କଲେ ଭବିଷ୍ୟତରେ ଅଧିକ ଦିନ ସେହି କଷ୍ଟ ଭୋଗକରିବା ଅସମ୍ଭବ ନୁହେ। ଆଶାକରୁଁ ମିଉନିସିପାଲିଟୀ ମେଳର ପ୍ରକୃତ କାରଣ ନିର୍ଣ୍ଣୟ କରି ଭବିଷ୍ୟତରେ ତାହା ନିବାରଣ ପକ୍ଷେ ଅତି ଶୀଘ୍ର ବିହିତ ଉପାୟ ଅବଲମ୍ବନ କରିବେ ଏବଂ ନଗରବାସିମାନଙ୍କୁ କଷ୍ଟରୁ ରକ୍ଷା କରିବେ।

———

## ବିଚାର ଅଦାଲତର ଅଭାବ।

ଶ୍ରୀଯୁକ୍ତ ରମ୍ପିନି ସାହେବ କଲିକତା ହାଇକୋର୍ଟର ଜଣେ ବିଚାରପତି ଏବଂ ଭାରତୀୟ ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ଅଟନ୍ତି। ଗତ ମାର୍ଚ୍ଚ ମାସରେ ଉକ୍ତ ସଭାରେ ଭାରତୀୟ ବଜେଟ ସମ୍ବନ୍ଧୀୟ ତର୍କ ବିତର୍କ ସମୟରେ ଶ୍ରୀଯୁକ୍ତ ରମ୍ପିନି ସାହେବ ବିଚାର ଅଦାଲତର ଉନ୍ନତି ସାଧନର ପ୍ରୟୋଜନୀୟତା ଦେଖାଇ ଗୋଟିଏ ସୁନ୍ଦର ଯୁକ୍ତିସଙ୍ଗତ ବକ୍ତୃତା କରିଥିଲେ। ତହିଁର ମର୍ମ୍ମ ସଂକ୍ଷେପରେ ଏହି କି ଗତ କେତେକବର୍ଷ ହେଲା କଲିକତା ହାଇକୋର୍ଟର ଫଉଜଦାରୀ ଏବଂ ଦେୱାନୀ ଅଦାଲତ ସମୂହର କାର୍ଯ୍ୟ ଏତେ ବୃଦ୍ଧି ହୋଇଅଛି ଯେ ବିଚାରପତି ସଂଖ୍ୟା ନ ବଢାଇଲେ ମୋକଦ୍ଦମାମାନ ଚଳିଲ ଏବଂ ଉତ୍ତମରୂପେ ନିଷ୍ପନ୍ନ ହେବା କୌଣସିମତେ ସମ୍ଭବ ନୁହେ। ବଙ୍ଗଦେଶରେ କୋର୍ଟଫିସ ପ୍ରଭୃତି ଦ୍ୱାରା ଯେତେ ଆୟ ହୁଅଇ ତହିଁରୁ ସମସ୍ତ ବ୍ୟୟ ଯାଇ ୪୬୫୦ ହଜାର ଟଙ୍କା ଉଦ୍‌ବର୍ତ୍ତ ହୁଅଇ। ଦେୱାନୀ ଓ ଫଉଜଦାରୀ ଅଦାଲତର ଆୟ ବିଚାର କାର୍ଯ୍ୟର ଉନ୍ନତି ସାଧନରେ ବ୍ୟୟ କରିବା ଉଚିତ। ତାହା ଅନ୍ୟାୟ ନୁହେ। ଯେତେବେଳେ ବିଚାର କାର୍ଯ୍ୟର ଖରଚ ଲୋକଙ୍କଠାରୁ ନିଆଯାଉଅଛି ତେତେବେଳେ ଯେ ତହିଁରେ ଯାହା ସନ୍ତୋଷଜନକରୂପେ ବିଚାର ହେବ ତହିଁର ବ୍ୟବସ୍ଥା କରିବା ଗବର୍ଣ୍ଣମେଣ୍ଟଙ୍କର ଏକାନ୍ତ କର୍ତ୍ତବ୍ୟ ଅଟେ। ଅଳ୍ପ କର୍ମ୍ମଚାରୀ ଉପରେ ଅଧିକ କାର୍ଯ୍ୟ ଲଦିଦେଇ ନିରୂପିତ କାଳ ମଧ୍ୟରେ ଶେଷ କରିବାକୁ ଆଦେଶ ଦେବାରେ କାର୍ଯ୍ୟ ଭଲ ହେବାର ଆଶା କରାଯାଇ ନ ପାରେ। ତରବରିଆ କାର୍ଯ୍ୟ ବାସ୍ତବରେ ନିକୃଷ୍ଟ ହୁଏ। ପ୍ରଥମେ ମୁନସଫ, ସବଜଜ ଏବଂ ଜିଲା ଜଜଙ୍କ ସଂଖ୍ୟା ବୃଦ୍ଧି ହେବା ଆବଶ୍ୟକ। ତାହା ହେଲେ ମୋକଦ୍ଦମା ଚଞ୍ଚଳ ନିଷ୍ପତ୍ତି ହେବ ଏବଂ ମୋକଦ୍ଦମା କରିବା ବ୍ୟକ୍ତିମାନେ ଅନେକ ଅସୁବିଧା ଓ ବ୍ୟୟରୁ ରକ୍ଷା ପାଇବେ। ପୁଣି ଜିଲା ଜଜମାନଙ୍କର ଯୋଗ୍ୟତା ଲାଭର ସୁବନ୍ଦୋବସ୍ତ ହେବା ଆବଶ୍ୟକ। ପୂର୍ବେ ସିଭିଲିୟାନମାନେ ବିଲାତରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଉତ୍ତାରୁ କେତେଦିନ ଫଉଜଦାରୀ ଏବଂ ଦେୱାନୀ ଅଦାଲତରେ କେତେକାଳ କାର୍ଯ୍ୟ ଦେଖି ଶିଖିବାକୁ ବାଧ୍ୟ ହେଉଥିଲେ। ବର୍ତ୍ତମାନ ତାହା ଉଠାଯାଇ ହୋଇଅଛି। ଯେଉଁମାନେ କିଛି ଜାଣି ନାହାନ୍ତି ସେମାନେ ମଧ୍ୟ ଏ ଦେଶକୁ ଆସି ଏକାବେଳେ ବିଚାର କରି ବସନ୍ତି। ଅନ୍ତତଃ ବିଚାର କାର୍ଯ୍ୟର କିଛିମାତ୍ର ଶିକ୍ଷା ନ ପାଇ ବିଚାର କରନ୍ତି ଏବଂ ତହିଁରେ ଯେ ଲୋକଙ୍କର କେତେ ଅସୁବିଧା ଓ ଅନିଷ୍ଟ ହୁଅଇ ତାହା ସମସ୍ତେ ଅନୁଭବ କରୁଅଛନ୍ତି। ପୂର୍ବେ ପ୍ରାୟ ବ ୨୦ ବର୍ଷ କାର୍ଯ୍ୟ କରି ଜିଲା ଜଜ ହେଉଥିଲେ। ବର୍ତ୍ତମାନ ବ ୧୫ ବର୍ଷରୁ ଅଧିକ ବିଳମ୍ବ ହୁଅଇ ନାହିଁ। ବିଚାର କାର୍ଯ୍ୟରେ ପରିପକ୍ୱ ହେବା ପୂର୍ବରୁ ଅନେକ କର୍ମ୍ମଚାରୀ ଜିଲା ଜଜ ହେବା ହେତୁ ସୁବିଚାର କରିବା କାରଣ ଯେତେ ଆଇନ କାନୁନର ଜ୍ଞାନ ଓ ବହୁଦର୍ଶିତା ପ୍ରୟୋଜନ ସେ ସବୁ ସେମାନଙ୍କର ନ ଥାଏ ସୁତରାଂ ସେମାନଙ୍କର ବିଚାର ଅପିଲ ଅଦାଲତରେ ସ୍ଥିର ରହି ନ ପାରେ। ଏଥିରେ ଅପିଲ ଅଦାଲତର ପରିଶ୍ରମ ବଢଇ ଏବଂ ପକ୍ଷମାନଙ୍କର ନାନା କ୍ଷତି ଓ ଅସୁବିଧା ହୁଅଇ। ମାଜିଷ୍ଟ୍ରେଟ ଓ ଜିଲା ଜଜମାନେ ଯୋଗ୍ୟତା ସହିତ ବିଚାର କାର୍ଯ୍ୟ ନିର୍ବାହ କରି ପାରିବେ ଏଥିର ସୁବନ୍ଦୋବସ୍ତ ହେବା ଏକାନ୍ତ ଆବଶ୍ୟକ ଏବଂ ତହିଁପାଇଁ ଉପଯୁକ୍ତ ବ୍ୟୟ ସ୍ୱୀକାର କରିବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ଅଟେ।

ଶ୍ରୀଯୁକ୍ତ ରମ୍ପିନି ସାହେବଙ୍କର ଉପରଲିଖିତ ମନ୍ତବ୍ୟ ମୂଲ୍ୟବାନ୍ ଅଟେ ଏବଂ ଗବର୍ଣ୍ଣମେଣ୍ଟ ତାହା କେତେକ ପରିମାଣରେ ଯେ ଅନୁଭବ କରିଅଛନ୍ତି ମୁନସଫ ଏବଂ ସବ ଜଜଙ୍କ ବେତନ ଓ ସଂଖ୍ୟାବୃଦ୍ଧି ପ୍ରଭୃତି ମନୋଯୋଗୀ ହେବାଦ୍ୱାରା ତାହା ପ୍ରକାଶ ପାଉଅଛି। ମାତ୍ର ଜିଲା ଜଜ ଓ ହାଇକୋର୍ଟ ଜଜଙ୍କର ସଂଖ୍ୟା ଓ ଯୋଗ୍ୟତା ସମ୍ବନ୍ଧରେ ମଧ୍ୟ ସୁବିଚାର ଆବଶ୍ୟକ। ଦେୱାନୀ ମୋକଦ୍ଦମା ବିଚାର କଥା କିଛିମାତ୍ର ନ ଜାଣିବା ଏବଂ ଫଉଜଦାରୀ ମୋକଦ୍ଦମାର ବିଚାରରେ ମଧ୍ୟ ପରିପକ୍ୱ ନ ଥିବା ଯୁବା ଜଏଣ୍ଟ ମାଜିଷ୍ଟ୍ରେଟମାନଙ୍କୁ ଏକାବେଳେ ଜିଲା ଜଜର ପଦ ପ୍ରଦାନରେ ସୁବିଚାରର ବିଶେଷ ବ୍ୟାଘାତ ହେଉଅଛି ଏବଂ ହାଇକୋର୍ଟ ଅପିଲ ଅଯଥା ବୃଦ୍ଧି ହେଉଅଛି ଅଥଚ ହାଇକୋର୍ଟରେ ତଦୁପଯୁକ୍ତ ବିଚାରପତି ଏବଂ ଅମଲା ନ ଥିବାରୁ ତରବରିଆ ନିଷ୍ପତ୍ତିଦ୍ୱାରା ଅନେକ ବିଚାର ବିଭ୍ରାଟ ଘଟୁଅଛି ଏବଂ ଦୀର୍ଘକାଳରେ ସୁଦ୍ଧା ମାମଲା ନିଷ୍ପତ୍ତି ହୋଇ ପାରୁ ନାହିଁ। ସୁବିଚାର ନିମନ୍ତେ ହାଇକୋର୍ଟର ଯେଉଁ ସୁଖ୍ୟାତି ଚିରକାଳରୁ ରହିଅଛି ଆଜିକାଲି ତହିଁରେ ଲୋକଙ୍କର ବିଶ୍ୱାସ କିଛି ଟଳିବାର ଜଣା ଯାଉଅଛି। କଲିକତାର ଅନେକ ସମ୍ବାଦପତ୍ରରେ ଆନ୍ଦୋଳନ ହେଉଅଛି ଏବଂ ଅମୃତବଜାର ପତ୍ରିକା ହାଇକୋର୍ଟରୁ ଏକ ୨ ଦଳର କାର୍ଯ୍ୟର ଯେଉଁ ଉଦାହରଣ ଦେଖାଇଅଛନ୍ତି ତହିଁରୁ ଜଣାଯାଉଅଛି ଯେ କଲିକତା ହାଇକୋର୍ଟ ପୂର୍ବପ୍ରାପ୍ତ ସୁବିଚାର ପ୍ରଦାନ ପ୍ରତି ବିଶେଷ ଯତ୍ନବାନ୍ ନ ହୋଇ କୌଣସିମତେ ମୋକଦ୍ଦମା ଶୀଘ୍ର ୨ ଫଇସଲ କରିବାକୁ ବସିଅଛନ୍ତି। ଏପ୍ରକାର ଅବସ୍ଥା ଭଲ ନୁହେ ଏବଂ ଆଶାକରୁଁ ହାଇକୋର୍ଟର ମାନ୍ୟବର ପ୍ରଧାନ ବିଚାରପତି ନିଜ ଅଦାଲତର ଗୌରବ ବଢାଇବା ବିଷୟରେ ଯଥାସାଧ୍ୟ ଉପାୟ ଅବଲମ୍ବନ କରିବେ।

—୦୦—

## ଏ କି ସୁବିଚାର ?

ଏଠା ତେଲେଙ୍ଗାବଜାରର ଜଣେ ବେଶ୍ୟା ଗତ ଏପ୍ରେଲମାସ ତା ୯ ଇଖରେ କଟକ ସଦରଥାନାରେ ଏହି ମର୍ମରେ ଏଜାହାର ଦେଇଥିଲା ଯେ ଉକ୍ତ ବଜାରର ଏକ ମୁସଲମାନ ମୋକ୍ତାରର ପୁତ୍ର ମୁହରମ ଅଲି ଓ ଅପର କେତେକ ଜଣ ଆଖଡ଼ାବାଲା ତାକୁ ମୋହରମର ଚନ୍ଦା ମାଗିଥିଲେ ଓ ସେ ତାହା ଦେବାକୁ ଅସ୍ୱୀକାର କରିବାରୁ ସେମାନେ ବଳପୂର୍ବକ ତାହା ଘରେ ପ୍ରବେଶ କରି ତାକୁ ମାରପିଟ କରିଥିଲେ। ତା ୧୩ ଇଖରେ ପୁଲିସ ସବ ଇନ୍‌ସପେକ୍ଟର ତଦନ୍ତ କରି ଚାରିଜଣ ଆସାମୀଙ୍କୁ ଚାଲାନ ଦେଲେ ଓ ମୋକଦ୍ଦମା ବିଚାର ନିମନ୍ତେ ଶ୍ରୀଯୁକ୍ତ ମଣ୍ଟୁ ସାହେବ ଡେପୋଟୀ ମେଜେଷ୍ଟ୍ରେଟଙ୍କଠାରୁ ସୁପର୍ଦ୍ଦ ହେଲା। ମୁଦେଇ ପକ୍ଷରୁ ଅନ୍ୟାନ୍ୟ ସାକ୍ଷିଙ୍କ ମଧ୍ୟରେ ଜଣେ ଭୂତପୂର୍ବ ଅନରେରି ମାଜିଷ୍ଟ୍ରେଟ ଶ୍ରୀ ବାବୁ ଶ୍ୟାମସୁନ୍ଦର ରାୟଗୁରୁ ସାକ୍ଷ୍ୟ ଦେଇଥିଲେ ଓ ଆସାମିମାନଙ୍କ ସଫାଇ ସାକ୍ଷିଙ୍କ ମଧ୍ୟରେ ଏଠାର ଦୁଇଜଣ ପ୍ରଧାନ ଉକିଲଙ୍କର ଜବାନବନ୍ଦୀ

Digitized by srujanika@gmail.com

ହୋଇଥିଲା । ଡେପୋଟୀ ମାଜିଷ୍ଟ୍ରେଟ ଆସାମିମାନଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକଙ୍କ ପ୍ରତି କଠିନ ପରିଶ୍ରମ ସହ ଏକମାସ ଲେଖାଏ କାରାବାସ ଓ ୫୦ ୧୫ ୮ ଙ୍କା ଜରିମାନା ଦଣ୍ଡ ବିଧାନ କଲେ । ଏହି ଦଣ୍ଡ ବିରୁଦ୍ଧରେ ଶ୍ରୀଯୁକ୍ତ ଜଜସାହେବଙ୍କ ନିକଟରେ ଅପିଲ ହୋଇଥିଲା । ଅପିଲ ବିଗ୍ଭରରେ ଆସାମିମାନେ ନିର୍ଦ୍ଦୋଷୀ ଥିବାର ସାବ୍ୟସ୍ତ ହୋଇ ମୁକ୍ତିଲାଭ କରିଅଛନ୍ତି ।

ଶ୍ରୀଯୁକ୍ତ ଜଜସାହେବ ବାହାଦୁର ଯେଉଁ ସୁନ୍ଦର ଯୁକ୍ତିପୂର୍ଣ୍ଣ ରାୟ ଲେଖିଅଛନ୍ତି ସ୍ଥାନାଭାବ୍ତଃ ବଶତଃ ତାହା ସମୁଦାୟ ପ୍ରକାଶ କରି ପାରିଲୁ ନାହିଁ । କେବଳ ଏତିକମାତ୍ର କହିଲେ ଯଥେଷ୍ଟ ହେବ ଯେ ମୋକଦ୍ଦମାର ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ବିଷୟରେ ଶ୍ରୀଯୁକ୍ତ ଜଜସାହେବ ମହୋଦୟ ଦୋଷ ଦେଖାଇଅଛନ୍ତି । ମୁଦେଇ ଜଣେ ବେଶ୍ୟା, ଯେଉଁ ଅବସ୍ଥାରେ ତାକୁ ମାଡ ହୋଇଥିଲା ସେହି ଅବସ୍ଥାରେ ସେ ତତ୍କ୍ଷଣାତ୍ ଥାନାକୁ ଯାଇ ପାରିଥାନ୍ତା; କିନ୍ତୁ ସେ ତାହା ନ କରି ଘଟନାର ଘ ୬ ଣ୍ଟା ପରେ ଥାନାକୁ ଯାଇ ଇଜାହାର ଦେଇଥିଲା; ତା ୯ ଋଖରେ ଥାନାରେ ଏତଲା ଦିଆ ହୋଇଥିଲା କିନ୍ତୁ ତହିଁର ଚଉର୍ଥ ଦିନରେ ସବଇନ୍‌ସପେକ୍ଟର ତଦନ୍ତ କାର୍ଯ୍ୟ ଆରମ୍ଭ କରିଥିଲେ; ଏତେ ବିଲମ୍ବର କିଛି କାରଣ ପ୍ରଦର୍ଶିତ ହୋଇ ନାହିଁ; ପ୍ରଥମ ଇତଲାଇରେ ଯେଉଁମାନଙ୍କର ନାମ ସାକ୍ଷୀ ଶ୍ରେଣୀରେ ଦିଆ ହୋଇଥିଲା । ଜବାନବନ୍ଦୀ ସମୟରେ ସେମାନଙ୍କ ପରିବର୍ତ୍ତେ ଅପର ବ୍ୟକ୍ତିଙ୍କୁ ଦିଆ ହୋଇଅଛି । ମୁଦେଇର ପ୍ରଧାନ ସାକ୍ଷୀ ଶ୍ୟାମସୁନ୍ଦର ରାୟଗୁରୁ ମୁଦେଇ ପକ୍ଷରୁ ଅନ୍ୟ ମୋକଦ୍ଦମାର ତଦବିର କରୁଥିବାର ଅସ୍ୱୀକାର କରିଥିଲେ ମଧ୍ୟ ସେ ମୁଦେଇ ପକ୍ଷରୁ ମୋକଦ୍ଦମାର ତଦବିର କରୁଥିବା ଓ ମୁଦେଇକୁ ଓ ମୁଦେଇର ଏକଜଣ ସାକ୍ଷୀକୁ ସାହାଯ୍ୟ କରିଥିବା ବିଷୟ ଦୁଇଜଣ ପ୍ରଧାନ ଉକିଲ ଓ ମକ୍ତାରଙ୍କ ସାକ୍ଷ୍ୟଦ୍ୱାରା ସ୍ପଷ୍ଟରୂପେ ପ୍ରମାଣ ହୋଇଅଛି । ମୁଦେଇର ସାକ୍ଷୀମାନେ ସ୍ୱାଧୀନ, ସତ୍ୟପ୍ରିୟ ଓ ମାନ୍ୟବାନ ବ୍ୟକ୍ତି ନୁହନ୍ତି ଅଧିକନ୍ତୁ ପ୍ରଧାନ ସାକ୍ଷୀ ତାହାର ଇଜାହାରରେ କେତେକ ବିଷୟ ମିଥ୍ୟା କହିବାକୁ ଶଙ୍କୁଚିତ ହୋଇ ନ ଥିବାର ପ୍ରମାଣ ହୋଇଅଛି । ସବଇନ୍‌ସପେକ୍ଟରଙ୍କ ସାକ୍ଷ୍ୟଦ୍ୱାରା ମୋକଦ୍ଦମାର ବିଶେଷ କିଛି ପ୍ରମାଣ ହୋଇ ନାହିଁ ବରଂ ସେ ଇତଲାର ହେବାର ଚଉର୍ଥ ଦିବସରେ ତଦନ୍ତ କାର୍ଯ୍ୟ ଆରମ୍ଭ କରିଥିବାର କହି ମୋକଦ୍ଦମା ନଷ୍ଟ କରିଅଛନ୍ତି । ଏହି ବିଷୟମାନ ବିଷୟରେ ବିଶଦରୂପେ ସମାଲୋଚନା କରି ଉପସଂହାରରେ ଶ୍ରୀଯୁକ୍ତ ଜଜ ସାହେବ ଲେଖିଅଛନ୍ତି—

"For the above reasons I not only consider the case for the prosecution to be not proved but that it is more likely to be false than true. I regret to have to observe that the Deputy Magistrate, *in his usual manner*, did not carefully go into the case and disposed of it without considering the circumstances necessarily arising out of undisputed facts and admitted circumstances."

ଅର୍ଥାତ୍ ମୁଦେଇର ମୋକଦ୍ଦମା ଯେ କେବଳ ପ୍ରମାଣ ହୋଇ ନାହିଁ ତାହା ନୁହେ, ତାହା ସତ୍ୟ ନ ହୋଇ ମଥ୍ୟା ଥିବାର ଅଧିକ ସମ୍ଭବ । ଡେପୋଟି ମାଜିଷ୍ଟ୍ରେଟ ସର୍ବଦା ଯେଉଁ ଭାବରେ କାର୍ଯ୍ୟ କରିଥାନ୍ତି ସେହି ପ୍ରକାରେ ମୋକଦ୍ଦମା ମଧ୍ୟରେ ପ୍ରବେଶ ନ କରି ଓ ଅବିବାଦୀୟ ଓ ସ୍ୱୀକୃତ ଘଟନାମାନଙ୍କ ପ୍ରତି ଲକ୍ଷ ନ କରି ମୋକଦ୍ଦମା ନିଷ୍ପତ୍ତି କରିଅଛନ୍ତି ।

ମାନନୀୟ ଶ୍ରୀଯୁକ୍ତ ଜଜ ସାହେବ ମହୋଦୟଙ୍କ ନିଷ୍ପତ୍ତି ଯେତେ ଯୁକ୍ତିସଙ୍ଗତ ହେଉ ପଛକେ ଜଣେ ସାମାନ୍ୟ ବେଶ୍ୟା କ କାରଣରୁ ଭଦ୍ରଲୋକ ନାମରେ ନାଲିସ କଲା ତାହା ଜଣାଯାଉ ନାହିଁ ଏବଂ ସେ ମିଥ୍ୟାରେ ନାଲିସ କରିବାର ମଧ୍ୟ ଜଜ ସାହେବ ସ୍ପଷ୍ଟ କହି ନାହାନ୍ତି । ଏହି ହେତୁ ତାହାଙ୍କର ବିଗ୍ଭର ନିର୍ଦ୍ଦୋଷ ଥିବାର ଆମ୍ଭେମାନେ କହି ପାରୁ ନାହୁଁ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

କଟକର ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ମିଃ ଏଲ୍, ଏସ୍, ଏମ୍ ଓମାଲି ଅନ୍ୟ ଆଦେଶ ପର୍ଯ୍ୟନ୍ତ ବଙ୍ଗଳା ଗବର୍ଣ୍ଣମେଣ୍ଟର ଅଣ୍ଡର ସେକ୍ରେଟେରି ପଦରେ ନିଯୁକ୍ତ ହେଲେ ।

ପ୍ରେସିଡେନ୍‌ସି କଲେଜର ପ୍ରିନ୍‌ସିପାଲ ମିଃ ଏ, ସି, ଏଡ଼ୱାର୍ଡସ୍ ବଙ୍ଗଳା ଶିକ୍ଷାବିଭାଗର ଡାଇରେକ୍ଟର ପଦରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ମିଃ ପେ, ଏଣ୍ଡ ସେଲ୍‌ଟରେ ଶିକ୍ଷା ବିଭାଗର ଡାଇରେକ୍ଟର ନିଯୁକ୍ତ ହେବାର ଆଦେଶ ରହିତ ହେଲା ।

ପ୍ରେସିଡେନ୍‌ସି କଲେଜର ପ୍ରୋଫେସର ଡାକ୍ତର ପ୍ରଫୁଲ୍ଲ କୁମାର ରାୟ ହୁଗ୍ଲି କଲେଜର ପ୍ରିନ୍‌ସିପାଲ ପଦରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

କଟକର ଅଫିସିଏଟିଂ ଅତିରିକ୍ତ ମୁନ୍‌ସଫ ମୌଲବୀ ଅବଦୁଲ ଗନିଙ୍କ ୪ର୍ଥ ଶ୍ରେଣୀରେ ନିଯୁକ୍ତ ହେଲେ ।

ପୁରୀର ଅତିରିକ୍ତ ମୁନ୍‌ସଫ ବାବୁ ଦେବେନ୍ଦ୍ର ଚନ୍ଦ୍ର କାନୁନ୍ଗୋ ୪ର୍ଥ ଶ୍ରେଣୀରେ ବାହାଲ ହେଲେ ।

ପାଟନା ବିଭାଗର ସବ୍‌ଡେପୁଟି କଲେକ୍ଟର ମୌଲବୀ ସୟଦ ଇଲବର ଅଲ୍ଲି ଗୟା ଜିଲାର ନବାଦା ସବ୍‌ଡିଭିଜନରେ କିଛି କାଳ ନିମନ୍ତେ ଅବସ୍ଥାପିତ ହେଲେ ।

ବାଲେଶ୍ୱର ଜିଲ୍ଲାର ଲୋକେଲବୋର୍ଡ ସମୂହର ସଭ୍ୟପଦରେ ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ।

ସଦର ଲୋକାଲ ବୋର୍ଡର ସଭ୍ୟମାନଙ୍କ ନାମ

ବାଲେଶ୍ୱର ସ୍କୁଲ ସମୂହର ଡେପୁଟୀ ଇନ୍‌ସ୍ପେକ୍ଟର

| | |
|---|---|
| ସେଖ ବାବୁଜାନ | ଜେ, ଇ, ଏଚ୍, ଲଫର |
| ବାବୁ ବୈକୁଣ୍ଠନାଥ ବସୁ | ବାବୁ ଶ୍ରୀହରି ଗିରି |
| ବାବୁ ଗଲମୋହନ ଦାସ | ଚୌଧୁରୀ ନରେନ୍ଦ୍ରନାରାୟଣଦାସ ମହାପାତ୍ର |
| ବାବୁ ରସିକଚନ୍ଦ୍ର ଦେ | ବାବୁ କପିଳବିହାରୀ ଦେ |
| ବାବୁ ହେମଚନ୍ଦ୍ର ଦେ | ଭୂୟାଁ ଅବଦୁଲ ସୋବାନ ଖାଁ |
| ବାବୁ ଉମାକାନ୍ତଦାସ ମହାପାତ୍ର | |

ଭଦ୍ରକ ଲୋକାଲ ବୋର୍ଡର ସଭ୍ୟମାନଙ୍କ ନାମ

| | |
|---|---|
| ମୌଲବୀ ମହମ୍ମଦ ମିର୍ଜା ନାଜିର | ବାବୁ ଯଦୁନାଥ ଘୋଷ |
| ବାବୁ ହରବଲ୍ଲଭ ଚୌଧୁରୀ | ବାବୁ ବୃନ୍ଦାବନଚନ୍ଦ୍ର ଗିରି |
| ବାବୁ କୃଷ୍ଣପ୍ରସାଦ ଦାସ | ବାବୁ ରାଧାଶ୍ୟାମ ଦାସ |
| ମହନ୍ତ ଶଶୀଭୂଷଣ ଗୋସ୍ୱାମୀ | ବାବୁ ଭଗବତୀପ୍ରସାଦ ଦାସ |
| ବାବୁ ଗଣପତି ଦାସ ମଙ୍ଗରାଜ ନାୟକ | |

ଭଦ୍ରକର ସବ୍‌ଡିଭିଜନାଲ କର୍ମଚାରୀ ଉକ୍ତ ଲୋକାଲବୋର୍ଡର ଚେୟାରମ୍ୟାନ ପଦରେ ନିଯୁକ୍ତ ହୋଇଅଛନ୍ତି ।

---

ଗତ ସପ୍ତାହରେ ଦୁଇଗୋଟି ଚୋରି ମୋକଦ୍ଦମା ଫଇସଲ ହୋଇଅଛି ।

କଟକର ଏକ ଆସାମୀ ଜନାର୍ଦ୍ଦନ ମାହାନ୍ତି ଏକ କୃତ୍ରିମ ରେଲୱେ ଟିକେଟ୍ ପ୍ରକୃତପରି ବ୍ୟବହାର କରିଥିବା ଅପରାଧରେ ଦଣ୍ଡବିଧି ଆଇନର ଧା ୪୭୧ ରୁ ଓ ଧା ୪୭୭ ଧା ନୁଯାୟୀ ୧୮ ମାସର କଠିନ ପରିଶ୍ରମସହ କାରାବାସ ଦଣ୍ଡ ପାଇଅଛି ।

ଗତ ଗୁରୁବାର ମୌଲବୀ ଅବଦୁଲ ସଲାମ ଡେପୁଟି ମାଜିଷ୍ଟ୍ରେଟ ଏକଲାସରେ ପୁରୀ ପଣ୍ଡାଙ୍କ ମୋକଦ୍ଦମା ପଡ଼ିଥିଲା । ମୁଦାଲାମାନଙ୍କ ପକ୍ଷରୁ ଦୁଇଜଣ ସାକ୍ଷୀଙ୍କର ଯବାନବନ୍ଦି ହୋଇ ତା ୨୦ ରେ ଯବାନବନ୍ଦି ଶୁଣାଣିବାର ଧାର୍ଯ୍ୟ ହେଲା । ପୁରୀର ଭୂତପୂର୍ବ ମାଜିଷ୍ଟ୍ରେଟ ଗ୍ୟାରେଟ୍ ସାହେବଙ୍କର କମିଶନଦ୍ୱାରା ଯବାନବନ୍ଦି ନିମନ୍ତେ ରାଞ୍ଚି କାଗଜପତ୍ର ପଠା ଯାଇଅଛି ।

ଗତ ଗୁରୁବାର ଦିବା ଘ ୧୧ ଣ୍ଟା ସମୟରେ ନଗରର ପଶ୍ଚିମ ଝାଞ୍ଜିରି ମଙ୍ଗଳା ସାହିରେ ପ୍ରାୟ ୫୦ ଖଣ୍ଡ ଘର ଅଗ୍ନିଲାଗି ଭସ୍ମୀଭୂତ ହୋଇଯାଇଅଛି ।

କଟକ ରେଭେନସା କଲେଜିଏଟ ସ୍କୁଲ ଗତ ମାସ ତା ୧୦ ରିଖଠାରୁ ଜୁନ ତା ୨୨ ରିଖ ପର୍ଯ୍ୟନ୍ତ ଗ୍ରୀଷ୍ମାବକାଶ ଉପଲକ୍ଷେ ବନ୍ଦ ହୋଇଅଛି ।

କଟକ ପ୍ୟାରିମୋହନ ଏକାଡେମୀ ଗତ ମାସ ତା ୯ ରିଖଠାରୁ ଆଗାମୀ ଜୁନମାସ ତା ୧୦ ରିଖ ପର୍ଯ୍ୟନ୍ତ ଗ୍ରୀଷ୍ମାବକାଶ ଉପଲକ୍ଷେ ବନ୍ଦ ହୋଇଅଛି ।

ଡେଃ କଲେକ୍ଟର ବାବୁ ଗଗନଚନ୍ଦ୍ର ଦାସ ପୁରୀ ଖାସ ମହଲର ମେନେଜର କାର୍ଯ୍ୟର ଭାର ଗ୍ରହଣ କରିବା ନିମନ୍ତେ ଗତ ବୁଧବାର ପୁରୀକୁ ଯାତ୍ରା କରିଅଛନ୍ତି ।

ଅମ୍ଭମାନଙ୍କର ମାନନୀୟ କମିଶନର ଶ୍ରୀଯୁକ୍ତ ଜେ, ଇ, ସ୍କୁଡ୍ ଗତ ସୋମବାର ସନ୍ଧ୍ୟା ରେଲରେ ବାସୁ ପର୍ବତ ନିମନ୍ତେ ମଫସଲ ଗମନ କରିଅଛନ୍ତି ।

ଅମ୍ବପଣସ ସାମାନ୍ୟ ହୋଇଥିବାର ଅନୁମାନ ହୋଇଥିଲେ ସୁଦ୍ଧା ଆମଦାନୀ ଅଣାଯାଉଅଛି । ଦକ୍ଷିଣରୁ ଅମ୍ବ ମଧ୍ୟ ଆମଦାନୀ ହେବାର ଆରମ୍ଭ ହେଲାଣି ।

Split by PDF Splitter

Digitized by srujanika@gmail.com

ଲେଖା ହୋଇଥିବାର ବିଷୟମାନ ଯଥାର୍ଥ ଥିବାର ବିଶ୍ବା-
ସରେ ଅତ୍ରସ୍ଥ ମଧ୍ୟ ଷ୍ଟେସନ ମଧ୍ୟସ୍ଥିତ ସରକାରୀ କର୍ମଚାରୀ କିମ୍ବା
ଜନସାଧାରଣ ନଗର ପଡ଼ିବାର ମଧ୍ୟରେ କୌଣସି ପୀଡ଼ା
ଉପସ୍ଥିତ ହେଲେ ସେମାନେ ଡାକ୍ତର ବାବୁଙ୍କୁ ଚିକିତ୍ସା ନିମନ୍ତେ
ଆହ୍ବାନ କଲେ ମଧ୍ୟ ସେ ଉପଯୁକ୍ତ ସମୟରେ ଦେଖି ଦେଉ
ନାହାନ୍ତି ବା ନ ଥିବା ବିଷୟରେ ଏଠାକାର କେତେକ
ସରକାରୀ କର୍ମଚାରୀଙ୍କ ଜବାନବନ୍ଦୀରୁ ପ୍ରକାଶ ହେବାରୁ
ସାହେବ ଉପରୋକ୍ତ ଜବାନବନ୍ଦୀ ଗ୍ରହଣ କରି ଜଜର
ମାଜେଷ୍ଟ୍ରେଟ ସାହେବଙ୍କଠାରୁ କ ରିପୋର୍ଟ କରିଅଛନ୍ତି ପ୍ରକାଶ
ପାଇ ନାହିଁ ।

ଏଠାର ନୂତନ ସବଡିଭିଜନ ଅଫିସର ଶ୍ରୀ ଯୁକ୍ତ ପୂର୍ଣ୍ଣ-
ଚନ୍ଦ୍ର ମୌଲିକ ମହାଶୟ ଗତ ଅପ୍ରେଲମାସ ତା ୩୦ ରିଖ
ରେ ଶ୍ରୀଯୁକ୍ତ ପେରେଟ ସାହେବଙ୍କଠାରୁ ସବଡିଭିଜନର ଚାର୍ଜ
ଗ୍ରହଣ କରିବାରୁ ସାହେବ ମହୋଦୟ ମଇମାସ ତା ୧ ରିଖ
ରେ ଏଠାରୁ ବିଦାୟ ଗ୍ରହଣ କରିଅଛନ୍ତି । ସାହେବଙ୍କ ଗମ-
ନରେ ବିଦାୟ ସବଡିଭିଜନର ଅମଲା ମୋକ୍ତାର ଓ ମାମ-
ଲତକାରମାନେ ଅତ୍ୟନ୍ତ ଶୋକଯୁକ୍ତ ହୋଇଅଛନ୍ତି ।

ଅନେକ ଦିନ ହେଲା ଜଳ ବର୍ଷା ହୋଇ ନ ଥିବାରୁ
ସୂର୍ଯ୍ୟର ପ୍ରଖର ତେଜରେ ବାୟୁ ଗରମ ହୋଇ ଅସହ୍ୟ ଗ୍ରୀଷ୍ମ
ଅନୁଭୂତ ହେଉଅଛି । ରଣ୍ଡିଅଗରବଲୁ ଷ୍ଟେସନ ମଧ୍ୟସ୍ଥିତ ଅନେକ
କୂପର ଜଳ ଶୁଖି ଯାଇ ଏଠାରେ ଏକପ୍ରକାର ଜଳ କଷ୍ଟ
ଉପସ୍ଥିତ ହୋଇଅଛି କେତେକ ଦିନ ହେଲା ପ୍ରାୟ ପ୍ରତ୍ୟହ
ଅପରାହ୍ଣରେ ଆକାଶ ମେଘାଚ୍ଛନ୍ନ ଓ ବଜ୍ରପାତ ହୋଇ
ପ୍ରଖର ପବନରେ ମେଘ ଉଡ଼ାଇ ନେଇ ଯାଉଅଛି କେହି
କହେ ସାମାନ୍ୟ ଧୂଳି ମଧ୍ୟ ଜଳ ହେଉଅଛି ଅଥବା କେଉଁ ଦିନ
ଅଳ୍ପ ଜଳ ପତନ ହେଉ ନାହିଁ । ବୈଶାଖ ମାସ ଶେଷ
ହେଲା ଅଦ୍ୟାପି ଚାଷ କାର୍ଯ୍ୟ ଆରମ୍ଭ ହେଲା ନାହିଁ ।

ଗତ ମଇମାସ ତା ୧୧ ରିଖ ସୋମବାରଠାରୁ ଏଠା
ହାଇ ଇଂ ସ୍କୁଲ ଗ୍ରୀଷ୍ମାବକାଶ ନିମନ୍ତେ ଆସନ୍ତା ଜୁନମାସ
ତା ୧୫ ରିଖ ପର୍ଯ୍ୟନ୍ତ ବନ୍ଦ ହୋଇଅଛି ।

ଗତବର୍ଷଠାରୁ ଏ ବର୍ଷ ପାଚିଲା ଆମ୍ବର ଅମଦାନୀ କମିତ
ବୃଦ୍ଧି ହୋଇଥିବାରୁ ଆମ୍ବର ଦର କିଛିତ ଶସ୍ତା ହୋଇଅଛି
ଏବଂ କଷ୍ଟ ଦରିଦ୍ର ଶ୍ରେଣୀର ଲୋକ ପାଚିଲା ଆମ୍ବ ଖାଇବାକୁ
ପାଇଅଛନ୍ତି ପାଚିଲା ଆମ୍ବର ପଣ ଗତଥର ପାଞ୍ଚଅଣାଠାରୁ
ଆରମ୍ଭ ହୋଇ ଏବେଠା ପାଞ୍ଚସିକା ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି ।

ଅସ୍ମାକଙ୍କ ନୂତନ ସବଡିଭିଜନ ଅଫିସର ଶ୍ରୀଯୁକ୍ତ ବାବୁ
ପୂର୍ଣ୍ଣଚନ୍ଦ୍ର ମୌଲିକ ମହାଶୟ ଗତ ମଇମାସ ତା ୧୦ ରିଖ
ଠାରୁ [illegible] ଓ [illegible] ଥାନାକୁ ଯାଇଅଛନ୍ତି
[illegible] ସମୟରେ ମଫସଲ ଗସ୍ତ ମକଦ-
ମାର ସ୍ଥାନମାନ ବସ୍ତିର ସ୍ଥାନ ନେଲେ ସାଧାରଣଙ୍କ ବିଶେ
କଷ୍ଟ ହେବ ଏଣୁ କରି ମକଦ୍ଦମାର ହୁଏମାନ ଜଣ୍ଡ ନ ଯାଇ
ହାକିମ ଏଠାରେ ଥିବା ନିମିତ୍ତ ମୋକ୍ତାର ପ୍ରଭୃତି
ହାକିମଙ୍କଠାରେ ପ୍ରାର୍ଥନା କରିବାରୁ ହାକିମ ମହାଶୟ ସେ-
ମାନଙ୍କର ନ୍ୟାଯ୍ୟ ସଙ୍ଗତ ପ୍ରାର୍ଥନା ଗ୍ରାହ୍ୟ କରି କେବଳ
ତା ୧୧ ରିଖରେ ଯେ ମୋକଦ୍ଦମା ତାରିଖ ଧାର୍ଯ୍ୟ ଥିଲା
ସେମାନଙ୍କଠାରେ ଉକ୍ତ ତାରିଖର ମକଦ୍ଦମା ମାନ ବସ୍ତିର
କରି ଦେଲେ ଏଣୁକରି ୧ ଘୁଡ଼ିକା ତଦନ୍ତରୁ ଅଧିକ ମକଦ୍ଦମା
ନ ନେଇ ଅବେ ଏକା ଦିନର ଅଢ଼ର କରି ସର୍ବସାଧାରଣର
ସନ୍ତୋଷ ଉତ୍ପାଦନ କରିଅଛନ୍ତି ତା ୧୨।୧୩ ଓ ୧୪ ରି
ଖର ମକଦ୍ଦମାମାନ ତା ୧୫ ରିଖ ଅଥବା ତା ୧୬ ରିଖରେ
ଗ୍ରାମଚନ୍ଦ୍ରପୁରରେ ତଦନ୍ତ ପଡ଼ିଲେ ଶେଷ ହେବାର ଅବଗତ
ହେଉଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-
ମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ଉଦାରହୃଦୟେଷୁ !

ମହାଶୟ !

ନିମ୍ନଲିଖିତ କେତେକପଂକ୍ତିକୁ ଆପଣଙ୍କ ପତ୍ରି-
କାରେ ପ୍ରକାଶ କରି ବାଧିତ କରିବା ହେବେ ।

କଟକ କାଯିବଯାରରେ ସ୍ଥାପିତ ପଣ୍ଡିତ ସଭାକୁ
ଓଡ଼ିଶା ନିବାସୀ କୃତବିଦ୍ୟମାନଙ୍କଠାରେ ସବି-
ନୟ ନିବେଦନ କରୁଅଛୁ ଯେ ସେମାନେ ଅନୁ-
ଗ୍ରହ କରି "କରଣ" ବା ମହାନ୍ତିମାନଙ୍କର ଜନ୍ମ
କେଉଁଠାରୁ ହୋଇଅଛି ତାହା ମନୁ ପରାଶର
ଆଦି ଶାସ୍ତ୍ରମାନ ଦେଖି ଏହି ପତ୍ରିକାରେ ପ୍ରକାଶ
କରି ବାଧିତ କରିବା ହେବେ ଉକ୍ତ କରଣମା-
ନେ ଆର୍ଯ୍ୟ ନା ଅନାର୍ଯ୍ୟ ?

କୃତବିଦ୍ୟମାନଙ୍କଠାରେ ଏକାନ୍ତ ପ୍ରାର୍ଥନା

ବଶମ୍ବଦ

ସୁତାହାଟ କଟକ } ଶ୍ରୀ ଗସବକାଶୀ ପଟ୍ଟନାୟକ ।
ତା ୭।୫ }

---

## 'ଉତ୍କଳସାହିତ୍ୟ ସମାଜ ।'

ମହାଶୟ !

ସାହିତ୍ୟର ଅନୁଶୀଳନ ନିମିତ୍ତ ପ୍ରାୟ ୯ ବର୍ଷ
ହେଲା ପ୍ରତିଷ୍ଠିତ କଟକ ଆଲୋଚନା ସଭା ବର୍ତ୍ତ-
ମାନ ଦେଶୀୟ ଭାଷା ଓ ସାହିତ୍ୟର ଉନ୍ନତି ଓ
ଶ୍ରୀବୃଦ୍ଧି ସାଧନ ନିମିତ୍ତ ସମଗ୍ର ଓଡ଼ିଶାର ଗୋଟିଏ
ସାଧାରଣ ସାହିତ୍ୟକ ସଭା ହେବାର ଆବଶ୍ୟକତା
ବୋଧ କରି ତତ୍ସମ୍ବନ୍ଧରେ ମୀମାଂସା କରିବା
ନିମିତ୍ତ ଗତମାସ ତା ୭ ରିଖ ଶୁକ୍ରବାର ଗୋ-
ଟିଏ ସାଧାରଣ ସଭା ଆହ୍ବାନ କରିଥିଲେ । ସଭା-
ସ୍ଥଳରେ ପ୍ରାୟ ୧୦୦ ଜଣ କଟକର ମାନ୍ୟଗଣ୍ୟ
ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ ସଭାପତି ମାନନୀୟ
ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ ମହୋଦୟ
ସମ୍ପାଦକବର୍ଗଙ୍କୁ ସଭା ଆହ୍ବାନର ଉଦ୍ଦେଶ୍ୟ
ବିଶଦରୂପେ ବୁଝାଇ ଦେଇ ସାହିତ୍ୟସେବା
ଓ ଉକ୍ତ ପ୍ରକାର ସାହିତ୍ୟକ ସଭାର ଆବଶ୍ୟକତା
ସମ୍ବନ୍ଧରେ କେତେକ କଥା କହିଲା ଉତ୍ତାରେ

ନିମ୍ନଲିଖିତ ପ୍ରସ୍ତାବମାନ ସଭାରେ ଉପସ୍ଥାପିତ
ହୋଇ ସର୍ବ ସମ୍ମତିକ୍ରମେ ଗୃହୀତ ହେଲା ।—

ପ୍ରଥମ ପ୍ରସ୍ତାବ—କଟକର ଆଲୋଚନା ସଭାକୁ
ସମଗ୍ର ଓଡ଼ିଶାର ସାଧାରଣ ସାହିତ୍ୟକ ସଭା
କରିବା ଅଭିପ୍ରାୟରେ ତାହାକୁ ପ୍ରଶସ୍ତତର
ଭିତ୍ତିରେ ସ୍ଥାପନ କରାଯାଉ ଏବଂ ତାହାର ନାମ
ପରିବର୍ତ୍ତିତ ହୋଇ 'ଉତ୍କଳସାହିତ୍ୟ ସମାଜ'
ହେଉ । ସେହି ଉଦ୍ଦେଶ୍ୟ ସାଧନାର୍ଥ ସମସ୍ତ
ଉତ୍କଳଭାଷୀ ସ୍ଥାନମାନଙ୍କରୁ ସାହିତ୍ୟାନୁରାଗୀମା-
ନଙ୍କୁ ଏ ସଭାର ସଭ୍ୟ ହେବାକୁ ଅନୁରୋଧ କରା-
ଯାଉ ଏବଂ ପ୍ରଧାନ ପ୍ରଧାନ ସ୍ଥାନମାନଙ୍କରେ ଉତ୍କଳ-
ସାହିତ୍ୟ ଚର୍ଚ୍ଚାର କେନ୍ଦ୍ର ସ୍ବରୂପ ଏହାର ଶାଖା
ସମିତିମାନ ସ୍ଥାପନ କରିବାର ପ୍ରଯତ୍ନ ଅନୁଷ୍ଠିତ
ହେଉ ।

ପ୍ରସ୍ତାବକ ଶ୍ରୀଯୁକ୍ତ ବାବୁ ବିଶ୍ବନାଥ କର, ଅନୁ-
ମୋଦକ ଶ୍ରୀଯୁକ୍ତ ବାବୁ ନନ୍ଦକିଶୋରବଳ ବି, ଏ

ଦ୍ବିତୀୟ ପ୍ରସ୍ତାବ—ଏ ସଭାର ଅଧିବେଶନ
ମାସିକ ହେଉ । ଏହାର ତ୍ରୈମାସିକ କାର୍ଯ୍ୟ ବିବ-
ରଣ 'ଉତ୍କଳସାହିତ୍ୟ' ଓ ଅନ୍ୟାନ୍ୟ ସମ୍ବାଦ-
ପତ୍ରରେ ପ୍ରକାଶିତ କରିବାର ବନ୍ଦୋବସ୍ତ କରା
ଯାଉ ଏବଂ ବାର୍ଷିକ ସଭା ମାଘମାସ ( ଶ୍ରୀପଞ୍ଚମୀ
ସମୟ ) ରେ ହେଉ ।

ପ୍ରସ୍ତାବକ ଶ୍ରୀଯୁକ୍ତ ବାବୁ କୃଷ୍ଣପ୍ରସାଦ ଚୌଧୁରୀ
ଅନୁମୋଦକ " " ମୃତ୍ୟୁଞ୍ଜୟ ରଥ

ତୃତୀୟ ପ୍ରସ୍ତାବ—ଏ ସଭାର ଜଣେ ସଭାପତି,
ଦୁଇଜଣ ସହକାରୀ ସଭାପତି, ଜଣେ ସମ୍ପା-
ଦକ, ଦୁଇଜଣ ସହକାରୀ ସମ୍ପାଦକ ଏବଂ
ଜଣେ କୋଷାଧ୍ୟକ୍ଷ ନିଯୁକ୍ତ ହୁଅନ୍ତୁ । ସେ-
ମାନେ ବର୍ଷକୁବର୍ଷ ନିର୍ବାଚିତ ହେଉଥିବେ ।
ଏ ବର୍ଷ ନିମ୍ନଲିଖିତ ବ୍ୟକ୍ତିମାନେ ନିମ୍ନୋକ୍ତ
ପଦମାନଙ୍କରେ ବରିତ ହୁଅନ୍ତୁ । ଯଥା :—

| | | |
|---|---|---|
| ସଭାପତି | ଶ୍ରୀଯୁକ୍ତ ବାବୁ | ମଧୁସୂଦନ ରାଓ |
| ସହକାରୀ } ସଭାପତି } | " " | ରାମଶଙ୍କର ରାୟ ଓ |
| | " " | ଫକୀରମୋହନ ସେନାପତି |
| ସମ୍ପାଦକ | " " | ବିଶ୍ବନାଥ କର |
| ସହକାରୀ } ସମ୍ପାଦକ } | " " | ମୃତ୍ୟୁଞ୍ଜୟ ରଥ ଓ |
| | " " | ଗୋପାଳଚନ୍ଦ୍ର ପ୍ରହରାଜ ବି, ଏଲ |
| କୋଷାଧ୍ୟକ୍ଷ | " " | କୃଷ୍ଣପ୍ରସାଦ ଚୌଧୁରୀ |

ଏତଦ୍ଭିନ୍ନ ସଭାର ଗୋଟିଏ କାର୍ଯ୍ୟନିର୍ବାହକ
ସମିତି ରହୁ । ସେଥିରେ ସଭାର କର୍ମଚାରୀମାନଙ୍କ
ବ୍ୟତୀତ ନିମ୍ନଲିଖିତ ବ୍ୟକ୍ତିମାନେ ସଭ୍ୟ ନିର୍ବା-
ଚିତ ହୁଅନ୍ତୁ ।

ଶ୍ରୀଯୁକ୍ତ ବାବୁ ଅଭିରାମ ଭଞ୍ଜ ଏମ୍, ଏ, ବି, ଏଲ
" " ମଧୁସୂଦନ ଦାସ ବି, ଏ
" " ନନ୍ଦକିଶୋର ବଳ ବି, ଏ

Split by PDF Splitter
Digitized by srujanika@gmail.com

Split by PDF Splitter



ଶ୍ରୀଯୁକ୍ତ ବାବୁ ବ୍ରଜାନନ୍ଦ ଦାସ ବି, ଏ
„ „ ଦିବ୍ୟସିଂହ ମିଶ୍ର ବି, ଏ
„ „ ଗପବାନନ୍ଦ ଦାସ ବି, ଏ
„ „ ଆନନ୍ଦଚନ୍ଦ୍ର ପତି ବି, ଏ

ପ୍ରସ୍ତାବକ ଶ୍ରୀଯୁକ୍ତ ପଣ୍ଡିତ ପୁରୁଷୋତ୍ତମ ତର୍କାଲଙ୍କାର ଅନୁମୋଦକ ଶ୍ରୀଯୁକ୍ତ ବାବୁ ମୋହିନୀ ମୋହନ ସେନାପତି ବି, ଏ

ଚତୁର୍ଥ ପ୍ରସ୍ତାବ—ଯେଉଁମାନେ ଏ ସଭାର ସଭ୍ୟ ହେବେ ସେମାନଙ୍କ ବାର୍ଷିକ ଚାନ୍ଦାର ନ୍ୟୁନ ସୀମା ଏକ ଟଙ୍କା ହେବ । ଯେଉଁମାନେ ଏକ-କାଳୀନ ଅନ୍ତତଃ ୨୫ ଟଙ୍କା ପ୍ରଦାନ କରିବେ ସେମାନେ ଚିରକାଳ ନିମିତ୍ତ ଏ ସଭାର ବିଶିଷ୍ଟ ସଭ୍ୟରୂପେ ଗୃହୀତ ହେବେ ।

ନିମ୍ନୋକ୍ତ ଜଣଙ୍କୁ ସଭାର ଅଭିଭାବକ ନିଯୁକ୍ତ କରାଯାଉ ।

୧ । ମୟୂରଭଞ୍ଜାଧିପତି ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବ
୨ । ବାମଣ୍ଡାଧିପତି ସର୍ ସୁତଳ ଦେବ କେ, ସି, ଆଇ, ଇ
୩ । ଖଲ୍ଲିକୋଟାଧିପତି ରାଜା ଶ୍ରୀ ହରିହର ମର୍ଦ୍ଦରାଜ ଦେବ
୪ । କୃପାମୟୀ ଅନଙ୍ଗ ଶ୍ୟାମକେଶରୀ ଦେବୀ (ବଡ଼ଖେମୁଣ୍ଡି ରାଜ)
୫ । ପାରଳା ଖେମୁଣ୍ଡିର ରାଜକୁମାର ଶ୍ରୀ ପଦ୍ମନାଭ ନାରାୟଣ ଦେବ
୬ । ରାଜା ବୈକୁଣ୍ଠନାଥ ଦେ ବାହାଦୁର
୭ । ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ଏମ୍, ଏ, ବି, ଏଲ

ଏମାନଙ୍କ ଭିନ୍ନ ଅନ୍ୟାନ୍ୟ ଉପଯୁକ୍ତ ବ୍ୟକ୍ତିଙ୍କୁ ମଧ୍ୟ ପ୍ରାର୍ଥନା କରି ଅଭିଭାବକ ସଂଖ୍ୟା ବର୍ଦ୍ଧିତ କରାଯାଇ ପାରେ ।

ପ୍ରସ୍ତାବକ ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ ଅନୁମୋଦକ ଶ୍ରୀଯୁକ୍ତ ବାବୁ ଫକୀରମୋହନ ସେନାପତି ।

ପଞ୍ଚମ ପ୍ରସ୍ତାବ—ଏହି ସଭା ସଙ୍ଗେ ଗୋଟିଏ ପୁସ୍ତକାଳୟ ରଖିବାର ଚେଷ୍ଟା କରାଯାଉ ଏବଂ ସେଥିରେ ପ୍ରକାଶିତ ଓ ଅପ୍ରକାଶିତ ଓଡ଼ିଆ ପୁସ୍ତକମାନ ସଂଗୃହୀତ ହୋଇ ରଖାଯାଉ ।

ପ୍ରସ୍ତାବକ ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ବି, ଏ ଅନୁମୋଦକ ଶ୍ରୀଯୁକ୍ତ ପଣ୍ଡିତ ହରିହର ରଥ ।

ପରିଶେଷରେ ସଭାପତି ମହାଶୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କୁ ସଭାର ଏକ ଅଭିଭାବକ ହେବାକୁ ପ୍ରସ୍ତାବ କରି ସଭ୍ୟଙ୍କର ଆଦେଶ ନେଲେ । ତଦନନ୍ତର ସଭାପତିଙ୍କୁ ଧନ୍ୟବାଦ ପ୍ରଦତ୍ତ ହୋଇ ସଭା ଭଙ୍ଗ ହେଲା ।

ଶ୍ରୀ ମୃତ୍ୟୁଞ୍ଜୟ ରଥ
କଟକ ୮।୫।୦୩

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ବିଶ୍ୱନାଥ ଦୁଇଭଉଜ ନା, ବୁଧପଡ଼ା | ଟ ୩ |
| „ ଶଙ୍କରଚରଣ ପାଢ଼ୀ ଜୋଷିପୁର | ଟ ୧ |
| „ କେଶୋବକ ପାଣି ଖମ୍ପା ଶ୍ରୀ | ଟ ୩ |
| ରାଜା । କ । ଜଳଭିର | ଟ ୩ |
| ବାବୁ ଗୋକନାଥ ଗୋସ୍ୱାମୀ ମାଳଙ୍ଗ | ଟ ୨ |
| „ ବ୍ରହ୍ମାନନ୍ଦ ଦାସ ଭାରପୁର | ଟ ୩ |
| „ ପୁଅର ମଲ ଅଠଗଡ | ଟ ୩ |
| „ ଅକ୍ଷୟକୁମାର ବାରିକ ଜଳେଶ୍ୱର | ଟ ୩ |
| „ ଧାମଦାଚରଣ ଦାସ ଜଗତସିଂହପୁର | ଟ ୩ |
| ରାଜା ବାହାଦୁର ଟେକାର ବାହାମ | ଟ ୩ |
| ବାବୁ ନବାନ ସାହୁ କଟକ | ଟ ୧ |
| „ ବୃନ୍ଦାବନ ମିଶ୍ର ମହୁଆ | ଟ ୩ |
| „ ବାଞ୍ଛାନିଧି ଶ୍ରୀଚନ୍ଦନ ରାଜୁ ତଳଦା | ଟ ୧ |
| „ ଜାନକୀ ସାହି ଅପର ବନ୍ଦା | ଟ ୩ |
| „ ଚନ୍ଦ୍ରଶେଖର ମିଶ୍ର ଜରମା | ଟ ୩ |

# ବିଜ୍ଞାପନ ।


Wanted a Persian Teacher for the P. M. Academy, Cuttack, on Rs. 10 a month. Applications with copies of testimonials must reach the Secretary before the 25th Instant. Preference will be given to one having a fair knowledge of English.

N. C. De.
Head Master,
4-5-03

NOTICE.

Wanted an Overseer for the Cuttack District Board on a salary of Rs. 50 rising to Rs. 75 by a biennial increment of Rs. 5 plus Rs. 20 horse allowance per mensem.

No one need apply who is not qualified under the Government rules and has no experience of roads and buildings for at least three years.

Applications will be received by the undersigned up to 1st June 1903. The selected candidate will have to join at once.

CUTTACK
The 6th May 1903 } N. N. Mitra
District Engineer
CUTTACK.



ଗ୍ରୀଷ୍ମାବକାଶ ପରେ ଆଗାମୀ ଜୁନ ମାସ ତା ୨୨ ରିଖ ଦିନ କଟକ ଟ୍ରେନିଂ ବା ନର୍ମାଲ ସ୍କୁଲ ଫିଟିବ । ଯେଉଁମାନେ ମଧ୍ୟଇଂରାଜୀ ବା ମଧ୍ୟ-ଭର୍ଣ୍ଣାକୁଲର ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ, ସେମା-ନେ ପ୍ରଥମବର୍ଷୀୟ ଶ୍ରେଣୀରେ ଭର୍ତ୍ତିହୋଇ ପାରିବେ । ନୂତନ ନିୟମ ଅନୁସାରେ ଏବେ ତୃତୀୟବର୍ଷମାତ୍ର ପଢ଼ିବାକୁ ହେବ ଏବଂ ଯେଉଁମାନେ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ସେମାନେ ଶୀଘ୍ର ଉପଯୁକ୍ତ କର୍ମରେ ନିଯୁକ୍ତ ହେବେ । ଛାତ୍ର-ମାନଙ୍କର ଉପକାରାର୍ଥ ଛାତ୍ରାବାସ ଅଛି ଏବଂ ସେମାନଙ୍କର ତତ୍ତ୍ୱାବଧାନ ପାଇଁ ଡାକ୍ତର ନିଯୁକ୍ତ ଅଛନ୍ତି । ପ୍ରବେଶାର୍ଥୀମାନେ ଜୁନ ମାସ ମଧ୍ୟରେ ଆପଣାର ସାର୍ଟିଫିକେଟ ସହିତ ଆମ୍ଭ ନିକଟରେ ଉପସ୍ଥିତ ହେଲେ, ଭର୍ତ୍ତିହୋଇ ପାରିବେ ।

Madhu Sudan Rao
Head Master, Training School
CUTTACK.



ଶ୍ରୀମଦ୍ଦେବକୀନନ୍ଦନ ଶାସ୍ତ୍ରୀ ବୈଷ୍ଣବ ଓ ଶୈବ ସ୍ତୋତ୍ର ଉପାସକଙ୍କର ବିଶେଷତଃ ଛାତ୍ରମାନଙ୍କର ପରମାଦରଣୀୟ ଗ୍ରନ୍ଥ । ଏହି ମହାନ୍ ଗ୍ରନ୍ଥର ବହୁଳ ପ୍ରଚାର ନ ଥିବାରୁ ଆମ୍ଭେ ଅତ୍ୟନ୍ତ ଯତ୍ନ ସହିତ ସଂସ୍କୃତରୁ ଉତ୍କଳ ଭାଷାରେ ନବାକ୍ଷରୀ ପଦ୍ୟରେ ଅନୁବାଦ କରି କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ କରାଉଅଛୁ ପ୍ରୋକ୍ତ ୧ମ ସ୍କନ୍ଧର ଭୂମିକା ପାଠ କଲେ ଦେବୀ ମାହାତ୍ମ୍ୟ ଓ ଅନ୍ୟାନ୍ୟ ସଂସ୍କୃତ ବିବରଣ ଅନାୟାସରେ ଜାଣି ପାରିବେ । ପ୍ରଥମସ୍କନ୍ଧ ପ୍ରକାଶିତ ହୋଇଅଛି ଏବଂ ରେକର୍ଡ଼ ମଧ୍ୟ କରାଇ ନିଆ ଯାଇଅଛି । ମହର୍ଷି ବେଦବ୍ୟାସଙ୍କ କୃତ ତାହାଙ୍କର ଅଷ୍ଟାଦଶ ପୁରାଣର ପଞ୍ଚମଗଣିତ ନାମରେ ଏହି ଦେବୀ ଭାଗବତ ମହାପୁରାଣ ମଧ୍ୟରେ ପରିଗଣିତ । ପାଠକେ ଏ ଗ୍ରନ୍ଥକୁ ଏକ ଏକ ସେଟ କ୍ରୟ କରି ପାଠ କଲେ ଶ୍ରମ ସଫଳ ଜ୍ଞାନ କରିବୁଁ ।

ଏଥିର ୧ମ ସ୍କନ୍ଧର ମୂଲ୍ୟ ୮ ୦ ୫
ଡାକମାସୁଲ ୮ ୦ /

୨ୟ ସ୍କନ୍ଧ ଯନ୍ତ୍ରସ୍ଥ ।

ସହର କଟକ ଦରଘାବଜାରସ୍ଥ ପ୍ରିଣ୍ଟିଂକମ୍ପା-ନିଙ୍କ ପୁସ୍ତକ ଦୋକାନରୁ ଅଥବା ନାରାୟଣ-ଚନ୍ଦ୍ର ମହାନ୍ତି ଖେମୁଣ୍ଡିରଙ୍ଗ ନାଃ ଜେଇପୁର ପୋଷ୍ଟ ଅଫିସ ଠିକଣାରେ ଏହି ଠିକଣାକୁ ନଗଦ ମୂଲ୍ୟ ପଠାଇଲେ ବା ଭିଃ ପିଃ ଡାକରେ ନେବାକୁ ପତ୍ର ଲେଖିଲେ ଉପରଲିଖିତ ପୁସ୍ତକ ସ୍ୱଚ୍ଛନ୍ଦେ ପାଇ ପାରିବେ ।

ଠାକୁରଦାସ ଦେବ ଶ୍ରୀମନ୍ ଲକ୍ଷ୍ମୀନାରାୟଣ ଦେବ । ସିଦ୍ଧଭୂମି । କେଶ ଇନ୍ସ୍ପେକ୍ଟର ।


Digitized by srujanika@gmail.com

Split by PDF Splitter



## NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

| | |
|---|---|
| Oriya Alphabet and Spelling Book. For Infant Class and Standard I ... | As. 1 |
| Oriya L. P. Science Reader | ,, 3 |
| Oriya L. P. Arithmetic ... | ,, 4 |
| Oriya U. P. Science Reader | ,, 4 |
| Oriya U. P. History Reader (Bengal) ... | ,, 3 |
| Oriya U. P. Geography Reader | ,, 3 |
| Oriya U. P. and Middle Vernacular Arithmetic ... | ,, 8 |
| Oriya U. P. Literature Book | ,, 3 |
| Oriya U. P. and M. V. Practical Geometry and Mensuration | ,, 4 |
| Oriya M. V. Science Reader | ,, 7 |
| Oriya M. V. History Reader ... | ,, 4 |
| Oriya M. V. Literature Book | ,, 6 |
| Oriental Drawing Books 1&2 | As. 4 each |
| Do. 3 and 4 ... | As 3 |
| Macmillan's "Official" Copy Books Nos. 1, 2, 3, 4, 6, 8, 10, 12, | 5 pice |
| Arnold's Civil Service Copy Books Nos. 1, 2, 3, 4, 4a, 5, | 5 pice |
| "O. M. P." Blank Drawing Books | As. 1 & As. 1 6 |
| Dr. Sircars English Reader I. | 4 0 |
| Do. Do. II. | 5 0 |
| Simple English Reader (Dhar) | 6 0 |

C.L.S. School Books as follows:—

| | |
|---|---|
| Senior Teacher's Manual | As. 12 0 |
| Grammatical Primer | ,, As. 2 0 |
| Manual of English Grammar | ,, 6 0 |
| 1st Standard English Book | ,, 1 6 |
| New English First Reader | ,, 4 0 |
| Do. Second ,, | ,, 6 0 |
| Do. Third ,, | ,, 8 0 |
| Do. Fourth ,, | ,, 10 0 |
| Do. Fifth ,, | ,, 12 0 |
| Do. Sixth ,, | ,, 12 0 |

*For any of these books apply to:—*
R. J. GRUNDY.
*Supt. Orissa Mission Press,*
CUTTACK.

---

Wanted a Head master for the Kalyanpur Board's Middle English School, on Rs. 20 a month. Preference will be given to those who have passed the Middle English and F. A. Examinations of the Calcutta University. Applications will be received by the undersigned up to 20th May 1903.

Cuttack Dt. Board's Office, 7-5-03 } J. C. Chunder, Vice Chairman

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି କି ସନ ୧୮୮୬ ମସିହା ରେଜୁଲେସନ ୨୨ ସ ଅନୁସାରେ ବାବୁ ବଳରାମ ଭ୍ରମରବର ରାୟ ଓ ବାବୁ ଶ୍ୟାମସୁନ୍ଦର କର୍ଣ୍ଣନ୍ଦ୍ର ଓ ବାବୁ ବ୍ରଜସୁନ୍ଦର ମର୍ଦ୍ଦରାଜ ଓ ବାବୁ ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ଓ ବାବୁ ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ ଜମିଦାରମାନଙ୍କର ଇଷ୍ଟେଟରେ କଟକ କଲେକ୍ଟର ଶ୍ରୀଯୁକ୍ତ ଡେପୁଟି କଲେକ୍ଟର ସାହେବ ବାହାଦୂରଙ୍କ ଆଦେଶମତେ ସନ ୧୯୦୩ ମସିହା ଅପ୍ରେଲ ମାସ ତା ୧ ରିଖଠାରୁ ଆମ୍ଭେ କମନ ମେନେଜର ନିଯୁକ୍ତ ହୋଇ ମେନେଜମେଣ୍ଟ ଭାର ଗ୍ରହଣ କରିଅଛୁଁ ଉକ୍ତ ଜମିଦାରମାନଙ୍କର ଜମିଦାରି ମେନେଜମେଣ୍ଟ ସମନ୍ଧେ ନିଜ୨ ଯେ ସମସ୍ତ କ୍ଷମତା ଥିଲା ତାହା ସବୁ ଆଇନଅନୁସାରେ ଆମ୍ଭ ହସ୍ତେ ନ୍ୟସ୍ତ ହୋଇଅଛି । ଅତଏବ ଜଣାଇ ଦିଆଯାଉଅଛି କି ଉକ୍ତ ଜମିଦାରମାନେ କିମ୍ବା ସେମାନଙ୍କର ନିଯୁକ୍ତ କୌଣସି କର୍ମଚାରୀ ଖଜଣା ଅସୁଲ କରିବା ସକାଶ ଆମ୍ଭର ଲେଖିତ ଓ ମୋହରଯୁକ୍ତ ଅନୁମତିପତ୍ର ଦେଖାଇ ନ ପାରିଲେ ସେମାନଙ୍କୁ କେହି ହାଲ ବକେୟା ଖଜଣା ଓ ଧାନ୍ୟାଦି ଦେବେ ନାହିଁ ଓ ଦେଲେ ତାହା ମଜୁରି ହେବ ନାହିଁ । କେହି ମାଲିକମାନଙ୍କୁ କୌଣସି ଋଣ ଦେବେ ନାହିଁ ଦେଲେ ସେଥିରେ ଷ୍ଟେଟ ଦାୟୀ ନ ହେବ ଓ ଆମ୍ଭ ବ୍ୟତୀତ ଅନ୍ୟ କେହି ଉକ୍ତ ମାଲିକମାନଙ୍କର ଷ୍ଟେଟର ଜମି ବା ମଉଦାଥି ବା ଅନ୍ୟ ସଏରାତ ବନ୍ଦୋବସ୍ତ ବା ଦାଖଲ ଖାରିଜ ଓ ଗଚ୍ଛିତର ବନ୍ଦୋବସ୍ତ କରିପାରିବେ ନାହିଁ ।

22-4-03. } Hemendra Nath Ray, Common Manager

---

ଆମ୍ଭେ ଶ୍ରୀ ସେଖଗୋଲାମନବୀଦର । ସା । ଦେଓ୍ୱାନବଜାର ସହର କଟକ ଏଥିଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛି ଯେ ସହର କଟକ ଚଉଧୁରୀବଜାରରେ ଥିବା ଆମ୍ଭର ଦୋକାନର ସମସ୍ତ ଦ୍ରବ୍ୟ ଆମ୍ଭର ପୁତ୍ର ଶ୍ରୀ ଅବଦୁଲଅଜୀଜ ଓ ପୌତ୍ର ଶ୍ରୀ ଅବଦୁଲଜଲିଲଙ୍କୁ ହେବାନାମା ଦ୍ୱାରା ଅର୍ପଣ କଲୁଁ ଅତଏବ ଅଦ୍ୟଦିନଠାରୁ ଆମ୍ଭନାମରେ ଦୋକାନ ନ ଚଳି ଉପରଲେଖିତ ପୁତ୍ର ଓ ପୌତ୍ରଙ୍କ ନାମରେ ଚଳିବ ।

ଯାହାଙ୍କନିକଟରେ ଦୋକାନ ଉଲବାର ଯେ ସମସ୍ତ ଦେଣା ଓ ପାଉଣା ଅଛି ସେମାନେ ଆମ୍ଭର ଅପେକ୍ଷା ନ ରଖି ଆମ୍ଭର ପୁତ୍ର ଓ ପୌତ୍ରଙ୍କ ମାତାପିତା ଶ୍ରୀ ଅବଦୁଲଅଜୀଜଙ୍କ ନିକଟରେ ଦିଅନିଅ କରିବେ ଅର୍ଥାତ ଦେଣା ଥିଲେ ଆଦାୟ ଦେବେ ଓ ପାଉଣା ଥିଲେ ଅସୁଲ କରିବେ । ଉକ୍ତ ଦୋକାନରେ ଆମ୍ଭର କୌଣସି ଦାବି ଦାଓ୍ୱା ନାହିଁ ଓ ନ କରିବୁ । ଇତି । ତା ୩୦।୪।୦୩ ସାଲ ସେଖଗୋଲାମନବୀଦର ।

---

# ନୂତନ ନୂତନ ନୂତନ

## ଓଡ଼ିଆ ଜାତୀୟ ସଂଗୀତ ।

ଶ୍ରୀ ଦାମୋଦର ପଟ୍ଟନାୟକଙ୍କଦ୍ୱାରା ରଚିତ

( ଯନ୍ତ୍ରସ୍ଥ )

---

ଚଳିତ ବର୍ଷ ସକାଶେ ଓଡ଼ିଶା ମେଡିକେଲ ସ୍କୁଲରେ ଟ ୫ ଙ୍କାର ଛଅ ଗୋଟି ବୃତ୍ତି ଖାଲି ଅଛି, ଯେଉଁମାନେ ପ୍ରବେଶିକା କିମ୍ବା ମଧ୍ୟ ଇଂରାଜୀ ପରୀକ୍ଷୋତ୍ତୀର୍ଣ୍ଣ ହୋଇଥିବେ ସେମାନେ ଉକ୍ତ ବୃତ୍ତି ପାଇବାକୁ ଉପଯୋଗୀ ହେବେ, ଅଧ୍ୟୟନେଚ୍ଛୁ ବାଳକମାନେ ଆପଣା୨ ସାର୍ଟିଫିକଟ ଓ ସଚ୍ଚରିତ୍ର ସମ୍ବନ୍ଧୀୟ ପ୍ରଶଂସା ପତ୍ରସହ ଆଗାମୀ ଜୁନ ମାସ ତା ୮ ରିଖ ସୋମବାର ସକାଳ ଘ ୮ ଟା ସମୟରେ କଟକ ଜେନେରଲ ହାସପାତାଲ ମୁକାମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସମୀପେ ଉପସ୍ଥିତ ହେଲେ ମନୋନୀତ ହେବେ । ପ୍ରକାଶ ଥାଉ କି ଉପରୋକ୍ତ ବୃତ୍ତି ଛଡ଼ା କ ୨ ଣ ବିନା ବେତନରେ ଅଧ୍ୟୟନ କରି ପାରିବେ । ଇତି ।

ମେଡିକେଲ ସ୍କୁଲ କଟକ ୨୮।୪।୧୯୦୩ } T. Calvert. major, I. M. S. Superintendent, Medical School, CUTTACK.

---

ଦଶପଲ୍ଲା ଷ୍ଟେଟର ଶିକ୍ଷା ବିଭାଗ ନିମନ୍ତେ ନିମ୍ନଲିଖିତମତେ ନୂତନ ବନ୍ଦୋବସ୍ତ କରାଯାଉଥିବାରୁ ଏତଦ୍ଦ୍ୱାରା ବିଜ୍ଞାପନ ଦିଆ ଯାଉଅଛି କି ଯେଉଁମାନେ ନୂତନ ଧରଣର ଶିକ୍ଷା ପ୍ରଣାଳୀ ଅନୁସାରେ କଟକ ଟ୍ରେନିଂ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବେ ସେହିମାନେ ସେହି କାର୍ଯ୍ୟ ନିମନ୍ତେ ଆବେଦନ କଲେ ଆଦରର ସହିତ ଗ୍ରାହ୍ୟ ହେବ । ପ୍ରାର୍ଥିମାନଙ୍କର ସଦାଚରଣ ସାର୍ଟିଫିକଟ ନିତାନ୍ତ ଆବଶ୍ୟକ । ପ୍ରାର୍ଥିମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଆଗାମୀ ମେ ମାସ ତା ୧୦ ରିଖ ମଧ୍ୟରେ ଆପଣା୨ର ସାର୍ଟିଫିକଟ ସହିତ ଆବେଦନପତ୍ର ପଠାଇବେ ।

| କର୍ମର ବିବରଣ | | କର୍ମସଂଖ୍ୟା ମାସିକବେତନ |
|---|---|---|
| ୧ ଅପର ପ୍ରାଇମେରୀଶିକ୍ଷକ | କ ୨ | ଟ ୭ ୧ |
| ୨ ପ୍ରଥମଶ୍ରେଣୀ ଲୋଅର ପ୍ରାଇମେରୀ ଶିକ୍ଷକ | କ ୫ | ଟ ୪ ୧ |
| ୩ ଦ୍ୱିତୀୟ ଶ୍ରେଣୀ ଲୋଅର ପ୍ରାଇମେରୀ ଶିକ୍ଷକ | କ ୫ | ଟ ୩ ୧ |
| ୪ ତୃତୀୟ ଶ୍ରେଣୀ ଲୋଅର ପ୍ରାଇମେରୀ ଶିକ୍ଷକ | କ ୮ | ଟ ୨ ୧ |
| ୫ ଇନ୍ସପେକ୍ଟିଂ ପଣ୍ଡିତ | କ ୧ | ଟ ୧୦ ୧ |
| | ( ରାସ୍ତାଖର୍ଚ୍ଚ ) | ଟ ୨ ୧ |
| ୬ ଶିକ୍ଷୟିତ୍ରୀ | କ ୧ | ଟ ୧୦ ୧ |

ଦଶପଲ୍ଲା ରାଜ ଅଫିସ ୨୨-୪-୦୩ } Jagadananda Das, ଦେଓ୍ୱାନ ।ଦାଁ ଦଶପଲ୍ଲା

Digitized by srujanika@gmail.com

# ଫଳେନ ପରିଚୀୟତେ

କବିରାଜ ଗଣପତି ରାୟ କବିଭୂଷଣର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-
ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ଷଡ଼ଗୁଣବଲୀଜାରିତ ସ୍ୱର୍ଣ୍ଣଘଟିତ
ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍‌ବିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, ହୋଷ୍ଟ ଅଚିର ବାୟୁଜ୍ୱର, କାଶ, ଶ୍ୱାସ, ଭ୍ରମ; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅଟେନ୍ତି ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜନିତ ରୋଗୀଙ୍କର ସବୁ ଶୀଘ୍ର ନିବାରିତ ହୁଏ । ଅତି-ଶଯ୍ୟ ଅଧ୍ୟୟନ କମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ସ୍ନାୟୁବଲତା, ସ୍ମରଣଶକ୍ତିର ଅଳ୍ପତା, ଚକ୍ଷୁର ଜ୍ୟୋତିହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ସ୍ତ୍ରୀମାନଙ୍କର ସର୍ବ ନାଶ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧୲ ।

ନ ୧ ର ୫ ୪୦

## ଶୃଙ୍ଗବଦ୍ଧ ବଟିକା ।

ଏହି ଔଷଧ ବାର୍ଦ୍ଧକ୍ୟ ପ୍ରମେହକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଲଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

## କଲ୍ୟାଣଗୁଡ଼ରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦ-ଦୋଷଜନିତ ଶରୀରରେ ଚକା ଓ ଚକା ଦାଗ; ଶ୍ଳୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୲ ମାତ୍ର ।

ଏକତ୍ର ତିନଶିଶି ନେଲେ ଟ ୩୷ ଙ୍କା ଲାଗେ ।

ଚୌଧୁରୀ ବଜାର } ଶ୍ରୀ ଗଣପତି ରାୟ କବିରତ୍ନ
ଅନ୍ନପୂର୍ଣ୍ଣା
କଟକ } ଆୟୁର୍ବେଦୀୟ ଔଷଧାଳୟ ।



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ ।
ଏଇଚ, ଡି କୁଣ୍ଡୁର ଅଭିନବ ଆବିଷ୍କାର

### "ଇନ୍ଦୀବର ଶୋଭନା ।

ଏହି ଦ୍ରବ୍ୟ ତିଲ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ " ଇନ୍ଦୀବର ଶୋଭନା" ବିହୀନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଇହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘ କାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । " ଇନ୍ଦୀବର ଶୋଭନା " ଯୁକ୍ତ ପାନରେ ଜର୍ଦ୍ଦା ଗୁଣ୍ଡି, ଗୁଜରାତି ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଅମୀର, ଓମରାହ-ମାନେ ବ୍ୟବହାର କରୁଥିଲେ; ମିଷ୍ଟର କୁଣ୍ଡୁ ବହୁ ଅନୁସନ୍ଧାନ, ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ଇହି ସହିତ ଦେଶୀ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏତଦ୍ୱାରା ଦନ୍ତର ଶିଥିଳତା, ଦନ୍ତମାଢ଼ିଫୁଲା, ଦନ୍ତବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ା ବନ୍ଦ ହୁଏ, ମୁଖ ସୁଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦ । ଅଣା, ଡଜନ ଟ ୨୲ ଙ୍କା । ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦ ।, ୬ ଶିଶିରେ ଟ ୦ ।୵ ଅଣା, ଡଜନକୁ ଟ ୦ ୲ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତାଃ—" କୁଣ୍ଡୁ ଏଣ୍ଡ କୋମ୍ପାନୀ " ୧୧୫ ନମ୍ବର ବାଗବଜାର ଷ୍ଟ୍ରୀଟ, କଲିକତା

ସର୍ବପ୍ରକାର କ୍ଷତ, ଘା, ଗମ-ବାଟି ପ୍ରଭୃତି ଆରୋଗ୍ୟପକ୍ଷେ ଚୂଡ଼ାନ୍ତ ।

" ଓ୍ୟାର ସରକାର "

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ମନ୍ତ୍ରଶକ୍ତି ପରି ଆରୋଗ୍ୟ ହୋଇଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ୍୧ ଙ୍କା ୩ ଶିଶି ଟ ୨୲ ପ୍ୟାକିଂ ଓ ଡାକମାସୁଲ ଟ ୦ ।୵ ଅଣା । ପ୍ରାପ୍ତି ସ୍ଥାନ :—" ଡବଲିଉ, ମେଜର ଏଣ୍ଡ କୋମ୍ପାନୀ" ।, କଲିକତା ।

NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

## ADVERTISEMENT.

IT'S SO EASY TO NEGLECT THAT COLD !

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague. Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.


ଉତ୍କଳ-ଦୀପିକାର ଅଗ୍ରିମ ମୂଲ୍ୟ ଏହା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରତ୍ୟେକ ବର୍ଷରେ

| | |
|---|---|
| ଧାର୍ଯ୍ୟମୂଲ୍ୟ | ୨ ୦ ୵ |
| ଡାକମାସୁଲ | ୦ ୬ ୯ |
| ପୂର୍ଣ୍ଣ ଏକ ସମୁଦାୟ ଟ ୩ |

ଯେଉଁ କୌଣସି ଗ୍ରାହକ ସେତେ ଦିନ ହେଲେ ଚାନ୍ଦା ୪୦ ଏ ଖାଲି ନିଆ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସବାରେ ଅର୍ଦ୍ଧ ପ୍ରତି ଥରର ବେଲା ଓ ତୃତୀୟ ବଥାରେ ଦେବ ।

ଅଧିକ ଏକ ସପ୍ତାହ ସୂଚନା ଦେଲେ ବନ୍ଦ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନୀ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter



REGISTERED No. C. 81.

# ଉତ୍କଳ ଦୀପିକା

ସାପ୍ତାହିକ ସମାଦପତ୍ରିକା ।

# THE UTKAL DIPIKA.

ଭାଗ ୩୮ ଶ } CUTTACK, SATURDAY THE 23rd May 1903. { ଅଗ୍ରିମ ୫ ୩୧

ଶ ୨୧ ସଂଖ୍ୟା } ତା ୧୦ ଜ୍ୟେଷ୍ଠ ସନ ୧୩୧୦ ସାଲ ଶନିବାର { ପଶ୍ଚାଦେୟ ୫ ୬୧

## ବିଜ୍ଞାପନ ।

### NOTICE.

Wanted two apprentices for the office of the District Board, Cuttack, None need apply who has not passed the Entrance Examination of the Calcutta University or who does not possesses a fair knowledge in English and who has not acquired sufficient knowledge in the Vernacular of the District. A neat hand is preferable, Applications, with copies of testimonials, will be received by the undersigned on or before the 30th May 1903.

Cuttack Dist. Board office } J. C. Chandra.
The 20th May 1903 } Vice Chairman.

---

Tenders are invited in form No. K-2 for repairs to all the roads in the Dhenkanal State. The tender should reach the Wards Engineer's office on or before the 25th instant. All the particulars and blank forms of tender will be had in the office of the Wards Engineer, Dhenkanal from 11 A. M. to 5 P. M.

The undersigned does not bind himself to accept the lowest or any tender.

Dhenkanal } U. C. Ghose.
The 5th May 1903 } Offg. Wards Engineer
Wards Tributary States
Orissa.

---

### NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

---

### ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. Batliwalla Worli—Dadar Bombay, and everywhere. At Re 1 per bottle. Discount to the Trade.

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ଓଡ଼ିଶାର ପ୍ରାଚୀନ ସ୍ୱାଦର "ପାକ ପ୍ରଣାଳୀ" ନାମକ ପୁସ୍ତକ ଆମ୍ଭେ ପ୍ରକାଶ କରି ସର୍ବସାଧାରଣଙ୍କ ଉପକାରାର୍ଥେ ବିନା ମୂଲ୍ୟରେ ବିତରଣ କରୁଅଛୁଁ ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ନିକଟ ପତ୍ର ଲେଖିଲେ ଆମ୍ଭେ ବିନା ଖର୍ଚ୍ଚରେ ଉକ୍ତ ପୁସ୍ତକ ପଠାଇବୁଁ ।

ନରସିଂହପୁର ଦୁର୍ଗ } Sadhu Charan Mansing
ଗଡ଼ଜାତ } Harichandan Mahapatra
ରଜା । ଷ୍ଟେ । ନରସିଂହପୁର

---

ନୂତନ! ନୂତନ!! ନୂତନ!!!

ସାବିତ୍ରୀ ଉପାଖ୍ୟାନ ମୂଲ୍ୟ ୫ ୦ ୵

ଏଥିରେ ସତୀସାଧ୍ୱୀ ସାବିତ୍ରୀଦେବୀଙ୍କର ଅପାର ପତିପରାୟଣତା ଏବଂ ଯମରାଜାଙ୍କ ନିକଟରୁ ମୃତ ସ୍ୱାମୀ ସତ୍ୟବାନଙ୍କର ପୁନଃ ଜୀବନପ୍ରାପ୍ତିର ସମସ୍ତ ବୃତ୍ତାନ୍ତ ଅତି ବିଶଦରୂପେ ସୁଲଳିତ ପଦ୍ୟରେ ରଚିତ ହୋଇଅଛି । ଏହି ବ୍ରତପୁସ୍ତକ ଜ୍ୟେଷ୍ଠ କୃଷ୍ଣପକ୍ଷର ସାବିତ୍ରୀ ଅମାବାସ୍ୟା ଦିନ ହିନ୍ଦୁ ସ୍ତ୍ରୀଲୋକମାନେ ପାଠ ଓ ଶ୍ରବଣ କଲେ ବାଞ୍ଛିତ ଫଳ ଅନାୟାସରେ ପ୍ରାପ୍ତ ହେବେ । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ଓ ଅପର ପୁସ୍ତକ ବିକ୍ରେତାଙ୍କ ନିକଟରେ ମିଳ ପାରିବ ।

ବାଲୁବଜାର କଟକ } ଶ୍ରୀ ରଘୁନାଥ ଦତ୍ତ
୧୪ । ୫ । ୧୯୦୩ }

---

ନୂତନ ପୁସ୍ତକ ।

ପରମାର୍ଥଜ୍ଞାନ ସାଗର ଖ ୧ ଖଣ୍ଡ ମୂ ୦ ।
ଗୋବିନ୍ଦ ଗୀତା ଖ ୧ ,, ମୂ ୦ ୵

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ଗତ ତା ୯ ରିଖରେ ଶେଷହେବା ସପ୍ତାହରେ ଭାରତରେ ଦୁର୍ଭିକ୍ଷ ସାହାଯ୍ୟପାଇବା ବ୍ୟକ୍ତିଙ୍କ ସଂଖ୍ୟା ୬୦,୧୦୬ ଥିଲା । ତହିଁ ପୂର୍ବ ସପ୍ତାହର ଅଙ୍କ ୫୮,୧୭୨ ଥିଲା । ସୁତରାଂ ଦୁର୍ଭିକ୍ଷ ବୃଦ୍ଧିଉପରେ ଅଛି ଏବଂ ତାହା କେବଳ ମଧ୍ୟପ୍ରଦେଶରେ ଘଟିଅଛି ।

—※—

ଉକ୍ତ ସପ୍ତାହରେ ସମସ୍ତ ଭାରତରେ ପ୍ଲେଗରୋଗରେ ୨୦,୨୬୪ ଜଣ ମରିଥିଲେ ତହିଁମଧ୍ୟରୁ ଏକା ପଞ୍ଜାବପ୍ରଦେଶରେ ୧୬,୨୧୬ ଏବଂ ବମ୍ବେଇରେ ୧,୯୬୧ ମୃତ୍ୟୁ ଘଟିଥିଲା । ପୂର୍ବ ସପ୍ତାହର ତୁଳନାରେ ରୋଗର ପ୍ରକୋପ ଊଣା ପଡ଼ିଅଛି । ଜନ କଲିକତା ସହରର ଦୈନିକ ମୃତ୍ୟୁ ୪୫ ରୁ ଅଧିକ ନୁହେ ସୁଖର ବିଷୟ ଅଟେ ।

—※—

ଭାରତର ଗୋରା ସୈନ୍ୟମାନଙ୍କୁ ଗ୍ରୀଷ୍ମକାଳରେ ଭଲ ଜଳବାୟୁ ସ୍ଥାନରେ ରଖିବାର ଇଚ୍ଛା କରି ଇଣ୍ଡିଆ ଗବର୍ଣ୍ଣମେଣ୍ଟ ପରୀକ୍ଷା ସ୍ୱରୂପ କୋଏଟାରେ ଥିବା ସେନା ସହାଗେ କ୍ୟାମ୍ପରତଠାରେ ଏକ ଛାଉଣି ପ୍ରସ୍ତୁତ କରୁଅଛନ୍ତି । ଆସନ୍ତା ମଇ ମାସ ତା ୧ ରିଖଠାରୁ ସେପ୍ଟେମ୍ବରମାସ ତା ୧୫ ରିଖ ପର୍ଯ୍ୟନ୍ତ ସୈନ୍ୟମାନେ ସେଠାରେ ରହିବେ । ପ୍ରଥମେ ନ ୨୦୦ ଣ ସେଠାକୁ ପଠା ଯିବାର ବନ୍ଦୋବସ୍ତ ହୋଇଅଛି । ସ୍ଥାନଟି ଉପଯୋଗୀ ବୋଧ ହେଲେ ଆଉ ସୈନ୍ୟ ସେଠାକୁ ପଠା ଯିବେ ।

———

କଟକ ରେଭେନସା କଲେଜରୁ ନିମ୍ନଲିଖିତ ଛାତ୍ରମାନେ ବି, ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା—

୧ ସତୀନ୍ଦ୍ରଚନ୍ଦ୍ର ବିଶ୍ୱାସ୍ ୨ ଗୋପବନ୍ଧୁ ଦାସ
୩ ସୁଧାଚରଣ ଦାସ ୪ ବିଶ୍ୱେଶ୍ୱର ଦାସ ଗୁପ୍ତ
୫ ଅନନ୍ତପ୍ରସାଦ ଗୁପ୍ତ ୬ ଅନନ୍ତଚନ୍ଦ୍ର ମହାନ୍ତି
୭ ତ୍ରୈଲୋକ୍ୟନାଥ ମିଶ୍ର ୮ ଲୋକନାଥ ପଟ୍ଟନାୟକ
୯ ନିରଞ୍ଜନରାୟ ଚୌଧୁରି ୧୦ ଶଶିଭୂଷଣ ଶତପଥୀ
୧୧ ନିବନମ ପୂଜାରି

ଏତଦ୍ବ୍ୟତୀତ ଶିକ୍ଷକ ବାଞ୍ଛେଶ୍ୱର ମିଶ୍ର ପାସ କରିଅଛନ୍ତି ।

———

ଅଯୋଧ୍ୟା ରୋହିଲଖଣ୍ଡ ରେଲ କମ୍ପାନି ତୃତୀୟ ଶ୍ରେଣୀର ପଥିକମାନଙ୍କର ସୁବିଧା ନିମନ୍ତେ ବିଶେଷ ମନୋଯୋଗୀ ହୋଇ ରେଲଗାଡ଼ିରେ ଯାତାୟାତବେଳେ ସେମାନଙ୍କର [illegible] କଷ୍ଟ ହୁଅଇ ତହିଁର ଅନୁସନ୍ଧାନ କରୁଅଛନ୍ତି ଏବଂ ସେଥିପାଇଁ ଜଣ ହାକିମମାନଙ୍କର ସାହାଯ୍ୟ ଲୋଡ଼ିଅଛନ୍ତି । ଏଥିରୁ ଆଶା ହୁଅଇ ଯେ ତୃତୀୟ ଶ୍ରେଣୀର ଆରୋହୀମାନଙ୍କର ଦୁର୍ଦ୍ଦଶାର ବହୁ ପ୍ରତିକାର ହେବ । ଅନ୍ୟାନ୍ୟ ରେଲବେ କମ୍ପାନି ମଧ୍ୟ ଏ ବିଷୟରେ ତତ୍ପର ହେବାର ଏକ ସମ୍ବାଦ ପତ୍ରରୁ ଜଣା ଯାଏ । ତହିଁରେ ଲେଖାଅଛି ବ ଜି, ଆଇ, ପି, ବଙ୍ଗଳା ନାଗପୁର ଏବଂ ମାନ୍ଦ୍ରାଜ ରେଲ କମ୍ପାନିମାନଙ୍କର କର୍ତ୍ତାମାନେ ଏଥି ମଧ୍ୟରେ ନୂତନ ପ୍ରକାର ତୃତୀୟ ଶ୍ରେଣୀର ରେଲ ଗାଡ଼ି ଅଣାଇବାର ଆଦେଶ ଦେଇଅଛନ୍ତି । ସେ ସମସ୍ତ ଗାଡ଼ିରେ ଇଲେକ୍ଟ୍ରିକ ଲାଇଟ ବା ବିଦ୍ୟୁତ ଆଲୋକ ଦିଆ ଯିବ, ଶୌଚକାର୍ଯ୍ୟ ସମାପନର ସୁବିଧା ରହିବ, ପାନୀୟ ଜଳ ଏବଂ ଷ୍ଟୋଭ ଭଜା ଇତ୍ୟାଦି ଦେଶୀୟ ଲୋକଙ୍କର ଜଳଖିଆ ଯେଉଁ ଲୋକ ବସିଥିବେ ସେ ପ୍ରୟୋଜନମତେ ଯୋଗାଇବେ । ଯେବେ ଏ ସବୁ ସୁବନ୍ଦୋବସ୍ତ ହେବ ତେବେ ଉକ୍ତ ଶ୍ରେଣୀଯାତ୍ରୀଙ୍କର କଷ୍ଟ ଅନେକ ପରିମାଣରେ ଦୂର ହେବ ସନ୍ଦେହ ନାହିଁ ।

———

ବଙ୍ଗୀୟ ପୁଲିସବିଭାଗର ଇନସ୍ପେକ୍ଟର ଜେନେରଲ ଗତ ବୁଧବାର ସକାଳେ ମେଲଟ୍ରେନରେ ଏଠାରେ ଉପସ୍ଥିତ ହୋଇ ସର୍କିଟ ହାଉସ ବଙ୍ଗଳାରେ ରହି ସେହିଦିନର ମଧ୍ୟାହ୍ନ ମେଲ ଟ୍ରେନରେ କଲିକତାଭିମୁଖେ ପ୍ରସ୍ଥାନ କଲେ । ସାହେବ ମହୋଦୟ ପୁଲିସ ଅଫିସ ଇତ୍ୟାଦି ନ ଦେଖି ହଠାତ୍ ଆସି ଫେରିଯିବାରୁ ଲୋକେ କେତେ କଥା କଳନା କରୁଥିଲେ । ପରେ ଜଣାଗଲା ଯେ ଏଠା ପୁଲିସ ସାହେବ ଗୋପନରେ କେତେ କଥା ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ଉକିଲଙ୍କ ବିରୁଦ୍ଧରେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଥିବାରୁ ବାବୁ ମହାଶୟଙ୍କର ପ୍ରାର୍ଥନାମତେ ଗବର୍ଣ୍ଣମେଣ୍ଟଙ୍କର ଆଦେଶକ୍ରମେ ଇନସ୍ପେକ୍ଟର ଜେନେରଲ ମହୋଦୟ ତହିଁର ଅନୁସନ୍ଧାନ କରିବାକୁ ଆସିଥିଲେ ଏବଂ ସେ କାର୍ଯ୍ୟ ଶେଷ କରି ଚାଲି ଗଲେ । ଆଶା କରୁଅଛୁ ଅନୁସନ୍ଧାନର ଫଳ ଶୀଘ୍ର ଜଣାପଡ଼ିବ ଏବଂ ସେତେବେଳେ ଆମ୍ଭେମାନେ ପାଠକବର୍ଗଙ୍କର ମନ ବୋଧ କରିବାକୁ ସମର୍ଥ ହେବୁଁ ।

———

ସଇସତ୍ତା ପ୍ରଗଣାର ହୋଗଲ ଧନପୁର ତାଙ୍ଗିହୋଟ ବଇତ୍ରେଣ ପ୍ରଭୃତି ଗ୍ରାମମାନଙ୍କରେ ଏବର୍ଷ ବିଶେଷ ଜଳକଷ୍ଟ ହୋଇଅଛି । କୂଅ ଓ ପୁଷ୍କରିଣୀମାନ ଶୁଖି ଯାଇଥିବାରୁ ଲୋକେ ଉକ୍ତ ପୋଖରୀ ଭିତରେ ଗୋଟିଏ ଗାତ ଖୋଳି ଝିଲିଏ ଜଳ ଧରପର କରି ନେଇ କଷ୍ଟରେ ନିର୍ବାହ ହେଉଅଛନ୍ତି । ଯାଜପୁର ଷ୍ଟେଶ ରେଲଷ୍ଟେସନ ବଜାର ମଧ୍ୟରେ କେବଳ ଏକମାତ୍ର କୂପ ଥିବା ଓ ସେଥିରେ ଆବଶ୍ୟକୀୟ ଜଳ ନହୋଇ ପ୍ରତ୍ୟହ ୩|୪ ଥର ଉକ୍ତ କୂପର ଜଳ ଶୁଖିଯାଉଥିବାରୁ ସେଠା ଅଧିବାସୀ ଓ ଯାତ୍ରିମାନଙ୍କର ଅତିଶୟ ଜଳକଷ୍ଟ ହୋଇଅଛି ଟ୭୦|୮୦ ଙ୍କାରୁ କମ ଖରଚ ନ ପଡ଼ିବାରୁ ସାଧାରଣ ଲୋକେ କୂପ ଖୋଳାଇ ପାରୁନାହାନ୍ତି ଏଣୁକରି ଯାଜପୁର ଲୋକେଲବୋର୍ଡ ଉକ୍ତ ଷ୍ଟେସନ ବାସିଙ୍କ ଜଳକଷ୍ଟ ନିବାରଣ ନିମନ୍ତେ ସେଠାରେ ଏକଗୋଟା କୂପ ଖନନ ନିମିତ୍ତ ଟ୭୦ଙ୍କା ମଞ୍ଜୁର କରିଅଛନ୍ତି ଏବଂ ଉପରୋକ୍ତ ଗ୍ରାମବାସିମାନେ ଆପଣା ଆପଣା ଗ୍ରାମର ପୁରାତନ ପୁଷ୍କରିଣୀର ପଙ୍କୋଦ୍ଧାର ଓ ନୂତନ କେତେକଗୋଟି କୂପ ଖୋଳାଇଦେବା ନିମିତ୍ତ ବୋର୍ଡ଼ରେ ଦରଖାସ୍ତ କରିବାରୁ ଲୋକେଲବୋର୍ଡ଼ରୁ କେତେକ ଗୋଟି ନୂତନ କୂପ ଖୋଳାଇ ଦେବାର ସ୍ଥିର ହୋଇଅଛି ମାତ୍ର ଶୀଘ୍ର କାର୍ଯ୍ୟାରମ୍ଭ ହେଲେ ଗ୍ରାମବାସିଙ୍କର ଜଳକଷ୍ଟ ମୋଚନ ହେବ ।

———

କାବୁଲର ଅମିରଙ୍କର ଅଭିଷେକ ଉପଲକ୍ଷରେ ଗତ ଅପ୍ରେଲ ମାସ ତା ୨୪ ରିଖରେ ସେଠାରେ ଏକ ବୃହତ୍ ଦରବାର ହୋଇଥିଲା । ସେ ଦେଶରେ ଅନ୍ନକଷ୍ଟ ବିଶେଷ ହୋଇଥିବା ହେତୁ ଅଧିକ ଲୋକଙ୍କୁ ଆମନ୍ତ୍ରଣ କରିବା ଯୁକ୍ତିସଙ୍ଗତ ନ ହେବାରୁ କେବଳ ଏକ ଏକ ସ୍ଥାନର ଅଳ୍ପ ଅଳ୍ପ ପ୍ରଧାନ ଲୋକ ଆହୂତ ହୋଇଥିଲେ । ତେଣୁ ଜନତା ବିଶେଷ ହୋଇ ନ ଥିଲା । ଅମିର ମହୋଦୟ ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ଉଦ୍ଦେଶରେ ବକ୍ତୃତା ପ୍ରଦାନ କରିଥିଲେ ଯଥା ସୈନ୍ୟମାନଙ୍କୁ ରଣକାର୍ଯ୍ୟରେ ତତ୍ପର ଥିବାରୁ ପ୍ରଶଂସା କରିଥିଲେ, ରଇସମାନଙ୍କୁ ରାଜଭକ୍ତି ସକାଶେ ଧନ୍ୟବାଦ ଦେଇଥିଲେ ଏବଂ ବଣିକମାନଙ୍କୁ ବାଣିଜ୍ୟ ବିସ୍ତାରର ସମ୍ପୂର୍ଣ୍ଣ ସୁବିଧା ପ୍ରଦାନ କରିବାର ଆଶ୍ୱାସ ଦେଇଥିଲେ ମାତ୍ର କର ଲାଘବ ବିଷୟରେ କିଛି ନ କହିବାରୁ ସେମାନଙ୍କର ମନ ବୋଧ ହେଲା ନାହିଁ । ମୁଲ୍ଲାମାନଙ୍କୁ ସେ କହିଲେ କି ସାମାନ୍ୟ ଶ୍ରେଣୀର ପ୍ରଜାମାନଙ୍କ ମଧ୍ୟରେ ଧର୍ମପ୍ରଚାର ବିଷୟରେ ସେ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ଏବଂ ଧର୍ମଶିକ୍ଷା ସକାଶେ ଅର୍ଥ ଓ ସମୟ ବ୍ୟୟ କରିବାକୁ ସେ କାତର ନୁହନ୍ତି । ଦରବାର ଦିନଠାରୁ ତିନଦିନ କାବୁଲରେ ସାଧାରଣ ରୋଷନାଇ ହୋଇଥିଲା ଏବଂ ଅନ୍ୟାନ୍ୟ ପ୍ରଧାନ ନଗରମାନଙ୍କରେ ମଧ୍ୟ ରୋଷନାଇ ହୋଇଥିଲା । ଫଳେ ଦିଲ୍ଲୀ ଦରବାରର ଦୃଶ୍ୟ କାବୁଲରେ ଦେଖା ଯାଇଥିଲା ।

———

Digitized by srujanika@gmail.com

ଗତ 'ହିତବାଦୀ'ରେ ଉତ୍କଳ ସାହିତ୍ୟର ସମ୍ପାଦକଙ୍କର ଖଣ୍ଡିଏ ପତ୍ର ପ୍ରକାଶିତ ହୋଇଅଛି । ତହିଁରେ ଲେଖାଅଛି କି ବ ୭ ବର୍ଷରୁ ଅଧିକ ହେବ 'ଉତ୍କଳସାହିତ୍ୟ' ପତ୍ରିକା ପ୍ରଚାରିତ ହେଉଥିଲେହେଁ ଏପର୍ଯ୍ୟନ୍ତ ତହିଁର ଆଶାନୁରୂପ ଉନ୍ନତି ନ ହେବାରୁ କେତେକ ଭଦ୍ରଲୋକ ଖଣ୍ଡିକୋଟ ରାଜାଙ୍କ ବଙ୍ଗଳାଠାରେ ସମ୍ମିଳିତ ହୋଇ ସ୍ଥିର କରିଅଛନ୍ତି କି ଏଣିକି ଉକ୍ତ ପତ୍ରିକାର କଳେବର ୩ ଫାରମାସ୍ଥଳେ ୪ ଫାରମା ହେବ ଏବଂ ସେଥିପାଇଁ ଯାହା ଅଧିକା ବ୍ୟୟ ହେବ ତାହା ଯୋଗାଇବାକାରଣ ଉକ୍ତ ପତ୍ରିକାର ଗୋଟିଏ ରାଜସଂସ୍କରଣ ବାହାରିବ । ଏହି ସଂସ୍କରଣର ବାର୍ଷିକମୂଲ୍ୟ ଟ ୫୲ ଙ୍କାରୁ ଊଣା ହେବ ନାହିଁ । ଯେଉଁମାନେ ବାର୍ଷିକ ଟ ୫୲ଙ୍କା ଓ ତହିଁରୁ ଅଧିକ ଦେବେ ସେମାନେ ପତ୍ରିକାର ପୃଷ୍ଠପୋଷକରୂପେ ପରିଗଣିତ ହେବେ । ତଦନୁସାରେ ରାଜସଂସ୍କରଣର ଗ୍ରାହକ ହେବାକୁ ଅଙ୍ଗୀକାର କରିଥିବା ଜ ୨୯ ଜଣଙ୍କର ନାମ ପ୍ରକାଶିତ ହୋଇଅଛି ଏବଂ ସେମାନଙ୍କମଧ୍ୟରେ ବଡଖେମଣ୍ଡିର ରାଜା ଓ ପାରଲା ଖେମିଣ୍ଡିର ରାଜକୁମାର ଶ୍ରୀ ପଦ୍ମନାଭ ନାରାୟଣ ଦେବ ଟ ୫୦୲ ଙ୍କା ଲେଖାଏଁ, ହିନ୍ଦୋଳ ବନୋଦ ରଙ୍ଗା ଭଟ୍ଟ ଗୁଣିସ୍ୱାଖାସ୍ତି ଟ ୨୦୲, ଦୁଇଜଣ ଟ ୧୦୲ଙ୍କା ଲେଖାଏଁ ଏବଂ ଅବଶିଷ୍ଟ ବ୍ୟକ୍ତିମାନେ ଟ ୫୲ଙ୍କା ଲେଖାଏଁ ବାର୍ଷିକ ମୂଲ୍ୟ ଦେବେବୋଲି ଲେଖାଅଛି । ଏପରି ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ରାଜଗୁରୁ ବି, ଏ, ପ୍ରଭୃତି ଜ ୫ ଜଣ ଭଦ୍ରଲୋକ ଗ୍ରାହକସଂଖ୍ୟା ବୃଦ୍ଧିସକାଶେ ଯଥାସାଧ୍ୟ ଚେଷ୍ଟା କରିବାର ଭାର ଗ୍ରହଣ କରିଅଛନ୍ତି । ଏ ଉପାୟରେ ଆଶା ହୁଏ ଉତ୍କଳ ସାହିତ୍ୟର ଆର୍ଥିକ କଷ୍ଟ ଆପାତତଃ ଘୁଞ୍ଚିଯିବ । ମାତ୍ର ବିଶେଷ ସାହାଯ୍ୟଉପରେ ଯାହାର ଜୀବନ ନିର୍ଭର କରେ ତାହାର ଅବସ୍ଥା ସୁଖକର ବୋଲିଯାଇ ନ ପାରେ । ମୂଳକଥା ଉତ୍କଳର ଅବସ୍ଥା ନିତାନ୍ତ ଶୋଚନୀୟ ଏବଂ ତାହା ଶୀଘ୍ର ପରିବର୍ତ୍ତିତ ହେବାର ଆଶା ଦିଶୁ ନାହିଁ ।

---

ଚନ୍ଦନଯାତ୍ରା ଓ ପୁଲିସ ।

ଏ ନଗରର ଚନ୍ଦନଯାତ୍ରା ଗତ ବୁଧବାର ଶେଷ ହେଲା । କନିକା ରାଜବାଟୀ ଓ ତେଲଙ୍ଗା ବଜାରରେ ପୂର୍ବ ଦି ୨୧ ଦିନ ଏବଂ ଅନ୍ୟାନ୍ୟ ବଜାରରେ ଶେଷ ଦି ୫ ଦିନ ଯାତ୍ରା ହୋଇଥିଲା ଏବଂ ଏଥର ତେଲଙ୍ଗା ବଜାରରେ ଗୋଟାଏ ନୂଆ ଯାତ୍ରା ହୋଇଥିଲା । ସୁଖର ହେଉ ସବୁଠାରେ ଯାତ୍ରା ଅଧିକ ସମାରୋହପୂର୍ବକ ନିର୍ବାହ ହୋଇଥିଲା । କନିକା ରାଜବାଟୀର ଯାତ୍ରା ସର୍ବୋତ୍କୃଷ୍ଟ ଏବଂ ସେଠାରେ ଶେଷ ଦିନ ବିଧିମତେ ନଗରବାସୀ ଭଦ୍ରଲୋକଙ୍କର ଚର୍ଚ୍ଚା ହୋଇଥିଲା । ଅନ୍ୟାନ୍ୟ ସ୍ଥାନରେ ନାନା ପ୍ରକାର ନାଚ ତମାସା ରାତ୍ର ଶେଷ ପର୍ଯ୍ୟନ୍ତ ହୋଇଥିଲା ଏବଂ ଶେଷ ଦିନ କାଳୀ ଗଣେଶ ପ୍ରଭୃତି ଅନେକ ସୁଆଙ୍ଗ ବାହାରିଥିଲା । ତହିଁ ମଧ୍ୟରେ ବକ୍ସି ବଜାର ବେପାରିସାହିର ସୁଆଙ୍ଗ ଦଳ ସର୍ବାପେକ୍ଷା ଅତ୍ୟୁତ୍କୃଷ୍ଟ ହୋଇଥିଲା । ସେ ଦଳରେ ହାତୀ,ଘୋଡା ଉଟ, ଷଣ୍ଢ ଏବଂ କାଳୀ ଗଣେଶ ମହାଦେବ ଇନ୍ଦ୍ରଜିତ ପର୍ଶୁରାମ ହନୁମାନ ଇତ୍ୟାଦି ଅନେକ ସୁଆଙ୍ଗ ଥିଲା ଏବଂ ସେମାନେ ଯେ ଯାହାର ଚରିତ୍ର ସୁନ୍ଦରରୂପେ ଦେଖାଇଥିଲେ । ଏହି ସୁଆଙ୍ଗ ଦଳ ଯଥାଯୋଗ୍ୟ ନୃତ୍ୟଗୀତକର ବେଶଭୂଷଣରେ ନର୍ତ୍ତକ ଓ ନର୍ତ୍ତକୀମାନଙ୍କ ସଙ୍ଗେ ୨ ଘେନି ଯେତେବେଳେ ମହା ସମାରୋହରେ ଠାକୁର ନଗର ଭ୍ରମଣରେ ବାହାରିଥିଲେ ସେ କାଳର ଦୃଶ୍ୟ ଅତ୍ୟନ୍ତ ଚମତ୍କାର ହୋଇଥିଲା । ସମସ୍ତ ରାତ୍ର ଯାତ୍ରିଙ୍କର ଭିଡ ଯଥେଷ୍ଟ ଥିଲା ଏବଂ ସୁଖର ବିଷୟ ଯେ ପୁଲିସ ପ୍ରଥମେ ପାସ ଦେବାରେ ଯାତ୍ରାର ଅଧିକାରୀମାନଙ୍କୁ ବିଶେଷ ହରବର କରିଥିଲେହେଁ ଶେଷରେ ତୋଲବାଦ୍ୟ ଛଡ଼ା ସଙ୍କୀର୍ତ୍ତନ ଏବଂ ନାଚ ବାଦ୍ୟରେ ବାଧା ଦେବାରୁ କ୍ଷାନ୍ତ ହୋଇଥିଲେ ଏବଂ ତଦ୍ଦ୍ୱାରା ଲୋକଙ୍କର ଅସନ୍ତୋଷ ଊଣା ପଡିଥିଲା । ପ୍ରଥମେ ପୁଲିସ ସାହେବ ଯାତ୍ରାବାଲାଙ୍କର ଗୁହାରି ନ ଶୁଣି ଏକ ଜିଦି ଧରି ରାତ୍ର ଘ ୧୦ ଟାରୁ ଅଧିକକ୍ଷଣ ବାଜା ବଜାଇ ଯାତ୍ରା କରିବାର ପାସ ଦେଲେ ନାହିଁ । କେହି୨ ହତାଶ ହୋଇ ଜଜ ମାଜିଷ୍ଟ୍ରେଟଙ୍କ ଠାରେ ଆପତ୍ତି କରି ବିଫଳ ହେଲେ । ପୁଲିସ ସାହେବଙ୍କର ଏପରି ଅନୁଷ୍ଠାପଣ ଦେଖି ବକ୍ସି ବଜାର ପ୍ରଭୃତିର କେତେକ ଯାତ୍ରାବାଲାମାନେ ଏବଂ ବିବାହର କର୍ତ୍ତାମାନେ ଭଦ୍ରଲୋକଙ୍କଦ୍ୱାରା ଅନୁରୋଧ କରିବାରେ ସାହେବଙ୍କର ମନ ଟିକିଏ ଟଳିଲା ଏବଂ ବିବାହ ସକାଶେ ରାତ୍ର ୧୨ଟା ଓ ଯାତ୍ରା ସକାଶେ ରାତ୍ର ୩ଟା ପର୍ଯ୍ୟନ୍ତ ପାସ ଦେଲେ । ଏଥିରୁ ସ୍ପଷ୍ଟ ବୁଝା ଯାଉଅଛି କି ଏ ସ୍ଥାନୀୟ ଲୋକଙ୍କର ରୀତି ନୀତି ଏବଂ ଧର୍ମବିଶ୍ୱାସ ସାହେବ ମହୋଦୟ କିଛି ଜାଣନ୍ତି ନାହିଁ ବା ଜାଣିବାକୁ ଚେଷ୍ଟା କରନ୍ତି ନାହିଁ ଅଥବା ଯାହାଙ୍କ ଉପରେ ନିର୍ଭର କରନ୍ତି ସେମାନେ ତାହାଙ୍କୁ ପ୍ରକୃତ ସମ୍ବାଦ ନ ଦେଇ ଭ୍ରମରେ ପକାନ୍ତି । କୌଣସି ମତେ ଏହା କ୍ଷମତା ପୁଲିସର କର୍ତ୍ତାଙ୍କ ପକ୍ଷରେ ଗୌରବର ବିଷୟ ନୁହେ । ଭରସା କରୁଁ ସେ ଏଣିକି ଆପଣା ଭ୍ରମ ବୁଝିପାରି ନିଜ ସାଧାରଣଙ୍କ ସୁବ୍ୟବହାର କରିବାଦ୍ୱାରା ନିଜ କର୍ତ୍ତବ୍ୟ ପାଳନ କରିବେ ।

---

ଖଡ଼ଗପୁରରେ ଜଳକଷ୍ଟ ।

ଖଡ଼ଗପୁର ବଙ୍ଗଳା ନାଗପୁର ରେଲ କମ୍ପାନିଙ୍କର ଗୋଟାଏ ପ୍ରଧାନ ଷ୍ଟେସନ । ଏ ସ୍ଥଳ ମେଦନୀପୁର ସହରର ଅଳପ ଅନ୍ତରରେ ଅବସ୍ଥିତ ଏବଂ ରେଲ କମ୍ପାନିଙ୍କର ଗୋଟାଏ ପ୍ରଧାନ ଛକ ଜାଗା ଅଟେ । ନାନାଦିଗର ଯାତ୍ରିମାନଙ୍କର ଏଠାରେ ଗାଡି ବଦଳ ହୁଏ ଏବଂ ତହିଁ ପାଇଁ ସେମାନଙ୍କୁ ଘ ୪।୬ ଘଣ୍ଟା ଏଠାରେ ରହିବାକୁ ହୁଏ । ସୁତରାଂ ପ୍ରତିଦିନ ଅନେକ ଯାତ୍ରୀ ରୁଣ୍ଡ ହୁଅନ୍ତି । ମାତ୍ର ଏସ୍ଥାନର ଜଳକଷ୍ଟ କହିଲେ ନ ସରେ । ଆଜିକାଲି ନିଦାଘ ଖରଦିନରେ ମନୁଷ୍ୟର ପ୍ରାଣ ଏକମାତ୍ର ଜଳ ଉପରେ ରହିଅଛି । ସ୍ନାନ ଇତ୍ୟାଦିର କଥା କଣ ପଶ୍ଚରେ ପିଇବାକୁ ମୁନ୍ଦା ପାଣିର ଅଭାବ । ଏ ସମ୍ବନ୍ଧରେ ଗତ ଓଡ଼ିଆ ଓ ନବସମ୍ବାଦରେ ଅନେକ କଥା ଲେଖାଅଛି । ଲେଖକ ଯାହା ବର୍ଣ୍ଣନା କରିଅଛନ୍ତି ତାହା ଯଥାର୍ଥ ଥିବାର ଆମ୍ଭେମାନେ ଅନୁଭବ କରିଅଛୁ । କାର୍ଯ୍ୟବଶତଃ ଏକସପ୍ତାହ ହେଲା ଏ ପତ୍ରିକାର ସମ୍ପାଦକ ସେଠାରେ କେତେକ ଘଣ୍ଟା ରହିଥିଲେ । ତାହାଙ୍କ ସଙ୍ଗରେ ଜ ୭ ଣ ଥିଲେ ସେ ସେମାନଙ୍କର ରନ୍ଧା ଖାଇବା କାର୍ଯ୍ୟରେ ଟ ୦।୵ ର ଜଳ କିଣିବାକୁ ହୋଇଥିଲା । କେରସିନ ଟିଣର ଏକ ଟିଣ ଜଳର ମୂଲ୍ୟ ଟ ୦ / ଲେଖାଏ ଦୋକାନୀକୁ ଦେବାକୁ ହୋଇଥିଲା । ନିକଟରେ ଗୋଟିଏ କୂଅ ଅଛି ମାତ୍ର ତହିଁରେ ଜଳ ନାହିଁ । ଟିକିଏ୨ ଯାହା ଝରୁଅଛି ତାହା କାଦୁଅ ଓ ତହିଁ ପାଇଁ ଯାତ୍ରିମାନେ ଜଗି ବସିଅଛନ୍ତି । ଜଳ କିଣିବ କଥା ଆଉ କୌଣସିଠାରେ ଦେଖା ନାହିଁ । ତହିଁର କାରଣ ଏହି କି ନିକଟରେ ପୁଷ୍କରିଣୀ ବା ଅନ୍ୟ ଜଳାଶୟ ନାହିଁ । ଦୋକାନିମାନେ ଗ୍ରାମର ରଣି ଦୂରରୁ ଜଳ ବୁହାଇ ଆଣି ଜମା ରଖନ୍ତି । ସୁତରାଂ ତହିଁପାଇଁ ଅଧିକା ମୂଲ୍ୟ ନିଅନ୍ତି । ସ୍ନାନ ନିମନ୍ତେ ଦୁଇ ବାଲଟି ଜଳ ସକାଶେ ଏକଜଣ ରାଉତ୍ତକୁ ଟ ୦।୵ ଦେବାକୁ ହୋଇଥିଲା । ତହିଁରୁ ଊଣା ମୂଲ୍ୟରେ ଅନେକ ଦୂରରୁ ଭଲ ପାଣି ବୋହି ଆଣିବାକୁ କେହି ସମ୍ମତ ହେଲେ ନାହିଁ । ଖଡଗପୁର ଟାଙ୍ଗର ଭୂମି ବୋଲି ସେଠାରେ କୂଅ ବା ପୋଖରୀ ଖୋଳାଇବା ବହୁ ବ୍ୟୟସାଧ୍ୟ । ସମ୍ଭବତଃ ଏହି କାରଣରୁ ରେଲ କମ୍ପାନି ଜଳର ସୁବ୍ୟବସ୍ଥା ଏଠାରେ କରି ନାହାନ୍ତି । ମାତ୍ର ଯେ ସ୍ଥଳେ ବିନା ମୂଲ୍ୟରେ ରେଲବେ ପଥିକମାନଙ୍କୁ ଜଳ ଯୋଗାଇବା କମ୍ପାନିର ପ୍ରଧାନ କର୍ତ୍ତବ୍ୟ କାର୍ଯ୍ୟ ଏବଂ ତହିଁପାଇଁ ସେ ଦାୟୀ ଅଟନ୍ତି ସେ ସ୍ଥଳେ ତହିଁର ସୁବ୍ୟବସ୍ଥା କରିବାକୁ ଯେ କମ୍ପାନି ନିତାନ୍ତ ବାଧ୍ୟ ଏଥିରେ ମତଭେଦ ନାହିଁ ଏବଂ କମ୍ପାନି କୋଟି୨ ଟଙ୍କା ବ୍ୟୟ କରି ରେଲ

Split by PDF Splitter

Digitized by srujanika@gmail.com

ବାଟ ନିର୍ମାଣ କରିଥିବା ସ୍ଥଳେ ପୁଷ୍କରିଣୀ ଓ କୂଅ ଖୋଳାଇବାର ବ୍ୟୟ ୬୦।୬୫ ହଜାର ଟଙ୍କା ପଡ଼ିଲେ ମଧ୍ୟ ତାହା ସାମାନ୍ୟ ବୋଲିବାକୁ ହେବ। ପ୍ରକୃତରେ ସେଠାରେ ଯେପରି ଜଳର ଅଭାବ ଏବଂ ଜଳ ଉପରେ ଯେପରି ମନୁଷ୍ୟର ପ୍ରାଣ ରହିଅଛି ତାହା ବିବେଚନା କଲେ ଅର୍ଦ୍ଧଲକ୍ଷ ବା ଲକ୍ଷେ ଟଙ୍କା କମ୍ପାନିଙ୍କୁ ବ୍ୟୟ କରିବାକୁ ହେଲେ ତାହା ଅଧିକ ବୋଲାଯିବ ନାହିଁ ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ରେଲବେ କମ୍ପାନି ଏବିଷୟରେ ଶୀଘ୍ର ମନୋଯୋଗୀ ହେବେ ଏବଂ ଗବର୍ଣ୍ଣମେଣ୍ଟଙ୍କର ଏହି ସାଧାରଣ ଅଭାବ ପ୍ରତି ଶୀଘ୍ର ଦୃଷ୍ଟି ପଡ଼ିବ।

---

### ପୁଲିସ ଧର୍ମସଂସ୍କାରକ।

ଲୋକମାନଙ୍କର ଧନ ପ୍ରାଣ ଓ ଶାନ୍ତିରକ୍ଷା କରିବା ଏବଂ ସେ ସମସ୍ତର ବିଘ୍ନକାରୀମାନଙ୍କୁ ଧରି ବିଚାରାର୍ଥେ ପଠାଇବା ପୁଲିସର କାର୍ଯ୍ୟ ବୋଲି ସମସ୍ତେ ଜାଣନ୍ତି। ମାତ୍ର ଲୋକଙ୍କର ଆଇନସଙ୍ଗତ ଅଧିକାରରେ ବିଶେଷତଃ ଭିନ୍ନ ଭିନ୍ନ ଧର୍ମାବଲମ୍ବୀ ଲୋକମାନଙ୍କର ସ୍ୱ ସ୍ୱ ବିଶ୍ୱାସ ଅନୁସାରେ ଧର୍ମକାର୍ଯ୍ୟରେ ବାଧା ଦେବା ପୁଲିସର କାର୍ଯ୍ୟ ବୋଲି ଏ ପର୍ଯ୍ୟନ୍ତ ଜଣା ନ ଥିଲା। କେତେ ବିଷୟରେ ପୁଲିସକୁ ଗବର୍ଣ୍ଣମେଣ୍ଟଙ୍କର ଗୁପ୍ତଚର ବୋଲି ଲୋକେ ଅନୁମାନ କରନ୍ତି। ସୁଶାସନର ହିତାର୍ଥେ ଗୁପ୍ତଚରର ଆବଶ୍ୟକ ନାହିଁ ଅଥବା ପୁଲିସଦ୍ୱାରା ସେ କାର୍ଯ୍ୟ ନିର୍ବାହ ହେବା ରାଜନୀତି ବିରୁଦ୍ଧ ଏହା ଆମ୍ଭେମାନେ କହୁ ନାହୁଁ। ଆମ୍ଭେମାନେ ଏତିକି କହୁଅଛୁଁ ଯେ ବ୍ୟକ୍ତି ବା ସମ୍ପ୍ରଦାୟ ବିଶେଷର ଧର୍ମକାର୍ଯ୍ୟ ସାଧନରେ ସାକ୍ଷାତ ବା ଗୋପନ ଭାବରେ ବାଧା ଦେବା ପୁଲିସର କାର୍ଯ୍ୟ ନୁହେ ଏବଂ ନ୍ୟାୟବାନ୍ ବ୍ରିଟିସ ଗବର୍ଣ୍ଣମେଣ୍ଟ ଯେ କି ଭାରତ ଅଧିକାର କରିବା କାଳରୁ ପ୍ରଜାବର୍ଗର ଧର୍ମ ବିଷୟରେ ସମ୍ପୂର୍ଣ୍ଣ ନିରପେକ୍ଷ ନୀତି ଅବଲମ୍ବନ କରି ଆସିଅଛନ୍ତି ଏବଂ ଯେ ଯାହାର ବିଶ୍ୱାସ ଅନୁସାରେ ଧର୍ମକାର୍ଯ୍ୟ ସାଧନ କରୁ ବୋଲି ପୁନଃ ପୁନଃ ଘୋଷଣା ପତ୍ରଦ୍ୱାରା ଅଭୟ ବାକ୍ୟ ପ୍ରଦାନ କରିଅଛନ୍ତି ସେହି ଉଦାର ଗବର୍ଣ୍ଣମେଣ୍ଟ ଯେ ଏକ ଶ୍ରେଣୀର ସରକାରୀ କର୍ମଚାରୀ ଅର୍ଥାତ୍ ପୁଲିସଦ୍ୱାରା ସେହି ଅତ୍ୟନ୍ତ ନ୍ୟାୟସଙ୍ଗତ ନିରପେକ୍ଷତାର ବିପରୀତ ଆଚରଣ କରିବାକୁ ସମ୍ମତ ହେବେ ଏହା କଦାପି ସମ୍ଭବ ନୁହେ। ଭାରତର ଅନ୍ୟ କୌଣସି ସ୍ଥାନରେ ଲୋକଙ୍କର ଧର୍ମକାର୍ଯ୍ୟରେ ପୁଲିସ ବାଧା ଦେବାର ଶୁଣା ନାହିଁ। ଏ ନଗରବାସିଙ୍କର ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଯେ ଏଠାର ବର୍ତ୍ତମାନ ପୁଲିସ ସୁପ୍ରିଣ୍ଟ ଗତ ଦୁର୍ଗୋତ୍ସବ ସମୟ ଠାରୁ ଏ ପର୍ଯ୍ୟନ୍ତ କ୍ରମାଗତ ଲୋକଙ୍କର ଧର୍ମକାର୍ଯ୍ୟରେ ବାଧା ଦେବାକୁ ଯେପରି ଦୃଢ଼ସଙ୍କଳ୍ପ କରିଅଛନ୍ତି ତାହା ଏ ପତ୍ରିକାର ପାଠକମାନଙ୍କୁ ଅବିଦିତ ନାହିଁ। ଅଧିକ ଆଶ୍ଚର୍ଯ୍ୟର ବିଷୟ ଏହି କି ବ୍ୟକ୍ତିବିଶେଷର ଆବେଦନଦ୍ୱାରା ଏବଂ ଅନ୍ୟ ପ୍ରକାରେ ଏ ବିଷୟ ଜିଲା ମାଜିଷ୍ଟ୍ରେଟ ଏବଂ ବିଭାଗୀୟ କମିଶନରଙ୍କର ଗୋଚରରେ ଆସିଲେହେଁ ସେମାନେ ତହିଁର ପ୍ରତିକାର ପ୍ରଦାନ କରିବାର ଦୂରେ ଥାଉ ବରଂ ଅନୁସନ୍ଧାନରେ ପୁଲିସର କଥାରେ ନିର୍ଭର କରି କାର୍ଯ୍ୟତଃ ପୁଲିସର କାର୍ଯ୍ୟକୁ ଅନୁମୋଦନ କରୁଅଛନ୍ତି। ରବିବାରଦିନ ଆଦୌ ବାଜା ବାଜିବ ନାହିଁ ଏବଂ ସପ୍ତାହର ଅନ୍ୟ ଦିନମାନଙ୍କରେ ରାତ୍ରି ୧୦ ଘଣ୍ଟା ଉତ୍ତାରୁ ବାଜା ବାଜିବ ନାହିଁ ଏ ନିୟମ ଏଠା ପୁଲିସ ସାହେବ ଯେ ପ୍ରଚାର କରିଅଛନ୍ତି ଏହାକୁ ଧର୍ମକାର୍ଯ୍ୟରେ ବାଧା ଦେବା ଭିନ୍ନ ଆଉ କି ବୋଲାଯାଇପାରେ? ରବିବାର ଖ୍ରୀଷ୍ଟିଆନମାନଙ୍କର ଉପାସନାର ଦିନ ଉତ୍ସବର ଦିନ ନୁହେ। ଅତଏବ ସେଦିନ ଅପରଧର୍ମାବଲମ୍ବୀମାନେ ସ୍ୱ ସ୍ୱ ପର୍ବରେ ବାଜା ବଜାଇ ପାରିବେ ନାହିଁ ଏହାକୁ ଧର୍ମକାର୍ଯ୍ୟରେ ବାଧା ଦେବା ଭିନ୍ନ ଆଉ କି ବୋଲାଯାଇପାରେ? ଅପର ଦିନରେ ଦେବାର୍ଚ୍ଚନା ବା ବିବାହାଦି ଉତ୍ସବରେ ରାତ୍ରି ୧୦ ଘଣ୍ଟା ଉତ୍ତାରୁ ବାଜା ବଜାଇବାର ଆବଶ୍ୟକ ହେଲେ ମଧ୍ୟ ତାହା ହୋଇ ପାରିବ ନାହିଁ ଏହା ମଧ୍ୟ ବାଧା ଭିନ୍ନ ଆଉ କ'ଣ ବୋଲାଯିବ? ଉକ୍ତ ନିୟମାନୁସାରେ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ବାଧ୍ୟ କରିବାଦ୍ୱାରା ପୁଲିସ ନିଜର ଆଇନସଙ୍ଗତ କର୍ତ୍ତବ୍ୟ ଉପରେ ଧର୍ମ ସଂସ୍କାରକର ପଦ ଗ୍ରହଣ କରିଅଛନ୍ତି ବୋଲିବାକୁ ହେବ। ଯେବେ ଏପରି ନିୟମ କରିବା ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ହୁଅନ୍ତା ତେବେ ପୁଲିସ ଆଇନରେ ତାହା ସ୍ପଷ୍ଟ ଲେଖି ଦେଇଥାନ୍ତେ ଓ ସର୍ବତ୍ରରେ ତାହା ପ୍ରଚଳିତ ହୋଇଥାନ୍ତା। ପୁଲିସକୁ ବିଶେଷ ଅଧିକାର ଦେବାର କୌଣସି କାରଣ ନ ଥିଲା। ପୁଲିସ କି କାରଣରୁ ଏ ନିୟମ କରିଅଛନ୍ତି ଏକ ସଭ୍ରାନ୍ତ ବ୍ୟକ୍ତି ତାହା ଜାଣିବା କାରଣ ମାଜିଷ୍ଟ୍ରେଟ ସାହେବଙ୍କଠାରେ ପୁଲିସ ରିପୋର୍ଟର ନକଲ ପ୍ରାର୍ଥନା କଲା। ମାତ୍ର ପୁଲିସ ରିପୋର୍ଟର ନକଲ ଦିଆ ନ ଯିବା ହେତୁରେ ତାହାର ଦରଖାସ୍ତ ଅଗ୍ରାହ୍ୟ ହେଲା। ଯାହାର ପ୍ରାର୍ଥନା ଅଗ୍ରାହ୍ୟ ହେବ ତାହାକୁ ତହିଁର କାରଣ ଜାଣିବାକୁ ସୁଯୋଗ ଦିଆଯିବ ନାହିଁ ଏହାକି ସାମାନ୍ୟ ଦୁଃଖର ବିଷୟ! ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଲୋକଙ୍କର ଗୁହାରି ପ୍ରତି ସ୍ଥାନୀୟ ହାକିମମାନଙ୍କର ଆଦୌ ଆସ୍ଥା ନାହିଁ ଏବଂ ସେମାନଙ୍କର ଏହି ଇଚ୍ଛା ଯେ ସେମାନେ ଯାହା ଆଦେଶ ଦେବେ ଲୋକେ ତହିଁର ଭଲ ମନ୍ଦ କିଛି ବୁଝିବାକୁ ଚେଷ୍ଟା ଓ ଦ୍ୱିରୁକ୍ତି ନ କରି ତହିଁରେ ସନ୍ତୁଷ୍ଟ ହେବେ। ଏହା ସୁବିଚାରର ପ୍ରଣାଳୀ ନୁହେ ଏବଂ ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ମଧ୍ୟ ନୁହେ। ଏପ୍ରକାର କାର୍ଯ୍ୟରେ ପ୍ରଜାବର୍ଗର ଅସନ୍ତୋଷ ବୃଦ୍ଧି ହୁଅଇ ଏବଂ ତାହା ହେବା ପ୍ରଜାବତ୍ସଳତା ନୁହେ। ଆମ୍ଭେମାନେ ପୁନଃ ପୁନଃ ଏ ବିଷୟର ଆନ୍ଦୋଳନ କରି ଆସୁଅଛୁଁ ଅଥଚ ଏପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟଙ୍କର ଶୁଭଦୃଷ୍ଟି ଆକର୍ଷଣ କରିପାରି ନାହୁଁ। ବର୍ତ୍ତମାନ ଏକାନ୍ତ ପ୍ରାର୍ଥନା ଯେ ଗବର୍ଣ୍ଣମେଣ୍ଟ ଏ ବିଷୟର ସୁମୀମାଂସା କରିବାଦ୍ୱାରା ଲୋକଙ୍କର ଦୁଃଖ ଦୂର କରିବେ।

---

ପ୍ରାପ୍ତ

### ଉତ୍କଳର ଦୁରବସ୍ଥା।

( ୨ )

ଏ ବିଷୟରେ ଆମ୍ଭର ପ୍ରଥମ ପ୍ରବନ୍ଧକୁ ଦୀପିକାର ସମ୍ପାଦକ ମହୋଦୟ ତାଙ୍କର ନିଜ ସ୍ତମ୍ଭ ମଧ୍ୟରେ ସ୍ଥାନ ଦାନ କରିଥିବାରୁ ତାଙ୍କ ନିକଟରେ କୃତଜ୍ଞ ହୋଇଅଛୁଁ ଓ ଆଶା କରୁଁ ଯେ ଏ ସନ୍ଦର୍ଭରେ ଆମ୍ଭେ ଯେତେ ପ୍ରବନ୍ଧମାନ ଲେଖିବୁ ସେ ସମସ୍ତ ସେ ସମୟେ ସମୟେ ତଦ୍ରୂପ ପ୍ରକାଶ କରି ଆମ୍ଭଙ୍କୁ ବାଧିତ କରୁଥିବେ। ବର୍ତ୍ତମାନ ଉତ୍କଳର ଦୁରବସ୍ଥା ପୂର୍ବାପେକ୍ଷା ଅଧିକ ଥିବାର କାରଣମାନ ସମସ୍ତ ଦର୍ଶାଇଲା ଉତ୍ତାରେ ତହିଁର ପ୍ରତିକାରର ପ୍ରସ୍ତାବ କରିବା ଆମ୍ଭର ଉଦ୍ଦେଶ୍ୟ ଅଟେ। ଏଥିରୁ କେହି କେହି କହନ୍ତି କି ଉତ୍କଳର ବିଶେଷତଃ ଓଡ଼ିଶାର ଦୁରବସ୍ଥା ବର୍ତ୍ତମାନ୍ ଆଦୌ ଅଧିକ ନୁହେ ବରଂ ଓଡ଼ିଶା ଉନ୍ନତି ମାର୍ଗରେ ଅଗ୍ରସର ହେଉଅଛି। ଏଥିର ପ୍ରମାଣ କଟକ ରେଭେନସା କଲେଜ, ଡାକ୍ତରୀ ସ୍କୁଲ ଓ ଡାକ୍ତରଖାନା, ବାନିକାସ୍କୁଲ, ଅନ୍ୟାନ୍ୟ ଅନେକ ସ୍କୁଲ, ନାଲ, ରେଳ ଓ ନାନା ସଡ଼କ ଇତ୍ୟାଦି ଅଟଇ। ସେମାନେ ଆହୁରି କହନ୍ତି କି ଓଡ଼ିଆମାନେ ପୂର୍ବେ ଅତି ଅଜ୍ଞ ଓ ଅସଭ୍ୟ ଥିଲେ; ବର୍ତ୍ତମାନ୍ ସେମାନେ ଶିକ୍ଷିତ ଓ ସଭ୍ୟ ହୋଇ ଆସୁଅଛନ୍ତି ଆଉ ଉକ୍ତ ଘୃଣିତ ଶବ୍ଦ ଶୁଣା ନାହିଁ। ପୂର୍ବର ତାଳପତ୍ରଘର ପରିବର୍ତ୍ତେ ବର୍ତ୍ତମାନ ଚୂନ ଲଗା ଛାତ, କୁଣ୍ଡା ଓ ମୃତ୍ତିକା ବାସନ ପରିବର୍ତ୍ତେ ଧାତୁ ନିର୍ମିତ ବାସନ ଏବଂ କଂସା ପିତ୍ତଳ ଅଳଙ୍କାର ପରିବର୍ତ୍ତେ ରୂପା ସୁନାର ଅଳଙ୍କାର ବହୁଳ ଦେଖାଯାଏ। ସର୍ବୋପରେ ଅବକାରୀ ବିଭାଗରେ ଲକ୍ଷ ଲକ୍ଷ ଟଙ୍କା ଆମଦାନି ହେଉଅଛି। ତେବେ କିପରି ଦୁରବସ୍ଥା ଅଧିକ ହେଲା? ସେମାନେ ଏପରି ଯୁକ୍ତିମାନ ଆଗତ କରନ୍ତି ଏବା କରିପାରନ୍ତି। ଆମ୍ଭ ବିବେଚନାରେ ଏ ଯୁକ୍ତି ମଧ୍ୟରେ ଅନେକ ଭ୍ରମାତ୍ମକ ଅଟଇ ତାହା ପଶ୍ଚାତ୍ ଦର୍ଶାଇବୁ। ବାସ୍ତବିକ କଥା ଏହି ଯେ ଉତ୍କଳର ପରମବନ୍ଧୁ ଶ୍ରୀଯୁକ୍ତ ରେଭେନସା ସାହେବ କମିଶନରଙ୍କ ସ...

Split by PDF Splitter
Digitized by srujanika@gmail.com

ଦାର୍ଜିଲିଂ ସହରର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ କୁକ୍‌ରେ ନାଗନାଥ ହଠାତ୍ ଭୂମିରେ ପଡ଼ି ମରିଯାଇଅଛନ୍ତି । ଗତ ମଙ୍ଗଳବାର ଅପରାହ୍ଣ ସମୟରେ ସୈନିକ ସ୍ଥାନରେ ତାଙ୍କର ସମାଧି ହୋଇଅଛି ।

ଲଣ୍ଡନ୍‌ରର ମହାରାଜକୁମାର ବଙ୍କଲାଲ ବଲଭର ବିଦ୍ୟାଳୟରେ ଅଧ୍ୟୟନ କରି ଆସିଅଛନ୍ତି । ବର୍ତ୍ତମାନ କି ଭାଇ ମାନେ ସିଭିଲିୟନଭୁକ୍ତ ହେବାକୁ ଯିବେ ?

ଏକ ଫ୍ରେଞ୍ଚ୍‌ମ୍ୟାନ ସିଲେକ ମନ୍ଦିରରୁ ପଇସା ବାହାର କରି କରିବାରେ ଲୋକଙ୍କ ବଞ୍ଚନା କରୁଥିଲା । ପୁଲିସ ତାହାକୁ ଗ୍ରେପ୍ତାର କରି ଫୌଜଦାରୀ ସୋପର୍ଦ୍ଦ କରିଅଛି । ୧୮୯୮ ସାଲରେ ଏହି ସିଲେକ ଅଭି ଏକଥର ଏହିପରି ଯାଦୁ ଦେଖାଇ କେଶବଚନ୍ଦ୍ର ସର୍ବାଧିକାରୀ ନାମକ ଏକ ବ୍ୟକ୍ତିର ୧୨୦୦୦ ଟଙ୍କା ଫାଙ୍କି ଦେବା ଅପରାଧରେ ୩ ମାସ ମିଆଦ ଖଟିଥିଲା ।

ନିତ୍ୟଚରଣସେନ ୩୮ ବର୍ଷ ହେଲା ସଖିସୋନା ଦାସୀକି ବିବାହ ହୋଇଥିଲେ । ସେତେବେଳେ ତାଙ୍କ ଶ୍ୱଶୁର ଯେଉଁ ଯୌତୁକ ଦେଇଥିଲେ ତାଙ୍କ ପିତା ତହିଁରେ ସନ୍ତୁଷ୍ଟ ନ ହୋଇ ଅଧିକ ଅର୍ଥର ଦାବୀ କରିଥିଲେ । ସଖି ସୋନାର ପିତା ସମ୍ପୂର୍ଣ୍ଣ ଅର୍ଥସ୍ପୃହା ନିବାରଣ କରି ନ ପାରିବାରୁ ବାଳିକା ପ୍ରତି ଅତ୍ୟାଚାର ଆରମ୍ଭ ହେଲା ୭ ମାସ ହେଲା ସଖିସୋନାକୁ ସ୍ୱାମୀ ବାହାର କରି ଦେଇ ନିତ୍ୟଚରଣ ସେନ ୫ ଶ ଟଙ୍କା ପାଇବାରୁ ଅନ୍ୟ ଗୋଟିଏ ବିବାହ ହୋଇଅଛନ୍ତି । ସଖିସୋନା ଦାସୀ ସ୍ୱାମୀଙ୍କ ନାମରେ ଖୋରପୋଷ ପାଇବାକୁ ନାଲିସ କରିଅଛି ।—ବିବାହ ଏକ ପ୍ରକାର ବାଣିଜ୍ୟ ହୋଇଅଛି ।

## ଯାଜପୁର-ସମ୍ବାଦ ।

ଏଠାର ନୂତନ ସବ୍ ଡିଭିଜନାଲ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମୌଳିକ ସୁଜନାରୁ ସେଠାରେ ଜ୍ୱରରୋଗରେ ପୀଡ଼ିତ ହୋଇଅଛନ୍ତି ।

ଏଠାର ଏକ ବିଶ୍ୱନାଥ କର୍ମୈକ ସ୍ୱର୍ଣ୍ଣକାର ସେକ ମାହାଙ୍ଗା ଗ୍ରାମରୁ ଗତ ଶନିବାର ସନ୍ଧ୍ୟାପରେ ଏ ନଗରକୁ ଆସୁଥିଲା ସନ୍ଧ୍ୟାବେଳେ ଗଙ୍ଗାସ୍ନାନ ନୌକାର ସେତୁ ଉପରେ ଏକଗୋଟା କଳାକୁ ସର୍ପ ଦଂଶିଅଛି ତାହାର ଗୋଡ଼ ଗଣ୍ଠିଉପରେ ଦଂଶ ନ କରି ପଳାଇଗଲା ସେ କଷ୍ଟଜ୍ୱାଳାରେ ଅସ୍ଥିର ହୋଇ କେତେକ ବାଟ ଚାଲିଆସି ପଡ଼ିଗଲା । ଗ୍ରାମବାସୀ ଓ କେତେକ ଗୁଣି ତାକୁ ଝାଡ଼ିଫୁଙ୍କି କରିବାରେ କିଛି ଫଳ ନ ହୋଇ ଶେଷରେ ସେ ମରିଗଲା ।

ଗତବର୍ଷ ଏହି ଗ୍ରୀଷ୍ମକାଳରେ ସେହିଠାରେ ଏକ ରମଣୀ ସର୍ପଦଂଶନରେ ମରିଥିଲା । ଯାଜପୁର ଥାନାର ଅଧିକାଂଶ ସ୍ଥାନ ବଦା ବଣରେ ପରିପୂର୍ଣ୍ଣ ଥିବାରୁ ଅନେକ ବିଷଧର ସର୍ପ ତହିଁରେ ବାସ କରୁଅଛନ୍ତି । ନିର୍ଜନ ପାଦ ଚୀର ବର୍ଷାସମୟରେ ବୃଷ୍ଟିପଡ଼ିବା ଉଚିତ ।

ଏଠାର ଏକଜଣ ମୋକ୍ତାର ବାବୁ ସିଦ୍ଧେଶ୍ୱର ନାୟକ ତୁଳସିକ ମାତ୍ର ଜ୍ୱର ରୋଗଜନିତ ହଠାତ୍ ସନ୍ନିପାତ ହୋଇ ପରଲୋକ ପ୍ରାପ୍ତ ହେବାରୁ ତାହାଙ୍କ ମୃତ୍ୟୁରେ ସମସ୍ତେ ଦୁଃଖିତ ହୋଇଅଛନ୍ତି ମୃତ୍ୟୁ ସମୟରେ ତାଙ୍କର ବ ୪୧ ବର୍ଷ ମାତ୍ର ବୟସ ହୋଇଥିଲା ।

ଘରପୋଡ଼ିର ପ୍ରକୋପ ଅଦ୍ୟ ଭଣା ହୋଇ ନାହିଁ ଏ ସପ୍ତାହରେ ଯାଜପୁରର ପୁରୁଷୋତ୍ତମପୁର ମୌଜାର ଏକ କେଉଟସରେ ଜନବେଳେ ନିଆଁଲାଗି କେତେକ ଲୋକ ଘର ପୋଡ଼ି ଯାଇଅଛି ଓ କେତେକ ବଞ୍ଚିଛନ୍ତି କାରଣ ତାହାର ସାଂସାରିକ ଦ୍ରବ୍ୟାଦି ସଂଗ୍ରହ କରି ରଖିଥିଲା ସେ ସମସ୍ତ ଅଗ୍ନିମଧ୍ୟରେ ଭସ୍ମ ହୋଇଗଲା ।

ଅଦ୍ୟପର୍ଯ୍ୟନ୍ତ ମେଘ ବର୍ଷା ନ ହେବାରୁ ଗୃହପକ୍ଷେ ଦରଣେ କଷ୍ଟ ହେଉଅଛି ।

## କଟକର ବଜାର ଦର ।

| | | | |
|---|---|---|---|
| ଚାଉଳ ମୋଟ | ଟଙ୍କାକୁ | କ୍ୱଟକ | ସେ ୧୩ |
| ,, ସରୁ | ,, | ,, | ସେ ୯ |
| ବିରି | ,, | ,, | ସେ ୧୫ |
| କୋଳଥ | ,, | ,, | ସେ ୨୩ |
| ମୁଗ ଡାଲି | ,, | ,, | ସେ ୧୩ |
| ଖେସାରି | ,, | ,, | ସେ ୧୩ |
| ଗହମ ଦେଶୀ | ,, | ,, | ସେ ୧୨ |
| କଡ଼ୁ | ,, | ,, | ସେ ୮ |
| ଘଣ | ,, | ,, | ସେ ୦।୵ |
| ସୋରିଷ | ,, | ,, | ସେ ୭ |
| ତେଲ ମୋଟ | ,, | ,, | ସେ ୨୩ |
| ,, ସୋରିଷ | ,, | ,, | ସେ ୨୨ |
| ,, ପୋସଣ | ,, | ,, | ସେ ୪ |
| ,, କେରସିନ | ଏକଟିନକୁ | ,, | ଟ ୧୩୵ |
| ଚିନି ଦେଶୀ | ମହଣ | ,, | ଟ ୪୦ |
| ଗୁଡ଼ | ଟଙ୍କାକୁ | ,, | ସେ ୫୨ |
| ନଡ଼ିଆ | ,, | ,, | ସେ ୩୨ |
| ଧନ | ,, | ,, | ସେ ୪ |
| ଗୁଆ | ,, | ,, | ସେ ୫ |
| ଜିରା | ,, | ,, | ସେ ୧୨ |
| ହଳଦୀ | ,, | ,, | ସେ ୫ |
| ଲଙ୍କାମରିଚ | ,, | ,, | ସେ ୪୨ |
| ପଟଳ ସୂତା | କହଳ | ,, | ଟ ୨୪।୵ |
| ଲଟାସୂତା | ,, | ,, | ଟ ୨୪।୵ |
| ରୂପା | କ ୧୦୦ ଭ | ,, | ଟ ୭୧ |
| କଂସା | ସେରକୁ | ,, | ଟ ୧୨ |
| ପିତ୍ତଳ | ,, | ,, | ଟ ।୵ |
| କମ୍ପାନି କାଗଜ | ଶତକଡ଼ା ଟ ୩୨ | ,, | ଟ ୯୩ |

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନନୀୟ ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହାଶୟ ମହନୀୟ ଚରଣେଷୁ ।

ଶ୍ରୀମନ୍ମହୋଦୟ !

କଟକଜିଲ୍ଲାର ପୁଲିସ ସାହେବ ଶ୍ରୀଯୁକ୍ତ ଏଚ୍, ଏସ୍, ସର୍, ମହୋଦୟ ଜଣେକ ପ୍ରଥମ ଶ୍ରେଣୀର ସୁପରିଣ୍ଟେଣ୍ଡେଣ୍ଟ । ଏ ମହାଶୟଙ୍କର ଉଦାର ହୃଦୟବତ୍ତା ଏବଂ ପର ଦୁଃଖ କାତରତାର ଗୋଟିଏ ସୁନ୍ଦର ନିଦର୍ଶନ ଆମ୍ଭେମାନେ ଏତେ- ଦିନେ ପାଇ ତାହା ଜନସାଧାରଣଙ୍କ ଅବଗତି ନିମିତ୍ତ ପ୍ରକାଶ କରୁଅଛୁଁ । ଦୟା ବହି ଆପଣଙ୍କ ସୁବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନ ଦେଇ ପରମାପ୍ୟାୟିତ କରିବା ହେବେ ।

ଦାଶରଥିପାଣ୍ଡେ ନାମକ ଏକବ୍ୟକ୍ତି କଟକ ଜିଲ୍ଲାରେ ଅନ୍ୟୂନ ୧୫ ବର୍ଷ ତଳେ ପୁଲିସ ବିଭାଗରେ କନଷ୍ଟେବଲ ଥିଲା । ସେହି ସମୟରୁ ଏହି କନଷ୍ଟେବଲଟି ପାଗଳ ହୋଇଯାଇ ସାମାନ୍ୟ ଭିକ୍ଷୁକ ଭାବରେ କାଳାତିପାତ କରୁଥିଲା । ପାଗଳ ହେବା ସମୟରେ ତାହାର ପେନ୍‌ସନ୍ ପ୍ରାପ୍ତିର ସମୟ ହୋଇଥିଲେହେଁ ସେ ସମ୍ବନ୍ଧରେ କୌଣସି ଚେଷ୍ଟା ହୋଇ ନ ଥିଲା ଏବଂ ଉକ୍ତ କନଷ୍ଟେବଲ ଘୋର ଦାରିଦ୍ର୍ୟ ନିପୀଡ଼ିତ ହୋଇ ଅଦ୍ୟପର୍ଯ୍ୟନ୍ତ କାଳ ହରଣ କରୁଥିଲା । ଅଳ୍ପଦିନ ପ୍ରାୟ ମାସେକ ତଳେ ଉକ୍ତ କନଷ୍ଟେବଲଟି ସାମାନ୍ୟ ପାଗଳ ଭିକ୍ଷୁକ ବେଶରେ ମହାମତି ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ସର୍ ସାହେବଙ୍କ ନିକଟରେ ଉପସ୍ଥିତ ହୋଇ ନିଜର ଦୁର୍ଦ୍ଦିବ ଏବଂ ତାହାର ପ୍ରାପ୍ୟ ପେନ୍‌ସନ ସମ୍ବନ୍ଧରେ କାତରଭାବରେ ପ୍ରାର୍ଥନା କଲା । ପର ଦୁଃଖ କାତର ସର୍ ସାହେବ ଉକ୍ତ ଦୁର୍ଦ୍ଦଶାଗ୍ରସ୍ତ କନଷ୍ଟେବଲର ଦୁଃଖ ଦର୍ଶନରେ ଦ୍ରବୀଭୂତ ହୋଇ ଯଥାସାଧ୍ୟ ଚେଷ୍ଟା ନିମନ୍ତେ ବଦ୍ଧପରିକର ହେଲେ । ସେହିଦିନଠାରୁ ମହାମତି ସର୍ ସାହେବଙ୍କ ଅନ୍ତରିକ ଚେଷ୍ଟାଦ୍ୱାରା ସମସ୍ତ ସରକାରୀ କାଗଜପତ୍ର ସାହାଯ୍ୟରେ ଗଭର୍ଣ୍ଣମେଣ୍ଟଙ୍କଠାରୁ ଉକ୍ତ କନଷ୍ଟେବଲର ପ୍ରାପ୍ୟ ପେନ୍‌ସନ ସମ୍ବନ୍ଧରେ ପତ୍ରାଦି ଲେଖାଗଲା । ସମ୍ପ୍ରତି ଉକ୍ତ ଚେଷ୍ଟା ଫଳବତୀ ହୋଇଅଛି । ଦରିଦ୍ର ଓ ନିଃସ୍ୱ ଦାଶରଥି ପାଣ୍ଡେର ଦୁଃଖ ମୋଚନ ହୋଇଅଛି । ପ୍ରାୟ ୧୫ ବର୍ଷର ପ୍ରାପ୍ୟ ଟ ୬୦୦୧ ଙ୍କା ଉକ୍ତ କନଷ୍ଟେବଲ ଏକକାଳୀନ ପ୍ରାପ୍ତ ହେଲା ଏବଂ ଏଣିକି ମାସିକ ଧାର୍ଯ୍ୟ ଟ ୩ଙ୍କା ପେନ୍‌ସନ୍ ସ୍ୱଚ୍ଛନ୍ଦରେ ପାଉଥିବ । ଜାଣୁଣିକି ସର ସାହେବ କେବଳ ଏତିକି କରି ନିଶ୍ଚିନ୍ତ ହେଲେ ନାହିଁ, ଟ ୪୦୦୧ ଙ୍କା କନଷ୍ଟେବଲ ନାମରେ ଡାକଘରେ ଜମାଦେଇ ବାକି ଟ ୨୦୦୧ ଙ୍କା ତାକୁ ଦେଇ ଏବଂ ତାହାର ଘର ପର୍ଯ୍ୟନ୍ତ ପୁଲିସ ପ୍ରହରୀ ଦେଇଥିଲେ । ଦରିଦ୍ର ସହାୟ ସଂସାରରେ କେତେଜଣ ଏଭଳି ସତ୍କାର୍ଯ୍ୟର ନିଦର୍ଶନ ଦେଖାଇଥାଆନ୍ତି ? ଏହି କାର୍ଯ୍ୟଦ୍ୱାରା ସର ସାହେବ ମହୋଦୟ ବାସ୍ତବିକ ସଜ୍ଜନ ପ୍ରଶଂସିତ ହୋଇଅଛନ୍ତି । ଈଶ୍ୱର ତାହାଙ୍କୁ ଦୀର୍ଘଜୀବୀ କରନ୍ତୁ ଏହି ଭଳି ଧର୍ମ କର୍ମରେ ସର୍ବଦା ପ୍ରବୃତ୍ତ ରଖନ୍ତୁ ଏହାହିଁ ଆମ୍ଭମାନଙ୍କର ଐକାନ୍ତିକ ପ୍ରାର୍ଥନା ଧନ୍ୟ ମହାମତି ସର ସାହେବ ମହୋଦୟ ! ଆପଣ ଯେଉଁ ସାଧର ହୃଦୟବତ୍ତା ଓ ପର ଦୁଃଖ କାତରତାର ପରାକାଷ୍ଠା ଦେଖାଇଲେ ତାହା ବାସ୍ତବରେ ଆପଣଙ୍କ ଭଳି ଉଚ୍ଚପଦାରୂଢ଼ ବ୍ୟକ୍ତିଙ୍କ ପକ୍ଷରେ ଅସାଧାରଣ । ଆପଣଙ୍କର ଏହି ପରୋପକାର ବିଶେଷତଃ ଦୁଃସ୍ଥଜନର ଅସୀମ ଉପକାର ଏବଂ ଆଶ୍ରିତବତ୍ସଳତାରୂପ ଧର୍ମଦ୍ୱାରା ଅନେକ ବ୍ୟକ୍ତିଙ୍କର ପ୍ରକୃତ ଶିକ୍ଷା ହେବ । ତଥାପି ଥରେ କବିଙ୍କ ବହୁମୂଲ୍ୟ ବାକ୍ୟ ଆପଣଙ୍କୁ କହୁଥାଏଁ :—

"ଧର୍ମ ଏକାସିକା ମନ୍ଦିରପଣିଆ,
ଅନ୍ତ ବତ୍ତପଣ ଅଟେ ଜୀବଦାନିଆ ।"

ଇତି ।

| | | |
|---|---|---|
| କାଳୀଗଳି କଟକ ତା ୧୭।୫।୦୩ | } | ଭବଦୀୟବଦନ ଶ୍ରୀ କପିଳଭୂଷଣ ଘୋଷ । |

Digitized by srujanika@gmail.com

Split by PDF Splitter



## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଦାମୋଦର ରଥ ସବ୍ ଇନ୍‌ସ୍ପେକ୍ଟର କଟକ | | ଟ ୨ ( |
| " ହରେକୃଷ୍ଣ ହାଲଦାର | କଟକ | ଟ ୧ ( |
| " ନୀଳକଣ୍ଠ ବୋଷ | ପୁରୀ | ଟ ୪ ( |
| ରଜା । ବ । ଢେଙ୍କାନାଳ | ଢେଙ୍କାନାଳ | ଟ ୩ ( |
| ବାବୁ ସଦାନନ୍ଦ ଦାସ | କଟକ ଖଡାହାଟ | ଟ ୩ ( |
| " ମାଧବ ଦାସ ତହସିଲ କଟକ | | ଟ ୩ ( |
| " ବଳରାମ ସାହୁ | କେନ୍ଦାପଡ଼ା | ଟ ୩ ( |
| ଗୌଃ ଜଗନ୍ନାଥ ଦାସ | ଜଗତ୍‌ସିଂହପୁର | ଟ ୩ ( |
| ଗୌଃ ଗୋପବନ୍ଧୁ ଦାସ | " | ଟ ୩ ( |
| ବାବୁ ୰ ଗୁଣନିଧି ଦାସ | ଅଠଗଡ | ଟ ୧୰ |

# ବିଜ୍ଞାପନ ।

ନୂତନ ନୂତନ ନୂତନ
ଓଡ଼ିଆ
ଜାତୀୟ ସଂଗୀତ ।
ଶ୍ରୀ ଦାମୋଦର ପଟ୍ଟନାୟକଙ୍କଦ୍ୱାରା
ରଚିତ
( ଯନ୍ତ୍ରସ୍ଥ )

ଗତତ ବର୍ଷ ସକାଶେ ଓଡ଼ିଶା ମେଡିକେଲ ସ୍କୁଲରେ ଟ ୫ ଙ୍କାର ଚାରି ଗୋଟି ବୃତ୍ତି ଖାଲି ଅଛି, ଯେଉଁମାନେ ପ୍ରବେଶିକା କିମ୍ବା ମଧ୍ୟ ଇଂରାଜୀ ପରୀକ୍ଷୋତ୍ତୀର୍ଣ୍ଣ ହୋଇଥିବେ ସେମାନେ ଉକ୍ତ ବୃତ୍ତି ପାଇବାକୁ ଉପଯୋଗୀ ହେବେ, ଅଧ୍ୟୟନେଚ୍ଛୁ ବାଳକମାନେ ଆପଣା୨ ସାର୍ଟିଫିକେଟ୍ ଓ ଚରିତ୍ର ସମ୍ବନ୍ଧୀୟ ପ୍ରଶଂସା ପତ୍ରସହ ଆଗାମୀ ଜୁନ ମାସ ତା ୮ ରିଖ ସୋମବାର ସକାଳ ଘ ୮ ଟା ସମୟରେ କଟକ ଜେନେରଲ ହାସ୍‌ପାତାଲ ମୁକାମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସମୀପେ ଉପସ୍ଥିତ ହେଲେ ମନୋନୀତ କରା ହେବେ । ପ୍ରକାଶ ଥାଉ କି ଉପରୋକ୍ତ ବୃତ୍ତି ଛଡ଼ା ନ ୭ ଜଣ ବିନା ବେତନରେ ଅଧ୍ୟୟନ କରି ପାରିବେ ।

ମେଡିକେଲ ସ୍କୁଲ
କଟକ
୨୮।୪।୧୯୦୩

T. Calvert.
major, I. M. S.
Superintendent,
Medical School,
CUTTACK.

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉଅଛି ଯେ ପୂର୍ବବଂସ ଲୁଣାଘାଟ ଏକବର୍ଷ ସକାଶେ ଗତତ ସନ ଓଡ଼ିଆ ଜ୍ୟେଷ୍ଠ ମାସ ଦ ୧୭ ଇଂରାଜୀ ସନ ୧୯୦୩ ମସୀହା ମଇ ମାସ ତା୨୯ ରିଖ ଶୁକ୍ରବାର ବେଳ ଘ ୮ ଟା ସମୟେ କଟକ ଡିଷ୍ଟ୍ରିକ୍ଟ ବୋର୍ଡ କଚେରୀରେ ପ୍ରକାଶ୍ୟ ନୀଲାମରେ ଇଜରା ବନ୍ଦୋବସ୍ତ କରାଯିବ । ଯାହାର ଉପରୋକ୍ତ ନଦୀ ଘାଟ ଇଜରା ନେବାର ଇଚ୍ଛାଥିବ ସେ ନିର୍ଦ୍ଧାରିତ ତାରିଖ ଓ ସମୟେ ଏହି କଚେରୀରେ ହାଜର ହୋଇ ନୀଲାମ ଡାକ ଡାକିପାରିବେ । ଯାହାଙ୍କର ଡାକ ସର୍ବାପେକ୍ଷା ଉଚ୍ଚ ହେବ ଏବଂ ଡିଷ୍ଟ୍ରିକ୍ଟ ବୋର୍ଡର ଶ୍ରୀଯୁକ୍ତ ଚେୟାରମାନ ବାହାଦୁରଙ୍କର ମନୋନୀତ ମତେ ତାଙ୍କର ଡାକରେ ନୀଲାମ ସ୍ଥିର କରା ଯାଇପାରେ ତେଙ୍କ ଖରିଦଦାର ସର୍ତ୍ତି ସମ୍ବନ୍ଧ ଓ ମର୍ଯ୍ୟାଦା ବନ୍ଦ ହେବାର ଆବଶ୍ୟକ । ନୀଲାମ ଡାକ ସ୍ଥିର ଓ ଗ୍ରହଣ ହେଲାରୁ ନୀଲାମ ଖରିଦଦାର ତତ୍କ୍ଷଣାତ୍ ନୀଲାମ ଜରଣମନାର ଅର୍ଦ୍ଧାଂଶ ଜାମିନସ୍ୱରୂପ ଡିପୋଜିଟ ଦାଖଲ କରିବେ ଓ ବାକୀ ଖଜଣା କିସ୍ତିକି କିସ୍ତି ଅଗ୍ରୀମ ଦେବେ । ଯେବେ ଦାଖଲ କରିବାରେ କ୍ରୁଟୀ ହୁଏ ତେବେ ଘାଟ ସାନ ନୀଲାମ କରାଯିବ । ଏ ସମ୍ବନ୍ଧେ ଅନ୍ୟାନ୍ୟ ବିଷୟ ଯାହା ବୁଝିବାର ଆବଶ୍ୟକ ଥିବ ତାହା ଏହି ଡିଷ୍ଟ୍ରିକ୍ଟ ବୋର୍ଡ ଅଫିସରେ ତଲାସ କଲେ ବିନା ଖର୍ଚ୍ଚରେ ଜାଣି ପାରିବେ । ଇତି

କଟକ ଡିଷ୍ଟ୍ରିକ୍ଟ ବୋର୍ଡ
ଅଫିସ ତା୧୪ରିଖ ମଇ
ସନ୧୯୦୩ ମସୀହା

J. C. Chander
Vice
Chairman.

## NOTICE.

Macmillan's New Series of Text-Books for Schools in India. Approved by the Director of Public Instruction, Bengal. 1902.

| | |
|---|---|
| Oriya Alphabet and Spelling Book. For Infant Class and Standard I ... | As. 1 |
| Oriya L. P. Science Reader | ,, 3 |
| Oriya L. P. Arithmetic ... | ,, 4 |
| Oriya U. P. Science Reader | ,, 4 |
| Oriya U. P. History Reader (Bengal) ... | ,, 3 |
| Oriya U. P. Geography Reader | ,, 3 |
| Oriya U. P. and Middle Vernacular Arithmetic ... | ,, 8 |
| Oriya U. P. Literature Book | ,, 3 |
| Oriya U. P. and M. V. Practical Geometry and Mensuration | ,, 4 |
| Oriya M. V. Science Reader | ,, 7 |
| Oriya M. V. History Reader ... | ,, 4 |
| Oriya M. V. Literature Book | ,, 6 |
| Oriental Drawing Books 1&2 | As. 4 each |
| Do. 3 and 4 ... | As 3 |
| Macmillan's "Official" Copy Books Nos. 1, 2, 3, 4, 6, 8, 10, 12, | 5 pice |
| Arnold's Civil Service Copy Books Nos. 1, 2, 3, 4, 4a, 5, | 5 pice |
| "O. M. P." Blank Drawing Books | As. 1 & As. 1 6 |
| Dr. Sircars English Reader I, | 4 0 |
| Do. Do. II. | 5 0 |
| Simple English Reader (Dhar) | 6 0 |

C.L.S. School Books as follows:—

| | |
|---|---|
| Senior Teacher's Manual | As. 12 0 |
| Grammatical Primer ,, | As. 2 0 |
| Manual of English Grammar | ,, 6 0 |
| 1st Standard English Book | ,, 1 6 |
| New English First Reader | ,, 4 0 |
| Do. Second ,, | ,, 6 0 |
| Do. Third ,, | ,, 8 0 |
| Do. Fourth ,, | ,, 10 0 |
| Do. Fifth ,, | ,, 12 0 |
| Do. Sixth ,, | ,, 12 0 |

*For any of these books apply to:—*
R. J. GRUNDY.
*Supt. Orissa Mission Press,*
CUTTACK.

ଗ୍ରୀଷ୍ମାବକାଶ ପରେ ଆଗାମୀ ଜୁନ ମାସ ତା ୨୨ ରିଖ ଦିନ କଟକ ଟ୍ରେନିଂ ବା ନର୍ମାଲ ସ୍କୁଲ ଫିଟିବ । ଯେଉଁମାନେ ମଧ୍ୟଇଂରାଜୀ ବା ମଧ୍ୟଭର୍ଣ୍ଣାକୁଲର ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ, ସେମାନେ ପ୍ରଥମବର୍ଷୀୟ ଶ୍ରେଣୀରେ ଭର୍ତ୍ତିହୋଇ ପାରିବେ । ନୂତନ ନିୟମ ଅନୁସାରେ ଏବେ ଦୁଇବର୍ଷମାତ୍ର ପଢ଼ିବାକୁ ହେବ ଏବଂ ଯେଉଁମାନେ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ସେମାନେ ଶୀଘ୍ର ଉପଯୁକ୍ତ କର୍ମରେ ନିଯୁକ୍ତ ହେବେ । ଛାତ୍ରମାନଙ୍କର ଉପକାରାର୍ଥେ ଛାତ୍ରାବାସ ଅଛି ଏବଂ ସେମାନଙ୍କର ଚିକିତ୍ସା ପାଇଁ ଡାକ୍ତର ନିଯୁକ୍ତ ଅଛନ୍ତି । ପ୍ରବେଶାର୍ଥୀମାନେ ଜୁନ ମାସ ମଧ୍ୟରେ ଆପଣାର ସାର୍ଟିଫିକଟ ସହିତ ଆମ୍ଭ ନିକଟରେ ଉପସ୍ଥିତ ହେଲେ, ଭର୍ତ୍ତିହୋଇ ପାରିବେ ।

Madhu Sudan Rao
Head Master, Training School
CUTTACK.

ଶ୍ରୀମଦ୍ଦେବୀଭାଗବତ ଶାକ୍ତ ବୈଷ୍ଣବ ଓ ଶୈବ ପ୍ରଭୃତି ଉପାସକଙ୍କର ବିଶେଷତଃ ହିନ୍ଦୁମାନଙ୍କର ପରମାଦରଣୀୟ ଗ୍ରନ୍ଥ । ଏହି ମହାନ୍ ଗ୍ରନ୍ଥର ବହୁଳ ପ୍ରଚାର ନ ଥିବାରୁ ଆମ୍ଭେ ଅତ୍ୟନ୍ତ ଯତ୍ନ ସହିତ ସଂସ୍କୃତରୁ ଉତ୍କଳ ଭାଷାରେ ନବାକ୍ଷରୀ ପଦ୍ୟରେ ଅନୁବାଦ କରି କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ କରାଉଅଛୁଁ ପ୍ରୋକ୍ତ ୧ମ ସ୍କନ୍ଧର ଭୂମିକା ପାଠ କଲେ ଦେବୀ ମାହାତ୍ମ୍ୟ ଓ ଅନ୍ୟାନ୍ୟ ସମସ୍ତ ବିବରଣ ଅନାୟାସରେ ଜାଣି ପାରିବେ । ପ୍ରଥମସ୍କନ୍ଧ ପ୍ରକାଶିତ ହୋଇଅଛି ଏବଂ ରେଜିଷ୍ଟରୀ ମଧ୍ୟ କରାଇ ନିଆ ଯାଇଅଛି । ମହର୍ଷି ବେଦବ୍ୟାସଙ୍କ କୃତ ତାହାଙ୍କର ଅଷ୍ଟାଦଶ ପୁରାଣର ପଞ୍ଚମଗଣ ନାମରେ ଏହି ଦେବୀ ଭାଗବତ ମହାପୁରାଣ ମଧ୍ୟରେ ପରିଗଣିତ । ପାଠକେ ଏ ଗ୍ରନ୍ଥରୁ ଏକ ଏକ ସେଟ କ୍ରୟ କରି ପାଠ କଲେ ଶ୍ରମ ସଫଳ ଜ୍ଞାନ କରିବୁଁ ।

ଏଥିର ୧ମ ସ୍କନ୍ଧର ମୂଲ୍ୟ ଟ ୦୫

ଡାକମାସୁଲ ଟ ୦/

୨ୟସ୍କନ୍ଧ ଯନ୍ତ୍ରସ୍ଥ ।

ସହର କଟକ ଦରଘାବଜାରସ୍ଥ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନକୁ ଅଥବା ଶ୍ରୀ ନାରାୟଣଚନ୍ଦ୍ର ମହାନ୍ତି ଗ୍ରାମ ଜରଣ ନାଃ ହେବଗଡ଼ ପୋଷ୍ଟ ଅଫିସ ଚକ୍ରଧରପୁର ଏହି ଠିକଣାକୁ ନଗଦ ମୂଲ୍ୟ ପଠାଇଲେ ବା ଭିଃ ପିଃ ଡାକରେ ନେବାକୁ ପତ୍ର ଲେଖିଲେ ଉପରଲିଖିତ ପୁସ୍ତକ ସ୍ୱଚ୍ଛନ୍ଦେ ପାଇ ପାରିବେ ।

ଠାକୁରସାହେବ ଶ୍ରୀମନ୍ ଲକ୍ଷ୍ମୀନାରାୟଣ ସିଂହ ଦେବ । ସିଂହଭୂମ । ନେବ ଇଷ୍ଟେଟ ।

Digitized by srujanika@gmail.com

Split by PDF Splitter



# ଯତ୍ନେନ ପରିକ୍ଷୀୟତେ

କବିରାଜ ଶ୍ରୀଉପେନ୍ଦ୍ର ନାଥ କବିରତ୍ନଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ-
ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଯଥାଯଥ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ଷଡ଼ଗୁଣବଲିଜାରିତ ସ୍ୱର୍ଣ୍ଣଘଟିତ
ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍ବିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଆଶ୍ରିତ ବାୟୁଜ୍ୱର, କାଶ, ଶ୍ୱାସ, କ୍ରିମି; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗସବୁର ସତ୍ୱ ଶୀଘ୍ର ନିବାରଣ ହୁଏ । ଅତି-କ୍ଷୟ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ସ୍ନାୟୁଦୁର୍ବଳତା, ସ୍ମରଣଶକ୍ତିର ଅଳ୍ପତା, ଚକ୍ଷୁର ଜ୍ୟୋତିଃହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ଦ୍ଦି କାଶ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧୲ ।

ଭ ୧ ର ଟ ୪୦

## ଶୁକ୍ରବର୍ଦ୍ଧକବଟିକା ।

ଏହି ଔଷଧ କାର୍ଯ୍ୟସ୍ତମ୍ଭାଧିକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ କାର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୲ ମାତ୍ର ।

## କଳ୍ପତରୁରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦାଦିଦୋଷଜନିତ ଶରୀରରେ କଳା ଓ ରଙ୍ଗା ଦାଗ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ବୋତଲ ମୂଲ୍ୟ ଟ ୧୲ ମାତ୍ର ।

ଏକକାଳେ ତିନିଶିଶି ନେଲେ ଟ ୩୲ ଙ୍କା ଲାଗେ ।

ଚୌଧୁରୀ ବଜାର } ଶ୍ରୀ ଉପେନ୍ଦ୍ର ନାଥ କବିରତ୍ନ
ଅନ୍ନପୂର୍ଣ୍ଣା
କଟକ } ଆୟୁର୍ବେଦୀୟ ଔଷଧାଳୟ ।



## ନବୀନ ନବୀନାର ସୋହାଗର ସାମଗ୍ରୀ ।

ପ୍ରେୟସୀର ପ୍ରିୟ ଉପହାର, ଅତି ଅପୂର୍ବ ।
ଏଇତ, ଭ ଲୁଣ୍ଡର ଅଭିନବ ଆବିଷ୍କାର

## "ଇନ୍ଦୀବର ଶୋଭନା ।

ଏହି ଦ୍ରବ୍ୟ ଅଳ୍ପ ପ୍ରମାଣ ପାନ ସହିତରେ ବ୍ୟବହାର କଲେ, ପାନର ଆସ୍ୱାଦ ଅମୃତ ପରି ହୁଏ । ଥରେ ବ୍ୟବହାର କଲେ "ଇନ୍ଦୀବର ଶୋଭନା" ବିହୁନ ପାନ ଖାଇବାକୁ ଇଚ୍ଛା ହୁଏ ନାହିଁ । ଏହାର ସୁଗନ୍ଧ ଅତି ମନୋହର ଓ ଦୀର୍ଘ କାଳ ସ୍ଥାୟୀ । ମୁଖରୁ ପାନ ଶେଷ ହେଲେ ମଧ୍ୟ ଏହାର ସୌରଭ ଶେଷ ହୁଏ ନାହିଁ । "ଇନ୍ଦୀବର ଶୋଭନା" ଯୁକ୍ତ ପାନରେ ଧଣିଆ ଗୁଣ୍ଡ, ଜାଇଫଳ ପ୍ରଭୃତି କୌଣସି ପ୍ରକାର ମସଲାର ପ୍ରୟୋଜନ ହୁଏ ନାହିଁ, ଅଥଚ ପାନ ସୁରସ, ସୁମିଷ୍ଟ ଓ ସୁଗନ୍ଧପୂର୍ଣ୍ଣ ହୁଏ । ପୂର୍ବେ ଏହି ଦ୍ରବ୍ୟ ନବାବ, ବାଦସାହ, ଅମୀର, ଓମରାହମାନେ ବ୍ୟବହାର କରୁଥିଲେ; ମିଷ୍ଟର ଲୁଣ୍ଡ ବହୁ ଅନୁସନ୍ଧାନ ଓ ଗବେଷଣାଦ୍ୱାରା ଏହି ଦ୍ରବ୍ୟ ଆବିଷ୍କାର କରିଅଛନ୍ତି ଏବଂ ଏଥି ସହିତ କେତେ ଗୁଡ଼ିଏ ନିର୍ଦ୍ଦୋଷ ଭେଷଜ ମିଶ୍ରିତ କରିଥିବାରୁ ଏହାଦ୍ୱାରା ଦନ୍ତର ଶିଥିଳତା, ଦନ୍ତମାଢ଼ିଫୁଲା, ଦନ୍ତବ୍ୟଥା, ଦନ୍ତମୂଳରୁ ରକ୍ତ ପଡ଼ିବା ବନ୍ଦ ହୁଏ, ମୁଖ ସୁଗନ୍ଧ, ଏବଂ ଦନ୍ତ ପଂକ୍ତି ମୁକ୍ତାପରି ଶୋଭା ପାଏ । ମୂଲ୍ୟ ପ୍ରତି ଶିଶି ଟ ୦।୷ ଅଣା, ଡଜନ ଟ ୨୲ ଙ୍କା ଡାକମାସୁଲ ଓ ପ୍ୟାକିଂ ଖରଚ ୩ ଶିଶିରେ ଟ ୦।, ୬ ଶିଶିରେ ଟ ୦।୵ ଅଣା, ଡଜନକୁ ଟ ୦୲ ଅଣା । ୩ ଶିଶିର କମ ଡାକରେ ପ୍ରେରିତ ହୁଏ ନାହିଁ । ଏକମାତ୍ର ବିକ୍ରେତା:— "ଲୁଣ୍ଡ ଏଣ୍ଡ କୋମ୍ପାନୀ" ୧୧୫ ନମ୍ବର ବାରାଣସୀ ଘୋଷର ଷ୍ଟ୍ରିଟ, କଲିକତା ।

ସର୍ବପ୍ରକାର କ୍ଷତ, ଘା, ଗଜ-ବାଡି ପ୍ରଭୃତି ଆରୋଗ୍ୟପକ୍ଷେ ଚୂଡ଼ାନ୍ତ ।

"ଓ୍ୟର ସରକାର"

ଏହା ବ୍ୟବହାର କଲେ ଅତି ଅଳ୍ପ ସମୟ ମଧ୍ୟରେ ସର୍ବପ୍ରକାର ଘା, ଯେତେ ପୁରୁଣା ହେଉ ମନ୍ତ୍ରଶକ୍ତି ପରି ଆରୋଗ୍ୟ ହୋଇଯାଏ । ଅଥଚ ପାରା ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ଏଥିରେ ସଂଯୋଗ ନାହିଁ । ମୂଲ୍ୟ ପ୍ରତି ଶିଶି ଟ୧ ଙ୍କା ୩ ଶିଶି ଟ ୨୲ ପ୍ୟାକିଂ ଓ ଡାକମାସୁଲ ଟ ୦।୵ ଅଣା । ପ୍ରାପ୍ତି ସ୍ଥାନ :—"ଡବରଉ, ମେନର ଏଣ୍ଡ କୋମ୍ପାନୀ" ।, କଲିକତା ।

ଆମ୍ଭେ ଶ୍ରୀ ସେଖଗୋଲାମକାଦର । ସା । ଦେଓ୍ୟାନବଜାର ସହର କଟକ ଏଥିଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁ ଯେ ସହର କଟକ ଚଉଧୁରୀବଜାରରେ ଥିବା ଆମ୍ଭର ଦୋକାନର ସମସ୍ତ ଦ୍ରବ୍ୟ ଆମ୍ଭର ପୁତ୍ର ଶ୍ରୀ ଅବଦୁଲଅଜୀଜ ଓ ପୌତ୍ର ଶ୍ରୀ ଅବଦୁଲଜଲିଲଙ୍କୁ ହେବାନାମା ଦ୍ୱାରା ଅର୍ପଣ କଲୁଁ ଅତଏବ ଆଜଦିନଠାରୁ ଆମ୍ଭନାମରେ ଦୋକାନ ନ ଚଳି ଉପରଲେଖିତ ପୁତ୍ର ଓ ପୌତ୍ରଙ୍କ ନାମରେ ଚଳିବ ।

ଯାହାଙ୍କ ନିକଟରେ ଦୋକାନ ଇସ୍ତକାର ଯେ ସମସ୍ତ ଦେଣା ଓ ପାଉଣା ଅଛି ସେମାନେ ଆମ୍ଭର ଅପେକ୍ଷା ନ ରଖି ଆମ୍ଭର ପୁତ୍ର ଓ ପୌତ୍ରଙ୍କ ମାହାଫିଜ ଶ୍ରୀ ଅବଦୁଲଅଜୀଜଙ୍କ ନିକଟରେ ଦଅନିଅ କରିବେ ଅର୍ଥାତ୍ ଦେଣା ଥିଲେ ଆଦାୟ ଦେବେ ଓ ପାଉଣା ଥିଲେ ଅସୁଲ କରିବେ । ଉକ୍ତ ଦୋକାନରେ ଆମ୍ଭର କୌଣସି ଦାବି ଦାଓ୍ୟା ନାହିଁ ଓ ନ ରହିବ । ଇତି ।
ତା ୩।୫।୦୩ ସାଲ ସେଖଗୋଲାମକାଦର ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା,—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ୫ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ହାର ୫୦ ୲ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ହାର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ [illegible] ମୁଦ୍ରିତ ଓ [illegible] ହେଲ

Digitized by srujanika@gmail.com

Split by PDF Splitter

REGISTERED No. C. 31.

217

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.

ଖ ୩୮ ଶ } ସ ୨୨ଖ୍ୟା

CUTTACK, SATURDAY THE 30th May 1903.

ତା ୧୭ ଜ୍ୟେଷ୍ଠ ସନ ୧୩୧୦ ସାଲ ଶନିବାର

{ ଅଗ୍ରିମ ଟ ୩୯ ; ପଶ୍ଚାଦେୟ ଟ ୬୯

## ବିଜ୍ଞାପନ ।

## NOTICE.

Wanted two apprentices for the office of the District Board, Cuttack, None need apply who has not passed the Entrance Examination of the Calcutta University or who does not posseses a fair knowledge in English and who has not acquired sufficient knowledge in the Vernacular of the District. A neat hand is preferable, Applications, with copies of testimonials, will be received by the undersigned on or before the 30th May 1903.

Cuttack Dist. Board office } J. C. Chandra
The 20th May 1903. } Vice Chairman.

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଶ୍ରୀ ରଜା ମୁକୁନ୍ଦଦେବ । ସା । ଜଅର କୁଣ୍ଡାଇବେଣ୍ଟସାହି ପୁରୀ ସୁପରିଣ୍ଟେଣ୍ଡେଣ୍ଟ ମନ୍ଦିର ଶ୍ରୀ ଜଗନ୍ନାଥ ଜଉ ପୁରୀ ଆମ୍ଭଙ୍କୁ ଶ୍ରୀଯୁକ୍ତ ଗବର୍ଣ୍ଣମେଣ୍ଟଙ୍କ ଅନୁମତିକ୍ରମେ ମାନେଜର ମୁକ୍ତାର କରି ସମ୍ପୂର୍ଣ୍ଣ ଭାର ଅର୍ପଣ କରିଥିବାରୁ ଏବଂ ଶ୍ରୀ ରଜା ମହୋଦୟ ଆମ୍ଭ ଯମତାପତ୍ରଦ୍ୱାରା ମନ୍ଦିରସ୍ଥ ସମ୍ପତ୍ତିର ତତ୍ତ୍ୱାବଧାନ କରିବାକୁ ଆମ୍ଭଙ୍କୁ ନିଯୁକ୍ତ କରି ତାଙ୍କଦ୍ୱାରା ଏଥି ପୂର୍ବରୁ ଦିଆଯାଇଥିବା, ସମସ୍ତ ଅକ୍ତିଆରନାମା ରଦ ରହିତ କରିବାର ସମ୍ପୂର୍ଣ୍ଣ ଅଧିକାର ଦେଇଥିବାରୁ ଆମ୍ଭେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ନାମରେ ଥିବା ଅକ୍ତିଆରନାମା ରଦ ରହିତ କରୁଅଛୁଁ । ନିମ୍ନଲିଖିତ ବ୍ୟକ୍ତିମାନେ ଶ୍ରୀ ରାଜସରକାର ଅଥବା ମନ୍ଦିର ଷ୍ଟେଟ ସମ୍ବନ୍ଧେ ସେମାନଙ୍କ ଅକ୍ତିଆରନାମା ସରତ୍ ଅନୁସାରେ କୌଣସି କାର୍ଯ୍ୟ କରିବାର କ୍ଷମତା ନ ରହିଲା । ସେମାନେ ଆଜତାରିଖଠାରୁ ସେମାନଙ୍କ ଅକ୍ତିଆର ନାମା ବଳରେ କୌଣସି କାର୍ଯ୍ୟ କରିବେ ନାହିଁ; ନଚେତ୍ ଶ୍ରୀରାଜସରକାର ଅଥବା ଆମ୍ଭେ ସେ କାର୍ଯ୍ୟରେ ବାଧ୍ୟ ନ ହେବେ ବା ନ ହେବୁଁ । ଯଦି ସେମାନଙ୍କ ମଧ୍ୟରୁ କେହି ଏ ନୋଟିସ ଉତ୍ତାରୁ ଆପଣା ଅକ୍ତିଆରନାମା ଅନୁସାରେ କୌଣସି କାର୍ଯ୍ୟ କରନ୍ତି ତେବେ ଆମ୍ଭେ ତାଙ୍କ ବିରୁଦ୍ଧେ ଉଚିତ ଅଦାଲତରେ ପ୍ରତିକାର ଖୋଜିବୁ ।

କୃଷ୍ଣମୋହନ ପଟ୍ଟନାୟକ । ସା । ଦଧିମାଛଗଡ଼ିଆ । ଜି । ଖୋର୍ଦ୍ଧା

ଭଗବତ ପଟ୍ଟନାୟକ । ସା । ମାର୍କଣ୍ଡେଶ୍ୱରସାହି, ପୁରୀ

ବିଶ୍ୱନାଥ ପଟ୍ଟନାୟକ । ସା । ଦୋଳମଣ୍ଡପସାହି ପୁରୀ

ଗଦାଧର ପଟ୍ଟନାୟକ । ସା । ହାଲ ମାର୍କଣ୍ଡେଶ୍ୱର ସାହି, ପୁରୀ

ମଦନ ଷଣ୍ଢ । ସା । ପୁରୀ

ନରେନ୍ଦ୍ର ଦାସ । ସା । ମଙ୍ଗଳପୁର । ପ୍ର । ଭୂମଣ୍ଡଳ କଟକ

ପଦ୍ମଚରଣ ମହାନ୍ତି । ସା । ବାରବାଟୀ । ପ୍ର । କୋଟଦେଶ, ପୁରୀ

ନାରଣ ରାଉତ । ସା । ଖୁରନଲା । ପ୍ର । ଗଡଙ୍ଗ ପୁରୀ

ସାଧୁଚରଣ ପଟ୍ଟନାୟକ । ସା । ସାତକପୁର । ପ୍ର । ଲେମ୍ବାଇ, ପୁରୀ

ଦୁର୍ଗାପ୍ରସନ୍ନ ପଟ୍ଟନାୟକ । ସା । ଭିଁପୁର । ଜି । ବାଣପୁର, ଖୋର୍ଦ୍ଧା

ମୁକୁନ୍ଦ ପଟ୍ଟନାୟକ । ସା । କୁମ୍ଭି । ଜି । ରମେଶ୍ୱର, ଖୋର୍ଦ୍ଧା

ଦୟାନିଧି ରାଜଗୁରୁ ମହାପାତ୍ର । ସା । ପୁରୀ

ଲାଲବିହାରୀ ମହାନ୍ତି । ସା । ଓଗଗ୍ରୋ । ପ୍ର । ଝିରଣ, କଟକ

ମଧୁସୂଦନ ମହାନ୍ତି ମୁକ୍ତାର । ସା । ପୁରୀ

ବୀରଭଦ୍ର କାନଗୋଇ । ସା । କନଳପୁର । ପ୍ର । କୋଧାର, ପୁରୀ

ମାଧବାନନ୍ଦ ଦାସ । ସା । କଟକ

ଚିନ୍ତାମଣି ପଟ୍ଟନାୟକ । ସା । ପୁରୁଷୋତ୍ତମପୁର । ଜି । ରମେଶ୍ୱର, ଖୋର୍ଦ୍ଧା

ରତ୍ନାକର ନାୟକ । ସା । ଗୋବିନ୍ଦପୁର । ପ୍ର । କୋଟଦେଶ, ପୁରୀ

କୃଷ୍ଣଚରଣ ମହାନ୍ତି । ସା । କଟକ

ବନୋଦବିହାରୀ ବେହେରା । ସା । ଯାଳା । ଜି । ଦାଣ୍ଡିମାଳ, ଖୋର୍ଦ୍ଧା

ମଙ୍ଗୁଳିଘୋଷ । ସା । ପଦ୍ମନଇର । ପ୍ର । କୋଟଦେଶ, ପୁରୀ

ଲୋକନାଥ ବ୍ରହ୍ମା । ସା । ଘୋରଡିଆ । ପ୍ର । ଲେମ୍ବାଇ, ପୁରୀ

ରୁଣ୍ଡିତମହାପାତ୍ର । ସା । କୁଦଥର ଖୋର୍ଦ୍ଧା

ଦୀନବନ୍ଧୁରାଉତରାୟ । ସା । "

ଯୋଗିରାଉତ । ସା । ଖୁରନଲା । ପ୍ର । କୋଟଦେଶ, ପୁରୀ

ଜଗନ୍ନାଥମନ୍ଦିର ମାନେଜର ଅଫିସ
ପୁରୀ ତା ୨୫ ରୁଷ ମଇ ସନ ୧୯୦୩ ମସୀହା । } Raj Kishore Das
ମାନେଜର
ଜଗନ୍ନାଥ ମନ୍ଦିର

Digitized by srujanika@gmail.com

Split by PDF Splitter



## ଜନ୍ମଦୀପିକା ।

ଭାରତସମ୍ରାଟଙ୍କର ଜନ୍ମଦିନ ଉପଲକ୍ଷରେ ଭାରତର ସମସ୍ତ ସରକାରୀ ଅଫିସମାନ ଅଦ୍ୟ ବନ୍ଦ ହେବାର ସରକାରୀ ବିଜ୍ଞାପନ ବାହାରିଥିଲା । ମାତ୍ର ପ୍ରବଳପ୍ରତାପ ଭାରତ ସମ୍ରାଟଙ୍କର ଆଦେଶାନୁସାରେ ତାହା ରହିତ ହୋଇଅଛି । ଯେଉଁ ଦିନ ତାହାଙ୍କର ଜନ୍ମଦିନ ପ୍ରତିପାଳିତ ହେବ ତହିଁର ଆଦେଶ ୯ ପରେ ବାହାରିବ ।

---

ବି, ଏ, ପରୀକ୍ଷାରେ ଓଡ଼ିଶାର ଯେଉଁ ଛାତ୍ର ମାନେ ପାସ କରିଅଛନ୍ତି ସେମାନଙ୍କର ନାମ ଗତ ସପ୍ତାହରେ ପ୍ରକାଶ କରିଅଛୁଁ । ସେମାନଙ୍କମଧ୍ୟରେ ଶ୍ରୀ ଗୋପବନ୍ଧୁ ଦାସ ଓ ଲୋକନାଥପଟ୍ଟନାୟକ ଓଡ଼ିଆ ରଚନା ଏବଂ ଶ୍ରୀ ଶଚୀନ୍ଦ୍ରଚନ୍ଦ୍ର ବିଶ୍ୱାସ ଓ ବାବୁ ଶଶିଭୂଷଣ ଶତପଥୀ ବଙ୍ଗଳା ରଚନାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

---

ଜଳବାୟୁ ମେଣ୍ଟିଯାଇଅଛି । ଗତ ସୋମବାର ଅପରାହ୍ଣରେ ସାମାନ୍ୟ ଏକ ଅଣ୍ଡା ବର୍ଷା ହୋଇ ତା ୩ ନ ପର୍ଯ୍ୟନ୍ତ ମେଘ ଘୋଟି ରହିଥିଲା ଏବଂ ବୁଧବାର ଏତେ ବୃଷ୍ଟି ହୋଇଥିଲା ଯେ ଗଡ଼ିଆ ପୋଖରୀରେ ହାତ୨ ଜଳ ଜମିଯାଇଅଛି । ଏ ବୃଷ୍ଟି ମୋଫସଲର ସବୁଆଡ଼େ ହେବାର ଜଣାଯାଏ ଏବଂ ଏହାଦ୍ୱାରା ଆପାତତଃ ଗ୍ରୀଷ୍ମର ସୁବିଧା ହୋଇଅଛି ।

---

ଗତ ତା ୧୬ ରିଖରେ ଶେଷହେବା ସାପ୍ତାହିକ ତାଲିକାରୁ ପ୍ରକାଶ ଯେ ମଧ୍ୟ ପ୍ରଦେଶରେ ଉକ୍ତ ସପ୍ତାହରେ ୬୦,୧୬୯ଜଣ ଦୁର୍ଭିକ୍ଷସାହାଯ୍ୟ ପାଇଥିଲେ । ଏହି ଅଙ୍କ ତହିଁର ପୂର୍ବ ସପ୍ତାହର ଅଙ୍କଠାରୁ ୪୨୭ ଅଧିକ ଅଟେ । ମଧ୍ୟପ୍ରଦେଶ ଛଡ଼ା ଭାରତର ଅନ୍ୟ କୌଣସିଠାରେ ଦୁର୍ଭିକ୍ଷ ନାହିଁ ଏବଂ ସେ ପ୍ରଦେଶରେ ମଧ୍ୟ ଏ ସପ୍ତାହରେ ବିଶେଷ ବଢ଼ି ନାହିଁ ।

---

ଚଳିତ ମାସ ତା ୧୬ ରିଖର ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ଉକ୍ତ ସପ୍ତାହରେ ପ୍ଲେଗରୋଗରେ ୧୫,୧୦୮ ମୃତ୍ୟୁ ଘଟିଥିଲା ଏବଂ ତହିଁ ମଧ୍ୟରୁ ପଞ୍ଜାବରେ ୧୨,୨୦୬ ବମ୍ବେଇରେ ୧,୨୧୦ ଯୁକ୍ତପ୍ରଦେଶରେ ୮୦୦ ଏବଂ ହାଇଦରାବାଦରେ ୨୫୦ ଘଟିଥିଲା । ଅନ୍ୟାନ୍ୟ ସ୍ଥାନର ମୃତ୍ୟୁ ସାମାନ୍ୟ ଅଟେ । ଏଥିରୁ ପ୍ରକାଶ ଯେ ପୂର୍ବଠାରୁ ଏ ରୋଗ କମ୍ତିର ଦଶା ପଡ଼ିଅଛି ଏବଂ କେବଳ ପଞ୍ଜାବ ପ୍ରଦେଶରେ ବର୍ତ୍ତମାନ ଏହାର ବଳ ଅଧିକ ଅଛି ।

---

କୌଣସି ଜିଲାର ପୁଲିସର ସୁପରିଣ୍ଟେଣ୍ଡେଣ୍ଟ ଓ ଜଏଣ୍ଟମାଜିଷ୍ଟ୍ରେଟ ଏକଠେ ଏକ ବଙ୍ଗଳାରେ ବାସ କରୁଥିବାରୁ କଲିକତାର ଇଣ୍ଡିଆନ ନେସନ ନାମକ ସମ୍ବାଦପତ୍ର ତୀବ୍ର ସମାଲୋଚନା କରି ତାହା ଅନୁଚିତ ବୋଲି ଦେଖାଇ ଦେଇଅଛନ୍ତି । ଆମ୍ଭେମାନେ ଶୁଣୁଅଛୁଁ ଯେ ଏ ଜିଲାର ପୁଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ଶ୍ୟାଳକ ସହିତ ଜିଲାର ମାଜିଷ୍ଟ୍ରେଟ ସାହେବଙ୍କର ବିବାହ ସ୍ଥିର ହୋଇଅଛି । ଏରୂପ ଘନିଷ୍ଠ ଆତ୍ମୀୟତା ସ୍ଥଳେ ସବୁ ସମୟରେ ଲୋକେ ସୁବିଚାର ପାଇବେ ନାହିଁ ବୋଲି ଆଶଙ୍କା କରିବା ବିଚିତ୍ର ନୁହେ । ଆମ୍ଭମାନଙ୍କର ବିଶ୍ୱାସ ଗବର୍ଣ୍ଣମେଣ୍ଟ ଯଥା ସମୟରେ ଏଥିର ପ୍ରତିବିଧାନ କରିବେ ।

---

ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି କି ସାଲେପୁରଥାନା ଅନ୍ତର୍ଗତ ପଦ୍ମପୁର ବଜାରରେ । ମୌ ଭଇରପୁର ନିବାସୀ ଶ୍ରୀ ଅନାଦସାହୁ ସଡ଼କପାଶରେ ଗୋଟିଏ ସୁନ୍ଦର ପୁଷ୍କରିଣୀ ଖୋଳାଉଅଛନ୍ତି ଏବଂ ତହିଁର କାର୍ଯ୍ୟ ଶେଷ ହେବାକୁ ବିଳମ୍ବ ନାହିଁ । ଏହାଦ୍ୱାରା ଅନେକ ଲୋକଙ୍କର ଉପକାର ହେବ । ଏପର ସାହୁ ମହାଶୟ ଅନେକ ସ୍ଥାନରେ କୂପମାନ ଖୋଳାଇଦେଇଅଛନ୍ତି । ପୁରାତନ ପୁଷ୍କରିଣୀମାନ ମରାମତି ଅଭାବରେ ପୋତିପଡ଼ିବା ଏବଂ ନୂତନ ପୁଷ୍କରିଣୀ ଖୋଳାଇବାର ପ୍ରବୃତ୍ତି ଊଣା ପଡ଼ିବା ହେତୁ ଆଜି କାଲି ସବୁଆଡ଼େ ଜଳକଷ୍ଟର ସୂଚନା ଶୁଣାଯାଉଅଛି । ଏ ସମୟରେ ଶ୍ରୀ ଅନାଦସାହୁ ଜଳଦାନରେ ଇଚ୍ଛା ବଳାଇ ସମସ୍ତଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି ସନ୍ଦେହ ନାହିଁ ।

---

ବମ୍ବେଇ ଗବର୍ଣ୍ଣମେଣ୍ଟ ଆଦେଶ ପ୍ରଚାର କରିଅଛନ୍ତି କି ଉକ୍ତ ପ୍ରଦେଶରେ ଡିଷ୍ଟ୍ରିକ୍ଟ-ବୋର୍ଡ ଓ ମିଉନିସିପାଲିଟିର ବେସରକାରୀ ସଭାପତିମାନେ ଏବଂ ସବଜଜ୍, ଡେପୁଟି କଲେକ୍ଟର ପ୍ରଭୃତି ସରକାରୀ କର୍ମଚାରୀମାନେ ଏଣିକି ଖାନ ବାହାଦୁର, ରାଓ ବାହାଦୁର, ଖାନ ସାହେବ ବା ରାଓ ସାହେବ ପଦମାନ ଗ୍ରହଣ କରି ପାରିବେ ନାହିଁ । ସେ ସବୁ ପଦ ବିଶେଷ ଯୋଗ୍ୟତାର ସମ୍ମାନସ୍ୱରୂପ ଗବର୍ଣ୍ଣମେଣ୍ଟ ସରକାରୀ ବା ବେସରକାରୀ ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରନ୍ତି । କେବଳ କାର୍ଯ୍ୟୋପଲକ୍ଷରେ ତାହା ଭୋଗ କଲେ ତହିଁର ତେତେ ଟେକ ରହଇ ନାହିଁ ଏହି ବିବେଚନାରେ ବମ୍ବେଇ ଗବର୍ଣ୍ଣମେଣ୍ଟ ଉକ୍ତ ଆଦେଶ ଦେଇଅଛନ୍ତି କି ?

---

ଗୁଆଲିୟର ରାଜ୍ୟର ଗତ ବାର୍ଷିକ ବିବରଣ ପ୍ରକାଶିତ ହୋଇଅଛି । ତହିଁରୁ ଜଣାଗଲା ଯେ ବର୍ଷର ଆରମ୍ଭରେ ୭୭୦ ଲକ୍ଷ ଟଙ୍କା ତହବିଲ ବାକି ଥିଲା । ନାନାପ୍ରକାର ପୂର୍ତ୍ତ କାର୍ଯ୍ୟରେ ବର୍ଷ ମଧ୍ୟରେ ବହୁତ ଟଙ୍କା ବ୍ୟୟ କରି ମଧ୍ୟ ବର୍ଷ ଶେଷରେ ୭୯୦ ଲକ୍ଷ ଟଙ୍କା ତହବିଲରେ ଜମା ରହିବାରୁ ତହିଁମଧ୍ୟରୁ ୫୦୦ ଲକ୍ଷ ଅର୍ଥାତ ୫ କୋଟି ଟଙ୍କାର ସରକାରୀ କାଗଜ ଖରିଦ ହୋଇଅଛି । କ୍ରମାଗତ ୨ ବର୍ଷ ଏହି ରାଜ୍ୟରେ ଦୁର୍ଭିକ୍ଷ ପଡ଼ିବାରୁ ରାଜ୍ୟର ଆୟ ହ୍ରାସ ଏବଂ ବ୍ୟୟ ବୃଦ୍ଧି ହୋଇଥିଲା । ସୁକାଳକ ଫେରଆସିବା ସଙ୍ଗେ୨ ଏପରି ସଫଳତା ଘଟିବା ସୁଶାସନର ପ୍ରମାଣ ଅଟେ । ଦୁର୍ଭିକ୍ଷ ହେତୁ ଋଣଜାଲରେ ଆବଦ୍ଧ ହୋଇଥିବା ଅନ୍ୟାନ୍ୟ ରାଜ୍ୟର ରାଜାମାନେ ଗୁଆଲିୟରର ଶାସନ ନୀତି ଅନୁକରଣ କରିବା ବାଞ୍ଛନୀୟ ଅଟେ ।

---

ପୁରୀରୁ ସମ୍ବାଦ ପାଉଅଛୁଁ ଯେ ଆଜି କାଲି ଶ୍ରୀଜଗନ୍ନାଥଙ୍କ ନୀତି ଯଥାସମୟରେ ନିର୍ବାହିତ ହେଉଅଛି । ମଧ୍ୟାହ୍ନ ଧୂପ ପରେ ଦିବସରେ ପହୁଡ଼ ଏବଂ ରାତ୍ର ପ୍ରାୟ ୧୦ ଘଣ୍ଟା ମଧ୍ୟରେ ବଡ଼ ସିଂହାର ଭୋଗ ହୋଇ ପହୁଡ଼ ହେଉଅଛି । ବଡ଼ ସୁଖର ବିଷୟ । ମେନେଜର ମହୋଦୟଙ୍କ ଆଦେଶ ମତେ ମନ୍ଦିର ମଧ୍ୟରୁ ପାନଖାଇବାର ନିଷେଧ ହୋଇଅଛି । ଯେଉଁମାନଙ୍କ ନିକଟରେ ପାନ ଥିବାର ଦେଖା ଯାଉଅଛି ସେମାନଙ୍କ ସମୁଚିତ ଅର୍ଥଦଣ୍ଡ ହେଉଅଛି । ବାସ୍ତବିକ ଲୋକେ ମନ୍ଦିର ମଧ୍ୟରେ ପାନ ଖାଇ ମନ୍ଦିରର ଅନେକାଂଶ ପାନପିକଦ୍ୱାରା ନିତାନ୍ତ ନଷ୍ଟ କରି ଦେଉଥିଲେ । ମେନେଜର ମହୋଦୟ ତାହାର ପ୍ରତିବିଧାନ କରି ଧନ୍ୟବାଦର ପାତ୍ର ହୋଇଅଛନ୍ତି । ମନ୍ଦିରର ଭଣ୍ଡାରମଧ୍ୟରେ ଥିବା ଠାକୁରଙ୍କର ଅବ୍ୟବହାର୍ଯ୍ୟ ନେତନେତ ପାଟ, ଲୁଗା, ଖେସ, ମଶମଲ ପ୍ରଭୃତି ମେନେଜରଙ୍କ ଆଦେଶରେ ଉଚିତ ମୂଲ୍ୟରେ ନିଲାମ ହେଉଅଛି ।

---

ଚଳିତ ମାସ ତା ୨୫ ରିଖଠାରୁ ଅନ୍ୟ ବିଜ୍ଞାପନ ପ୍ରକାଶ ହେବା ପର୍ଯ୍ୟନ୍ତ ଆସେନସୋଲ ଖଡ଼ଗପୁର ପାରିଞ୍ଜର ଟ୍ରେନ (ଯାତ୍ରୀ ରେଳ

Digitized by srujanika@gmail.com

Split by PDF Splitter



ଗାଡ଼ି ) ପୁରୀ ପର୍ଯ୍ୟନ୍ତ ଯାତାୟାତ କରିବ । ଆସେନସୋଲ ଓ ଖଡ୍ଗପୁର ମଧ୍ୟରେ ଉକ୍ତ ଟ୍ରେନ ଯାତାୟାତ କରିବାର ଯେ ସମୟ ବନ୍ଧା ଅଛି ତାହା ସ୍ଥିର ରହିଅଛି । ଉପର ଅର୍ଥାତ ଉତ୍ତରର ଟ୍ରେନ ଖଡ୍ଗପୁରଠାରୁ ଦିବା ଘ ୧୧।୧୦ ରେ ଛାଡ଼ି ପୁରୀରେ ଘ ୨୨।୪ ସମୟରେ ପହୁଞ୍ଚିବ ଏବଂ ତଳ ଅର୍ଥାତ ଦକ୍ଷିଣରୁ ଟ୍ରେନ ପୁରୀରୁ ଘ ୨।୧୦ ବେଳେ ଛାଡ଼ି ଖଡ୍ଗପୁରଠାରେ ଘ ୧୫।୫୭ ମିନଟରେ ପହୁଞ୍ଚିବ । କଟକରେ ଉପରର ଟ୍ରେନ ଘ ୧୪।୨୮ ରେ ପହୁଞ୍ଚି ଘ ୧୪।୪୩ ରେ ଛାଡ଼ିବ ଏବଂ ତଳର ଟ୍ରେନ ଘ ୫।୧୮ ପହୁଞ୍ଚି ଘ ୫।୩୫ ରେ ପ୍ରସ୍ଥାନ କରିବ । ଏହି ଟ୍ରେନ ଛୋଟ ଷ୍ଟେସନ ମାନଙ୍କରେ ଅଟକିବ ନାହିଁ । ରଥଯାତ୍ରାର ଯାତ୍ରିମାନଙ୍କ ସୁବିଧାନିମନ୍ତେ ଏ ବନ୍ଦୋବସ୍ତ ହେବାର ଜଣାଯାଏ ।

---

ଯେ ସମସ୍ତ ଛାତ୍ର "ଫାଇନଲ ସ୍କୁଲ" ପରୀକ୍ଷାର 'ସି' କୋର୍ସରେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କ ସକାଶେ ଆସନ୍ତା ଜୁନମାସରେ କଲିକତା ପ୍ରେସିଡେନ୍ସି କଲେଜରେ ବାଣିଜ୍ୟ ଶ୍ରେଣୀ ଫିଟିବ । ଯେଉଁମାନେ ଉକ୍ତ ଶ୍ରେଣୀରେ ଭରତି ହେବାକୁ ଇଚ୍ଛା କରିବେ ସେମାନେ ଚଳିତ ମାସ ତା ୨୦ ରିଖ ଅଥବା ତହିଁ ପୂର୍ବେ ଉକ୍ତ ପ୍ରେସିଡେନ୍ସି କଲେଜର ଅଧ୍ୟକ୍ଷଙ୍କ ନିକଟରେ ଆବେଦନ କରିବେ । ଉକ୍ତ କଲେଜରେ ଏଫ୍, ଏ, ପଢ଼ିବା ଛାତ୍ରମାନଙ୍କଠାରୁ ଯେତେ ବେତନ ଏବଂ ଭରତି ହେବାର ଫିସ ନିଆଯାଏ ସେମାନଙ୍କୁ ତେତିକ ଦେବାକୁ ହେବ । ସେହି ବାଣିଜ୍ୟ ଶ୍ରେଣୀରେ ଦୁଇବର୍ଷ ପଢ଼ି ପରୀକ୍ଷା ଦେବାକୁ ହେବ । ଇଂରାଜୀରେ ସାଧାରଣ ଓ ବାଣିଜ୍ୟସଂକ୍ରାନ୍ତ ଚିଠି ପତ୍ର ଲେଖିବା, ଦସ୍ତାଖତ, ଟାଇପ ଲେଖା, ସଂକ୍ଷେପ ଲେଖା, ଡ୍ରଇଂ, ବାଣିଜ୍ୟ ଇତିହାସ ଓ ଭୂଗୋଳ, ଗଣିତ ଏବଂ ହିସାବର ଉପକ୍ରମଣିକା ଇତ୍ୟାଦି ଏହି ଶ୍ରେଣୀର ପାଠ୍ୟ ବିଷୟ ଅଟେ । ଓଡ଼ିଶାରେ ଏ ନିୟମ ବର୍ତ୍ତମାନ ପ୍ରଚଳିତ ହୋଇ ନାହିଁ ।

---

କଦଳୀବୃକ୍ଷରୁ ସୂତା ପ୍ରସ୍ତୁତ କରିବା ସମ୍ବନ୍ଧରେ ତ୍ରିବାଙ୍କୁଡ଼ଠାରେ ଯେଉଁ ପରୀକ୍ଷା ହୋଇଥିଲା ତହିଁର ଫଳ ବାହାରିଅଛି । ସେଠାରେ ୨୯ ପ୍ରକାର କଦଳୀବୃକ୍ଷ ଅଛି । ଏଥିମଧ୍ୟରୁ ୬ ପ୍ରକାର କଦଳୀବୃକ୍ଷରୁ ରେଶମ ପ୍ରାୟ ଅତି ସୂକ୍ଷ୍ମ ଅଥଚ ବହୁକାଳସ୍ଥାୟୀ ସୂତ୍ର ବାହାରେ ଏବଂ ତହିଁରେ ଭଲଲୁଗା ବୁଣାଯାଇପାରେ । ଅବଶିଷ୍ଟ ୯ ପ୍ରକାର ଗଛରୁ ଯେ ସୂତା ବାହାରେ ତଦ୍ଦ୍ୱାରା ମୋଟଲୁଗା ପ୍ରସ୍ତୁତ ହୁଏ । ସାଧାରଣ ଦେଶୀୟ ଯନ୍ତ୍ରରେ ଦଉଡ଼ି ପ୍ରସ୍ତୁତ କରିବା ସମ୍ବନ୍ଧରେ ପ୍ରଥମରେ କଷ୍ଟ ହୋଇଥିଲା ମାତ୍ର ଯନ୍ତ୍ରର ଉନ୍ନତିବିଧାନଦ୍ୱାରା ତାହା ଦୂରୀଭୂତ ହୋଇଅଛି । କଦଳ ବୃକ୍ଷରୁ ସୂତା ବାହାର କରିବାର ପରୀକ୍ଷା ତ୍ରିବାଙ୍କୁଡ଼ରେ ପ୍ରଥମରେ ହୋଇ ତାହା ସଫଳ ହେବାର ଦେଖି ଆମ୍ଭେମାନେ ଅତୀବ ଆନନ୍ଦିତ ଚିତ୍ତରେ ତ୍ରିବାଙ୍କୁଡ଼ର ମହାରାଜାଙ୍କୁ ଶତଶତ ଧନ୍ୟବାଦ ଦେଉଅଛୁଁ । ଭାରତରେ କଦଳୀଗଛର କୌଣସିଠାରେ ଅଭାବ ନାହିଁ । ଫୁଲଝୁନ୍ତା ସୂତା ସାମାନ୍ୟଦଉଡ଼ି ଧୋବାର ଖାର ବିନା କଦଳପଟୁକା ଆଉ କିଛି କାର୍ଯ୍ୟରେ ଆସେ ନାହିଁ । ଭରସାକରୁ ଅନ୍ୟାନ୍ୟ ସ୍ଥାନର ଲୋକମାନେ ଏ ବିଷୟ ଅବଗତ ହୋଇ ଗୋଟିଏ ଲାଭବାନ୍ ବ୍ୟବସାୟର ବାଟ ଉନ୍ମୁକ୍ତ କରିବେ ।

---

ବଙ୍ଗୀୟ କାୟସ୍ଥ ସଭାର ବାର୍ଷିକ ଅଧିବେଶନ ଗତ ଗୁଡ୍ଫ୍ରାଇଡେ କରେଷ୍ଟ ବନ୍ଦ ସମୟରେ ହେବାର ଥିଲା । ମାତ୍ର ସେ ସମୟରେ କଲିକତାରେ ପ୍ଲେଗ ରୋଗ ନିତାନ୍ତ ପ୍ରବଳ ଥିବାରୁ ଅନେକ ପ୍ରତିନିଧିଙ୍କର ଆପତ୍ତି ମତେ ସ୍ଥଗିତ ହୋଇଥିଲା । ସମ୍ପ୍ରତି ରୋଗର ପ୍ରକୋପ କଲିକତାରେ ଊଣା ପଡ଼ିଅଛି; ଏପରିକି ପ୍ଲେଗ ରୋଗର ଦୈନିକ ମୃତ୍ୟୁ ଶତାଧିକ ସ୍ଥଳରେ କେବଳ ୫।୬ ରେ ରହିଅଛି । ଏହି ସୁଯୋଗ ଦେଖି ଉଦ୍ୟମକାରୀମାନେ ଆସନ୍ତା ଜୁନ ମାସ ତା ୭ ରିଖ ରବିବାର ଦିନ ଉକ୍ତ ବାର୍ଷିକ ଅଧିବେଶନ ହେବାର ସ୍ଥିର କରିଅଛନ୍ତି । ଏହି ଅଧିବେଶନ କଲିକତାର ବିଖ୍ୟାତ ବାବୁ ରମାନାଥ ଘୋଷଙ୍କର ବୃହତ୍ ଅଟ୍ଟାଳିକାରେ ହେବ । ଆଶା କରୁଅଛୁ ବଙ୍ଗ ବିହାର ଏବଂ ଓଡ଼ିଶାର ନାନା ଜିଲାର କାୟସ୍ଥମାନେ ଆପଣା୨ ପ୍ରତିନିଧିଙ୍କଦ୍ୱାରା ଏହି ଅଧିବେଶନରେ ଉପସ୍ଥିତ ହେବେ ଏବଂ ଏହାର କାର୍ଯ୍ୟରେ ଯୋଗଦାନ କରିବେ । ଗୃହ ସମାଜର ବଙ୍ଗୀୟ କାୟସ୍ଥଙ୍କର ସମ୍ମିଳନ ଏହି ଅଧିବେଶନର ପ୍ରଧାନ ଉଦ୍ଦେଶ୍ୟ ଅଟେ ଏବଂ ଏହା ସିଦ୍ଧ ହୋଇପାରିଲେ ପରମ ଉପକାର ହେବ ସନ୍ଦେହ ନାହିଁ । ଗୃହ ସମାଜର କାୟସ୍ଥଙ୍କର ଉତ୍ପତ୍ତି ଏକ ମୂଳରୁ ମାତ୍ର କାଳବଶରେ ଏକ ଅପରଠାରୁ ପୃଥକ୍ ହୋଇ ରହିବାରୁ ପ୍ରତ୍ୟେକ ସମାଜ ଜନ ଓ ଧନକ୍ଷୟଦ୍ୱାରା କ୍ରମେ ଦୁର୍ବଳ ହୋଇପଡୁଅଛି । ଯେମନ୍ତ କି ଆଉ କେତେକ ଦଶନ୍ଧି ଉତ୍ତାରୁ ଏକ୨ ସମାଜର ଅସ୍ତିତ୍ୱ ଲୋପ ହେବ । ଏହି ଦୁର୍ଗତିରୁ ରକ୍ଷା ଏବଂ ଜାତୀୟବଳ ବୃଦ୍ଧି ନିମନ୍ତେ ଗୃହ ସମାଜର ସମ୍ମିଳନ ଏକାନ୍ତ ଆବଶ୍ୟକ ଏହା ବୋଲିବା ବାହୁଲ୍ୟ ।

---

'ମହୀଶୂର ଷ୍ଟାଣ୍ଡାର୍ଡ' ସମ୍ବାଦପତ୍ର କାହାର ଅନୁରୋଧମତେ ପ୍ରକାଶ କରିଅଛନ୍ତି କି ସରକାରୀ ଟେଲିଗ୍ରାଫ ମହଲମାରେ କେତେଗୁଡ଼ିଏ ସିଗନାଲର କାର୍ଯ୍ୟ ଖାଲିଅଛି । ଯେଉଁମାନଙ୍କର ବୟସ ୧୬ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୨୦ ବର୍ଷରୁ ନ୍ୟୂନ ସେମାନେ ସଚ୍ଚରିତ୍ରତାର ସାର୍ଟିଫିକଟ ସହିତ ମହୀଶୂର ସବ୍‌ଡିଭିଜନର ଆସିଷ୍ଟାଣ୍ଟ ଟେଲିଗ୍ରାଫ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଆବେଦନ କରିବେ । ମାତ୍ର କେବଳ ଇଉରୋପୀୟ ଏବଂ ଫିରିଙ୍ଗିମାନେ ଉକ୍ତ ଗୃହର ପାଇବାର ଯୋଗ୍ୟ ହେବେ । ଯଦ୍ୟପି କି ସହଯୋଗୀ ଅନୁରୋଧକାରୀର ନାମ କହି ନାହାନ୍ତି ମାତ୍ର ଆଶୟରୁ ସ୍ପଷ୍ଟ ଜଣା ଯାଉଅଛି; ସରକାରୀ ଟେଲିଗ୍ରାଫ ବିଭାଗର କୌଣସି କର୍ତ୍ତାଙ୍କ ଅନୁରୋଧମତେ ସେ ତାହା ପ୍ରକାଶ କରିଅଛନ୍ତି ଏବଂ ରେଲୱେ ଓ ଟେଲିଗ୍ରାଫ ବିଭାଗରେ ଦେଶୀୟ ଲୋକଙ୍କ ଗୃହର ନ ଦେଇ ଇଉରୋପୀୟ ଓ ଫିରିଙ୍ଗିମାନଙ୍କୁ ଭରତି କରିବାର ଚେଷ୍ଟା ବିଭାଗୀୟ କର୍ତ୍ତାମାନଙ୍କ ମଧ୍ୟରେ କ୍ରମେ ପ୍ରବଳ ହେଉଅଛି । କର୍ତ୍ତା ଇଚ୍ଛା, କର୍ମ୍ମଚାରୀମାନଙ୍କର କିଛି କହିବାର ଅଧିକାର ନାହିଁ । ମାତ୍ର ଦୁଃଖ ଏହିକି ଯେ ଜାତି ଓ ବର୍ଣ୍ଣନିର୍ବିଶେଷରେ କେବଳ ଯୋଗ୍ୟତା ଦେଖି ସରକାରୀ କାର୍ଯ୍ୟ ଦେବାର ନୀତି ଗବର୍ଣ୍ଣମେଣ୍ଟ ଦୃଢ଼ରୂପେ ପ୍ରତିପାଳନ କରିବାର ପୁନଃ୨ ଘୋଷଣା ଦେଇଥିବା ଏବଂ ଗତ ଦିଲ୍ଲୀ ଦରବାରରେ ପଠିତ ହେବା ଭାରତ ସମ୍ରାଟଙ୍କର ପତ୍ରରେ ତାହା ପ୍ରତିପାଳନ କରିବାକୁ ସେ ସଂକଳ୍ପ କରିଥିବାର ଆଶ୍ୱାସ ଦେଇଥିବା ସ୍ଥଳରେ ସେହି ଉତ୍ସବ ବର୍ଷ ଗତ ନ ହେଉଣୁ ତାହା ବ୍ୟର୍ଥ ହେବାର ଏତେ ଉଦ୍ୟମ ଲାଗିଅଛି ଅଥଚ ଭାରତ ଗବର୍ଣ୍ଣମେଣ୍ଟ ତାହା ଅବଗତ ହୋଇ କିଛି ପ୍ରତିକାର କରିବାର ଏପର୍ଯ୍ୟନ୍ତ ଦେଖାଯାଉ ନାହିଁ । ଲର୍ଡ଼ କର୍ଜନଙ୍କ ପରି ବିଚକ୍ଷଣ ଓ ବଳବାନ୍ ଶାସନକର୍ତ୍ତାଙ୍କ ଅମଳରେ ଏପରି ହେବା ଅଧିକତର ଦୁଃଖର ବିଷୟ ଅଟେ ।

---

### ଜଣେ ଆଦର୍ଶ ବ୍ୟବସାୟୀ ।

ବମ୍ବେଇ ପ୍ରଦେଶ ବଗେରନଗର-ନିବାସୀ ଶ୍ରୀଯୁକ୍ତ ବାମନ ଜି ଆଦୀଶ୍ୱର ଦଲାଲ ନାମକ ଜଣେ ଧନାଢ୍ୟ ମହାଜନ ଗୁଜରାଟ ଏଲକାର ପାଞ୍ଚମାହାଲ ଜିଲ୍ଲାରେ ସନ ୧୮୮୧ ସାଲଠାରୁ ସନ ୧୮୮୪ ସାଲ ମଧ୍ୟରେ ପ୍ରାୟ ୩ [illegible]

Digitized by srujanika@gmail.com

Split by PDF Splitter


ବା ୧୯୦ ବାଟି ନିତାନ୍ତ ପତିତ ଜଙ୍ଗଲଟି ଜମି ସରକାରଙ୍କ ପଟ୍ଟା ନେଇଥିଲେ । ସେ ଜମିରେ କିଛି ଫସଲ ହେଉ ନ ଥିଲା ଏବଂ ତାହା ମାଲେରିୟା ନାମକ ସଂକ୍ରାମକ ଜ୍ୱରର ଆକର ଥିଲା । ଦଲାଲ ମହାଶୟ ଏ ସବୁ ଦୁର୍ଗୁଣ ପ୍ରତି ଭ୍ରୂକ୍ଷେପ ନ କରି ଅନ୍ୟାନ୍ୟ ଗ୍ରାମରୁ କେତେ ଘର ଚଷା ଆଣାଇ ସେଠାରେ ବସତି କରିବା କାରଣ ସେମାନଙ୍କର ଘର ତୋଳାଇ ଦେଲେ, ପୁଷ୍କରିଣୀ ଏବଂ କୂପମାନ ଖୋଳାଇଲେ, ବୃକ୍ଷାଦି ରୋପଣ କଲେ ଏବଂ କୃଷିକାର୍ଯ୍ୟରେ ସେମାନଙ୍କୁ ନିଯୁକ୍ତ କଲେ । କୃଷିର ଉପଯୋଗୀ ହଳ ବଳଦ ଓ ଅନ୍ୟାନ୍ୟ ଉପକରଣମାନ ଆଣାଇ ଦେଲେ ଏବଂ ଉନ୍ନତ ପ୍ରଣାଳୀରେ କୃଷି କରିବାର ଉପାୟମାନ କ୍ରମେ କ୍ରମେ ସେମାନଙ୍କୁ ଶିଖାଇଲେ । କ୍ରମେ ସେଠାରେ ଗୋଟିଏ ଚିକିତ୍ସାଳୟ, ଡାକଘର ଏବଂ ବିଦ୍ୟାଳୟ ସ୍ଥାପନ କଲେ । ବର୍ତ୍ତମାନ ସେ ସ୍ଥାନର ନାମ ରସ୍ତମପୁର ମୌଜା ହୋଇଅଛି । ସେ ପ୍ରଜାମାନଙ୍କୁ ନଗଦ ଟଙ୍କା, ଲୁଗା ଓ ଶସ୍ୟ ଋଣ ଦେବା ସଙ୍ଗେ ସଙ୍ଗେ ସେମାନଙ୍କର ହାତରେ ହେବା ଅଳ୍ପ ଅଳ୍ପ ଅର୍ଥ ଜମା କରିବାର ବ୍ୟାଙ୍କ ସ୍ଥାପନ କରି ସେମାନଙ୍କୁ ପରିମିତାଚାର ଶିକ୍ଷା ଦେଲେ । ସ୍ୱଦେଶୀୟ ଫସଲ ସଙ୍ଗେ ବିଦେଶୀୟ ନାନା ଶସ୍ୟ ଉତ୍ପତ୍ତି ଦ୍ୱାରା ପରୀକ୍ଷା କରି ଦେଖିବାରେ ମଧ୍ୟ ଯଥୋଚିତ ଯତ୍ନବାନ୍ ହେଲେ । ତାହାଙ୍କର ଏ ପ୍ରକାର ଅଦମ୍ୟ ସାହସ ଏବଂ ଚେଷ୍ଟାରେ ଉକ୍ତ ଗ୍ରାମର ଆୟତନ ବର୍ତ୍ତମାନ ମା ୩୫୦୦ ଏ ଏବଂ ଲୋକସଂଖ୍ୟା ୧୫୦୦ ହୋଇଅଛି । ଗୋମେଷାଦିର ସଂଖ୍ୟା ମଧ୍ୟ ୨୦୦୦ରୁ ଊଣା ନୁହେ । ଅଧିକାଂଶ ଜମିରେ ଧାନ ଫସଲ ହୁଅଇ ଏବଂ ତାହା ଅତ୍ୟନ୍ତ ଚିକ୍କଣ ଓ ବଡ଼ ଥିବାରୁ ବଜାରରେ ଉଚ୍ଚ ମୂଲ୍ୟରେ ବିକ୍ରୟ ହେଉଅଛି । ପ୍ରାଦେଶିକ ରିପୋର୍ଟରେ ଏହି କୃଷିଫସଲ ଏବଂ ଦଲାଲ ମହାଶୟଙ୍କର ବିଶେଷ ପ୍ରଶଂସା କରାଯାଇଅଛି । ସେହି ରିପୋର୍ଟରେ ଲେଖା ଅଛି ଯେ କେବଳ ଦଲାଲ ମହାଶୟଙ୍କର ବୁଦ୍ଧି କୌଶଳ ଓ ସାହସଦ୍ୱାରା ତାହାଙ୍କର ସାଧୁ ଚେଷ୍ଟା ଏତାଦୃଶ ସଫଳତା ଲାଭ କରିଅଛି କାରଣ ସେ ସ୍ଥାନ ବା ଲୋକମାନଙ୍କର ଗୁଣରୁ ତାହା ହୋଇ ନାହିଁ । ମାଟି ନିତାନ୍ତ ଅନୁର୍ବରା ଥିଲା ଏବଂ କୃଷିମାନେ ଜଙ୍ଗଲ କାଟି ମୂଠା ବିହନ ବୁଣିବା ଛଡ଼ା ଆଉ କିଛି ଜାଣୁ ନ ଥିଲେ । ଯୋଗ୍ୟଲୋକର ଚେଷ୍ଟା ଓ ଅବିଶ୍ରାନ୍ତ ଯତ୍ନରେ ନିତାନ୍ତ ଦୂଷିତ ସ୍ଥାନ କିପରି ଉର୍ବର ହୋଇ ଶତ ଶତ ଲୋକର ହିତସାଧନ ଏବଂ ଦେଶୋନ୍ନତିର ସାହାଯ୍ୟ କରେ ଏଥିରୁ ପାଠକମାନେ ତାହା ବୁଝି ପାରିବେ । ଏପରି ଉଦାହରଣ ଅବଶ୍ୟ ଏ ଦେଶରେ ବିରଳ କାରଣ ଯୋଗ୍ୟଲୋକଙ୍କ ସଂଖ୍ୟା ଅତ୍ୟନ୍ତ ବିରଳ ଅଟେ । ମାତ୍ର ଏ ଦେଶର ରଜା, ଜମିଦାର ଓ ଶିକ୍ଷିତ ଲୋକଙ୍କର ଏପରି ଉଦାହରଣ ପ୍ରତି ସର୍ବଦା ଦୃଷ୍ଟି ରହିବା ଏବଂ ଅନୁକରଣ ଚେଷ୍ଟା କରିବା ଏକାନ୍ତ ବାଞ୍ଛନୀୟ । ଗଡ଼ଜାତରେ ଏବଂ ମୋଗଲବନ୍ଦିର ଜଙ୍ଗଲଟି ମହାଲରେ କେତେ ଅସ୍ୱାସ୍ଥ୍ୟକର ପଡ଼ିଆ ଜମି ପଡ଼ି ରହିଅଛି ଯେ ଚେଷ୍ଟା କଲେ ତାହା ଜନକାନନରେ ପରିଣତ ହୋଇପାରେ । ତାହା ନ ହେବାର କାରଣ ଅର୍ଥାଭାବ ନୁହେ କାରଣ ରଜା ଓ ଧନୀମାନଙ୍କର ଅର୍ଥ କେତେ ପ୍ରକାରେ ବ୍ୟୟ ହୋଇଯାଉଅଛି । କେବଳ ବ୍ୟବସାୟ ବୁଦ୍ଧି ଓ ସାହସର ଅଭାବ ମୂଳ କାରଣ ଅଟେ । ଆନ୍ତରିକ ଚେଷ୍ଟା ଜାତ ହେଲେ ଉପାୟର ଅଭାବ ହେବ ନାହିଁ ।

---

ଗତ ଏଣ୍ଟ୍ରାନ୍ସ ଓ ଏଫ, ଏ, ପରୀକ୍ଷାର ଫଳ ବାହାରିଅଛି । ଓଡ଼ିଶାରେ ପରୀକ୍ଷା ଦେଇଥିବା ଛାତ୍ରମାନଙ୍କ ମଧ୍ୟରୁ ନିମ୍ନଲିଖିତ ଛାତ୍ରମାନେ ପାସ କରିଅଛନ୍ତି ଯଥା:—

ଏଫ, ଏ, ପରୀକ୍ଷାରେ
( ରେଭେନସା କଲେଜରୁ )

୧ ମ ଶ୍ରେଣୀ

ଶଶିଭୂଷଣ ମୈତ୍ର — ସୁବୋଧଚନ୍ଦ୍ର ଚଟ୍ଟୋପାଧ୍ୟାୟ
ଅକ୍ଷୟପଦ ଆଚାର୍ଯ୍ୟ — ପ୍ରବୋଧଚନ୍ଦ୍ର ବସୁ
ବନବନ୍ଧୁ ମିଶ୍ର

୨ ୟ ଶ୍ରେଣୀ

ବ୍ରଜରାଜ ଓଝା — କ୍ଷୀରୋଦଚନ୍ଦ୍ର ଚନ୍ଦ
ଉପେନ୍ଦ୍ର ଚଟ୍ଟୋପାଧ୍ୟାୟ — ବାଳକୃଷ୍ଣ ମହାପାତ୍ର
ଯଦୁନାଥ ମହାପାତ୍ର — ପ୍ରଫୁଲ୍ଲଚନ୍ଦ୍ର ବସୁ

୩ ୟ ଶ୍ରେଣୀ

ମଦନମୋହନ ଦାସ — ଅତୁଲଚନ୍ଦ୍ର ଦେ
କପିଳେଶ୍ୱର ଘୋଷ — ଚାରୁଚନ୍ଦ୍ର ସେନ
ଲକ୍ଷ୍ମୀଧର ମହାନ୍ତି — ଶ୍ୟାମସୁନ୍ଦର ମହାନ୍ତି
ଜଗନ୍ନାଥ ପାଳ — କାଳୀଚନ୍ଦ୍ର ବସୁ ଚୌଧୁରୀ
ସମ୍ପୂର୍ଣ ଓଡ଼ିଆ ଅଛନ୍ତି

---

ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ନାମ ;—

୧ ମ ଶ୍ରେଣୀ ।

୧ ରଖାଲଚନ୍ଦ୍ର ପାଲିତ — ରେଃ କଃ କଟକ
୨ ଅଶ୍ୱିନୀକୁମାର ଘୋଷ — ବାଲେଶ୍ୱର ଜିଲ୍ଲାସ୍କୁଲ
୩ କୈଳାସଚନ୍ଦ୍ର ମହାନ୍ତି — ” ”
୪ କାଳୀଚରଣ ଦାସ — ପୁରୀ ”
୫ ଭଗବାନ ମହାପାତ୍ର — ” ”
୬ ଗୌରଭୂଷଣ ଚଟ୍ଟୋପାଧ୍ୟାୟ — କେନ୍ଦ୍ରାପଡ଼ା ହାଃ ସ୍କୁଂ
୭ ଗୋପାଳଚରଣ ପଟ୍ଟନାୟକ — ଖୋର୍ଦ୍ଧା ହାଃ ସ୍କୁଂ

୨ ୟ ଶ୍ରେଣୀ ।

୮ ଅମରେନ୍ଦ୍ର ଅଲ୍ଲୀ — ରେଃ କଃ କଟକ
୯ ଜ୍ଞାନେନ୍ଦ୍ରନାଥ ବସୁ — ” ”
୧୦ ନରସିଂହଚରଣ ଦାସ — ” ”
୧୧ ସୁରେନ୍ଦ୍ରନାଥ ଘୋଷ — ” ”
୧୨ ଘନଶ୍ୟାମ ମହାନ୍ତି — ” ”
୧୩ ଜଗନ୍ନାଥ ମହାନ୍ତି — ” ”
୧୪ କେଦାରନାଥ ମହାନ୍ତି — ” ”
୧୫ ଦୀନବନ୍ଧୁ ମିଶ୍ର — ” ”
୧୬ ନରେନ୍ଦ୍ରନାଥ ମିତ୍ର — ” ”
୧୭ ବୃନ୍ଦାବନ ପଣ୍ଡା — ” ”
୧୮ ସନାତନ ପୃଷ୍ଟି — ” ”
୧୯ ଶରତ୍‌ଚନ୍ଦ୍ର ସିଂହ — ” ”
୨୦ ମଧୁସୂଦନ ଦାସ — ବାଲେଶ୍ୱର ଜିଲ୍ଲାସ୍କୁଲ
୨୧ ହରବଲ୍ଲଭ ଦତ୍ତ — ” ”
୨୨ ରାଧାବଲ୍ଲଭ ମହାପାତ୍ର — ” ”
୨୩ ସୁରେନ୍ଦ୍ରମୋହନ ମିତ୍ର — ” ”
୨୪ ସେକ ଅସିରୁଦ୍ଦିନ — ” ”
୨୫ କୃଷ୍ଣଚନ୍ଦ୍ର ମିଶ୍ର — ପୁରୀ ”
୨୬ ଗଗନଚନ୍ଦ୍ର ଦାସ — ପ୍ୟାରୀଃ ଏକାଡମି କଟକ
୨୭ ସୁରେନ୍ଦ୍ରନାରାୟଣ ଦତ୍ତ — ” ”
୨୮ ଯଦୁମଣି ନନ୍ଦ — ” ”
୨୯ ନାରାୟଣ ଷଡ଼ଙ୍ଗୀ — ” ”
୩୦ ଯାଦବେନ୍ଦ୍ର ମିଶ୍ର — କଟକ ମିଶନ ସ୍କୁଲ
୩୧ ସୁରେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ — ଲକ୍ଷ୍ମଣନାଥ ସ୍କୁଲ
୩୨ ସତ୍ୟେନ୍ଦ୍ରନାରାୟଣ ରାୟ — ” ”
୩୩ କୁଞ୍ଜବିହାରୀ ଦାସ — ମୟୂରଭଞ୍ଜ ”
୩୪ ଶ୍ରୀଚନ୍ଦନଭଞ୍ଜ ଦେଓ — ” ”
୩୫ କୃଷ୍ଣପ୍ରସାଦ ଦଣ୍ଡପାଟ — ” ”
୩୬ ଗୋପାଳଚନ୍ଦ୍ର ଦେ — ଭଦ୍ରଖ ”
୩୭ ବ୍ରଜକୁମାର ସିଂହ — ” ”
୩୮ ପୁରୁଷୋତ୍ତମ ହରିଚନ୍ଦନ — ଖୋର୍ଦ୍ଧା ”
୩୯ ଗୋପୀନାଥ ତ୍ରିପାଠୀ — ” ”
୪୦ ଗୋଲାମ ରସୁଲ — କେନ୍ଦ୍ରାପଡ଼ା ”

୩ ୟ ଶ୍ରେଣୀ ।

୪୧ ଜଗମୋହନ ଚକ୍ରବର୍ତ୍ତୀ — ରେଃ କଃ କଟକ
୪୨ ସତ୍ୟେନ୍ଦ୍ରକୁମାର ଚୌଧୁରୀ — ” ”
୪୩ ଶରତ୍‌ଚନ୍ଦ୍ର ଘୋଷ — ” ”
୪୪ ବ୍ରଜମୋହନ କାନୁନଗୋ — ” ”
୪୫ ଅବନୀଶଚନ୍ଦ୍ର ମିତ୍ର — ” ”
୪୬ କରୁଣାକୁମାର ବନ୍ଦ୍ୟୋପାଧ୍ୟାୟ — ବାଲେଶ୍ୱର
୪୭ ବୀରେନ୍ଦ୍ରକୁମାର ବସୁ — ”
୪୮ ପୂର୍ଣ୍ଣଚନ୍ଦ୍ର ଦାସ — ”
୪୯ ଗଙ୍ଗାଧର ଭୂୟାଁ — ପ୍ୟାରୀଃ ଏକାଃ କଟକ
୫୦ ନାରାୟଣଚନ୍ଦ୍ର ପଟ୍ଟନାୟକ — ” ”
୫୧ ଅନନ୍ତ ବାଳକୃଷ୍ଣନନ୍ଦ ସ୍ୱାର କଟକ ଟାଃ ଉଃ
୫୨ ଅମୂଲ୍ୟଚନ୍ଦ୍ର ବସୁ — ” ”
୫୩ ହୃଷୀକେଶ ବସୁ — ” ”
୫୪ ଉମାଚରଣ ଚୌଧୁରୀ — ” ”
୫୫ ଗୋଲାମ ବାତୁଲ — ” ”

Digitized by srujanika@gmail.com

| | | |
|---|---|---|
| ୬୬ ବିଦ୍ୟାଧର ମହାନ୍ତି | କଟକ | ମିଶନ |
| ୬୭ ଚନ୍ଦ୍ରକାନ୍ତ ମହାନ୍ତି | ” | ” |
| ୬୮ ବୈରାଗୀଚରଣ ଦାସ | କେନ୍ଦ୍ରାପଡ଼ା | |
| ୬୯ ହରେକୃଷ୍ଣ ଗିରି | ” | |
| ୭୦ ଦୁର୍ଗାଚରଣ ଦାସ | ଯାଜପୁର | |
| ୭୧ ସୁଦାମଚରଣ ମହାନ୍ତି | ଢେଙ୍କାନାଳ | |
| ୭୨ ସଦାନନ୍ଦ ଜଗଦେବ | ଖୋର୍ଦ୍ଧା | |

ବାହାରଛାତ୍ର ।

| | |
|---|---|
| ୧ ଇନ୍ଦ୍ରାଣୀଗୁରୁମାଲିକାର୍ଜ୍ଜୁନ ରାଓ | ୨ୟ ଶ୍ରେଣୀ |
| ୨ ମହମ୍ମଦ ଏନାଉଲ୍ଲା | ୩ୟ ” |
| ୩ ନାଗୁଲା ସନ୍ନ୍ୟାସୀ ରାଓ | ” |

ସମ୍ବଲପୁର ସ୍କୁଲରୁ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

| | |
|---|---|
| ୧ ଶୋମନାଥପ୍ରସାଦ ଅଗ୍ନିହୋତ୍ରୀ | ୧ମ ଶ୍ରେଣୀ |
| ୨ ପ୍ରଫୁଲ୍ଲକୁମାର ଦାସ | ୨ୟ ଶ୍ରେଣୀ |
| ୩ ଲକ୍ଷ୍ମଣ ପଣ୍ଡାଙ୍ଗୀ | ” |
| ୪ ହାରାଧନ ପୂଜାରୀ | ” |
| ୫ ପୁରୁଷୋତ୍ତମ ନାୟକ | ” |
| ୬ ଖାଦେମ ଅଲି | ” |
| ୭ ଯମୁନା ପ୍ରସାଦ ଅଗ୍ନିହୋତ୍ରୀ | ୩ୟ ଶ୍ରେଣୀ |

---

ପ୍ରାପ୍ତ

ଉତ୍କଳର ଦୁରବସ୍ଥା

( ୩ )

ଏ ବିଷୟର ୨ୟ ପ୍ରବନ୍ଧ ଶେଷରେ ଲେଖିଅଛୁଁ କି ଓଡ଼ିଆଙ୍କର ପୂର୍ବ ଓ ବର୍ତ୍ତମାନ ଅବସ୍ଥା ତୁଳନା କଲେ ସେମାନଙ୍କ ଦୁରବସ୍ଥା ପୂର୍ବାପେକ୍ଷା ଅଧିକ ଅଟେ କି ନା ସ୍ପଷ୍ଟ ପ୍ରକାଶ ପାଇବ । ଏଥିରୁ ପ୍ରାଚୀନ ସମୟର ତୁଳନା ଯୁକ୍ତିସଙ୍ଗତ ନ ହେଲେହେଁ ସେତେବେଳେ ଉତ୍କଳର ଗୌରବ କିପରି ଥିଲା ତାହାର କିଞ୍ଚିତ୍ ଉଲ୍ଲେଖ କରୁଅଛୁଁ କାରଣ ତାହା ସମସ୍ତଙ୍କୁ ବିଦିତ ନ ଥିବ । ପ୍ରାଚୀନ କାଳରେ ଉତ୍କଳ ସ୍ୱାଧୀନ ଥାଇ ଅନ୍ୟ କେତେକ ପ୍ରଦେଶମାନ ଆପଣା ଅଧୀନରେ ଅର୍ଥାତ୍ ଦକ୍ଷିଣେ କର୍ଣ୍ଣାଟ ଦେଶଠାରୁ ଉତ୍ତରରେ ବଙ୍ଗଦେଶ ତ୍ରିବେଣୀ ଜଗନ୍ନାଥ ଘାଟ ପର୍ଯ୍ୟନ୍ତ ରାଜତ୍ୱ ବିସ୍ତାର କରିଥିଲା ଓ ଉତ୍କଳର ରାଜା "ଲକ୍ଷେ ରାଜାରେ ମଉଡ଼ମଣି" ବୋଲାଉଥିଲେ। ଏ ଅବଧିରୁ ଲୌକିକ ପ୍ରବାଦ ବୋଲି ମଣିଲେ ତାଙ୍କର ଲିଖିତ ଉପାଧି "ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳବର୍ଗେଶ୍ୱର ବୀରାଧି ବୀରବର ପ୍ରତାପ" ବୋଲି ଥିଲା କି ଯାହା ଉତ୍କଳ ପଞ୍ଜିକାରେ ଏପର୍ଯ୍ୟନ୍ତ ବ୍ୟବହାର ହେଉଅଛି । ଏହା ସାମାନ୍ୟ ଗୌରବର ପଦ ନୁହେ । ସେ ସମୟର ବିଶେଷ ଗୌରବର ପରିଚୟ ଶ୍ରୀକ୍ଷେତ୍ର ଓ ଭୁବନେଶ୍ୱରସ୍ଥ ବୃହତ୍ ଓ ମନୋରମ୍ୟ ମନ୍ଦିର ଓ ପୁଷ୍କରିଣୀମାନଙ୍କରୁ ମଧ୍ୟ କୋଣାର୍କର ଭଗ୍ନ ମନ୍ଦିର ଓ ଖଣ୍ଡଗିରି ଇତ୍ୟାଦିରୁ ଯଥେଷ୍ଟ ମିଳୁଅଛି । ଶେଷୋକ୍ତ ଭଗ୍ନ ମନ୍ଦିରର ଉଚ୍ଚ ଭାଗରେ କାରୁକାର୍ଯ୍ୟରେ ଅଲଙ୍କୃତ ବୃହତ୍ ପଥରମାନ ଯେ ବସିଅଛି ସେ ପଥରମାନ ଅନୁମତେ ଅନ୍ୟ ସ୍ଥାନରୁ ନେବା କାରଣ ବର୍ତ୍ତମାନର ବିଚକ୍ଷଣ ଇଂରେଜ ଶିଳ୍ପକରଙ୍କର ବୁଦ୍ଧି ଖଟୁ ନାହିଁ। କୋଣାର୍କ ନିକଟରେ ପର୍ବତ ନ ଥିବାରୁ ସେ ପଥରମାନ ଦୂରସ୍ଥାନରୁ ଆସିଅଛି ତେବେ କିପରି ହୁଏ ସେ ସବୁ ଆସି କିପରି ୧୦୦ ହାତରେ ବସିଲା ଏହା ମଧ୍ୟ ନିର୍ଣ୍ଣୟ ହୋଇପାରୁ ନାହିଁ। ଏପରି ସ୍ଥଳେ କେହି୨ ବିଦେଶୀ ଯେ ଓଡ଼ିଆମାନଙ୍କୁ "ଉଡ଼େ ମେଣ୍ଢା" ବୋଲି କହୁଥିଲେ ମଧ୍ୟ ରଙ୍ଗଲାଲ ବାବୁଙ୍କ ରଚିତ କାଞ୍ଚୀକାବେରୀ ନାମକ ସୁରଞ୍ଜିତ ବଙ୍ଗଳା ପଦ୍ୟ ପୁସ୍ତକରେ ଉକ୍ତ ଶବ୍ଦର ଯେ ବ୍ୟବହାର ହୋଇଅଛି ତାହା କେତେଦୂର ଯଥାର୍ଥ ପାଠକମାନେ ବିଚାର କରିବେ । ସେ ଯାହାହେଉ ସେତେବେଳେ ଉତ୍କଳ ସ୍ୱାଧୀନ ଥିଲା ବର୍ତ୍ତମାନର ଅବସ୍ଥା ସଙ୍ଗେ ସେ ସମୟର ଅବସ୍ଥା ତୁଳନା ଉଚିତ ନୁହେ । ଉତ୍କଳ ମୋଗଲଙ୍କ ଅଧୀନ ହେଲା ଉତ୍ତାରେ ଦୁଇଶତ ବର୍ଷପୂର୍ବେ ତିନଶତ ବର୍ଷ ମଧ୍ୟରେ ଏବଂ ଇଂରେଜଙ୍କ ପ୍ରଥମ ରାଜତ୍ୱ କାଳରେ ଓଡ଼ିଆଙ୍କ ଅବସ୍ଥା କିପରି ଥିଲା ଓ ବର୍ତ୍ତମାନ କିପରି ହୋଇଅଛି ତୁଳନା କରିବା ଉଚିତ ଓ ଆବଶ୍ୟକ ।

ଉପର ଲିଖିତ ପୁରୁଷୋତ୍ତମ ଓ ଭୁବନେଶ୍ୱରସ୍ଥ ରାଜକୀର୍ତ୍ତିମାନ ବ୍ୟତୀତ ଉତ୍କଳରେ ଯେ ଅସଂଖ୍ୟ ଛୋଟ ବଡ଼ ଦେବମନ୍ଦିର, ସଦାବର୍ତ୍ତ, ପୁଷ୍କରିଣୀମାନ ଏବଂ କେତେକ ଧର୍ମଶାଳା ବିଦ୍ୟମାନ ଅଛି ସେସବୁ ଓଡ଼ିଆ ଜମିଦାର ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କର କୀର୍ତ୍ତି ଅଟଇ । ଅନେକ ସ୍ଥଳେ ଶତ୨ ସହସ୍ର୨ ଟଙ୍କା ଉତ୍ପନ୍ନର ଜମିମାନ ଦେବସେବା ଓ ସଦାବର୍ତ୍ତ ଚଳିବା ସକାଶେ ଲାଗି ହୋଇଅଛି । ଶତଟଙ୍କା ନ୍ୟୂନର ଦେବ ଦେବୀ ସେବାମାନ ଅସଂଖ୍ୟ କହିଲେ ଚଳେ । ପୁଣି ବ୍ରହ୍ମୋତ୍ତର, ଅମୃତମନୋହି ଓ ମାଫିଖରିଦା ଜମିର ସୀମା ନାହିଁ । ଏସବୁ ଲୋକଙ୍କର ଦାନ ଅଟେ । ସନ ୧୮୩୭ ସାଲର ଓଡ଼ିଶା ବନୋବସ୍ତରେ ଏସବୁ ଜମିର ତଦନ୍ତ ହୋଇ ଅଧିକାଂଶ ବାହାଲ ଓ ଅବଶିଷ୍ଟ ବାଜେୟାପ୍ତ ହେଲା ଏହି ତଦନ୍ତ ସମୟେ ଦାଖଲ ହୋଇଥିବା ସନନ୍ଦମାନଙ୍କରୁ ପ୍ରକାଶ ଯେ ଏସବୁ ଦାନର ଅଧିକାଂଶ ନ ୨୦୦ ବର୍ଷ ପୂର୍ବେ ଓ ନ ୩୦୦ ବର୍ଷ ମଧ୍ୟରେ ଓଡ଼ିଆଙ୍କଦ୍ୱାରା ହୋଇଥିଲା ଓ ଅଧିକାଂଶ ଦାନପତ୍ର ବା ସନନ୍ଦମାନ ଫାରସୀରେ ଲିଖିତ ହୋଇଥିବାରୁ ମୋଗଲ ରାଜତ୍ୱ ସମୟେ ସେ ଦାନମାନ ହୋଇଥିବାର ପ୍ରକାଶ । କାରଣ ତହିଁ ପୂର୍ବେ ଫାରସୀର ବ୍ୟବହାର ଉତ୍କଳରେ ନ ଥିଲା ଓଡ଼ିଶାରେ ବୃହତ୍ ଓ ଗଭୀର ପୁଷ୍କରିଣୀର ସଂଖ୍ୟା ଊଣା ନୁହେ । ବାଲେଶ୍ୱରଠାରୁ ପୁରୀ ପର୍ଯ୍ୟନ୍ତ ସଡ଼କର ପାର୍ଶ୍ୱରେ ଏପରି ସରୋବର ସ୍ଥାନେ୨ ଅନେକ ଅଛି । ଏକଲା ସୁଙ୍ଗଡ଼ା ପ୍ରଗନା ଚକ ପୁରରେ ଦୁର୍ଗାଦେଇଙ୍କ ପୁଷ୍କରିଣୀର ଅଯୁତନ ମା.୧୯ ଣ ଅଟେ । ଅନେକ ବୃହତ୍ ସରୋବରମାନ ପୋତିହୋଇ ଓ ଅନେକ ଦେବ ମନ୍ଦିରମାନ ଭଗ୍ନ ହୋଇଆସୁଅଛି । ଏସବୁର ଅବସ୍ଥା ଓ ଦାନ ପତ୍ରର ତାରିଖ ଓ ଫାରସି ଲେଖାରୁ ଦୁଇଶତ ବର୍ଷ ପୂର୍ବେ ମୋଗଲ ରାଜତ୍ୱ ସମୟେ ଅଧିକାଂଶ ହୋଇଥିବାର ପ୍ରକାଶ ।

ଉପର୍ଯ୍ୟୁକ୍ତ କୀର୍ତ୍ତିମାନଙ୍କରୁ ଏବଂ ବାର୍ଷିକ ସହସ୍ର ୨ ଟଙ୍କା ଉତ୍ପନ୍ନର ଭୂମିଦାନ ଅନେକ ସ୍ଥଳେ ହୋଇଥିବାରୁ ସେ ସମୟର ଓଡ଼ିଆମାନେ ଯେ କେବଳ ସ୍ୱଚ୍ଛନ୍ଦ ଅବସ୍ଥାରେ ଥିଲେ ଏମନ୍ତ ନୁହେ ଧର୍ମଶୀଳ ଓ ଦାନଶୀଳ ଥିଲେ । ସେ ସମୟରେ ଯେପରି ଧର୍ମବିଶ୍ୱାସ ଥିଲା ସେପରି ଧର୍ମାର୍ଥକାର୍ଯ୍ୟମାନ ଓଡ଼ିଆମାନେ ମୁକ୍ତହସ୍ତରେ କରୁଥିଲେ । ଏ ବିଷୟରେ ମଧ୍ୟ ସେମାନେ ଶ୍ରେଷ୍ଠତର ଥିଲେ। ଆଧୁନିକ ଓଡ଼ିଆମାନେ ସେପରି ନୂତନ କୀର୍ତ୍ତିମାନ କରିବାର ଦୂରେ ଥାଉ ପୁରାତନ କୀର୍ତ୍ତିମାନ ଯେ ଲୋପ ଅବା ବେମରାମତ ହୋଇଆସୁଅଛି ସେ ସବୁ ରକ୍ଷା ଓ ମରାମତ କରିବାକୁ ଅକ୍ଷମ ହୋଇଅଛନ୍ତି । ବର୍ତ୍ତମାନ ଉତ୍କଳର ପ୍ରଧାନ ଗୌରବ କେବଳ ଶ୍ରୀମନ୍ଦିର ଅଟେ । ନିକଟରେ ତହିଁର ମରାମତି ଯେ ଆନୁମାନିକ ଦେଢ଼ ଲକ୍ଷ ଟଙ୍କାରେ ହେଲା ତାହା ଓଡ଼ିଆମାନେ ଯୋଗାଇ ନ ପାରିବାରୁ ସମୁଦାୟ ଭାରତବର୍ଷରେ ଭିକ୍ଷା କରିବାକୁ ପଡିଲା । ଭୁବନେଶ୍ୱରର ଏମନ୍ତ ସୁନ୍ଦର ମନ୍ଦିରମାନର ମରାମତ ଶ୍ରୀଷ୍ଟଧର୍ମୀ ସରକାରଙ୍କ ଦ୍ୱାରା କରୁ ହେଉଅଛି ଓଡ଼ିଆମାନଙ୍କଦ୍ୱାରା ତାହା ଅଟେହିଁ ହୋଇପାରୁ ନାହିଁ । କିପରି ବା ହେବ ! ଆଉ ଓଡ଼ିଆଙ୍କ ମଧ୍ୟରେ ସେପରି ଧନୀ ଓ ଦାନୀ ନାହାନ୍ତି ଯେ ପୁରାତନ କୀର୍ତ୍ତିମାନ ରକ୍ଷା କରିପାରିବେ । ଅତଏବ ସ୍ପଷ୍ଟ ଦେଖାଯାଏ ଯେ ଉତ୍କଳର ପତନ ଓ ମୋଗଲଙ୍କର ଅଧିକୃତ ହେଲା ଉତ୍ତାରେ ମଧ୍ୟ ସେ ସମୟେ ଓଡ଼ିଆଙ୍କ ଆର୍ଥିକ ଅବସ୍ଥା ଅନେକ ଭଲଥିଲା । ବର୍ତ୍ତମାନର

Split by PDF Splitter



ଦୁରବସ୍ଥା ସେ ଯଥେଷ୍ଟ ପ୍ରତି ଅଧିକ ଅଟଇ । ଏ ପ୍ରବନ୍ଧ ଦୀର୍ଘ ହେବା ଭୟରେ ଏଠାରେ ଲେଖନୀ ସ୍ଥଗିତ କଲୁଁ, ଅବଶିଷ୍ଟ କ୍ରମେ ୨ ପ୍ରକାଶ କରିବୁଁ ।

---

# ସାପ୍ତାହିକ ସଂବାଦ

## କଲିକତା-ଗେଜେଟ ।

ଖୁର୍ଦ୍ଧାରେ ଥିବା ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ମି: ଡି, ଅର, ଗଡଫ୍ରେ କଟକ ଟ୍ରେଜର ସଦର ମହକୁମାରେ ଅବସ୍ଥାପିତ ହେଲେ ଖୁର୍ଦ୍ଧାରେ ଥିବା ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ବାବୁ ରସବିହାରୀ ନାୟକ ବାଲେଶ୍ୱର ସଦର ମହକୁମାରେ ଅବସ୍ଥାପିତ ହେଲେ ଓ ୧ମ ଶ୍ରେଣୀର ମାଜିଷ୍ଟ୍ରେଟ ଓ ସବ୍‌ସବ୍ କଲ୍ଲରର କ୍ଷମତା ପ୍ରାପ୍ତ ହେଲେ ।

ବାଲେଶ୍ୱରର ଡେ: ମାଜିଷ୍ଟ୍ରେଟ ଓ ଡେ: କଲେକ୍ଟର ମୌଲବି ସୟଦ ଅବଦୁଲ ମାଲେକ ଦରଭଙ୍ଗା ଜିଲ୍ଲାର ସଦର ମହକୁମାରେ ଅବସ୍ଥାପିତ ହେଲେ ।

କଟକର ଆ: ମାଜିଷ୍ଟ୍ରେଟ ମି: ଏଚ ପେରଟ ୧୮୯୮ ସାଲର ଅ ୪ ଆକ୍ଟର ୩୧ ୨୨ ଧାରାରେ ଜଷ୍ଟିସ ଅବ ଦି ପିସ ପଦରେ ନିଯୁକ୍ତ ହେଲେ ।

ମି: ଜି, ଓ, ବ, ମୁର କେନ୍ଦ୍ରାପଡ଼ା ସ୍ୱାଧୀନ ବେଞ୍ଚର ଅବୈତନିକ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହେଲେ ଓ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

କଟକ ମିଉନିସିପାଲିଟୀର କମିଶନର ପଦରେ ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ସରକାର ତରଫରୁ ନିଯୁକ୍ତ ହୋଇଅଛନ୍ତି

କଟକର ସିଭିଲସର୍ଜନ

ଲେଫ୍‌ଟେନାଣ୍ଟ କର୍ଣ୍ଣେଲ ଜୋସବ, ମି: ଜ, ଏଡ, ହୁଇଟ୍ଟି

ଡେ: ଇ ହାଭେଲସ, ବାବୁ ଜନାର୍ଦ୍ଦନ ମିଶ୍ର

କଟକଜିଲ୍ଲାର ଲୋକେଲବୋର୍ଡ ସମୂହର ମେମ୍ବର ପଦରେ ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ।

## ସଦର ସ୍ଥାନୀୟ ବୋର୍ଡ ।

କଟକର ସିଭିଲସର୍ଜନ

ବ୍ରାହ୍ମଣୀ ବୈତରଣୀ କେନାଲର ଏକଜ୍ୟୁକ୍‌ଟିଭ ଇଞ୍ଜିନିୟର

ସ୍କୁଲ ସମୂହର ଡେପୁଟୀ ଇନ୍‌ସପେକ୍ଟର

ଜଗତ୍‌ସିଂହପୁରର ଆସିଷ୍ଟାଣ୍ଟ ସର୍ଜନ

ବାବୁ ଗୋକୁଳାନନ୍ଦ ଚୌଧୁରୀ, ବାବୁ ମାଧବାନନ୍ଦ ଦାସ

„ ବନବିହାରୀ ପାଇକ, „ ହେମେନ୍ଦ୍ରନାଥ ଦାସ

„ ଜଗମୋହନ ଲାଲ, „ ମୁରାରି ମିଶ୍ର

„ ଲକ୍ଷ୍ମୀଶଚନ୍ଦ୍ର ବସୁ ଚୌଧୁରୀ „ ଉପେନ୍ଦ୍ର ଲାଲ ଗୋସ୍ୱାମୀ

„ ଶ୍ୟାମସୁନ୍ଦର ଘୋଷ, ସୟଦ ମହମ୍ମଦ ମୁସ୍ତଫା ମୌଲବି ଲତିଫଦିନ ମହମ୍ମଦ

## ଯାଜପୁର ସ୍ଥାନୀୟ ବୋର୍ଡ ।

ବାବୁ ନବକିଶୋର ଦାସ, ବାବୁ ଜଗଦ୍ବନ୍ଧୁ ବସୁ

„ ବାଳମୁକୁନ୍ଦ ଦାସ, „ ଦୟାନିଧି ପଣ୍ଡା

„ ବାଞ୍ଛାନିଧି ସାମଲ, „ ଅବନୀଚରଣ ଦାସ

„ ମଧୁସୂଦନ ପଣ୍ଡା, ମୌଲବି ମହମ୍ମଦ ମଜହର

„ ଚିଦାନନ୍ଦ ଘୋଷ, ବାବୁ କୃଷ୍ଣଚନ୍ଦ୍ର ଦତ୍ତ

„ କାଳିପ୍ରସନ୍ନ ଚକ୍ରବର୍ତ୍ତୀ, „ ନାରାୟଣଚନ୍ଦ୍ର ଶ୍ରୀଚନ୍ଦନ

## କେନ୍ଦ୍ରାପଡ଼ା ସ୍ଥାନୀୟ ବୋର୍ଡ ।

ବାଇକନାସ୍ତୁର ରାଜା ନ ୪ ମାନ ଶ୍ରୀବତ୍ସଭୂଷଣ ଭଞ୍ଜ, ଜୟଗୋପାଳ କର୍ଣ୍ଣଗୁରୁ

ମୁନ୍‌ସି ସୟଦ ନଜରୁଲ ଅଲ, ବାବୁ ଯୋଗେନ୍ଦ୍ରନାଥ ମହାନ୍ତି

ବାବୁ ଯାମିନୀମୋହନ ଦାସ, „ ବଂଶୀଧର ଦାସ

„ ଶ୍ୟାମସୁନ୍ଦର ଦାସ, ମି: ଜି, ଓ, ବ, ମୁର

ମି: ସି, ଡବ୍ଲ୍ୟୁ, ଜୋହନ, ବାବୁ ଗୋପାଳଚରଣ ମହାନ୍ତି

ବାବୁ ଅମ୍ବିକାଚରଣ ଘୋଷ, „ ପଦ୍ମଚରଣ ବାଜପେୟୀ ଚୌଧୁରୀ ମଦନମୋହନ ଦାସ

ପୁରୀ ମିଉନିସିପାଲିଟୀର କମିସନରମାନଙ୍କର ସାଧାରଣ ନିର୍ବାଚନ ଆସନ୍ତା ଜୁନମାସ ତା ୨୭ ରିଖ ଦିନ ହେବାର ଧାର୍ଯ୍ୟ ହୋଇଅଛି ।

---

ଗତ ସପ୍ତାହରେ ଓଲଉଠା ରୋଗ ଗ୍ରାମାଂଚଳରେ ଏ ନଗରରେ ଦେଖା ଦେଉଥିଲା । ଏ ସପ୍ତାହରେ ନିବୃତ୍ତି ହେବାର ଜଣାଯାଏ ।

ଗତ ବୁଧବାର ଦିନ ଓ ରାତ୍ରରେ ଏକ ୨ ଅଶା ବୃଷ୍ଟି ହେବାରୁ ଗ୍ରୀଷ୍ମର ତାପ କିଛି କମି ପଡ଼ିଅଛି । ଏଥିରେ ବୃକ୍ଷାଦିର ଜୀବନରକ୍ଷା ଓ କୃଷକ ସୁବିଧା ହୋଇଅଛି ।

ପାଚିଲାଅଂବ ପ୍ରାୟ ଶେଷ ହେଲା । ଅନ୍ୟ ୨ ଫଳାଦି ଯାହା ଅଛି ତାହା ଦୁର୍ମୂଲ୍ୟ ହୋଇଅଛି । ବର୍ତ୍ତମାନ ପଣସ ଅନେକ ଦେଉଅଛି ।

ବାଲେଶ୍ୱରର ରାଜା ବୈକୁଣ୍ଠନାଥ ବାହାଦୂରଙ୍କ ନାମରେ ଯେଉଁ ମୋକଦ୍ଦମା ଏଠା ସବ୍‌ଜଜ ଅଦାଲତରେ ରୁଜୁ ଥିଲା ତାହା ରାଜାଙ୍କ ପକ୍ଷରେ ଡିକ୍ରି ହୋଇଅଛି ।

ଏ ନଗର ଲଳିତପତ୍ରନ ସଭାପତିଙ୍କରେ ଅବସ୍ଥିତ ହୋଇଥିବା କଣ୍ଟକ ଲୋକଙ୍କର ସାହାଯ୍ୟାର୍ଥେ ରାଜା ବୈକୁଣ୍ଠନାଥ ଦେ ବାହାଦୂର ଏଠା ମିଉନିସିପାଲିଟି ହସ୍ତରେ ଦୁଇଶତ ଟଙ୍କା ପ୍ରଦାନ କରିବାରୁ ମିଉନିସିପାଲିଟିର ଦେଶୀୟ କମିଶନର ତାହାଙ୍କର ଅନୁଗ୍ରହ ମତେ ବାର୍ଷିକୋତ୍ସବର ଗୁଣି ଅନୁଭବ କଲେ ।

ପୁରୀ ମହାରାଜାଙ୍କ ମୋକଦ୍ଦମାରେ ମଠେଇ ଓ ମଠାସ ଉଭୟ ପକ୍ଷରୁ ଜବାବ ସଓ୍ୱାଲ ଶେଷ ହୋଇଅଛି । ଆଗାମୀ ସୋମବାର ହାକମ ରାୟ ଶୁଣାଇ ଦେବେ ବୋଲି କହୁଅଛନ୍ତି ।

ଗତ ବୁଧବାର ମଧ୍ୟାହ୍ନର ପ୍ରବଳବୃଷ୍ଟିବେଳେ କଟକରୁ ମାଇଲଏ ଦୂର ଚଣ୍ଡୀପୁର ଗ୍ରାମରେ ଗୋଟିଏ ତାଳଗଛ ଉପରେ ଠଢ଼କ ପଡ଼ିବାରୁ ଲୋକଙ୍କର ତାହାର ପ୍ରାଣନାଶ ହେଲା । ସେହିଦିନ ରାତ୍ର ବୃଷ୍ଟିବେଳେ ଆଉ ଜଣେ ଲୋକ ୨ଥିବା ୨ ଅର ଚଢ଼କ ପଡ଼ିବାର ଜଣା ଯାଇଥିଲା ମାତ୍ର କୌଣସି ଅନିଷ୍ଟର ସମ୍ବାଦ ଜଣାଗଲା ନାହିଁ ।

ଚଳିତମାସ ତା ୧୪ ରଖରେ ଦାର୍ଜିଲିଂଠାରେ ପବନ ଓ ବଜ୍ରବଜ୍ରି ସହିତରେ ଘୋର ବୃଷ୍ଟି ହୋଇଥିଲା । ବୈଦ୍ୟୁତିକ ତାରଘର ଯୋଗ ଯନ୍ତ୍ର କାର୍ଯ୍ୟ କରୁଥିବା ଜଣେ ସେବକ ଉପରେ ବଜ୍ରପାତ ପଡ଼ିଲା ମାତ୍ର ସେମାନଙ୍କ ଲୁଗା ପୋଡ଼ିଗଲା ବ୍ୟତୀତ ଅନ୍ୟ କିଛି କ୍ଷତି ହୋଇ ନାହିଁ । ଏମନ୍ତ ଝଡ଼ବତାସ ଏଠାରେ ଦେଖା ନାହିଁ ।

ଅନ୍ୟଦିନ ହେଉଁ ଲକ୍ଷ୍ମୀ ସହରର ଏକ ଅଞ୍ଚଳରେ ଅଗ୍ନି ଲାଗି କେତେଗୁଡ଼ିଏ ଘର ପୋଡ଼ିଗଲା । ଉଭୟରେ ଜଣେ ଲୋକ ପୋଡ଼ି ମରିବାର ପ୍ରକାଶ । ଏବର୍ଷ ଗ୍ରୀଷ୍ମହେତୁ ଅଗ୍ନି ର ଭୟ ।

ମେଦିନୀପୁର ନଗର କଅଁଲି ଗ୍ରାମର ନାରାୟଣଚନ୍ଦ୍ର ସାହି ନାମକ ଏକବ୍ୟକ୍ତି ବ ୧୧୨ ବର୍ଷର ମରିବାର ସମ୍ବାଦ ପାଠକଙ୍କୁ ଦେଲେ ବୟସରେ ସେ ଅନେକଗୁଡ଼ା ପର୍ଯ୍ୟନ୍ତ ଶୁଣ ଯାଉ ପାରୁଥିଲା ।

ଗତପୂର୍ବ ଗୁରୁବାରର ବୃଷ୍ଟିରେ ଦାର୍ଜିଲିଂ ରେଲବାଇ ପାଗଲଝୋରାଠାରେ ୩୦ ଟ ସ୍ଥଳରେ ପାହାଡ଼ ଧ୍ୱଂସି ଯାଇଥିଲା ଏବଂ ସେହି ହେତୁ ରେଲବାଇ ଅଟକି ଯାଇଥିଲା ।

ଡାକ୍ତରଙ୍କ ଦର୍ଶନ ସଙ୍ଗୀତବିଦ୍ୟାବିତ୍ ଶ୍ରୀ ଜଗନ୍ନାଥ ଭଲବତ ସ୍ୱାମୀ ଗୋଟିଏ ନୂତନ ବାଦ୍ୟ ଯନ୍ତ୍ର ଉଦ୍ଭାବନ କରିଅଛନ୍ତି । ଏ ଯନ୍ତ୍ର ବୀଣା ଏବଂ ବେହେଲାର ମିଶ୍ରଣରେ ହୋଇଅଛି । ଏଥିରେ ସର୍ବପ୍ରକାର ଗୀତ ଏବଂ ରାଗରାଗିଣୀର ଆଳାପ ଉତ୍ତମରୂପେ ବଜାଇ ହୁଏ ।

ସମ୍ବଲପୁର ହୁଟେଚିଙ୍ଗୀରେ ଶ୍ରୀ:ଙ୍କର ଅନ୍ତତ ପାଠକଙ୍କୁ ବିଦିତ ଜଣାଇ ରାଜାଙ୍କର ରଜବାଟୀ ପୋଡ଼ିଯାଇଅଛି ଏବଂ ଅନେକ ବହୁମୂଲ୍ୟ ଦ୍ରବ୍ୟାଦି ଧ୍ୱଂସ ହୋଇଅଛି ଏ ବର୍ଷ ଅଗ୍ନି ଉତ୍ପାତ ଚତୁର୍ଦିଗରେ ସର୍ବଦାର ଶୁଣାଯାଏ ।

ଗତ ତା ୨୩ ରଖର 'ସଞ୍ଜାତ ବାସିନୀ'ରେ ମଯ଼ୂରଭଞ୍ଜ ରାଜାଙ୍କର ଭୁବୋଲ ଗ୍ରଜନେମାଙ୍କ ସହିତ ଶୁଭ ବିବାହର ବିବରଣ ପ୍ରକାଶିତ ହୋଇଅଛି । ଶୁଭ କାର୍ଯ୍ୟ ସଂଯୋଜିତ ସମାରୋହରେ ସମ୍ପନ୍ନ ହେଲା ମାତ୍ର ବର କନ୍ୟାରେ ତାଙ୍କରୁ କସ୍ତୁରୀ ରୋଗ ଅଗ୍ନି ଭୁବୋଲଠାରେ ଉପସ୍ଥିତ ନିଜେ ସେବକଙ୍କ ପ୍ରାଣ ନଷ୍ଟ କଲା ।

କଟାକ୍ଷ ଉପଲକ୍ଷରେ ଏ ନଗରର କେତେଲୋକ କୁର୍ଭୋଲ ଯାଇଥିଲେ । ସେଠାରେ ସେଠାର ପ୍ରକୋପ ଦେଖି ସ୍ୱିପ୍ତ ପଳାଇଥିଲେହେଁ ଅନ୍ତତ: ଏକଜଣ ତାଙ୍କରୁ ପୀଡ଼ିତ ହୋଇ ଏଠାରେ ପହୁଞ୍ଚି ମରିଗଲେ । ସେହି ନଗରରେ ଆଉ ଜ ୨୩ ଣ ପୀଡ଼ିତ ହୋଇଥିବା ଏବଂ ଜଣେ ମରିବାର କଥିତ ହୁଅଇ ।

'ମାଡ୍ରାଜଷ୍ଟାଣ୍ଡାର୍ଡ' ସମ୍ବାଦପତ୍ରର ସମ୍ପାଦକ ଶ୍ରୀଯୁକ୍ତ ଜି ପରମେଶ୍ୱରମ ପିଲ୍ଲେ ବାରିଷ୍ଟର ପରୀକ୍ଷାରେ ସଫଳ ହେବାର ସମ୍ବାଦ ପ୍ରକାଶ ହୋଇଅଛି । ସେ ଜଣେ ସ୍ୱଦେଶାନୁରାଗୀ ଏବଂ ଜାତୀୟ ମହାସମିତିର ପ୍ରଧାନ ସଭ୍ୟ ଥିଲେ ଏବଂ ମୁଦ୍ରାଯନ୍ତ୍ରର ସ୍ୱାଧୀନ ସମୟରେ ଦଳର ଅଗ୍ରଣୀ ହୋଇ ଗାଲ ଦୁର୍ଗୀତ କରିଥିଲେ ।

କ୍ଲୁଶର ଟିକସ ଲଗା ହୋଇଥିବା ସମ୍ବନ୍ଧରେ ଅସ୍ମମାନଙ୍କ ଶ୍ରେଷ୍ଠ ସେକ୍ରେଟେରୀ ମହୋଦୟ ବଜେଟରେ ବକ୍ତୃତାଦ୍ୱାରା ପ୍ରକାଶ କରିଅଛନ୍ତି ଯେ ଲୁଣର ଟିକସ ଲଗା ହେବା ହେତୁ ଲୋକେ ଯଦିଓ ଏତେ ଅଧିକ ବ୍ୟବହାର କରନ୍ତି ଯେ ତଦ୍ଦ୍ୱାରା କଷ୍ଟକାଳରେ ଅଳ୍ପ ଲଗା ହେବ ନାହିଁ । ଏହି ହେଲେ ଭାରତ ଗବର୍ଣ୍ଣମେଣ୍ଟ ସେ ଟିକସ ଅଳ୍ପ କମାଇବେ । ମାତ୍ର ଲୁଣଙ୍କ ବୃଦ୍ଧିବେଳେ କୌଣସି ସାମର୍ଥ୍ୟ ଥିବାର ତାହା ହେତେ ଜଣା ନ ଥିଲା ।

ଅନନ୍ତପୁର ହାଟପାଡାରେ ଚାଉଳଙ୍କରେ ପିଞ୍ଜରାପୋଳ ବନ୍ଦୋବସ୍ତ କରିବା କାରଣ ଗବର୍ଣ୍ଣମେଣ୍ଟ ୧୫୦ ଟଙ୍କା ମଞ୍ଜୁର କରିଅଛନ୍ତି ।

ବୁଧବାର ରାତ୍ରୀ ସନ୍ଧ୍ୟାରେ ଲୋକଙ୍କ ଉପରେ କେଉଁଠି ପ୍ରଖ୍ୟାତ ହୋଇଥିବା ଘଟଣା ଯାହା ସେହି ଦେଶରେ ଘଟି ଅଛି ଏବଂ ତାହାଙ୍କର ଜାମାଦା ଯେ ସବୁ କରିଅଛନ୍ତି ସଂସାରର ସମସ୍ତ ଅଜ୍ଞାନ ।

Digitized by srujanika@gmail.com

ଲାହୋରଠାରେ ନିଗଡ଼ସିଂହ ପ୍ରଭୃତି ଜ ୪ ଣ ଲୋକ ଅନେକଗୁଡ଼ିଏ ନୋଟ ଜାଲ କରିଥିବା ଅପରାଧରେ ଧରା ହୋଇ ବିଚାରାଧୀନରେ ଥିବାର ସମ୍ବାଦ ମିଳଇ । କେତେ ଖଣ୍ଡ ଜାଲ ନୋଟ ଚଳାଇବାକୁ ଯାଇ ଗୋଟିଏ ଦୋକାନୀଦ୍ୱାରା ଏମାନେ ଧୃତ ହୋଇଥିବାର କଥିତ ହୁଏ ।

ଅଯୋଧ୍ୟାଠାରେ ଜଣେ ଲୋକ ଆପଣା ସ୍ତ୍ରୀର ଚରିତ୍ର ପ୍ରତି ସନ୍ଦେହ କରି ନିଦ୍ରାଭିଭୂତ ସ୍ତ୍ରୀର ମୁଣ୍ଡରେ ଏମନ୍ତ ବଳରେ ପ୍ରହାର କଲା ଯେ ସ୍ତ୍ରୀଟି ସଙ୍ଗେ ସଙ୍ଗେ ମୃତ୍ୟୁମୁଖରେ ପତିତ ହେଲା । ଆସାମୀ ଧୃତ ହୋଇ ବର୍ତ୍ତମାନ ବିଚାରାଧୀନରେ ଅଛି ।

## ପୁରୀ-ସମ୍ବାଦ ।

ବାବୁ ନନ୍ଦକିଶୋର ଦାସ ଶ୍ରୀମନ୍ଦିରର ମେନେଜର ପଦରେ ନିଯୁକ୍ତ ହୋଇ ଗତ ୧୩ ରିଖରେ ଏଠାରେ ପହଞ୍ଚି କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ।

ଏ ବର୍ଷ ଚନ୍ଦନଯାତ୍ରାରେ ଠାକୁରମାନଙ୍କର ବିବାଅଣ୍ଡି ବାରେ ଅଯଥା ବିଳମ୍ବ ଓ ନାଚର ବନ୍ଦୋବସ୍ତ ନ ଥିବାରୁ ବାଙ୍ଗଲା ପର୍ଯ୍ୟନ୍ତ ଲୋକେ ଚନ୍ଦନଯାତ୍ରାର ସୁଖାନୁଭବ କରି ପାରି ନ ଥିଲେ କିନ୍ତୁ ମେନେଜର ମହୋଦୟ ପହଞ୍ଚିବା ଦିନଠାରୁ ଅବଶିଷ୍ଟ ଅର୍ଥାତ୍ ୧୮ ଦିନ ଅତି ସୁନ୍ଦରରୂପେ ଯାତ୍ରାକାର୍ଯ୍ୟ ସମ୍ପାଦିତ ହୋଇଥିଲା ।

ଏହି କେତେକଦିନ ଠାକୁରମାନେ ଦିବା ୩ ଟାରେ ବାହାରି ରାତ୍ରି ୧୨ ଟା ମଧ୍ୟରେ ଶ୍ରୀମନ୍ଦିରକୁ ଫେରିବାରୁ ଲୋକେ ଚନ୍ଦନଯାତ୍ରାର ପ୍ରକୃତ ଆମୋଦ ଭୋଗ କରି ମେନେଜର ମହୋଦୟଙ୍କୁ ଧନ୍ୟବାଦ ଦେଇଥିଲେ ।

ଗତ ତା ୨୦ ରିଖ ବୁଧବାରଠାରୁ ଚନ୍ଦନଯାତ୍ରା ଶେଷ ହୋଇଅଛି ।

ଗତ ସୋମବାର ରାତ୍ରି ପ୍ରାୟ ୯ ୪ ଟା ସମୟରେ ପୂର୍ଣ୍ଣ ଏକଘଣ୍ଟା ବୃଷ୍ଟି ହୋଇଅଛି ଏବଂ ମେଘର ଆଡମ୍ବର ଲାଗି ନାହିଁ । ଚାଷ କାର୍ଯ୍ୟ ଆରମ୍ଭ ହୋଇଅଛି ।

ଆମ୍ବର ପ୍ରାଚୁର୍ଯ୍ୟ ଜଣା ପଡ଼ୁଅଛି । ସାଧାରଣ ଆମ୍ବ ଏକ ପୋଲାକୁ ଏକ ବା ଦୁଇପଇସା ଦରରେ ବିକ୍ରୀ ହେଉଅଛି । ଟାଭିନର ଆମ୍ବ ଶେଷ ପ୍ରାୟ ହୋଇଅଛି ।

ଏ ସପ୍ତାହରେ ହରଚଣ୍ଡୀସାହି ଓ ବାଲିସାହିରେ ଅଗ୍ନି ଲାଗି କେତେଗୁଡ଼ିଏ ଘର ପୋଡ଼ିଯାଇଅଛି ।

ଆମମାନଙ୍କର ମାଜିଷ୍ଟ୍ରେଟ ମହୋଦୟ ମଫସଲ ଗସ୍ତରେ ଗମନ କରିଅଛନ୍ତି ।

## କଟକର ବଜାର ଦର ।

| | | | |
|---|---|---|---|
| ଚାଉଳ ମୋଟ | ଟଙ୍କାକୁ | ବିଟକ | ସେ ୧୩ |
| " ସରୁ | " | " | ସେ ୯ |
| ମୁଗଥଳା | " | " | ସେ ୧୪ |
| ହରଡ଼ ଦେଶୀ | " | " | ସେ ୧୧ |
| ବୁଟ | " | " | ସେ ୧୧ |
| ଜଉ | " | " | ସେ ୧୪॥ |
| କୋଳଥ | " | " | ସେ ୨୨ |
| ମୁଗ କଳା | " | " | ସେ ୧୪ |
| ଖେସାରି | " | " | ସେ ୧୩ |
| ଗହମ ଦେଶୀ | " | " | ସେ ୧୨ |
| ଜଡ଼ା | " | " | ସେ ୮॥ |
| ଘିଅ | " | " | ସେ ୯।/ |
| ସୋରିଷ | " | " | ସେ ୭ |
| ତେଲ ମୋଟ | " | " | ସେ ୨୩ |
| " ସୋରିଷ | " | " | ସେ ୨୪ |
| " ପୋଲଙ୍ଗ | " | " | ସେ ୪ |
| " କେରସିନ | ଏକଟିନକୁ | | ଟ ୧୩/ |
| ଘିଅ ଦେଶୀ | ମହଣ | " | ଟ ୪୨ |
| ଗୁଡ଼ | ଟଙ୍କାକୁ | " | ସେ ୫୪ |
| ନବାତ | " | " | ସେ ୩୩ |
| ଚିନି | " | " | ସେ ୪ |
| ଲୁଣ | " | " | ସେ ୫ |
| ଜିରା | " | " | ସେ ୧୩ |
| ହଳଦୀ | " | " | ସେ ୫ |
| ଲଙ୍କାମରିଚ | " | " | ସେ ୪୨ |
| ପାଟର ସୁତା | ବିଡ଼ିକୁ | | ଟ ୨୪।/ |
| ଇଟାସୁତା | " | | ଟ ୨୪॥/ |
| ରୂପା | ଭ ୧୦୦ କୁ | | ଟ ୭୧ |
| କଂସା | ସେରକୁ | " | ଟ ୧୨ |
| ପିତଳ | " | " | ଟ ୩।/ |
| କମ୍ପାନି କାଗଜ | ଶତକଡ଼ା ଟ ୩୨ | | ଟ ୧୮୩ |

## ପତ୍ର ପ୍ରେରକଙ୍କ ପ୍ରତି

ଲାଲା ନୀଲମଣି ରାୟ—ମହାଙ୍ଗା ଗ୍ରାମରେ କୋଠପଦାର ନାଟ୍ୟାଭିନୟ ଦଳ ଯୁଗଧର୍ମନାଟକର ଅଭିନୟ ଦେଖାଇଥିଲେ ସହସ୍ରାଧିକ ନରନାରୀ ତଦ୍ଦର୍ଶନରେ ମୋହିତ ହେବାର ଦେଖି ମନରେ ହେଲା ଯେ ଯାତ୍ରା ଲୀଳାଦିଠାରୁ ନାଟ୍ୟାଭିନୟ ପ୍ରତି ଲୋକଙ୍କର ରୁଚି ଅଧିକ ହୋଇଅଛି । ଏଥିପାଇଁ କୋଠପଦାର ମହନ୍ତ ମହାଶୟ ବିଶେଷ ଧନ୍ୟବାଦର ଯୋଗ୍ୟ ଅଟନ୍ତି ।

କର୍ଣ୍ଣେଲ ଦର୍ଶକ ରସୁଲକୁଣ୍ଡାରୁ ଲେଖିଅଛନ୍ତି କି ରସୁଲକୁଣ୍ଡାର ବାବୁ କେଶୋସ୍ତବ ପଟ୍ଟନାୟକ ପ୍ରଭୃତିଙ୍କ ଯତ୍ନରେ ସେ ପାରଳାଖେମଣ୍ଡିର ଗଜପତି ମହାରାଜାଙ୍କ କୃତ ଧ୍ରୁବନାଟକ, ବାଣାସୁର ନାଟକ ଇତ୍ୟାଦିର ଅଭିନୟ ହୋଇଥିଲା । ଅନ୍ୟାନ୍ୟ ସମ୍ଭ୍ରାନ୍ତ ଦର୍ଶକଙ୍କ ମଧ୍ୟରେ ଗଞ୍ଜାମର କଲେକ୍ଟରସାହେବ ଉପସ୍ଥିତ ଥିଲେ । ଧ୍ରୁବନାଟକର ଅଭିନୟ ଦେଖି ସାହେବ ମହୋଦୟ ଅତ୍ୟନ୍ତ ଆନନ୍ଦିତ ହୋଇ କହିଲେ କି ମତେ ଅନେକସ୍ଥଳେ ଓଡ଼ିଆନାଟକ ଦେଖିବାର ଆମନ୍ତ୍ରଣ ହୁଏ, ମୁଁ ଯାଏଁ ନାହିଁ । ଆଜି ଅର୍ଦ୍ଧଘଣ୍ଟା ସକାଶେ ଏଠାକୁ ଆସିଥିଲି ମାତ୍ର ଅଭିନୟ ଏମନ୍ତ ମନୋହର ହେଲା ଯେ ମୁଁ ଦେଢ଼ଘଣ୍ଟା ବସିଗଲି । ମୁଁ ବୁଝି ନ ଥିଲି ଯେ ଓଡ଼ିଆମାନେ ଏତେ ସଭ୍ୟରେ ଏଠାରେ ଅଛନ୍ତି । ସେ ଏହି କଥା କହି ଓଡ଼ିଆମାନଙ୍କୁ ବିଶେଷ ଧନ୍ୟବାଦ ଦେଇ ବିଦାୟ ହୋଇଗଲେ । ଜଣେ ହାକିମଙ୍କର ଏପରି ଉତ୍ସାହପୂର୍ଣ୍ଣ ବାକ୍ୟ ଅତ୍ୟନ୍ତ ମୂଲ୍ୟବାନ୍ ସନ୍ଦେହ ନାହିଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନନୀୟ ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ବିଗତ ବର୍ଷ ଜାନୁୟାରୀ ମାସ ତା ୧୬ ରିଖରେ ମନ୍ତ୍ରିସଭାଧିଷ୍ଠିତ ଭାରତ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଭାରତୀୟ ଭୂରାଜସ୍ୱ ସମ୍ବନ୍ଧରେ ଯେଉଁ ନିର୍ଦ୍ଧାରଣ ସ୍ଥିରୀକୃତ ହୋଇଥିଲା ତାହା ଭାରତର ବିଭିନ୍ନ ପ୍ରାଦେଶିକ ଶାସନକର୍ତ୍ତାମାନଙ୍କର ଶାସନାଧୀନ ପ୍ରଦେଶମାନଙ୍କରେ ପ୍ରଚଳିତ ଭୂରାଜସ୍ୱନୀତି ସମ୍ବନ୍ଧୀୟ ରିପୋର୍ଟମାନଙ୍କ ସହିତ ଭାରତ ଗବର୍ଣ୍ଣମେଣ୍ଟଙ୍କ ଆଦେଶାନୁସାରେ ପୁସ୍ତକାକାରେ ଇଂରାଜୀରେ ମୁଦ୍ରିତ ହୋଇ " ଭାରତ ଗବର୍ଣ୍ଣମେଣ୍ଟଙ୍କ ଭୂରାଜସ୍ୱନୀତି " ନାମରେ ସାଧାରଣଙ୍କ ଉପକାରାର୍ଥ ପ୍ରକାଶିତ ହୋଇଅଛି । ଇଂରାଜୀ ଜାଣି ନ ଥିବା ଲୋକମାନଙ୍କ ମଧ୍ୟରେ ପ୍ରୋକ୍ତ ପୁସ୍ତକର ବହୁଳ ପ୍ରଚାର କାମନାରେ ଭାରତ ଗବର୍ଣ୍ଣମେଣ୍ଟଙ୍କ ଆଦେଶାନୁସାରେ ବିଭିନ୍ନ ପ୍ରାଦେଶିକ ଭାଷାମାନଙ୍କରେ ତହିଁର ଅନୁବାଦ କରା ହୋଇଅଛି । ତଦନୁଯାୟୀ ଓଡ଼ିଶାର ସରକାରୀ ଅନୁବାଦକ ( Government Translator for Orissa ) ଙ୍କଦ୍ୱାରା ଓଡ଼ିଆ ଭାଷାରେ ମଧ୍ୟ ତହିଁର ଅନୁବାଦ କ୍ଷୁଦ୍ର ପୁସ୍ତିକାକାରେ ସାଧାରଣଙ୍କ ଉପକାରାର୍ଥ କେତେକ ଦିନ ହେଲା ପ୍ରକାଶିତ ହୋଇଅଛି ।

ମାତ୍ର ଏହି ଓଡ଼ିଆ ଅନୁବାଦଦ୍ୱାରା ଇଂରାଜୀ ଜାଣି ନ ଥିବା ଲୋକମାନଙ୍କ ମଧ୍ୟରେ ଉକ୍ତ ପୁସ୍ତକର ବହୁଳ ପ୍ରଚାରରୂପ ଗବର୍ଣ୍ଣମେଣ୍ଟଙ୍କ ସାଧୁ ଉଦ୍ଦେଶ୍ୟ ଯେ କେତେଦୂର ସାଧିତ ହୋଇ ପାରିଅଛି ବା ପାରିବ ତାହା ଉକ୍ତ ଅନୁବାଦ ପାଠ କଲେ ସୁଚତୁର କୃତବିଦ୍ୟ ପାଠକେ ସହଜରେ ବୁଝିପାରିବେ । ଇଂରାଜୀ ଜାଣି ନ ଥିବା ଲୋକଙ୍କ କଥା ଦୂରରେ ଥାଉ ଇଂରାଜୀ ଭାଷାଭିଜ୍ଞ ଦେଶୀୟ ପାଠକମାନେ ମଧ୍ୟ ଉକ୍ତ ଅନୁବାଦର କୌଣସି ଗୋଟିଏ ପୃଷ୍ଠା ମୂଳ ଇଂରାଜୀର ବିନା ସାହାଯ୍ୟରେ କଦାପି ହୃଦୟଙ୍ଗମ କରି ପାରିବେ ନାହିଁ । ସରକାରୀ ଅନୁବାଦକ ମହାଶୟ ସରକାରଙ୍କ ସାଧୁ ଉଦ୍ଦେଶ୍ୟ ସାଧନ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇଅଛନ୍ତି ଏହା ଗଭୀର ପରିତାପର ବିଷୟ ଅଟେ ।

ଅନୁବାଦିତ-ପୁସ୍ତିକାରେ ପ୍ରତିଶବ୍ଦ ମନୋନୀତ କରିବା ବିଷୟରେ କୌଣସି ଗୋଟିଏ ରୀତି ଗୃହୀତ ହୋଇ ନାହିଁ; କୌଣସି କୌଣସି ସ୍ଥଳମାନଙ୍କରେ ପ୍ରତିଶବ୍ଦ ସବୁ ଦାନ୍ତଭଙ୍ଗା ଓ କଟମଟିଆ ସାଧୁଶବ୍ଦରେ ଗଠିତ, ଅନ୍ୟାନ୍ୟ

Split by PDF Splitter
Digitized by srujanika@gmail.com

Split by PDF Splitter



ସ୍କୁଲମାନଙ୍କରେ ନିତାନ୍ତ ଗ୍ରାମ୍ୟଭାଷାରେ ଲିଖିତ ହୋଇଅଛି । ଇଂରାଜୀ Idiom ଓ ଶବ୍ଦମାନ କେବଳ ଶବ୍ଦ ପରିବର୍ତ୍ତନଦ୍ୱାରା ଅନୁବାଦିତ ହୋଇଥିବାରୁ ବିଷୟ ଦୁର୍ବୋଧ୍ୟ ଓ ଦୁର୍ଭାଷ୍ୟ ହୋଇଅଛି ତାହା ପାଠକେ ନିମ୍ନ ପ୍ରଦତ୍ତ ଉଦାହରଣମାନଙ୍କରୁ ସହଜେ ବୁଝି ପାରିବେ । ଓଡ଼ିଆ ବାକ୍ୟମାନଙ୍କର ଗଠନ, ବାକ୍ୟାଂଶ ଓ ଶବ୍ଦବିନ୍ୟାସର ପ୍ରଣାଳୀ ଇଂରାଜୀଭଳି ' ହାସନ୍ଦ ସମ୍' ଅନୁକରଣରେ ହୋଇଥିବାରୁ ତାହା ଅତ୍ୟନ୍ତ କଦର୍ଯ୍ୟ ହୋଇଅଛି ।

ଉଦାହରଣ—

Hasty ଅବିମୃଷ୍ଟ, Paragraphs ଅନୁଚ୍ଛେଦକ, Charitable ଦାନମଙ୍ଗଳ ବିଧାୟକ, Considerateness ଅବହିତତା, Often indesirable ଅନେକଶଃ ଅସ୍ପୃହଣୀୟ, Directly ଅବ୍ୟବହିତଭାବେ, Enterprise ସାହସିକ କର୍ମବୃତ୍ତି, Stalistical ସ୍ଥିତିସାଭପତି; Data ତଥ୍ୟବୃତ୍ତାନ୍ତ Accepted canon ପରିମାଦୃତ ବିଧାନ, Fruitful Source ଫଳମୟ କଦାନ, Less disturbing ନ୍ୟୂନ ବିଘ୍ନକର, Mitigation ଅଳ୍ପୀକରଣ, Multiplication ବହୁଳୀକରଣ, Ever increasing subdivision ନିତ୍ୟବର୍ଦ୍ଧନଶୀଳ ଉପବିଭାଗ Open ଉନ୍ମୁକ୍ତ Test ପରୀକ୍ଷକ Irrigation works ଜଳ ସେଚନ ବିଷୟକ କରତକମାନ Lenient କୋମଳ Strain ତୋଡ଼; ଭାଡ଼ ( "ତଡ଼ା" ହେଲେ କ୍ଷତି କଅଣ ? ) To dip through the finger ଅଙ୍ଗୁଳି ରନ୍ଧ୍ରବାଟେ ଗଳିଯିବାର Shut one's eyes to ଚକ୍ଷୁ ମୁଦ୍ରିତ କରିବାର Generous principle ସଦୟ ନୀତି Land hunger ଭୂମି କ୍ଷୁଧା Cheapening of the proceedings କାର୍ଯ୍ୟାବଳୀକୁ ଶସ୍ତା କରିବାର Changes made slowly and not without mistake ଅଭ୍ରାନ୍ତ ବିନା କୃତ ପରିବର୍ତ୍ତନମାନ ... ... being brought down ନ୍ୟୂନ ପରିମାଣକୁ ଓହ୍ଲାଇ ଆସୁଅଛି Effectively to redress the grievance ଅନ୍ୟାୟ ସଫଳରୂପେ ଦୂରୀକୃତ କରିବାର Though it finds no place in the traditions ଅତୀତ ସ୍ମୃତିରେ ସ୍ଥାନ ପାଉ ନ ଥିଲେହେଁ School of thought ଚିନ୍ତନ ସମ୍ପ୍ରଦାୟ Opening word ମୁଖବନ୍ଧ Underlying idea ନିମ୍ନସ୍ଥ ଭାବ

Conscientiously ବିବେକ ଚାଳିତ ଭାବେ Produce ଉତ୍ପନ୍ନ ।

ଏହା ଛଡ଼ା ନିମ୍ନଲିଖିତ ସ୍ଥଳଟିରେ ସୁଯୋଗ୍ୟ ଓ ସୁପଣ୍ଡିତ ଅନୁବାଦକ ମହାଶୟ ମୂଳ ଇଂରାଜୀର ଭାବ ଆଦୌ ବୁଝି ପାରି ନ ଥିଲା ପରି ବୋଧ ହେଉଅଛନ୍ତି :—

The relation of cause and effect between a good rainfall, abundant crops, and agricultural prosperity, is not more obvious than is that between a bad monsoon, deficient produce and a suffering people. "ମନ୍ଦବର୍ଷା ଓ ଅପ୍ରଚୁର ଶସ୍ୟ ପ୍ରାପ୍ତିରୂପ କାରଣ ସହିତ କଷ୍ଟଭୋଗୀ ପ୍ରଜାରୂପ କାର୍ଯ୍ୟର ସମ୍ବନ୍ଧ ବୁଝିବାକୁ ଯେପରି ଅସ୍ପଷ୍ଟ, ପ୍ରଚୁର ବୃଷ୍ଟିପାତ ଓ ପ୍ରଚୁର ଶସ୍ୟ ପ୍ରାପ୍ତିରୂପ କାରଣ ସହିତ କୃଷିଜୀବିମାନଙ୍କର ସୁଖ ସ୍ୱଚ୍ଛନ୍ଦତାରୂପ କାର୍ଯ୍ୟର ସମ୍ବନ୍ଧ ବୁଝିବାକୁ ସେହିପରି ଅସ୍ପଷ୍ଟ" ।

ମାନ୍ୟ ପାଠକେ ଦେଖନ୍ତୁ ଇଂରାଜୀର ଅତି ସ୍ପଷ୍ଟ ଭାବଟି ଅନୁବାଦରେ ସୁସ୍ପଷ୍ଟ, ସ୍ପଷ୍ଟ, ଅଥବା ସୁସ୍ପଷ୍ଟଭାବେ ଅସ୍ପଷ୍ଟ ।

ପାଠକ ମହାଶୟ ! ଆପଣ ନିମ୍ନଲିଖିତ ଓଡ଼ିଆ ଅନୁବାଦଟି ପାଠ କରି ମୂଳ ଇଂରାଜୀର ବିନା ସାହାଯ୍ୟରେ ତହିଁର ଭାବ ହୃଦୟଙ୍ଗମ କରି ପାରୁଅଛନ୍ତି କି ?

" ଯଦିବା ଜମାବନ୍ଦୀର ସ୍ଥିତିସାଧ ଘଟିତ ବିଶ୍ଳେଷତା ଆବଶ୍ୟକ ନଥାପି ଅକାଳପକ୍ୱ ସ୍ଥିତିସାଧ ଘଟିତ ଅର୍ଥକରଣ କ୍ରମେ ତହିଁରେ ବାଧା ଜନ୍ମି ପାରେ "

ଏତଦ୍ ବ୍ୟତୀତ ଅସଂଖ୍ୟ ଅସଂଖ୍ୟ ଉଦାହରଣ ଦେଇ ପାରିଯିବ । କିନ୍ତୁ ସ୍ଥାନାଭାବ ଯୋଗୁଁ ତହିଁରୁ ନିବୃତ୍ତ ହେଲୁଁ ।

ମୂଳତଃ ଏପରି କଦର୍ଯ୍ୟ ଅନୁବାଦକୁ "ଭାଷାନ୍ତରୀକରଣ" ନ କହି "ଶବ୍ଦାନ୍ତରୀକରଣ" କୁହାଯାଇ ପାରେ ।

ପରିଶେଷରେ ମୋହର ବକ୍ତବ୍ୟ ଏହି ଯେ ଉପର୍ଯ୍ୟୁକ୍ତ ଲିଖିତ ପୁରୋଗାମୀ ଅନୁଚ୍ଛେଦମାନଙ୍କରେ ଯାହା ୨ କୁହାଗଲା ତାହାକୁ ସୁବିବେଚକ ପଠକପାଠକମାନେ ଅବିମୃଷ୍ଟ ଭାବରେ କିମ୍ବା ନିପୁଣ ଦାନମଙ୍ଗଳ ବିଧାୟକ ଭାବରେ ଅବା କୋମଳ ଭାବରେ ଚକ୍ଷୁ ମୁଦ୍ରିତ ନ କରି ବିବେକ ଚାଳିତ ଭାବରେ ସମ୍ୟଗବହିତତା ଓ ନିଷ୍ପକ୍ଷପାତିତାର ସହିତ ପର୍ଯ୍ୟାଲୋଚନା କଲେ ଉକ୍ତ ଅନୁବାଦ ଯେ ଏକାବେଳେକେ ଅନେକଶଃ ଅସ୍ପୃହଣୀୟ ଓ ସର୍ବଥା ପରିତ୍ୟାଜ୍ୟ ତାହା ଶନୈଃ ଶନୈଃ ସ୍ୱୀକାର ବୋଧଗମ୍ୟ କରି ପାରିବେ । ମୋହର କ୍ଷୁଦ୍ର ବିବେଚନାରେ ଅନୁବାଦକ ମହାଶୟଙ୍କର ଉତ୍କଳାନୁବାଦରେ ଉତ୍କଳର ନିମନ୍ତେ ଅତ୍ୟନ୍ତ ହୋଇଅଛି ।

ଏହିକି ଲୋକେ ପୁଣି ଉଚ୍ଚ ପରୀକ୍ଷାମାନଙ୍କରେ ଓଡ଼ିଆ ଭର୍ଣ୍ଣମାର ପରୀକ୍ଷକ ନିଯୁକ୍ତ ହୁଅନ୍ତି ! ହାୟରେ କପାଳ ! ! !

---

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ରାମକୃଷ୍ଣ ମହାନ୍ତି ନିଡୋକ କଟକ | [illegible] |
| ,, ରାମକୃଷ୍ଣ ପାଢ଼ୀ ସ୍କୁଲ ଶର୍ମିଳ ବାରିପଦା | [illegible] |
| ମୁନ୍‌ସି ମହମଦ ଅଫଜଲ ଜଗତ୍‌ସିଂହପୁର | [illegible] |
| ବାବୁ ଲକ୍ଷ୍ମୀନାରାୟଣ ବସୁ ଗୌରୀଶଙ୍କର କଟକ | [illegible] |
| ,, ସତ୍ୟାନନ୍ଦ ଦାସ ବଡ଼ାଗୀଆ କଟକ | [illegible] |
| ,, ବୈକୁଣ୍ଠ ପାଣିଗ୍ରାହୀ ତୋଷାଳି | [illegible] |

---

# ବିଜ୍ଞାପନ ।

ନୂତନ ନୂତନ ନୂତନ
ଓଡ଼ିଆ
ଜାତୀୟ ସଂଗୀତ
ଶ୍ରୀ ଦାମୋଦର ପଟ୍ଟନାୟକଙ୍କଦ୍ୱାରା
ରଚିତ
( ଯନ୍ତ୍ରସ୍ଥ )

---

ଗ୍ରୀଷ୍ମାବକାଶ ପରେ ଆଗାମୀ ଜୁନ ମାସ ତା ୨୨ ରିଖ ଦିନ କଟକ ଟ୍ରେନିଂ ବା ନର୍ମାଲ ସ୍କୁଲ ଫିଟିବ । ଯେଉଁମାନେ ମଧ୍ୟଇଂରାଜୀ ବା ମଧ୍ୟ ଭର୍ଣ୍ଣାକୁଲର ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ, ସେମାନେ ପ୍ରଥମବର୍ଷୀୟ ଶ୍ରେଣୀରେ ଭର୍ତ୍ତି ହୋଇ ପାରିବେ । ନୂତନ ନିୟମ ଅନୁସାରେ ଏବେ ଦୁଇବର୍ଷମାତ୍ର ପଢ଼ିବାକୁ ହେବ ଏବଂ ଯେଉଁମାନେ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ସେମାନେ ଶୀଘ୍ର ଉପଯୁକ୍ତ କର୍ମରେ ନିଯୁକ୍ତ ହେବେ । ଏମାନଙ୍କର ଉପକାରାର୍ଥେ ଛାତ୍ରାବାସ ଅଛି ଏବଂ ସେମାନଙ୍କର ଚିକିତ୍ସା ପାଇଁ ଡାକ୍ତର ନିଯୁକ୍ତ ଅଛନ୍ତି । ପ୍ରବେଶାର୍ଥୀମାନେ ଜୁନ ମାସ ମଧ୍ୟରେ ଆପଣାର ସାର୍ଟିଫିକଟ ସହିତ ଆମ୍ଭ ନିକଟରେ ଉପସ୍ଥିତ ହେଲେ, ଭର୍ତ୍ତି ହୋଇ ପାରିବେ ।

Madhu Sudan Rao
Head Master, Training School
CUTTACK.

Digitized by srujanika@gmail.com

## ବିଜ୍ଞାପନ ।

ଆଉ ତାହାଠାରୁ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ |** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର କେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦେଶବାସିମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ କେତେଗୁଡ଼ିଏ ଲତା ଓ ଗୁଳ୍ମ କାର୍ଯ୍ୟାସବସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଆୟୁରଣ, ଫସ୍‌ଫରସ ଓ ଡାମିୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରାସାୟନିକ ପ୍ରକ୍ରିୟାର ପାରଦର୍ଶିତାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ ତାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜୀନ" ଏହାକେଲେ ଦୂରୀଭୂତ କରିଦେଇଅଛି । ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର କ୍ଷମତା ଦେଖାଯାଏ । ଡ୍ୟାନଜୀନ ରୋଗ ଚାପି ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜୀନର ଗୁଣ ସ୍ଥାୟୀ ।

ଡ୍ୟାନଜୀନରେ—ମଦ, ଅଫିମ, ଷ୍ଟ୍ରିକନିୟା, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂଶ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀରରେ ସ୍ଫୁର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

### ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଯ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ସୂତାପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ପର୍ଶନରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମସ୍ତିଷ୍କ, ମୁଣ୍ଡବୁଲା, ଘୁସଘୁସ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, କଷ୍ଟରଜ, ବନ୍ଧ୍ୟାଜନିତ ପେଟରେ ବେଦନା ଓ କନକନାନି ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଞ୍ଚୁଘା, ନାଳଘା, ନାଲିର, ଭଗନ୍ଦର, ଚାକୁ କୁଣ୍ଡିଆ ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧। ୩ ବୋତଲ ଟ ୪୧୦, ୬ ବୋତଲ ଟ ୭। ଙ୍କା ଓ ୧୨ ବୋତଲ ଟ ୧୪୧୦ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

I. B. G. & Co. Calcutta Registered Telegraphic address "DANZIN" CALCUTTA. } ସୋଲ ଏଜେନ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆଇ, ବି, ଜି, ଏଣ୍ଡ କୋଂ କଲିକତା

---

### ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।

ଡାକ୍ତର କେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୲ ଡଜନ ଟ ୫୲ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ।୵

ଡାକ୍ତର ମାର୍ଟିନଙ୍କର "ଅବ୍ୟର୍ଥ ମଲମ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ୧୲୦ ଡଜନ ଟ ୧୦୮ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ।୵

ଏଜେଣ୍ଟସ—ଆଇ, ବି, ଜି ଏଣ୍ଡ କୋଂ କଲିକତା


Digitized by srujanika@gmail.com

Split by PDF Splitter



## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague. Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of Dr. H. L. BATLIWALLA Worli—Dadar Bombay, and everywhere. At Re 1 per bottle. Discount to the Trade.

### ନୂତନ ପୁସ୍ତକ ।

ପରମାର୍ଥଜ୍ଞାନ ସାଗର ଖ ୧ ମୂଲ୍ୟ ଟ ୦।
ଗୋବିନ୍ଦ ଗୀତା ଖ ୧ ,, ଟ ୦।
କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ଶ୍ରୀମଦ୍ଦେବୀଭାଗବତ ଶାକ୍ତ ବୈଷ୍ଣବ ଓ ଶୈବ ପ୍ରଭୃତି ଉପାସକଙ୍କର ବିଶେଷତଃ ହିନ୍ଦୁମାନଙ୍କର ପରମାଦରଣୀୟ ଗ୍ରନ୍ଥ । ଏହି ମହାନ୍ ଗ୍ରନ୍ଥର ବହୁଳ ପ୍ରଚାର ନ ଥିବାରୁ ଆମ୍ଭେ ଅତ୍ୟନ୍ତ ଯତ୍ନ ସହିତ ସଂସ୍କୃତରୁ ଉତ୍କଳ ଭାଷାରେ ନବାକ୍ଷରୀ ପଦ୍ୟରେ ଅନୁବାଦ କରି କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ କରାଉଅଛୁଁ ପ୍ରୋକ୍ତ ୧ମ ସ୍କନ୍ଧର ଭୂମିକା ପାଠ କଲେ ଦେବୀ ମାହାତ୍ମ୍ୟ ଓ ଅନ୍ୟାନ୍ୟ ସମସ୍ତ ବିବରଣ ଅନାୟାସରେ ଜାଣି ପାରିବେ । ପ୍ରଥମସ୍କନ୍ଧ ପ୍ରକାଶିତ ହୋଇଅଛି ଏବଂ ରେଜିଷ୍ଟ୍ରି ମଧ୍ୟ କରାଇ ନିଆ ଯାଇଅଛି । ମହର୍ଷି ବେଦବ୍ୟାସଙ୍କ କୃତ ତାହାଙ୍କର ଅଷ୍ଟାଦଶ ପୁରାଣର ପଞ୍ଚମଗଣ ନାମରେ ଏହି ଦେବୀ ଭାଗବତ ମହାପୁରାଣ ମଧ୍ୟରେ ପରିଗଣିତ । ପାଠକେ ଏ ଗ୍ରନ୍ଥରୁ ଏକ ଏକ ସେଟ କ୍ରୟ କରି ପାଠ କଲେ ଶ୍ରମ ସଫଳ ଜ୍ଞାନ କରିବୁଁ ।

ଏଥିର ୧ମ ସ୍କନ୍ଧର ମୂଲ୍ୟ ଟ ୦ ୫
ଡାକମାସୁଲ ଟ ୦।
ଯସ୍ତକ ଯନ୍ତ୍ରସ୍ଥ ।

ସହର କଟକ ଦରଘାବଜାରସ୍ଥ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନକୁ ଅଥବା ଶ୍ରୀ ନାରାୟଣଚନ୍ଦ୍ର ମହାନ୍ତି ଖୁମୁକରଣ କାଃ କେନ୍ଦରଗଡ଼ି ପୋଷ୍ଟ ଅଫିସ ଚକ୍ରଧରପୁର ଏହି ଠିକଣାକୁ ନଗଦ ମୂଲ୍ୟ ପଠାଇଲେ ବା ଭିଃ ପିଃ ଡାକରେ ନେବାକୁ ପତ୍ର ଲେଖିଲେ ଉପରଲିଖିତ ପୁସ୍ତକ ସ୍ଥଳରେ ପାଇ ପାରିବେ ।

ଠାକୁରସାହେବ ଶ୍ରୀମନ୍ ଲକ୍ଷ୍ମୀନାରାୟଣ ସିଂହ ଦେବ । ସିଂହଭୂମି । ଖେରସ ଇଷ୍ଟେଟ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ଓଡ଼ିଶାର ପ୍ରାଚୀନ ଗୀତର "ପାଳ ପ୍ରଣାଳୀ" ନାମକ ପୁସ୍ତକ ଆମ୍ଭେ ପ୍ରକାଶ କରି ସର୍ବସାଧାରଣଙ୍କ ଉପକାରାର୍ଥେ ବିନା ମୂଲ୍ୟରେ ବିତରଣ କରୁଅଛୁଁ ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ନିକଟକୁ ପତ୍ର ଲେଖିଲେ ଆମ୍ଭେ ବିନା ଖର୍ଚ୍ଚରେ ଉକ୍ତ ପୁସ୍ତକ ପଠାଇବୁଁ ।

| | |
|---|---|
| ନରସିଂହପୁର ଦୁର୍ଗ ଗଡ଼ଜାତ | Sadhu Charan Mansing Harichandan Mahapatra ରାଜା । ବ । ନରସିଂହପୁର |

# ଫଲେନ ପରିଚୀୟତେ

କବିରାଜ ଶ୍ରୀଛକଡ଼ି କର କବିରତ୍ନଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀ ବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ନ୍ୟାଯ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଟିକଟ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହେବ ।

ଷଡ଼ଗୁଣାବଲୀଜାରିତ ସ୍ୱର୍ଣ୍ଣଘଟିତ

### ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍‌ବିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଅଧିକ ବାୟୁଜ୍ୱର, କାଶ, ଶ୍ୱାସ, କୃମି; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗସବୁର ସବୁ ଶୀଘ୍ର ନିବାରିତ ହୁଏ । ଅତିଶୟ ଅଧ୍ୟୟନ କିମ୍ବା ଅପର କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ଗ୍ଳାନବଲତା, ସ୍ମରଣଶକ୍ତିର ଅଳ୍ପତା, ଚକ୍ଷୁର ଜ୍ୟୋତିଃହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ଦ୍ଦି କାଶ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧୫ ।

ଲ ୧ ର ଚ ୪୦

### ଶ୍ରୀ କୃଷ୍ଣ କଣ୍ଟକା ।

ଏହି ଔଷଧ ସାର୍ଯ୍ୟମ୍ପସ୍ତମ୍ଭାଧିକାରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ସାର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଳଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଆଡ଼ମ୍ବର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏକ ଡବା ଔଷଧର ମୂଲ୍ୟ ଟ ୧୫ ମାତ୍ର ।

### କଲ୍ପତରୁରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) ଯତ, ପାରଦ ଦାଦଦୋଷଜନିତ ଶରୀରରେ କଳା ଓ ଚକା, ଦାଉ; ସ୍ଫୋଟକୋତ୍ପତ୍ତି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏକ ଶିଶିର ମୂଲ୍ୟ ଟ ୧୫ ମାତ୍ର ।

ଏକକାଳେ ତିନଶିଶି ନେଲେ ଟ ୪୧ ସ୍ଥା ଲାଗେ ।

| | |
|---|---|
| ଚୌଧୁରୀ ବଜାର କଟକ | ଶ୍ରୀ ଛକଡ଼ି କର କବିରତ୍ନ ଅନ୍ନପୂର୍ଣ୍ଣା ଆୟୁର୍ବେଦୀୟ ଔଷଧାଳୟ । |

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥାଃ—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୵
ଅଧସ୍ତମ୍ଭ ୧ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭ ଟ ୩ ୧

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ତହିଁର ଖର୍ଚ୍ଚା ୫୦ ୩ ଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ତେହା ଓ ଚତୁର୍ଥାଂଶ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନି ଲିମିଟେଡ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

ISTERED No. C 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା।

# THE UTKAL DIPIKA.


ଖଣ୍ଡ ୩୮ ଶ

ସଂଖ୍ୟା ୨୩ ଶ

CUTTACK, SATURDAY THE 6th June 1903.

ତା ୨୪ ଜ୍ୟେଷ୍ଠ ସନ ୧୩୧୦ ସାଲ ଶନିବାର

ଅଗ୍ରିମ ଟ ୩

ପଶ୍ଚାଦେୟ ଟ ୬୯


## ବିଜ୍ଞାପନ ।

କଣ୍ଢୀ ଲୁକଙ୍ଗ ଷ୍ଟେଟ ସଦ୍ଧାଶେ ମାସିକ ଟ ୧୫୯ ବେତନର ଏକ ଜଣ ଜଞ୍ଜିନିୟର ଅଫିସ ଆବଶ୍ୟକ, ଯେ ବ୍ୟକ୍ତି କୌଣସି ଗଭର୍ଣ୍ଣମେଣ୍ଟ ସର୍ଭେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅନ୍ତତଃ ୧ ୨ ବର୍ଷ କାର୍ଯ୍ୟ କରି ଅଭିଜ୍ଞତା ଲାଭ ନ କରିଥିବେ ତାହାର ଆବେଦନ କରିବାର ଆବଶ୍ୟକ ନାହିଁ, ଯେ ମନୋନୀତ ହେବ ସେ ଟ ୧୦୦୦ଙ୍କା ନଗଦ ଜାମିନ ଦେବ, ଦରଖାସ୍ତ ଏହି ମାସ ତା ୧୫ ରଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।

ଅନନ୍ତପୁର
ପୋଃ ଅଃ ଢଶିର
। ଜ । କଟକ
୩୧୬।୦୩

R. N. BASU
Sub Manager

## ବିଜ୍ଞାପନ

ଏତଦ୍ଦ୍ୱାରା ଉତ୍କଳର ସମସ୍ତ ଦେଶହିତୈଷୀ ଲୁତବଦ୍ୟ ମହାଶୟମାନଙ୍କ ନିକଟରେ ନିବେଦନ ଯେ ଅମ୍ଭେ ବିତରଣ କରିବା ଉଦ୍ଦେଶ୍ୟରେ ଆୟୁର୍ବେଦ ପ୍ରବେଶିକା ନାମକ ଖଣ୍ଡିଏ ଆୟୁର୍ବେଦୀୟ ସଂଗ୍ରହ ପୁସ୍ତକ ପ୍ରସ୍ତୁତ କରି ୪୨ ଫରମା ପର୍ଯ୍ୟନ୍ତ ମୁଦ୍ରଣ କରିଅଛୁଁ । ଅବଶିଷ୍ଟ ୮।୧୦ ଫରମାରେ ପୁସ୍ତକ ସମାପ୍ତ ହେବ । ଉକ୍ତ ପୁସ୍ତକରେ ସନ୍ନିବେଶିତ କରିବା କାରଣ ପରୀକ୍ଷିତ ଲୁଟୁକା ଔଷଧମାନ ଆମ୍ଭ ନିକଟକୁ ଲେଖି ପଠାଇବାକୁ ଏଥିପୂର୍ବେ ଉତ୍କଳଦୀପିକାରେ ଦେଶହିତୈଷିମାନଙ୍କୁ ପ୍ରାର୍ଥନା କରିଥିଲୁଁ । ମାତ୍ର ଦୁଃଖର ବିଷୟ ଏହି ଯେ ଅଦ୍ୟାପି କେହି ଗୋଟିଏ ମାତ୍ର ଔଷଧ ଲେଖି ପଠାଇଲେ ନାହିଁ । ଏଣୁକରି ପୁନର୍ବାର ପ୍ରାର୍ଥନା କରୁଅଛୁଁ ଯେ ଯଦ୍ୟପି କେହି ଦେଶହିତୈଷୀ ଦେଶର ମଙ୍ଗଳାର୍ଥେ କେତେକ ପରୀକ୍ଷିତ ଲୁଟୁକା ଔଷଧ ଆମ୍ଭ ନିକଟକୁ ଲେଖି ପଠାନ୍ତି, ତାହା ହେଲେ ଅମ୍ଭେ ଆହ୍ଲାଦ ସହିତ ସେ ସମସ୍ତଙ୍କୁ ପୁସ୍ତକରେ ସନ୍ନିବେଶିତ କରିବୁଁ । ପୁସ୍ତକର ମୁଦ୍ରଣ କାର୍ଯ୍ୟ ଶେଷ ହେଲେ କୌଣସି ଔଷଧ ବ୍ୟବସ୍ଥା ସନ୍ନିବେଶିତ ହୋଇପାରିବ ନାହିଁ । ଇତି ।

ଶ୍ରୀ ବିହାରିଲାଲ ପଣ୍ଡିତ
୨।୬।୦୩ ଗୃହନଗରୈକ, କଟକ

## ବିଜ୍ଞାପନ ।



ଜାଦୁ ରୋଗର ଏହା ଦୈବଶକ୍ତି ସମ୍ପନ୍ନ ଔଷଧ ବୋଲି ବହୁ ଲୋକର ବିଶ୍ୱାସ ହୋଇଅଛି । ବାସ୍ତବରେ ଯେତେ ବଡ଼ କଦର୍ଯ୍ୟ କଠିନ ଜାଦୁ ହେଉନା କାହିଁକି ଏ ଔଷଧ ତହିଁରେ ଲାଗିବ, ମାତ୍ର ସତ୍ୟ ସତ୍ୟ ମନ୍ତ୍ରଶକ୍ତି ପ୍ରାପ୍ତ ରୋଗ ବିନା କଷ୍ଟରେ ଦୁଇଦିନ ମଧ୍ୟରେ ଦୂରଯାଏ । ପ୍ରକୃତରେ ଏହାର ଏମନ୍ତ ଉପକାରିତା ଗୁଣ ଅଛି କି ନା ପରେ ପରୀକ୍ଷା କଲେ ସତ୍ୟ ମିଥ୍ୟା ଜଣା ପଡ଼ିବ । ବ୍ୟବସ୍ଥାପତ୍ର ଔଷଧ ସଙ୍ଗେ ପଠାଯାଏ ।

ମୂଲ୍ୟ ପ୍ରତି ଡବା ଟ ୦ ୫ ଅଣାମାତ୍ର ।

ଯେତେକାଳର ଯେମନ୍ତ ଯାଦୁ ରୋଗ ହେଉ ପଛକେ ବିନାକ୍ଲେଶ ଯନ୍ତ୍ରଣାରେ ରୋଗ ସମୂଳେ ବିନାଶ ପ୍ରାପ୍ତ ହେବ । ଯାଦୁ ରୋଗର ଅନେକ ପ୍ରକାର ଔଷଧ ବାହାରିଅଛି କିନ୍ତୁ ତୁଳନାରେ ଏପ୍ରକାର ଆଶ୍ଚର୍ଯ୍ୟପ୍ରକାର ମହୌଷଧ ଆଉ ଦ୍ୱିତୀୟ ବାହାରି ନାହିଁ ବୋଲି ଦେଶର ସମ୍ଭ୍ରାନ୍ତ ଏବଂ ଶିକ୍ଷିତ, ରାଜା, ମହାରାଜା, ଜମିଦାର, ହାକିମ ପ୍ରଭୃତିଙ୍କଠାରୁ ନିତାନ୍ତ ଦୀନହୀନ ଦରିଦ୍ର ବ୍ୟକ୍ତି ପର୍ଯ୍ୟନ୍ତ ଔଷଧର ରୋଗ ଆରୋଗ୍ୟ କାରି ଉପକାରିତା ଗୁଣରେ ମୋହିତ ହେଉଅଛନ୍ତି । ଶତ ୨ ବ୍ୟକ୍ତି ସ୍ୱ ଇଚ୍ଛାରେ ଔଷଧର ପ୍ରଶଂସା କରି କହୁଅଛନ୍ତି ଯେ ଯଥାର୍ଥରେ ଯାଦୁ ରୋଗର ଏହା ଗୋଟିଏ ଉତ୍କୃଷ୍ଟ ମହୌଷଧ ଅଟେ ।

ମୂଲ୍ୟ ପ୍ରତି ଡବା ଟ ୦ ।୵ ଅଣାମାତ୍ର ।

ଏକତ୍ରରେ କେହି ଛ ବା ବାର ଗୋଟି ଡବା କି ତହିଁରୁ ଅଧିକ ନେଲେ ବିଶେଷ ସୁବିଧା କରିଦିଆଯାଏ । ସମସ୍ତେ ଆପଣା ୨ ନାମ, ଧାମ ଡାକଘର କଲି ଉତ୍ତମରୂପେ ଲେଖିବେ ।

ଔଷଧ ସଙ୍ଗେ ବ୍ୟବସ୍ଥାପତ୍ର ପ୍ରେରିତ ହୁଏ ।

୨।୬।୦୩ ଶ୍ରୀ ରାମତାରକ ସେନ ।

କେୟର ଉତ୍କଳପ୍ରେସ, ବାଲେଶ୍ୱର ।

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

ମଧ୍ୟପ୍ରଦେଶରେ ଦୁର୍ଭିକ୍ଷ ସାହାଯ୍ୟ ଲୋଡିବା ବ୍ୟକ୍ତିଙ୍କ ସଂଖ୍ୟା ପୂର୍ବ ସପ୍ତାହଠାରୁ ପ୍ରାୟ ସାଢେ ଆଠହଜାର ଊଣା ହୋଇ ୫୯,୫୭୬ ରେ ରହିଥିଲା । ସମୟରେ ବୃଷ୍ଟି ହେବୁ ଗୃଷ୍ୟମାନ ଲାଗିବାରୁ ଏହି ସୁଖକର ଫଳ ଘଟିଅଛି । ଖାଦ୍ୟ ଦ୍ରବ୍ୟର ମୂଲ୍ୟ ମଧ୍ୟ ଊଣା ହୋଇଅଛି ।

---

କପା ମାସୁଲ ଊଣା କରିବା ସମ୍ବନ୍ଧରେ ପୁଣି ବିଲାତର ବଣିକ ଦଳ ଆମ୍ଭମାନଙ୍କ ଷ୍ଟେଟସେକ୍ରେଟାରୀଙ୍କ ନିକଟରେ ଅବେଦନ କରିଥିଲେ । ମାତ୍ର ଭାରତରେ ସର୍ବଦା ଦୁର୍ଭିକ୍ଷ ଭୟ ରହିଥିବା ଏବଂ ଭାରତ ଗବର୍ଣ୍ଣମେଣ୍ଟର କୌଣସି ସଞ୍ଚିତ ପାଣ୍ଠି ନ ଥିବା ହେତୁ ସେ ଟିକସ ଊଣା କରି ନ ପାରିବାର କହି ସେକ୍ରେଟେରୀ ମହୋଦୟ ଉକ୍ତ ଅବେଦନ ପତ୍ରକୁ ଅଗ୍ରାହ୍ୟ କରିଅଛନ୍ତି ।

---

ଗତ ତା ୨୩ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗର ଉତ୍ପାତ ଅନେକ ଊଣା ହୋଇଅଛି ଅର୍ଥାତ୍ ତହିଁ ପୂର୍ବ ସପ୍ତାହରେ ଉକ୍ତ ରୋଗରେ ପନର ହଜାରରୁ କିଛି ଅଧିକ ଲୋକ ମରିପଡିଥିଲେ । ଉପର ଲିଖିତ ସପ୍ତାହର ମୃତ୍ୟୁ ୧୦,୫୭୩ କୁ ଓହ୍ଲାଇ ଆସିଅଛି । ତହିଁ ମଧ୍ୟରୁ ଏକା ପଞ୍ଜାବ ପ୍ରଦେଶର ମୃତ୍ୟୁ ୮,୫୯୭, ବମ୍ବେଇ ୮୮୫ ଯୁକ୍ତ ପ୍ରଦେଶ ୪୭୪ ଏବଂ ବଙ୍ଗପ୍ରଦେଶର ୧୯୩ ଅଟେ ।

---

ଭାରତ ଗବର୍ଣ୍ଣମେଣ୍ଟ ସମ୍ବାଦପତ୍ରଯୋଗେ ସର୍ବସାଧାରଣଙ୍କୁ ଜଣାଇଅଛନ୍ତି କି ଲୁଣ କର ବା ଟିକସ ଅନେକ ଊଣା ହେବାର ଯେ ଜନରବ ଉଠିଅଛି ତାହା ସତ୍ୟ ନୁହେ । ଗବର୍ଣ୍ଣମେଣ୍ଟ ଉକ୍ତ ଟିକସ ଶୀଘ୍ର ଊଣା କରିବାର ବିଗ୍ଭର କରୁନାହାନ୍ତି । ଲୋକମାନେ ମଧ୍ୟ ଚୌକିଦାରପ୍ରଭୃତି ସ୍ଥାନୀୟ ଟିକସକୁ ଯେମନ୍ତ କ୍ଳେଶକର ମଣୁଅଛନ୍ତି ଲବଣକରକୁ ତେମନ୍ତ ଦେଖୁ ନାହାନ୍ତି । ଏହି ଛୋଟ ଛୋଟ ଟିକସ ଗବର୍ଣ୍ଣମେଣ୍ଟ ସୁବିଗ୍ଭର କରି ଆଗେ ଉଠାଇଦେଲେ ବଡ ଭଲ ହୁଅନ୍ତା ।

---

ଆଜିର ଅତିରିକ୍ତ ପତ୍ରରେ ପ୍ରକାଶିତ ଏ ଜିଲ୍ଲାର କଲେକ୍ଟର ସାହେବଙ୍କର ଖଣ୍ଡିଏ ନିଲାମି ଇସ୍ତାହାର ପ୍ରତି ପାଠକମାନଙ୍କର ମନୋଯୋଗ ଆକର୍ଷଣ କରୁଅଛୁଁ । ଏ ନଗରର ଅନ୍ତଃପାତି ରଣାପଡ଼ା, କଗଳ, ମଣ୍ଡଳୀ ପ୍ରଭୃତି ସ୍ଥାନରେ ରେଲୱେ ସଡ଼କାର୍ଥେ ଖରିଦ ହୋଇଥିବା କେତେକ ଜମି ରେଲୱେ ବିଭାଗର ଆଉ ପ୍ରୟୋଜନ ନ ହେବାରୁ ସେ ସମସ୍ତ କଲେକ୍ଟର ସାହେବ ନିଲାମଦ୍ୱାରା ବିକ୍ରୟ କରିବେ । ଜମି କିଣିବାର ଯାହାଙ୍କର ଇଚ୍ଛା ହେବ ସେମାନେ ଇସ୍ତାହାର ପାଠ କରି ସମସ୍ତ ବୁଝି ପାରିବେ ।

---

ଉତ୍କଳରେ ସ୍ୱଦେଶ, ସ୍ୱଜାତି ଏବଂ ସ୍ୱଭାଷାପ୍ରତି ଅନୁରାଗୋଦ୍ଦୀପକ ଜାତୀୟସାହିତ୍ୟର ଏକାନ୍ତ ଅଭାବ ଦେଖି ତାହା ପୂରଣ ନିମନ୍ତେ କତିପୟ ବ୍ୟକ୍ତିଙ୍କ ରଚିତ କେତେଗୁଡିଏ ସଙ୍ଗୀତ ଏକତ୍ରିତ କରି ପୁସ୍ତକାକାରରେ ପ୍ରଚାର କରିବାକୁ ପ୍ରଜାବନ୍ଧୁର ସମ୍ପାଦକ ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନ ଇଚ୍ଛା କରିଅଛନ୍ତି । ତାହାଙ୍କର ଅନୁରୋଧ ମତେ ଏ ପତ୍ରିକାର ପାଠକମାନଙ୍କୁ ଅନୁରୋଧ କରୁଅଛୁଁ କି ସେମାନେ ଅନ୍ତତଃ ଜଣକେ ଗୋଟିଏ ଲେଖାଏଁ ଜାତୀୟ ସଙ୍ଗୀତ ରଚନା କରି ତାହାଙ୍କ ନିକଟକୁ ପଠାଇ ଦେବା ହେବେ । ଛପାବେଳେ ପ୍ରତ୍ୟେକ ସଙ୍ଗୀତ ସଙ୍ଗେ ରଚକମାନଙ୍କର ନାମ ଛପା ହେବ । ଆଶା କରୁଁ ପାଠକମାନେ ବିଦ୍ୟାରତ୍ନ ମହାଶୟଙ୍କର ବାଞ୍ଛା ପୂର୍ଣ୍ଣ କରିବାକୁ ଅଗ୍ରସର ହେବେ ।

---

ଭାରତର ଜାତୀୟ ମହାସମିତିର ଆସନ୍ନା ଅଧିବେଶନ ଏ ବର୍ଷର ଶେଷ ସପ୍ତାହରେ ମାନ୍ଦ୍ରାଜ ନଗରରେ ହେବ ଏବଂ ତହିଁ ସଙ୍ଗେ ଶିଳ୍ପପ୍ରଦର୍ଶନୀ ମଧ୍ୟ ହେବ । ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ମାନ୍ଦ୍ରାଜର ଗବର୍ଣ୍ଣର ମହାମାନ୍ୟ ଲର୍ଡ଼ ଆମ୍ପଥିଲ ବାହାଦୁର ସେହି ପ୍ରଦର୍ଶନୀର ସାହାଯ୍ୟ ନିମନ୍ତେ ଟ ୩୦୦ ଙ୍କା ଦାନ କରିଅଛନ୍ତି । ଦେଶୀୟ ଲୋକଙ୍କର ସାଧୁ ଚେଷ୍ଟାରେ ସ୍ଥାନୀୟ ଶାସନ କର୍ତ୍ତାଙ୍କର ଏପରି ସହାନୁଭୂତି ଅତ୍ୟନ୍ତ ଉତ୍ସାହଜନକ ଅଟେ ଏବଂ ଆମ୍ଭେମାନେ ଆଶା କରୁଁ କି ଯେ ଦେଶୀୟ ଧନାଢ୍ୟ ଏବଂ ହିତୈଷୀ ବ୍ୟକ୍ତିମାନେ ଏଥିର ଅନୁକରଣ କରି ପ୍ରଦର୍ଶନୀକୁ ଯଥାସାଧ୍ୟ ସଫଳ କରିବେ । ଶିଳ୍ପାଦି ବ୍ୟବସାୟର ଉନ୍ନତି ଓ ପ୍ରସାର ବିନା ଏ ଦେଶର ଦରିଦ୍ରତା ଘୁଞ୍ଚି ଯିବାର ଅନ୍ୟ ଉପାୟ ନାହିଁ ।

---

ଗତ ମାସ ତା ୨୯ ରିଖର ବିଲାତି ତାରସମ୍ବାଦରୁ ଅବଗତ ହେଲୁଁ ଯେ ଆମେରିକାର କାନସସ ପ୍ରଦେଶାନ୍ତର୍ଗତ ଉତ୍ତରଟୋପିକା ନଗର ଭୟଙ୍କର ନଦୀ ବଢିରେ ବୁଡିଯାଇଅଛି । ପ୍ରାୟ କୋଡିଏ ହଜାର ଲୋକଙ୍କର ଘର ଏବଂ ଅନେକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଅଛି । ପୁଣି କେତେକ ଘରେ ନିଆଁ ଲାଗିବାରୁ ସେ ଘରମାନ ସଡ଼କରେ ଭାସିଯାଇ ଅନ୍ୟ ଘରମାନଙ୍କରେ ନିଆଁ ଲାଗି ସମସ୍ତ ନଗର ପୋଡିଥିବାର ଲେଖାଅଛି । ପ୍ରାୟ ୨୦୦୦ ଲୋକ ପଳାଇଅଛନ୍ତି ଏବଂ ଅବଶିଷ୍ଟ ବାଟ ନ ପାଇ ଆବଦ୍ଧ ରହିଅଛନ୍ତି । ଜ୯୫୦ଣ ମନୁଷ୍ୟ ବୁଡିମରିବା ଜଣା ଯାଇଅଛି । ବଢିଜଳ ଏକମହଲା ଘରର ଚାଳ ପର୍ଯ୍ୟନ୍ତ ଉଠିଥିଲା । ଘୋର ବୃଷ୍ଟିରେ ନିଆଁ ଲିଭିଯାଇ ଅଛି ମାତ୍ର ଅନୁମାନ ହୁଅଇ ସମସ୍ତ ଘର ଭାସିଯିବ । ଜଳ ଓ ଅଗ୍ନି ଏକାବେଳେ ମାଡିଲେ ଆଉ ରକ୍ଷା ନାହିଁ ।

---

ଗଞ୍ଜାମର କଲେକ୍ଟର ୫୨ ଖଣ୍ଡ ଗ୍ରାମରେ ଗୋରୁ ଚରିବା ନିମନ୍ତେ ଖଣ୍ଡେ ୨ ଭୂମି ଛାଡି ଅବଶିଷ୍ଟ ଅନାବାଦି ଗୋଚର ଜମିମାନ ପ୍ରକାଶ୍ୟ ନିଲାମଦ୍ୱାରା ବିକ୍ରୀ କରିବାର ଘୋଷଣା ଦେଇଅଛନ୍ତି । ମାତ୍ର ଘୋଷଣା ପତ୍ରରେ ବିକ୍ରୀ ଜମିର ପରିଚୟ ନାହିଁ । ଯାହାର ପ୍ରୟୋଜନ ହେବ ସେ ଡେପୁଟି କଲେକ୍ଟରଙ୍କଠାରେ ତାଲିକା ଦେଖି ପାରିବ । ଏଥିରୁ 'ପ୍ରଜାବନ୍ଧୁ' ଗ୍ରାମବାସିମାନଙ୍କୁ ସତର୍କ କରି ଦେଇଅଛନ୍ତି କି ସେମାନେ ବେଳହୁଁ ତାଲିକା ଦେଖି ପ୍ରତିଗ୍ରାମରେ ପ୍ରୟୋଜନ ମତେ ଗୋଚର ଭୂମି ରହୁଅଛି କି ନାହିଁ ବୁଝିବେ ଏବଂ ଯେବେ ସେମାନେ ବୁଝନ୍ତି ଯେ ପ୍ରଚୁର ଜମି ରହୁ ନାହିଁ ତେବେ ସାହେବ ମହୋଦୟଙ୍କଠାରେ ଦୁଃଖ ଜଣାଇ ପ୍ରତିକାର ଲୋଡ଼ିବେ । ଏ ପରାମର୍ଶ ଉତ୍ତମ ଅଟେ । ଗୋରୁ ଚରିବା କାରଣ ଯଥେଷ୍ଟ ଜମି ନ ରହିଲେ ଗ୍ରାମବାସିଙ୍କର ଜୀବନଧାରଣ କଠିନ ହେବ ଏହା ବୋଲିବା ବାହୁଲ୍ୟ ।

---

ଗତ ମାସ ତା ୨୦ ରିଖର ଓଡ଼ିଆ ଓ ନବସମ୍ବାଦରେ ବାଲେଶ୍ୱର ମିଉନିସିପାଲିଟି ସମ୍ବନ୍ଧରେ ଏକ ଦୀର୍ଘ ପ୍ରବନ୍ଧ ବାହାରିଅଛି । ତହିଁର ଲେଖକଙ୍କର ମତ ଏହି କି ବାଲେଶ୍ୱରର ମାଜିଷ୍ଟ୍ରେଟ ସେଠା ମିଉନିସିପାଲିଟିର ଚେୟାରମାନ ନ ହେଲେ ସେ ମଙ୍ଗଳମୂଳକ କାର୍ଯ୍ୟ ଅନ୍ୟ କାହାରିଦ୍ୱାରା ସମ୍ପନ୍ନ ହେବ ନାହିଁ କିମ୍ବା ସେ ନଗରର ଦୁରବସ୍ଥା ଘୁଞ୍ଚିବ ନାହିଁ । ଏହା ସେ ସମସ୍ତ ଅଥବା ଅଧିକାଂଶ ବାଲେଶ୍ୱରବାସିଙ୍କର ମତ ଗତ ନିର୍ବାଚନର ପ୍ରତିଦ୍ୱନ୍ଦ୍ୱିତାରୁ ଅନୁମାନ ହେଉ ନାହିଁ । କାରଣ ଯେବେ ସେମାନେ ଆତ୍ମଶାସନର ଅଯୋଗ୍ୟ ବୋଲି ବୁଝିଅଛନ୍ତି ତେବେ ପ୍ରତିଦ୍ୱନ୍ଦ୍ୱି ନିର୍ବାଚନର କିଛି ପ୍ରୟୋଜନ ନ ଥିଲା । ମାତ୍ର ମାଜିଷ୍ଟ୍ରେଟ କିମ୍ବା ତାହାଙ୍କ ପରାମର୍ଶାନୁସାରେ ଗବର୍ଣ୍ଣମେଣ୍ଟରୁ ନିଯୁକ୍ତ ହେବା କମିଶନରମାନଙ୍କ ଛଡ଼ା କେହି ନିର୍ବାଚିତ କମିଶନର ଚେୟାରମାନପଦର ଯୋଗ୍ୟ ନ ହେଲେ ଆତ୍ମଶାସନ ପ୍ରଣାଳୀ ବିଫଳ ହେବାର ବୋଲିବାକୁ ହେବ । ସମ୍ଭବତଃ ବାଲେଶ୍ୱରର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଲିଭର୍ଟନ ସାହେବଙ୍କର ସଦ୍‌ଗୁଣମାନ ଲେଖକ ଯେତେ ଜାଣି ପାରିଅଛନ୍ତି ଅନ୍ୟମାନେ ତେତେ ଜାଣି ପାରି ନାହାନ୍ତି ।

---

Digitized by srujanika@gmail.com

Split by PDF Splitter



## ଆଉ ଗୋଟିଏ ଛାପାଖାନା ।

ଗଡ଼ଜାତବାସିମାନେ ପାଠ କଲେ ଯେ ଢେଙ୍କାନାଳ ଗଡ଼ରେ ଗୋଟିଏ ଛାପାଖାନା ସ୍ଥାପିତ ହୋଇ ଗତ ଅକ୍ଷୟତୃତୀୟା ଦିନଠାରୁ କାର୍ଯ୍ୟାରମ୍ଭ ହୋଇଅଛି । ଏହି ଛାପାଖାନାର ନାମ 'ସୂର୍ଯ୍ୟପ୍ରତାପ ପ୍ରେସ' । ଏହା କି ଉଦ୍ଦେଶରେ ସ୍ଥାପିତ ହୋଇଅଛି କୌଣସିଠାରେ ପ୍ରକାଶ ହେବାର ଆମ୍ଭେମାନେ ଦେଖି ନାହୁଁ ଏବଂ ସହଯୋଗୀ ମଧ୍ୟ ତାହା କହି ନାହାନ୍ତି । ଅତଏବ ଏହାଦ୍ୱାରା କେଉଁ ବିଶେଷ ମଙ୍ଗଳ ସାଧନର ଆଶା ଦେଖି ସେ ଆନନ୍ଦିତ ହୋଇଅଛନ୍ତି ଆମ୍ଭେମାନେ ତାହା ଅନୁଭବ କରି ପାରୁ ନାହୁଁ । ଖାସ ଓଡ଼ିଶାର ମୋଗଲବନ୍ଦି ଏବଂ ଗଡ଼ଜାତରେ ବର୍ତ୍ତମାନ ବିଶେଷ ଅଭିପ୍ରାୟରେ ସ୍ଥାପିତ ହେବା ପାଦରୀସାହେବଙ୍କ ଛାପାଖାନା ଛଡ଼ା ଛୋଟବଡ଼ ୧୪ଟା ଏବଂ ଉତ୍କଳର ଅନ୍ତଃପାତି ସମ୍ବଲପୁର ଓ ଗଞ୍ଜାମ ଜିଲ୍ଲାରେ ୩ ଟା ଏପରି ୧୭ ଟା ଛାପାଖାନା ଅଛି ଏବଂ ଖ ୭ ଖଣ୍ଡ ସମ୍ବାଦପତ୍ର ଖ ୨ ଖଣ୍ଡ ମାସିକପତ୍ର ବାହାରୁଅଛି । ଏ ସମସ୍ତଙ୍କ ମଧ୍ୟରେ କଟକପ୍ରିଣ୍ଟିଂ କମ୍ପାନୀଙ୍କ ପ୍ରେସ ଏବଂ ଉତ୍କଳଦୀପିକା ସମ୍ବାଦପ୍ରେସ, ପୁରାତନ ଅର୍ଥାତ କିଛି କମ ବା ୪୦ ବର୍ଷରୁ ଚଳିଅଛି । ପ୍ରିଣ୍ଟିଂକମ୍ପାନୀ ଉତ୍କଳର ଯେଉଁ ଅଭାବ ମୋଚନ ନିମନ୍ତେ ସ୍ଥାପିତ ହୋଇଥିଲା ତାହା ଯଥୋଚିତ ପରିମାଣରେ ସଫଳ ହୋଇଥିଲେହେଁ ବ୍ୟବସାୟର ପକ୍ଷ ଧରି ବିଚାର କଲେ ଏହି ଦୀର୍ଘକାଳରେ ବିଶେଷ ଉନ୍ନତି ଲଭି ନାହିଁ ଏବଂ ଶୀଘ୍ର ଲାଭ କରିବାର ଆଶା ନାହିଁ । ପ୍ରିଣ୍ଟିଂକମ୍ପାନୀ ଉତ୍କଳର ଅନ୍ୟ ପ୍ରେସମାନଙ୍କର ପଥପ୍ରଦର୍ଶକ ଅନ୍ତତଃ ତହିଁର ସଫଳତା ଦେଖି ଅନ୍ୟ ପ୍ରେସମାନ ସ୍ଥାପିତ ହୋଇଅଛି । ମାତ୍ର କ୍ଷୁଦ୍ର ଉତ୍କଳରେ ଏତେ କାର୍ଯ୍ୟ କାହିଁ ଯେ ଏତେ ପ୍ରେସକୁ ପ୍ରତିପାଳନ କରି ପାରିବ ? ଫଳେ ଏକ୨ ପ୍ରେସର ଅବସ୍ଥା ଦେଖି ମନେ ହୁଅଇ ଯେମନ୍ତ ବିଶ୍ୱବିଦ୍ୟାଳୟର ଅନେକ ଉପାଧିଧାରୀ ଚାକିରୀ ଛଡ଼ା ଅନ୍ୟ ବ୍ୟବସାୟଦ୍ୱାରା ପେଟପାଳିବାର ଉପାୟ ନ ଦେଖି ଅଗତ୍ୟା ଓକିଲତିର ଆଶ୍ରୟ ନେଉଅଛନ୍ତି ସେହିପରି କେତେକ ଲେଖାପଢ଼ା ଜାଣିବା ବ୍ୟକ୍ତି ଅନ୍ୟ ଉପାୟ ବିନା ଯଥା ସାମାନ୍ୟ ଜୀବିକା ନିର୍ବାହାର୍ଥେ ପ୍ରେସର ଆଶ୍ରୟ ନେଉଅଛନ୍ତି । ଏପ୍ରକାର ପ୍ରେସ ବୃଦ୍ଧିରେ ବ୍ୟକ୍ତିବିଶେଷର ଉପକାର ନାହିଁ ଏହା ଆମ୍ଭେମାନେ କହୁ ନାହୁଁ । ଆମ୍ଭମାନଙ୍କର କହିବାର ଅଭିପ୍ରାୟ ଏହି କି କୌଣସି ଏକ ସ୍ଥାନରେ ପ୍ରୟୋଜନର ଅଧିକ ସାମାନ୍ୟ ଦୋକାନ ବସିବା ଯେମନ୍ତ ଏପ୍ରକାର ଛାପାଖାନା ସଂଖ୍ୟା ବଢ଼ିବା ସେମନ୍ତ ଅଟେ । ଏଥିରେ ବିଶେଷ ସାଧାରଣ ମଙ୍ଗଳର ହେତୁ କିଛି ନାହିଁ । ଚାଳଚେର ଓ ଅଠମଲିକର ସ୍ୱର୍ଗୀୟ ରାଜାମାନେ ଏବଂ ବାବୁ ବହାଟଙ୍କାଲପଣ୍ଡିତ ଛାପାଖାନା ନ କରି ଦୁଷ୍ପ୍ରାପ୍ୟ ଧର୍ମଗ୍ରନ୍ଥମାନ ପ୍ରକାଶ ଓ ବିତରଣଦ୍ୱାରା ସ୍ୱଧର୍ମିମାନଙ୍କର ପରମ ଉପକାର ଓ ଅକ୍ଷୟ କୀର୍ତ୍ତି ଲାଭ କରୁଅଛନ୍ତି ଏବଂ ପୁରାଣ ପ୍ରକାଶ କମ୍ପାନୀ ବ୍ୟବସାୟ ଭାବରେ ପୁରାଣ ପ୍ରକାଶଦ୍ୱାରା ସେ ସମ୍ବନ୍ଧୀୟ ଅଭାବ ମୋଚନର ଉପାୟ କରୁଅଛନ୍ତି । ଏଣିକି ଛାପାଖାନା ବଢ଼ିବାଦ୍ୱାରା ସେଭଳି କାର୍ଯ୍ୟର ଉନ୍ନତି କିଛି ଦେଖାଯାଉ ଅଛି କି ? ପୁଣି ଆଶ୍ଚର୍ଯ୍ୟର ବିଷୟ ଯେ ଯେଉଁ ରାଜା ଓ ଜମିଦାରମାନେ ଏକମେଳରେ ଗୋଟିଏ ଛାପାଖାନା ସ୍ଥାପନ କରି ଅଂଶାନୁସାରେ ଲାଭର ଭାଗୀ ହୋଇଅଛନ୍ତି, ସେମାନଙ୍କ ମଧ୍ୟରୁ କେହି୨ ଏକା୨ ଏକ୨ ଛାପାଖାନା ଫିଟାଇ ବସିଅଛନ୍ତି । ଏଥିରେ ସେମାନଙ୍କର ଅଧିକ ଲାଭ ହେବାର ଏପର୍ଯ୍ୟନ୍ତ ଶୁଣା ଯାଇ ନାହିଁ ଏବଂ ସାମାନ୍ୟ କିଛି ହେଉଥିଲେ ମଧ୍ୟ ତହିଁପାଇଁ ସଙ୍ଗୀମାନଙ୍କର ସ୍ୱାର୍ଥରେ ବାଧା ଦେବା ଉଚିତ କି ? ଏହା ସଂକୀର୍ଣ୍ଣ ହୃଦୟତା ଭିନ୍ନ ଆଉ କିଛି କହେ ଏବଂ ଏଥିରେ ସାଧାରଣ ମଙ୍ଗଳର ଆଶା ଅଳ୍ପ ଦେଖାଯାଏ । ଅନର୍ଥକ ଅନେକ ଛାପାଖାନା କରିବା ଏବଂ ତାହା ଚଳାଇବାରେ ଯେତେ ଅର୍ଥବ୍ୟୟ ହେଉଅଛି, ସେହି ଟଙ୍କାରେ ଭିନ୍ନ୨ ବ୍ୟବସାୟର ଉତ୍ସାହ ଦିଆଗଲେ ଅଧିକ ଉପକାର ହୁଅନ୍ତା ସନ୍ଦେହ ନାହିଁ । ଦୁଃଖର ବିଷୟ ଯେ ସ୍ୱଦେଶାନୁରାଗୀଙ୍କର ସେ ଦିଗକୁ ଦୃଷ୍ଟି ଯାଉ ନାହିଁ ।

---

## ପୁରୀ ରାଜାଙ୍କ ମୋକଦ୍ଦମା ।

ଏ ମୋକଦ୍ଦମାର ବିଚାରକର୍ତ୍ତା ମଣ୍ଡଳର ଅବଧୁ ସନ୍ମାନ ଡେପୁଟୀ ମାଜିଷ୍ଟ୍ରେଟ ଗତ ସୋମବାର ଶେଷ ନିଷ୍ପତ୍ତି ପ୍ରଦାନ କଲେ । ଆଦେଶ ଶୁଣିବା କାରଣ ତାହାଙ୍କ ମିସଲରେ ଅନେକ ଲୋକ ଜମା ହୋଇଥିଲେ ଏବଂ ହାକିମ ଆସାମୀମାନଙ୍କ ଖଲାସ ଦେବାର ହୁକୁମ ପ୍ରଦାନ ମାତ୍ରେ ବୋଧ ହେଲା ଯେମନ୍ତ ଅଧିକାଂଶ ଲୋକଙ୍କ ମନକୁ ତାହା ପେକଲା ନାହିଁ । ଡେପୁଟୀ ମାଜିଷ୍ଟ୍ରେଟ ମହୋଦୟ ଏ ମୋକଦ୍ଦମାର ଏକ ଦୀର୍ଘ ରାୟ ଲେଖିଅଛନ୍ତି ଏବଂ ଉଭୟ ପକ୍ଷର ଗୁହାରୀଙ୍କର ଯୋବାନବନ୍ଦିର ବିସ୍ତାରିତ ସମାଲୋଚନା କରିଅଛନ୍ତି । ଯଥା ସମୟରେ ତହିଁର ପ୍ରତିଲିପି ସଂଗ୍ରହ କରି ନ ପାରିବାରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁ । ତହିଁର ସଂକ୍ଷେପ ମର୍ମ ଏହି କି ପୁଲିସ ଇନସପେକ୍ଟର ବାବୁ ନାରାୟଣ ଦାସ ବାନର୍ଯ୍ୟୀ ରାଜାଙ୍କୁ ଡ୍ୟାମ ସୁଅର ବୋଲି ଗାଳି ଦେବାର ବିଷୟ କର୍ତ୍ତାଙ୍କ ମତରେ ପ୍ରମାଣ ହେଲା ନାହିଁ । ଫରିୟାଦିର ଦରଖାସ୍ତ ଏବଂ ଇଜାହାରରେ ଉକ୍ତ ଗାଳିର ଉଲ୍ଲେଖ ନାହିଁ ପୁଲିସ ଇନସ୍ପେକ୍ଟର ନାରାୟଣ ବାବୁ ରାଜାଙ୍କ ପ୍ରତି କଡ଼ା କଥା କହିବାର ଲେଖା ଅଛି । ରାଜାଙ୍କ ଛଡ଼ା ଅନ୍ୟ କୌଣସି ସାକ୍ଷୀ ତାହା କହି ନାହିଁ ଏବଂ ରାଜା ମଧ୍ୟ ମା ୪ ସ ପରେ ସରକାରୀ ସାକ୍ଷୀ ସ୍ୱରୂପ ତଲବ ହୋଇ ଆସି ତାହା କହିଥିଲେ । ବାବୁ ଗୋକୁଳାନନ୍ଦ ଚୌଧୁରୀ ଏଠାର ଜଣେ ମାନ୍ୟଗଣ୍ୟ ଉକୀଲ ଏବଂ ଏ ମୋକଦ୍ଦମାର ପ୍ରଧାନ ବିଶ୍ୱାସ ଯୋଗ୍ୟ ସାକ୍ଷୀ । ସେ କାଲଷର ଦରଖାସ୍ତ ଦେଖିଥିଲେ । ତହିଁରେ ସେ କଥା ଲେଖାଇ ଦେଇ ନାହାନ୍ତି । ତାହାଙ୍କ ଯୋବାନବନ୍ଦିରେ ପୁଲିସ ବାବୁ ରାଜାଙ୍କ ପ୍ରତି 'ଖଡାରହ', 'ଜାମିନ ଦେଓ', 'ଖବରଦାର' ଇତ୍ୟାଦି କଥାମାନ ବ୍ୟବହାର କରିବାର କହିଅଛନ୍ତି । ସେ ଏହି ମାମଲା ଘଟନା ବେଳେ ଏବଂ ତହିଁର କେତେକଦିନ ପୂର୍ବେ ଓ ପରେ ରାଜାଙ୍କର ଆଇନପରାମର୍ଶଦାତା ସ୍ୱରୂପ ତାହାଙ୍କ ନିକଟରେ ପୁରୀରେ ଥିଲେ ଏବଂ ତହିଁପାଇଁ ଉତ୍ତମ ଫିସ ଅର୍ଥାତ ଟ ୨୦୦ ୯ ଙ୍କା ପାଇଥିଲେ । ରାଜାଙ୍କ ନାମରେ ଓ୍ୱାରେଣ୍ଟ ହେଲା ବେଳେ ଗୋକୁଳାନନ୍ଦବାବୁ ମାଜିଷ୍ଟ୍ରେଟ ଗାରେଟ ସାହେବଙ୍କ ନିକଟକୁ ଯାଇ ସକଳ କଥା ବୁଝାଇ ଦେଇଥିଲେ ସବୁ ଗୋଲମାଲ ଥଣ୍ଡା ପଡ଼ିଯାଇ ଥାନ୍ତା । ସେ ତାହା ନ କରି ଉପରସ୍ଥ ହାକିମମାନଙ୍କ ନିକଟକୁ ତାର ସମ୍ବାଦ ପଠାଇବାର ପରାମର୍ଶ ଦେଲେ । ଯାହା ହେଉ କଡ଼ା କଥା ନରମ କଥାର ବିପରୀତ ମାତ୍ର ତାହା ଗାଳି ବୋଲାଯାଇ ନ ପାରେ । ପୁଲିସ ଇନସ୍ପେକ୍ଟର ସେ ସମୟରେ ଯେଉଁ ଅବସ୍ଥାରେ ପଡ଼ିଥିଲେ ତାହାଙ୍କର ମେଜାଜ କିଛି ତେଜ ହୋଇଥିବ । ଫଳତଃ ଡ୍ୟାମ ସୁଅର ବୋଲି ରାଜାଙ୍କୁ ଗାଳି ଦେବାର ପ୍ରମାଣ ନାହିଁ ଏବଂ ପୁଲିସ ଇନସ୍ପେକ୍ଟର ମଧ୍ୟ ତାହା ଅସ୍ୱୀକାର କରୁଅଛି । ତାହାର ଉକ୍ତିର ଏହି କି ସେ ବିଧିମତେ ଓ୍ୱାରେଣ୍ଟଜାରୀ କରିବା କାରଣ ଯାହା କର୍ତ୍ତବ୍ୟ ଥିଲା ତାହା କରିଅଛି ଓ ତହିଁରୁ ଅଧିକ କିଛି କରି ନାହିଁ । ଆସାମୀ ବାବୁ ସୁଦର୍ଶନ ଦାସ ସବଡେପୁଟୀଙ୍କର ଉକ୍ତିର ଏହି କି ସେ ଗସ୍ତିକ ଯାନିଙ୍କ ସାହାଯ୍ୟ ପାଣି ଝଙ୍କାଟେକ୍ସ ଆଦାୟ କରିବା କାରଣ ରାଜନଗରକୁ ଯାଇ ବାହାରେ ଥିଲେ । ରାଜା ଧରା ହେବା ବେଳେ ରାଜାଙ୍କର ମାନେଜର ପ୍ରଭୃତି ତାହାଙ୍କୁ ଡାକ ପଠାଇବାରେ ଭିତରକୁ ଯାଇଥିଲେ । ସଫାଇ ସାକ୍ଷୀମାନଙ୍କଦ୍ୱାରା ସେମାନଙ୍କର ଉକ୍ତିର ପ୍ରମାଣ ହୋଇଅଛି । ଓ୍ୱାରେଣ୍ଟ ଯଦ୍ୟପି କି ନାରାୟଣ ବାବୁ ଇନସ୍ପେକ୍ଟରଙ୍କ ନାମରେ ବାହାର ନ ଥିଲା କିନ୍ତୁ ଗାରେଟ ସାହେବ ମାଜିଷ୍ଟ୍ରେଟଙ୍କ ଜୋବାନବନ୍ଦୀରୁ ପ୍ରକାଶ ଯେ ସେ ନାରାୟଣ ବାବୁଙ୍କଦ୍ୱାରା ଜାରୀ ହେବାର

Digitized by srujanika@gmail.com

ଆଦେଶ ଦେଇଥିଲେ ମାତ୍ର ଚୋଟ ସବଇନ୍‌ସ୍ପେକ୍ଟର ଭୁଲରେ ଥାନାର ସବଇନସ୍ପେକ୍ଟରର ନାମ ଲେଖି ଦେଇଥିଲେ । ଯେ ବ୍ୟକ୍ତି ଉଆରେଣ୍ଟ ଜାରି କରିବ ତାହାର ନାମ ଉଆରେଣ୍ଟରେ ଲେଖିଦେବା ନିତାନ୍ତ ଆବଶ୍ୟକ, ମୌଖିକ ଆଦେଶ ଦେଇବା ନାହିଁ କାର୍ଯ୍ୟବିଧିର ଧା ୭୭ ରୁ ଏହା ସ୍ପଷ୍ଟ ଜଣାଯାଉ ନ ଥିଲେହେଁ ଏହା ଗୋଟିଏ ଯାଉକ୍ତିକ ତର୍କ ଏବଂ ସେ ଅଂଶରେ ଉଆରେଣ୍ଟର ଯାହା କିଛି ତ୍ରୁଟି ଥିଲା ତାହା ଜାଗ୍ନ୍ୟସେଣ ବାବୁଙ୍କ ପତ୍ର ଉପରେ ମାଜିଷ୍ଟ୍ରେଟଙ୍କର ପେନସିଲ ଲିଖିତ ଆଦେଶଦ୍ୱାରା ପୂରଣ ହୋଇ ଅଛି । ଅତଏବ ଜାଗ୍ନ୍ୟସେଣ ବାବୁ ମାଜିଷ୍ଟ୍ରେଟଙ୍କର ଉଆରେଣ୍ଟ ଅନୁସାରେ କାର୍ଯ୍ୟ କରିଥିବାରୁ ସେ ଓ ତାହାର ସଙ୍ଗୀ ପୁଲିସ କର୍ମଚାରୀଙ୍କ ପ୍ରତି ସନ ୧୮୬୧ ସାଲର ଆ ୫ ଇନର ଧା ୪୩ ର ମତେ ଉଆରେଣ୍ଟଦ୍ୱାରା ଘଟିତ ସମସ୍ତ ଦାୟରୁ ମୁକ୍ତ ଅଛନ୍ତି । ସୁତରାଂ ସେମାନେ ଏ ମୋକଦ୍ଦମାରେ ଖଲାସ ପାଇବାର ଯୋଗ୍ୟ । ଆସାମୀ ମୃଦର୍ଶନ ଦାସ ସବଇନ୍‌ସ୍ପେକ୍ଟର ସେ ସମୟରେ ସେଠାରୁ ନ ଯିବାର ଭଲ ଥିଲା । ସେଠାରେ ସେ ସମୟରେ ତାହାଙ୍କର ଉପସ୍ଥାନ ଯେତେ ଅନ୍ୟ ହେଉଥିବାର କାର୍ଯ୍ୟ ହେଉ ପଛକେ ଏ ମୋକଦ୍ଦମାରେ କୌଣସି ଅପରାଧ ଘଟି ନ ଥିବା ପ୍ରତ୍ୟେକେ ସେ ମୁକ୍ତି ପାଇବାର ଯୋଗ୍ୟ ।

ଜଜ ଉକ୍ତ ଦର୍ଶୀ ଡେପୁଟି ମାଜିଷ୍ଟ୍ରେଟ ଯେ ସମସ୍ତ ହେତୁରେ ପୁଲିସକାଙ୍କର ନାଲିସ ଅଗ୍ରାହ୍ୟ କରି ଆସାମୀମାନଙ୍କୁ ଛାଡ଼ି ଦେଇଅଛନ୍ତି ତହିଁର ସଂକ୍ଷେପ ମର୍ମ ମାତ୍ର ଉପରେ ପ୍ରକାଶିତ ହେଲା । ଥରେ ମାତ୍ର କାଗଜରେ ଚକ୍ଷୁ ପଡ଼ି ତାହା ସଙ୍କଳନ କରି ଅଛୁଁ । ତହିଁରେ କିଛି ଭ୍ରମ ଥିବାର ଜାଣିପାରିଲେ ଅବନ ସହିତ ସଂଶୋଧନ କରିବାକୁ ପ୍ରସ୍ତୁତ ଅଛୁଁ । ରାୟ ପଢ଼ିବା ମାତ୍ରେ ମନରେ ଉଦୟ ହେବ ଯେ ଜିଲା ମାଜିଷ୍ଟ୍ରେଟ ଫିସର ସାହେବ ମୋକଦ୍ଦମା ନିଜ ଫାଇଲକୁ ଉଠାଇଆଣି ଅଖାଡ଼ୁଆ ଅର୍ଥାତ ବେଆଇନ ମତେ ଯାହା କାର୍ଯ୍ୟ କରିଥିଲେ ଡେପୁଟି ମଉଲଭି ସାହେବ ହାଇକୋର୍ଟଙ୍କ ଆଦେଶ ମତେ ମୋକଦ୍ଦମାର ନଥି ଫେରି ପାଇ ଅବଶିଷ୍ଟ କାର୍ଯ୍ୟ ଶେଷ କରି ଠିକ ତାହାର ଜଣ୍ଡନ କରିଅଛନ୍ତି । ସେ ଯଥାସାଧ୍ୟ ସ୍ୱାଧୀନ ବିବେଚନା ମତେ ବିଚାର କରି କାହାନ୍ତି ଏମନ୍ତ ବୋଲିବାର କୌଣସି ହେତୁ ନାହିଁ । ମାତ୍ର ଜିଲା ମାଜିଷ୍ଟ୍ରେଟ ଓ ଡେପୁଟିଙ୍କର ସରକାରୀ ସମ୍ବନ୍ଧ ଓ ମାଜିଷ୍ଟ୍ରେଟଙ୍କର ପୂର୍ବ ପ୍ରକାଶିତ ମତ ପ୍ରତି [illegible] ଡେପୁଟିଙ୍କ ବିଚାରରେ ଅଙ୍କୀକାର ହୋଇଥିଲେ ଉପରସ୍ଥ ହାକିମଙ୍କର ମତର ଛାୟା ପଡ଼ିବା କିଛି ନୁହେଁ । ଅନ୍ୟ କେବେ ବିଚାରରେ ସମାଲୋଚନା କରିବୁ । ବର୍ତ୍ତମାନ ଏତିକି କହି ଶେଷ କରୁଁ ଯେ ଏ ବିଚାରରେ ଜନ ସାଧାରଣଙ୍କର ଅସନ୍ତୋଷ ହେଲା ମାତ୍ର ମାମଲା ସମ୍ପର୍କୀୟ ବ୍ୟକ୍ତିଙ୍କ ପକ୍ଷରେ ଭଲ ହୋଇଅଛି । ପୁଷ୍ପ ଗଜା ବର୍ତ୍ତମାନ୍ ଗୃହଆଗତ ବ୍ୟସ୍ତ । ମୋକଦ୍ଦମା ଫଏସଲାରେ ସେ ଗୋଟିଏ ଯନ୍ତ୍ରଣା ଓ ତହିଁ ଖରଚରୁ ରକ୍ଷା ପାଇଲେ । ଆସାମୀମାନେ ଶୃଙ୍ଖଳରେ ରହି ପୁରା ବେତନ ଉପରେ ସରକାରୀ ଉକିଲ ସାହାଯ୍ୟ ପାଇଲେହେଁ ହିଁକିଏ ଦୌଡ଼ା ଦଉଡ଼ିର କଷ୍ଟରୁ ତ୍ରାହି ପାଇଲେ ଏବଂ ମୁକ୍ତି ଲାଭର ସୁଖ ଲାଭ କଲେ । ଗବର୍ଣ୍ଣମେଣ୍ଟଙ୍କର ସେମାନଙ୍କ ପ୍ରତି ଅତିରିକ୍ତ ଅନୁଗ୍ରହ ଦେଖାଇବା ସଫଳ ହେଲା । ଗାରେଟ ଓ ଫିସର ସାହେବ ମାଜିଷ୍ଟ୍ରେଟମାନଙ୍କର ଟେକ ରହିଲା ଏବଂ ଡେପୁଟି ମାଜିଷ୍ଟ୍ରେଟ ଏଠାରୁ ବଦଳି ହୋଇ ଉଦ୍ଧାରକୁ ପାର ପାଇଲେ ।

---

## ଶୁ ପ୍ରସମ୍ବାଦର ଅନର୍ଥ ।

ଗତ ତା ୫ ରିଖର 'ବେଙ୍ଗଲି' ସମ୍ବାଦପତ୍ରରେ ଲେଖାଅଛି କି "କଟକର ଜଣେ ପ୍ରସିଦ୍ଧ ଉକିଲଙ୍କ ନାମରେ ସେଠାର ମାଜିଷ୍ଟ୍ରେଟ ଏବଂ ପୁଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ଶ୍ରେଣୀମାନ ରଖିବା ଓ ତାହାଙ୍କର ସାହାଯ୍ୟ କରିବାର ଅଭିଯୋଗମାନ ଗୋପନରେ ଗବର୍ଣ୍ଣମେଣ୍ଟଙ୍କ ରିପୋର୍ଟ କରିଥିଲେ । ସେ ଉକିଲ ଜଣେ ଓଡ଼ିଶାବାସୀ ଏବଂ ନାନାପ୍ରକାର ଉଚ୍ଚ ପଦମାନଙ୍କରେ ସମ୍ମାନିତ ଏବଂ ସର୍ବଲୋକଙ୍କ ପ୍ରିୟ । ସେ ଏହା ଶୁଣି ଗବର୍ଣ୍ଣମେଣ୍ଟରେ ଜଣାଇଲେ ଯେ ଇନସ୍ପେକ୍ଟର ଜେନେରଲ ଶ୍ରୀଯୁକ୍ତ କାରଲାଇଲ ସାହେବ ତଦାରଖ କରିବାକୁ ଆସିଥିଲେ । ଫଳ ଜଣାପଡ଼ି ନାହିଁ" । ଆମ୍ଭେମାନେ ମଧ୍ୟ ଏ ପ୍ରସଙ୍ଗରେ ନାନାକଥା ଶୁଣିଥିବାରୁ 'ବେଙ୍ଗଲି' ର ଲେଖାପ୍ରତି ବାବୁ ମଧୁସୂଦନ ଦାସଙ୍କର ଦୃଷ୍ଟି ଆକର୍ଷଣ କରି ବିସ୍ତାରିତ ବିବରଣ ଜଣାଇବାର ପ୍ରାର୍ଥନା କରିଥିଲୁଁ । ତାହାଙ୍କଠାରୁ ନିମ୍ନଲିଖିତ ଉତ୍ତର ପାଇଅଛୁଁ ଯଥା— "ଅନେକ ବନ୍ଧୁ ସମ୍ବାଦପତ୍ର ପତ୍ରଯୋଗେ ଏ ବିଷୟ ଆମ୍ଭଙ୍କ ପଚାରିଅଛନ୍ତି । ଆମ୍ଭର ଲେଖାପ୍ରତି ଗବର୍ଣ୍ଣମେଣ୍ଟ କିପରି ମନୋଯୋଗ ପ୍ରଦାନଦ୍ୱାରା ଆମ୍ଭଠାରେ ଅତ୍ୟନ୍ତ ଅନୁଗ୍ରହ ପ୍ରକାଶ କରିଥିବାରୁ ଆମ୍ଭେ ଅତିଶୟ କୃତଜ୍ଞ ହୋଇଅଛୁଁ । ଆମ୍ଭେ ପ୍ରକାଶ୍ୟ ଅନୁସନ୍ଧାନର ପ୍ରାର୍ଥନା କରିଥିଲୁଁ । ମାତ୍ର ଶ୍ରୀଯୁକ୍ତ କାରଲାଇଲ ସାହେବ ଗୋପନୀୟ ଅନୁସନ୍ଧାନ କଲେ । ସେ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଯେଉଁ ଆଦେଶ ଦେଇଅଛନ୍ତି ତାହା ଆମ୍ଭର ବନ୍ଧୁମାନଙ୍କର ସନ୍ଦେହ ଦୂରକରିବା କାରଣ ସାଧାରଣ ପତ୍ରଯୋଗେ ପ୍ରକାଶ କରିବାର ଅନୁମତି ପ୍ରାର୍ଥନା କରିଅଛୁଁ । ଗବର୍ଣ୍ଣମେଣ୍ଟଙ୍କର ଅନୁମତି ପାଇବା ପର୍ଯ୍ୟନ୍ତ ଆମ୍ଭେ ଆଉ କିଛି କହିପାରୁ ନାହୁଁ" ।

ଏଥିରୁ ଅନୁମାନ ହୁଏ ଯେ ଅନୁସନ୍ଧାନର ଫଳ ବାବୁ ମଧୁସୂଦନ ଦାସ ଉକିଲଙ୍କ ପକ୍ଷରେ ଅନୁକୂଳ ଅଟେ । ମାତ୍ର ପ୍ରକୃତକଥା ନ ଜାଣିବା ପର୍ଯ୍ୟନ୍ତ ତୃପ୍ତି ହେଉ ନାହିଁ । ବାବୁ ମଧୁସୂଦନ ଦାସଙ୍କପରି ଖ୍ୟାତିବନ୍ତ ଭଦ୍ରଲୋକ ନାମରେ ଯେବେ ପୁଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ଗୋପନରେ ଏତେବଡ଼ ଅଭିଯୋଗ ଲେଖି ପଠାଇଲେ ଏବଂ ଜିଲା ମାଜିଷ୍ଟ୍ରେଟ ତାହା ଅନାୟାସରେ ସମର୍ଥନ କଲେ ତେବେ ଭଦ୍ରଲୋକର ରକ୍ଷା କେଉଁଠାରେ ? ଏଠା ପୁଲିସ ଓ ଜିଲାର କର୍ତ୍ତାମାନଙ୍କ ମଧ୍ୟରେ ବୈବାହିକ ସମ୍ବନ୍ଧ ଘଟିବାର ଆମ୍ଭେମାନେ ଶତସ୍ରୋତରେ ଜଣାଇଅଛୁଁ । ତଦ୍ଦୃଷ୍ଟିରେ ସେମାନଙ୍କୁ ଏକ ସ୍ଥଳରେ ରଖିବା ଉଚିତ ନୁହେ । ଆଶା କରୁଁ ଶ୍ରୀଯୁକ୍ତ ଗୁପ୍ତସାହେବ କମିଶନର ଛୁଟିରୁ ଫେରିଆସି ଏଥିର ପ୍ରତିକାର ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ । ଶ୍ରୀଯୁକ୍ତ ଗୁପ୍ତ ସାହେବଙ୍କ ମଧ୍ୟବର୍ତ୍ତୀତାର ଗୁହାରିର ଅନୁସନ୍ଧାନ ନିମନ୍ତେ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଥିଲେ । ସେ ଆଦେଶ ଯାଇ ଛୁଟିରେ ବାହାରି ଯିବାରୁ ଶ୍ରୀଯୁକ୍ତ କାରଲାଇଲ ସାହେବଙ୍କୁ ଗବର୍ଣ୍ଣମେଣ୍ଟ ଅନୁସନ୍ଧାନ ନିମନ୍ତେ ପଠାଇ ଯଥୋଚିତ ବିଚକ୍ଷଣତା ଓ ଉଦାରତା ଦେଖାଇଅଛନ୍ତି । କାରଲାଇଲ ସାହେବ ସ ୬ ଘଣ୍ଟା ମଧ୍ୟରେ ଅନୁସନ୍ଧାନ ଶେଷ କଲେ । ଶ୍ରୀଯୁକ୍ତ ଗୁପ୍ତ ସାହେବଙ୍କପରି ସୁଯୋଗ୍ୟ ଲୋକ ଅନୁସନ୍ଧାନ କରିଥିଲେ ଅଧିକ ସମୟ ଲାଗିବାର କିଛି କଥା ନ ଥିଲା । ମାତ୍ର ସେ ଅନୁସନ୍ଧାନ ନ କରି ଚାଲିଯିବାରୁ କେତେ ଲୋକ ଏପରି ସନ୍ଦେହ କରନ୍ତି ଯେମନ୍ତ ସେ ଥିଲେ ଦୁଇଜଣ ଉଚ୍ଚପଦସ୍ଥ ଇଉରୋପୀୟ କର୍ମଚାରୀଙ୍କ ଅସନ୍ତୁଷ୍ଟ କରିବେ ଏହି ଆଶଙ୍କାରେ ଇଚ୍ଛାପୂର୍ବକ ଅନୁସନ୍ଧାନର ଦାୟ ଏଡ଼ିଦେଲେ । ଗୁପ୍ତ ସାହେବଙ୍କର ସ୍ୱଭାବ ଦୃଷ୍ଟିରେ ଏହା ସତ୍ୟବୋଲି ବିଶ୍ୱାସ ହେଉ ନାହିଁ । ମାତ୍ର ଅନୁସନ୍ଧାନ ନ କରିବା ଆଶ୍ଚର୍ଯ୍ୟର ବିଷୟ ଅଟେ ।

---

# ସାପ୍ତାହିକ ସଂବାଦ

## କଲିକତା ଗେଜେଟ

ପୁରୀର ପୁଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ମିଃ ଏଚ୍ ଏ, ଇଉଡ [illegible] ଲେଜର ଛୁଟି ପାଇଅଛନ୍ତି ।

ଡିପୁଟି ଇନସ୍ପେକ୍ଟର ଜେନେରାଲ ମୁନସଫ, ବାବୁ କପିଳ ଚନ୍ଦ୍ର ଷଡ଼ଙ୍ଗୀ କଟକଜିଲ୍ଲା ଯାଜପୁରର ମୁନସଫ ପଦରେ ନିଯୁକ୍ତ ହେଲେ ।

କଟକ ମିଉନିସିପାଲିଟି କମିଶନରମାନଙ୍କ ସାଧାରଣ ନିର୍ବାଚନରେ ନିମ୍ନଲିଖିତ ବ୍ୟକ୍ତିମାନେ ନିର୍ବାଚିତ ହୋଇ ଅଛନ୍ତି ।

| | | |
|---|---|---|
| ଭଗିନୀଙ୍କ ଉତ୍ତାନିକ ନାହାରୀଙ୍କ | ୱାର୍ଡ | ନଂ ୧ |
| ବାବୁ କ୍ଷୀରୋଦ ସାହୁ<br>ବନମାଳୀ ଜେନୀପୁର | | ନଂ ୨ |

Split by PDF Splitter

Digitized by srujanika@gmail.com

Split by PDF Splitter



ସହିତ କୃତଜ୍ଞତା ସ୍ୱୀକାର କରୁଅଛୁଁ ଆଉ ମଧ୍ୟ କାୟ ମନୋବାକ୍ୟ ସହିତ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ ଯେ ଜଗଦୀଶ୍ୱର ତାହାଙ୍କୁ ଦୀର୍ଘଜୀବୀ କରନ୍ତୁ ଓ ଉତ୍ତରୋତ୍ତର ତାଙ୍କର ପଦୋନ୍ନତ କରନ୍ତୁ । ଇତି ।

ଚଳିଁକା-ମି·ଇଂ ସ୍କୁଲ ବାଙ୍କି ତା ୨୦।୫।୧୯୦୩ } ବଶମ୍ବଦ ଆପଣଙ୍କର ଛାତ୍ର ଶ୍ରୀ ହରେକୃଷ୍ଣ ମିଶ୍ର ଜନୈକଛାତ୍ର ।

To The Editor Utkal Dipika

Dear Sir,

A notice given in Utkal Dipika by Babu Madhusudan Rao inviting students to be admitted into the Cuttack Training school brings many sad thoughts to our minds. The abolition of stipend system in Training classes which has been a death-blow to the cau of higher vernacular education i viewed with extreme displeasure in Orissa if not anywhere else. When it was first proposed by the Director of Public Instruction, Bengal, we thought some special consideration to be made in favour of the Orissa Division, regard being had to the fact that Uriyas are generally poor and backward both in wealth and in education. But alas we were too fondly deluded! The Cuttack Training School has long been a fostering shelter to many poor Uriya lads who, but for it, would have closed their studies for ever just after their passing the M. V. and M. E. Examinations. It had two chief inducements for the admission of students; (1) the grant of stipend already taken away and (2) the appointment of successful students to suitable posts which is virtually done away with by occasional indiscriminate acts of many officers of education Department. Some such cases recently occured at Puri. By the orders of the Director of P. I. Bengal one girls' school and two Guru-Training Schools were established this year in the Puri District. For each of the Training schools were required two teachers and for the girls' school only one. Out of these 5 posts only two were given to passed students of the Cuttack Training school and three to the other three persons of far inferior qualifications in utter disregard of claims of many worthier and better qualified candidates who not only have passed creditably from the Training school but have, as teachers, added experience to their superior education and culture. This is a severe discouragement to the higher vernacular education in the Training school and as such should be condemned by the higher educational authorities.

We may here note that the Puri District Board is going shortly to appoint five Inspecting Pundits. We hope justice will be done to the able energetic and deserving candidates and due preference given to the passed Training school student otherwise the school will lose all its charm's.

Yours Truly

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ରଘୁପ୍ରସାଦ ଜଗଡ଼ ଦେବ | କଟକ | ଟ ୨ | ( |
| ରାଜା । ବ । | ଢାଳକେନାଳ | ଟ ୨ | ( |
| ବାବୁ ଗୋକୁଳାନନ୍ଦ ଚୌଧୁରୀ | ଝଟକ | ଟ ୩ | ( |
| ,, ଗୋପାଳଚରଣ ମହାନ୍ତି | ବଡ଼ାଲେ | ଟ ୩ | ( |

# ବିଜ୍ଞାପନ ।

ଏତଦ୍ୱାରା ବିଜ୍ଞାପିତ ହେଉଅଛି ଯେ ଆମ୍ଭ ପ୍ରକାଶିତ ଓଡ଼ିଆ "ପାକପ୍ରଣାଳୀ" ଆଉ ଏଣିକି ବିତରଣ କରାଯିବ ନାହିଁ । ଯେହେତୁ ଉକ୍ତ ପୁସ୍ତକ ଶେଷ ହୋଇଅଛି ତାହା ଏଣିକ କେହି ସେଥିପାଇଁ ଆମ୍ଭ ନିକଟକୁ ପତ୍ର ଲେଖିବେ ନାହିଁ ।

୨୩।୭।୦୩ ଗଡ଼ବାଟୀ } Sadhu Charan Mansing Harichandan Mahapatra ରାଜା । କି । ନରସିଂହପୁର

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଶ୍ରୀ ରାଜା ମୁକୁନ୍ଦଦେବ । ସା କଅର ଲୁଣ୍ଠନବେଣ୍ଟସାହି ପୁରୀ ସ୍ୱପରଷ୍ଟେଟଶ୍ରେଷ୍ଠ ମନ୍ଦିର ଶ୍ରୀ ଜଗନ୍ନାଥ ଜିଉ ପୁରୀ, ଆମ୍ଭଙ୍କୁ ଶ୍ରୀଯୁକ୍ତ ଗବର୍ଣ୍ଣମେଣ୍ଟଙ୍କ ଅନୁମତିକ୍ରମେ ମାନେଜର ମୁକ୍ତାର ପତ୍ର ସମ୍ପୂର୍ଣ୍ଣ ଭାବ ଅର୍ପଣ କରିଥିବାରୁ ଏବଂ ଶ୍ରୀ ରାଜା ମହୋଦୟ ଆମ୍ଭ କ୍ଷମତାପତ୍ରଦ୍ୱାରା ସ୍ୱକୀୟ ସମ୍ପତ୍ତିର ତତ୍ତ୍ୱାବଧାନ କରିବାକୁ ଆମ୍ଭଙ୍କୁ ନିଯୁକ୍ତ କରି ତାଙ୍କଦ୍ୱାରା ଏଥି ପୂର୍ବରୁ ଦିଆଯାଇଥିବା ସମସ୍ତ ଅକ୍ତିଆରନାମା ରଦ ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ଦେଇଥିବାରୁ ଆମ୍ଭେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ନାମରେ ଥିବା ଅକ୍ତିଆରନାମା ରଦ ବାତିଲ କରୁଅଛୁଁ । ନିମ୍ନଲିଖିତ ବ୍ୟକ୍ତିମାନେ ଶ୍ରୀ ଜଗନ୍ନାଥ ସରକାର ଅଥବା ମନ୍ଦିର ଷ୍ଟେଟ ସମ୍ବନ୍ଧେ ସେମାନଙ୍କ ଅକ୍ତିଆରନାମା ସବଳ ଅନୁସାରେ କୌଣସି କାର୍ଯ୍ୟ କରିବାର କ୍ଷମତା ନ ରହିଲା । ସେମାନେ ଅଦ୍ୟାବଧି ଠାରୁ ସେମାନଙ୍କ ଅକ୍ତିଆର ନାମା ବଳରେ କୌଣସି କାର୍ଯ୍ୟ କରିବେ ନାହିଁ; କଲେ ଶ୍ରୀ ଜଗନ୍ନାଥ ସରକାର ଅଥବା ଆମ୍ଭେ ସେ କାର୍ଯ୍ୟରେ ବାଧ୍ୟ ନ ହେବେ ବା ନ ହେବୁଁ । ଯଦି ସେମାନଙ୍କ ମଧ୍ୟରୁ କେହି ଏ ନୋଟିସ ଦେଖିବାରୁ ଅପଣା ଅକ୍ତିଆରନାମା ଅନୁସାରେ କୌଣସି କାର୍ଯ୍ୟ କରନ୍ତି ତେବେ ଆମ୍ଭେ ତାଙ୍କ ବିରୁଦ୍ଧରେ ଅଦାଲତରେ ପ୍ରତୀକାର ଖୋଜିବୁ ।

କୃଷ୍ଣମୋହନ ପଟ୍ଟନାୟକ । ସା । ଦଧିମାଛ ଗଡ଼ିଆ । ତ । ଖୋର୍ଦ୍ଧା

ଭାଗବତ ପଟ୍ଟନାୟକ । ସା । ମାର୍କଣ୍ଡେଶ୍ୱର-ସାହି, ପୁରୀ

ରାସବିହାରୀ ପଟ୍ଟନାୟକ । ସା । ଦୋଳମଣ୍ଡପ-ସାହି ପୁରୀ

ଗଦାଧର ପଟ୍ଟନାୟକ । ସା । ବାଲି ମାର୍କଣ୍ଡେଶ୍ୱର ସାହି, ପୁରୀ

ମଦନ ଷଣ୍ଢ । ସା । ପୁରୀ

ନରେନ୍ଦ୍ର ଦାସ । ସା । ମଙ୍ଗଳପୁର । ପ୍ର । ଲୁଣିମଣ୍ଡଳ କଟକ

ପଦ୍ମଚରଣ ମହାନ୍ତି । ସା । ବାରବାଟୀ । ପ୍ର । କୋଟଦ୍ୱାରାଙ୍ଗ, ପୁରୀ

ନାରଣ ରାଉତ । ସା । ଗୁରୁଜଙ୍ଗ । ପ୍ର । ରହଙ୍ଗ ପୁରୀ

ସାଧୁଚରଣ ପଟ୍ଟନାୟକ । ସା । ସାଡ଼ଙ୍ଗପୁର । ପ୍ର । ଲେମ୍ବାଇ, ପୁରୀ

ଦୁର୍ଗାପ୍ରସନ୍ନ ପଟ୍ଟନାୟକ । ସା । ଭିଁପୁର । ତ । ବାଣପୁର, ଖୋର୍ଦ୍ଧା

ମୁକୁନ୍ଦ ପଟ୍ଟନାୟକ । ସା । କୁସୁମ । ତ । ରାମେଶ୍ୱର, ଖୋର୍ଦ୍ଧା

ଦସ୍ତାନିଧି ରାମଗୁରୁମହାପାତ୍ର । ସ । ପୁରୀ

ନୀଳକଣ୍ଠ ମହାନ୍ତି । ସା । ଓରକୋ । ପ୍ର । ଭରଣ, କଟକ

ମଧୁସୂଦନ ମହାନ୍ତି ମୁକ୍ତାର । ସା । ପୁରୀ

କ୍ଷୀରଭଦ୍ର କାନଗୋଇ । ସା । କନକପୁର । ପ୍ର । କୋଧାର, ପୁରୀ

ମାଧବାନନ୍ଦ ଦାସ । ସ । କଟକ

ଚନ୍ଦ୍ରାମଣି ପଟ୍ଟନାୟକ । ସା । ପୁରୁଷୋତ୍ତମପୁର । ତ । ରାମେଶ୍ୱର, ଖୋର୍ଦ୍ଧା

ରତ୍ନାକର ନାୟକ । ସା । ଗୋବିନ୍ଦପୁର । ପ୍ର । କୋଟଦ୍ୱାରାଙ୍ଗ, ପୁରୀ

କୃଷ୍ଣଚରଣ ମହାନ୍ତି । ସା । କଟକ

ବିନୋଦବିହାରୀ ବେହେରା । ସା । ଯାଳା । ତ । ଦାଣ୍ଡିମାଳ, ଖୋର୍ଦ୍ଧା

ମଙ୍ଗୁଳିଘୋଷ । ସା । ପଦ୍ମକେଶର । ପ୍ର । କୋଟଦ୍ୱାରାଙ୍ଗ, ପୁରୀ

ଲୋକନାଥ ବ୍ରହ୍ମା । ସା । ଘୋରଡିଆ । ପ୍ର । ଲେମ୍ବାଇ, ପୁରୀ

ରଣ୍ଡିଚିନ୍ତାମହାପାତ୍ର । ସା । କୁଦଅର ଖୋର୍ଦ୍ଧା

ପୀତାମ୍ବର ରାଉତରାୟ । ସା । ,,

ଯୋଗିରାଉତ । ସା । ଗୁରୁଜଙ୍ଗ । ପ୍ର । କୋଟରାଦାଙ୍ଗ, ପୁରୀ

ଜଗନ୍ନାଥମନ୍ଦିର ମାନେଜର ଅଫିସ ପୁରୀ ତା ୨୫ ଋଣ ମଇ ସନ ୧୯୦୩ ମସୀହା । } Raj Kishore Das ମାନେଜର ଜଗନ୍ନାଥ ମନ୍ଦିର

Digitized by srujanika@gmail.com

## ବିଜ୍ଞାପନ ।

ଆଉ ତାହାଠାରୁ ଅସ୍ଥାୟୀ ଗୁଣବିଶିଷ୍ଟ ବାଜେ ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

# DANZIN

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ
ଜଗତ୍ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ
ଫଳପ୍ରଦ ମହୌଷଧ—

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ
ରେଜଷ୍ଟ୍ରୀକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସିମାନଙ୍କ ଇନ୍ଦ୍ରିୟ ଶୃଙ୍ଖଳ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜୀନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ଙ୍କର ଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ଅରଣ୍ୟ ପ୍ରଦେଶଜାତ କେତେଗୁଡ଼ିଏ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିୟାର ଅନୁମୋଦିତ ଆୟୁର୍ବେଦ, ଫଷ୍ଟଗଣି ଇଣ୍ଡିୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜୀନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଗଲାଛି ! ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରୁଥାନ୍ତି ଯେବେ ତୁମ୍ଭେ ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ୍ୟ ହୁଅ ନାହିଁ । ଏହି ମହାଶକ୍ତି "ଡ୍ୟାନଜୀନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! କର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କେବେହେଁ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜୀନ" ଏହାବେଳେ ଦୂରୀଭୂତ କରିଦେଇଅଛି । ଡ୍ୟାନଜୀନ ଡ୍ୟାନଜୀନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରିଦେବାର ସ୍ପଷ୍ଟ ଦେଖାଯାଏ । ଡ୍ୟାନଜୀନର ଗୁଣ ସ୍ଥାୟୀ । ଲେଶ ମାତ୍ର ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ଡ୍ୟାନଜୀନର ଗୁଣ ସ୍ଥାୟୀ ।

ଡ୍ୟାନଜୀନରେ—ମଦ, ଅଫିମ, ଷ୍ଟ୍ରିକନିୟା, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା କ୍ଷାରାକ୍ତ ପଦାର୍ଥର ସଂଶ୍ରବ ନାହିଁ । ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀରରେ ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜୀନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜୀନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

### ଡ୍ୟାନଜୀନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା । ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂୟ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ସୂତାପରି ପଦାର୍ଥ ବାହାରି ହେବା । ସ୍ତ୍ରୀଲୋକ ଦର୍ଶନ ବା ସ୍ମରଣରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମୂତ୍ରାଧାର, ମୂତ୍ରକୃଚ୍ଛ୍ର, ଘୁସଘୁସ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁ ଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, କଷ୍ଟରଜ, ଋତୁକାଳୀନ ଉଦରରେ ବେଦନା ଓ ଝନଝନାନି ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଚୁଆ, ନାଳଘା, ଉଦର, ଭଗନ୍ଦର, ନାଳୁ କୁଣ୍ଡିଆ ଓ ଏମନ୍ତ କି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର ଟାଣି ଧରିବା, ହାତ ଓ ଗୋଡ଼ ଫୁଲିବା, ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜୀନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧ । ୩ ବୋତଲ ଟ ୪୲୦ , ୬ ବୋତଲ ଟ ୭୲୦ ଓ ୧୨ ବୋତଲ ଟ ୧୪୲୦ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦ । ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

B. G. & Co. Calcutta Registered Telegraphic address."DANZIN" CALCUTTA.

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ,
ଥିଇ, ବି, ଜି, ଏଣ୍ଡ କୋଂ କଲିକତା

## ୨୪ ଘଣ୍ଟାରେ ଦାଦୁର ଆରୋଗ୍ୟ ।

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଦାଦୁର ଔଷଧ ।

ଯେ କୌଣସି ପ୍ରକାର ଦାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ଅନିଷ୍ଟକାରୀ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୵ ଡଜନ ଟ ୲୦ ପ୍ୟାକିଂ ଏକଠାରୁ ୧୨ କୌଟା ଟ ୦ ୵ ।

ଡାକ୍ତର ମାର୍ଟିନଙ୍କର "ଅଏଣ୍ଟମେଣ୍ଟ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।
ମୂଲ୍ୟ ପ୍ରତି କୌଟା ଟ ୧୲୦ ଡଜନ ଟ ୧୦ ୮ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୵
ଏଜେଣ୍ଟସ—ଥିଇ, ବି, ଜି ଏଣ୍ଡ କୋଂ କଲିକତା


Split by PDF Splitter
Digitized by srujanika@gmail.com

## NEW YORK LIFE INSURANCE COMPANY

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent Cuttack.*

## ADVERTISEMENT.

IT'S SO EASY TO NEGLECT THAT COLD!

It's so fatally easy to let that cold turn into Ague and fever.

But it's easy also, to find a good remedy in Batliwalla's Ague Mixture or Pills for it which are equally usefull in Malarious, Intermittent, and Bilious Fevers, and mild form of Plague, Surgeon-Major Jayakar says: That it is a safe and reliable remedy.

Batliwalla & Co.'s Cholerol, specific for cholera and Batliwalla's Ague Mixture or Pills may be had of DR. H. L. BATLIWALLA Worli—Dadar Bombay, and everywhere. At Re 1 per bottle. Discount to the Trade.


ଶ୍ରୀମଦ୍ଦେବୀଭାଗବତ ଶାକ୍ତ ବୈଷ୍ଣବ ଓ ଶୈବ ପ୍ରଭୃତି ଉପାସକଙ୍କର ବିଶେଷତଃ ହିନ୍ଦୁମାନଙ୍କର ପରମାଦରଣୀୟ ଗ୍ରନ୍ଥ । ଏହି ମହାନ୍ ଗ୍ରନ୍ଥର ବହୁଳ ପ୍ରଚାର ନ ଥିବାରୁ ଆମ୍ଭେ ଅତ୍ୟନ୍ତ ଯତ୍ନ ସହିତ ସଂସ୍କୃତରୁ ଉତ୍କଳ ଭାଷାରେ ନବାକ୍ଷରୀ ପଦ୍ୟରେ ଅନୁବାଦ କରି କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ କରଉଅଛୁଁ ପ୍ରୋକ୍ତ ୧ମ ସ୍କନ୍ଧର ଭୂମିକା ପାଠ କଲେ ଦେବୀ ମାହାତ୍ମ୍ୟ ଓ ଅନ୍ୟାନ୍ୟ ସମସ୍ତ ବିବରଣ ଅନାୟାସରେ ଜାଣି ପାରିବେ । ପ୍ରଥମସ୍କନ୍ଧ ପ୍ରକାଶିତ ହୋଇଅଛି ଏବଂ ଦ୍ୱିତୀୟସ୍କନ୍ଧ ମଧ୍ୟ ଛପାଇ ନିଆ ଯାଇଅଛି । ମହର୍ଷି ବେଦବ୍ୟାସଙ୍କ କୃତ ତାହାଙ୍କର ଅଷ୍ଟାଦଶ ପୁରାଣର ପଞ୍ଚମଗଣ ନାମରେ ଏହି ଦେବୀ ଭାଗବତ ମହାପୁରାଣ ମଧ୍ୟରେ ପରିଗଣିତ । ପାଠକେ ଏ ଗ୍ରନ୍ଥରୁ ଏକ ଏକ ସେଟ କ୍ରୟ କରି ପାଠ କଲେ ଶ୍ରମ ସଫଳ ଜ୍ଞାନ କରିବୁଁ ।

ଏଥିର ୧ମ ସ୍କନ୍ଧର ମୂଲ୍ୟ ଟ ୦ ୫
ଡାକମାସୁଲ ଟ ୦ ୵

୨ୟସ୍କନ୍ଧ ଯନ୍ତ୍ରସ୍ଥ ।

ସହର କଟକ ଦରଘାବଜାରସ୍ଥ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନକୁ ଅଥବା ଶ୍ରୀ ନାରାୟଣଚନ୍ଦ୍ର ମହାନ୍ତି ଝିମୂଲ୍ୟ ବରଣ ନଂ କେଶବଗଡ଼ ପୋଷ୍ଟ ଅଫିସ ଜଗଧରପୁର ଏହି ଠିକଣାକୁ ନଗଦ ମୂଲ୍ୟ ପଠାଇଲେ ବା ଭିଃ ପିଃ ଡାକରେ ନେବାକୁ

ପତ୍ର ଲେଖିଲେ ଉପରଲିଖିତ ପୁସ୍ତକ ସ୍ୱଚ୍ଛନ୍ଦେ ପାଇ ପାରିବେ ।

ଠାକୁରସାହେବ ଶ୍ରୀମନ୍ ଲକ୍ଷ୍ମୀନାରାୟଣ ସିଂହ ଦେବ । ସିଦ୍ଧଭୂମି । ଜୈପୁର ଇଷ୍ଟେଟ ।

ଗ୍ରୀଷ୍ମାବକାଶ ପରେ ଆଗାମୀ ଜୁନ ମାସ ତା ୨୨ ରଖ ଦିନ କଟକ ଟ୍ରେନିଂ ବା ନର୍ମାଲ ସ୍କୁଲ ଫିଟିବ । ଯେଉଁମାନେ ମଧ୍ୟଇଂରାଜୀ ବା ମଧ୍ୟଭର୍ଣ୍ଣାକୁଲର ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ, ସେମାନେ ପ୍ରଥମବର୍ଷୀୟ ଶ୍ରେଣୀରେ ଭର୍ତ୍ତିହୋଇ ପାରିବେ । ନୂତନ ନିୟମ ଅନୁସାରେ ଏବେ ଦୁଇବର୍ଷମାତ୍ର ପଢ଼ିବାକୁ ହେବ ଏବଂ ଯେଉଁମାନେ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ସେମାନେ ଶୀଘ୍ର ଉପଯୁକ୍ତ କର୍ମରେ ନିଯୁକ୍ତ ହେବେ । ଛାତ୍ରମାନଙ୍କର ଉପକାରାର୍ଥ ଛାତ୍ରାବାସ ଅଛି ଏବଂ ସେମାନଙ୍କର ଚିକିତ୍ସା ପାଇଁ ଡାକ୍ତର ନିଯୁକ୍ତ ଅଛନ୍ତି । ପ୍ରବେଶାର୍ଥୀମାନେ ଜୁନ ମାସ ମଧ୍ୟରେ ଆପଣାର ସାର୍ଟିଫିକଟ ସହିତ ଆମ୍ଭ ନିକଟରେ ଉପସ୍ଥିତ ହେଲେ, ଭର୍ତ୍ତିହୋଇ ପାରିବେ ।

Madhu Sudan Rao
Head Master, Training School
CUTTACK.

# ଫଳେନ ପରିଚୀୟତେ

ନବବାଳ ଶ୍ରୀଛକଡ଼ି କର କବିରତ୍ନଙ୍କର

## ଅନ୍ନପୂର୍ଣ୍ଣା ।

ଆୟୁର୍ବେଦୀୟ ଔଷଧାଳୟ, ଚୌଧୁରୀବଜାର, କଟକ

ଏହି ଔଷଧାଳୟରେ ଆୟୁର୍ବେଦ ଶାସ୍ତ୍ରୋକ୍ତ ସର୍ବପ୍ରକାର ଔଷଧାଦି ଦ୍ରବ୍ୟ ଓ ସୁଲଭ ମୂଲ୍ୟରେ ପ୍ରାପ୍ତବ୍ୟ । ମୋଫସଲର ରୋଗିମାନେ ରୋଗର ଅବସ୍ଥା ଅର୍ଦ୍ଧ ଅଣାର ଷ୍ଟାମ୍ପ ସହ ଲେଖିଲେ ସୁବ୍ୟବସ୍ଥା ସହିତ ପ୍ରେରିତ ହୁଏ ।

ଷଡ଼ଗୁଣାବଲୀଜାରିତ ସ୍ୱର୍ଣ୍ଣଘଟିତ

### ମକରଧ୍ୱଜ ।

ଏହା ସର୍ବ ରୋଗନାଶକ ଓ ଜଗଦ୍ୱିଖ୍ୟାତ ଔଷଧ ଅନୁପାନ ବିଶେଷରେ ପ୍ରୟୋଗ ହେଲେ ଏହାଦ୍ୱାରା ଅଜୀର୍ଣ୍ଣ, ଅର୍ଶ, ଅମ୍ଳପିତ୍ତ, ଶୁକ୍ରକ୍ଷୟ, ସ୍ୱପ୍ନଦୋଷ, କୋଷ୍ଠ ଅଜୀର୍ଣ୍ଣ ବାୟୁଜ୍ୱର, କାଶ, ଶ୍ୱାସ, କୃମି; ପାଣ୍ଡୁ ଏବଂ ବୃଦ୍ଧାବସ୍ଥାର ପ୍ରାୟ ସମସ୍ତ ପୀଡ଼ା, ଉତ୍କଟ ବ୍ୟାଧି ଅନ୍ତେ ଓ ସ୍ତ୍ରୀମାନଙ୍କର ପ୍ରସବ ଶେଷରେ ଦୌର୍ବଲ୍ୟ, ଅଜୀର୍ଣ୍ଣ ଜଟିଳ ରୋଗସବୁ ଶୀଘ୍ର ନିବାରିତ ହୁଏ । ଅତିଶୟ ଅଧ୍ୟୟନ ଦ୍ୱାରା ଅଥବା କୌଣସି ଶାରୀରିକ ବା ମାନସିକ ପରିଶ୍ରମଜନିତ ଧାତୁଦୌର୍ବଲ୍ୟ, ମସ୍ତିଷ୍କର ଗ୍ଳାନବଲତା, ସ୍ମରଣଶକ୍ତିର ଅଳ୍ପତା,

ଚକ୍ଷୁର ଜ୍ୟୋତିଃହ୍ରାସ, ଶିରଃପୀଡ଼ା ପ୍ରଭୃତି ଏବଂ ଶିଶୁମାନଙ୍କର ସର୍ଦ୍ଦି କାଶ ପକ୍ଷରେ ଅବ୍ୟର୍ଥ ମହୌଷଧ । ସାତ ମାତ୍ରାର ମୂଲ୍ୟ ଟ ୧୵ ।

ଭ ୧ ଉ ୫ ୪୦

## ଶ୍ରୀକୃଷ୍ଣବିଲାସବଟିକା ।

ଏହି ଔଷଧ ସାର୍ଥ୍ୟସ୍ତମ୍ଭଶକ୍ତିରେ ଏକମାତ୍ର ମହୌଷଧ, ଯେଉଁମାନଙ୍କର ସ୍ୱଳ୍ପକାରଣ ବଶତଃ ବୀର୍ଯ୍ୟ ସ୍ଖଳିତ ହେଉଥାଏ, ସେମାନେ ଏହି ଔଷଧ ବ୍ୟବହାର କଲେ ଅଳ୍ପ ସମୟମଧ୍ୟରେ ବିଶେଷ ଫଲଲାଭ କରି ପାରିବେ ଏବଂ ଧାତୁଦୌର୍ବଲ୍ୟ ଉପଶମ ହେବ । ଏହା ସମ୍ବନ୍ଧରେ ବାହୁଲ୍ୟ ଅଭିମତର ନିଷ୍ପ୍ରୟୋଜନ । ଥରେମାତ୍ର ସେବନ କଲେ ସମସ୍ତ ଅବଗତ ହୋଇ ପାରିବେ ।

ଏହି ଉକ୍ତ ଔଷଧର ମୂଲ୍ୟ ଟ ୧୵ ମାତ୍ର ।

## କଳ୍ପତରୁରସାୟନ ।

( ଦେଶୀୟ ସାଲସା )

ଏଥିରେ ଉପଦଂଶ ( ଗରମୀ ) କ୍ଷତ, ପାରଦଦୋଷଜନିତ ଶରୀରରେ ଚକାଡ଼ା ଓ ଚଡ଼ା ଦାଗ; ଷୋଟକୋଥିଭି ଓ ବାତ ପ୍ରଭୃତି ନିଶ୍ଚୟ ଆରୋଗ୍ୟ ହୁଏ । ଅଧିକନ୍ତୁ ଏହା ରକ୍ତ ପରିଷ୍କାର କରି ଶରୀରର ପୁଷ୍ଟି ସାଧନ କରେ ଏହା ସମସ୍ତ ଋତୁରେ ବ୍ୟବହାର ହୁଏ ।

ଏହି ଶିଶିର ମୂଲ୍ୟ ଟ ୧୵ ମାତ୍ର ।

ଏକକେ ଛଅଶିଶି ନେଲେ ଟ ୪୵ ଙ୍କା ଲାଗେ ।

| | |
|---|---|
| ଚୌଧୁରୀ ବଜାର | ଶ୍ରୀ ଛକଡ଼ି କର କବିରତ୍ନ ଅନ୍ନପୂର୍ଣ୍ଣା |
| କଟକ | ଆୟୁର୍ବେଦୀୟ ଔଷଧାଳୟ । |

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥାଃ—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ୫ ୬ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୧ | |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ, ଚାରିଟି ଧାଡ଼ି ୫୦ ୯ ଙ୍କାରୁ ନ୍ୟୁନ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ତେହା ଓ ତୃତୀୟାଂଶ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ମୁଁଶୀ ନନ୍ଦ ଭଗ୍ନିବର୍ଷରେ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

୩୮ ଭାଗ } CUTTACK, SATURDAY THE 13th June 1903. { ଅଗ୍ରିମ ୫ ଟଙ୍କା
୨୪ ସଂଖ୍ୟା } ତା ୩୧ ଶ ଜ୍ୟେଷ୍ଠ ସନ ୧୩୧୦ ସାଲ ଶନିବାର { ପଶ୍ଚାଦେୟ ୫ ଟଙ୍କା

## ବିଜ୍ଞାପନ ।

### NOTICE.

Under orders from the Director of Public Instruction, Bengal, the summer vacation of the Ravenshaw collegiate school Cuttack, is extended up to the 5th July 1903.

Ravenshaw College } B. V. GUPTA,
CUTTACK } *Principal*
The 11th June 1903 }

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଶ୍ରୀ ରଜା ମୁକୁନ୍ଦଦେବ । ସା । ଅଧର ଭୂଣ୍ଡାଉଳେଶ୍ୱରାଙ୍କ ପୁରୀ ସୁପ୍ରଣ୍ଡେଣ୍ଟେଣ୍ଡ ମନ୍ଦିର ଶ୍ରୀ ଜଗନ୍ନାଥ ଭଉ ପୁରୀ ଅମ୍ଭଙ୍କୁ ଗବର୍ଣ୍ଣମେଣ୍ଟଙ୍କ ଅନୁମତିକ୍ରମେ ମାନେଜର ମୁକ୍ତାରନାମାର ସମ୍ପୂର୍ଣ୍ଣ ଭାର ଅର୍ପଣ କରିଅଛନ୍ତି ଏବଂ ଶ୍ରୀ ରଜା ମହୋଦୟ ଆମ୍ଭ କ୍ଷମତାପତ୍ରଦ୍ୱାରା ସ୍ୱକୀୟ ସମ୍ପତ୍ତିର ତତ୍ତ୍ୱାବଧାନ କରିବାକୁ ଆମ୍ଭଙ୍କୁ ନିଯୁକ୍ତ କରି ତାଙ୍କଦ୍ୱାରା ଏହି ପୂର୍ବରୁ ଦିଆଯାଇଥିବା ସମସ୍ତ ଅକ୍ତିଆରନାମା ରଦ କରିବାର ସମ୍ପୂର୍ଣ୍ଣ ଅଧିକାର ଦେଇଥିବାରୁ ଆମ୍ଭେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ନାମରେ ଥିବା ଅକ୍ତିଆରନାମା ରଦ କରିଅଛୁଁ । ନିମ୍ନଲିଖିତ ବ୍ୟକ୍ତିମାନେ ଶ୍ରୀ ଜଗନ୍ନାଥଙ୍କ ଅଥବା ଖୋର୍ଦ୍ଧା ଷ୍ଟେଟ ସମ୍ବନ୍ଧେ ସେମାନଙ୍କ ଅକ୍ତିଆରନାମା ବଳରେ ଅଦାଲତରେ କୌଣସି କାର୍ଯ୍ୟ କରିବାର କ୍ଷମତା ନ ରହିଲା । ସେମାନେ ଅଦ୍ୟାବଧି ଠାରୁ ସେମାନଙ୍କ ଅକ୍ତିଆର ନାମା ବଳରେ କୌଣସି କାର୍ଯ୍ୟ କରିବେ ନାହିଁ; କଲେ ଗ୍ରହଣ କରିବାର ଅଥବା ଅମ୍ଭେ ସେ କାର୍ଯ୍ୟରେ ବାଧ୍ୟ ନ ହେବେ ନା ନ ହେବୁଁ । ଯଦି ସେମାନଙ୍କ ମଧ୍ୟରୁ କେହି ଏ ନୋଟିସ ଉତ୍ତାରୁ ଆପଣା ଅକ୍ତିଆରନାମା ଅନୁସାରେ କୌଣସି କାର୍ଯ୍ୟ କରନ୍ତି ତେବେ ଅମ୍ଭେ ତାଙ୍କ ବିରୁଦ୍ଧେ ଉଚିତ ଅଦାଲତରେ ପ୍ରତୀକାର କରିବୁ ।

କୃଷ୍ଣମୋହନ ପଟ୍ଟନାୟକ । ସା । ଦଧିମାଛଗଡିଆ । ଜି । ଖୋର୍ଦ୍ଧା

ଭାଗବତ ପଟ୍ଟନାୟକ । ସା । ମାର୍କଣ୍ଡେଶ୍ୱର ସାହି, ପୁରୀ

ରାମଚନ୍ଦ୍ର ପଟ୍ଟନାୟକ । ସା । ଦୋଳମଣ୍ଡପ ସାହି ପୁରୀ

ଗଦାଧର ପଟ୍ଟନାୟକ । ସା । ବାଲି ମାର୍କଣ୍ଡେଶ୍ୱର ସାହି, ପୁରୀ

ମଦନ ଖଣ୍ଡ । ସା । ପୁରୀ

ନରେନ୍ଦ୍ର ଦାସ । ସା । ମଙ୍ଗଳପୁର । ପ୍ର । ରୂପମଙ୍ଗଳ କଟକ

ପଦ୍ମଚରଣ ମହାନ୍ତି । ସା । ବାରବାଟୀ । ପ୍ର । କୋଟଦେଶ, ପୁରୀ

ନାରଣ ରାଉତ । ସା । ସୁନକଲା । ପ୍ର । ରହାଙ୍ଗ, ପୁରୀ

ସାଧୁଚରଣ ପଟ୍ଟନାୟକ । ସା । ସାଦନପୁର । ପ୍ର । ଲେମ୍ବାଇ ପୁରୀ

ଦୁର୍ଗାପ୍ରସାଦ ପଟ୍ଟନାୟକ । ସା । ଭିମପୁର । ଜି । ବାଣପୁର, ଖୋର୍ଦ୍ଧା

ମୁକୁନ୍ଦ ପଟ୍ଟନାୟକ । ସା । କୁମ୍ଭ । ଜି । ରମେଶ୍ୱର, ଖୋର୍ଦ୍ଧା

ଦମ୍ବାଦାସ ଗୁରୁଗୁରୁମହାପାତ୍ର । ସା । ପୁରୀ

ଲୀଳାଧର ମହାନ୍ତି । ସା । ଓଗଡ଼ୋ । ପ୍ର । ଝରଣ, କଟକ ।

ମଧୁସୂଦନ ମହାନ୍ତି ମୁକ୍ତାର । ସା । ପୁରୀ ।

ଶ୍ରୀରାମ କାଲଗୋଇ । ସା । ଜଗନ୍ନାଥପୁର । ପ୍ର । କୋଧାର, ପୁରୀ ।

ମାଧବାନନ୍ଦ ଦାସ । ସ । କଟକ

ଚକ୍ରାମଣି ପଟ୍ଟନାୟକ । ସା । ପୁରୁଷୋତ୍ତମପୁର । ଜି । ରମେଶ୍ୱର, ଖୋର୍ଦ୍ଧା

ରତ୍ନାକର ନାୟକ । ସା । ଗୋବିନ୍ଦପୁର । ପ୍ର । କୋଟଦେଶ, ପୁରୀ ।

କୃଷ୍ଣଚରଣ ମହାନ୍ତି । ସା । କଟକ ।

ଶ୍ରୀଗୋବିନ୍ଦ ବେହେରା । ସା । ସାଲାନ । ଦାଣ୍ଡିମାଳ, ଖୋର୍ଦ୍ଧା

ମଙ୍ଗଳଗୋସାଇଁ । ସା । ପଦ୍ମକେଶରୀ । ପ୍ର । କୋଟଦେଶ, ପୁରୀ ।

ଲୋକନାଥ ବ୍ରହ୍ମା । ସା । ଗୋରଡିଥ । ପ୍ର । ଲେମ୍ବାଇ, ପୁରୀ ।

ଚଣ୍ଡିଚରଣ ମହାପାତ୍ର । ସା । କୁହୁଡ଼ି, ଖୋର୍ଦ୍ଧା ।

ଶ୍ରୀନନ୍ଦକିଶୋରଭଞ୍ଜ । ସା ।

ଯୋଗନାଥ । ସା । ଧୁରକଲା । ପ୍ର । କୋଟଦେଶ, ପୁରୀ

ଜଗନ୍ନାଥମନ୍ଦିର ମାନେଜରଙ୍କ ଅଫିସ ପୁରୀ ତା ୨୯ ଶେ ମଇ ସନ ୧୯୦୩ ମସୀହା । } Raj Kishore Das ମାନେଜର ଜଗନ୍ନାଥ ମନ୍ଦିର

Digitized by srujanika@gmail.com

## ଉତ୍କଳଦୀପିକା ।

ଗତ ପ୍ରକାଶିତ ସରକାରୀ ବିବରଣରୁ ପ୍ରକାଶ ଯେ ମଧ୍ୟପ୍ରଦେଶରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ୫୧,୫୭୬ ରୁ ୪,୯୫୩ କୁ ଏବଂ ସମସ୍ତ ଭାରତରେ ପ୍ଲେଗ ରୋଗ ମୃତ୍ୟୁ ୧୦୫୬୭୩ ରୁ ୮୬୭୨ କୁ ଖସି ଆସିଅଛି । ମୋଟ ପ୍ଲେଗ ମୃତ୍ୟୁ ମଧ୍ୟରେ ଏକା ପଞ୍ଜାବରେ ୭୩୫୪ ମୃତ୍ୟୁ ଘଟିଅଛି । ସୁତରାଂ ସେଠାରେ ରୋଗ ପ୍ରବଳ ରହିଅଛି । ଯାହାହେଉ କ୍ରମାଗତ ଜଣା ପଡ଼ିବା ଭଲ ବୋଲିବାକୁ ହେବ ।

---

ଇଞ୍ଜିନେୟର ଏବଂ ଶିଳ୍ପଧାତୁର ପତ୍ରରେ ଲେଖାଅଛି କି ଗୋଟିଏ ନୂତନ ଧାତୁର ଆବିଷ୍କାର ହୋଇଅଛି । ତାହା ସର୍ଟ ସଟେଇ ନାମରେ ଶୀଘ୍ର ବଜାରରେ ବାହାର ହେବ । ଏ ଧାତୁରେ ଏଲୁମିନିୟମର ସଂଯୋଗ ଅଛି ଏବଂ ଏଲୁମିନିୟମ ପରି ଏହା ହାଲୁକା ଓ ଅମ୍ଳ ଦ୍ୱାରା ବର୍ଜିତ ଅଟେ । ଏହା ଏପରି ନିରମ ଯେ ଏଥିରେ ତାର ଟାଣି ଏବଂ ପିଟିଲେ ଯେ ସମସ୍ତ କାର୍ଯ୍ୟ ହୁଅନ୍ତ ସେ ସମସ୍ତ ହୋଇ ପାରେ । ମାତ୍ର ଏହାର ଓଜନ ପିତ୍ତଳର ଏକ ଚତୁର୍ଥାଂଶ ଅଥଚ ମୂଲ୍ୟ ପ୍ରାୟ ସମାନ ଅଟେ ।

---

ଇଂଲଣ୍ଡର ରାଜକୁମାର ସପତ୍ନୀକ ଆସନ୍ତା ଅଗଷ୍ଟ ଅଥବା ସେପ୍ଟେମ୍ବର ମାସରେ ଭାରତ ପରିଦର୍ଶନାର୍ଥେ ଆସିବେ ବୋଲି ଏକ ତାରସମ୍ବାଦ ଅଳ୍ପଦିନ ହେଲା ବାହାରିଥିଲା । ମାତ୍ର ତାହା ଠିକ ନୁହେ । ରୁଷୀୟ ଯୁବରାଜ ଆମେରିକା ଦର୍ଶନାର୍ଥେ ଉକ୍ତ ମାସରେ ଯାତ୍ରା କରିବେ । ତାହାଙ୍କ ଗମନାର୍ଥେ ଯେଉଁ କଳ ଜାହାଜ ଠିକ ହୋଇଅଛି ତାହାର ନାମ 'ଡିଂ ଅଲେକ୍ଜାଣ୍ଡର' ଅଟେ । ଏହି ଜାହାଜ ଦେଢ଼କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇ ସନ ୧୯୦୧ ସାଲରେ ଜଳରେ ପଡ଼ିଥିଲା । ତାହାର ଦୈର୍ଘ୍ୟ ୫୦୦ ଫିଟ ଏବଂ ପ୍ରସ୍ଥ ୭୯ ଫିଟ ଅଟେ । ଏହିରେ ୮୧୩ ଜଣ ନାବିକ ଏବଂ ଛୋଟ ବଡ଼ ୧୮ ଟା ତୋପ ଅଛି । ଏହି ଜାହାଜ ପ୍ରତିଘଣ୍ଟାରେ ମା ୨୩ ମାଇଲରୁ ଅଧିକ ଚଳେ ।

---

ଷ୍ଟ୍ରାନ ନଗରର ହୋଇଲକ୍ଷଣିର ମାନେଜର ମାଇକିନ ସାହେବ ପିସ୍ତଲଦ୍ୱାରା ଷଣ୍ଡୁବାଉରଙ୍କୁ ହତ୍ୟା କରିବା ଅଭିଯୋଗରେ ଦଣ୍ଡିତ ସୁପର୍ଦ୍ଦ ହୋଇଥିଲା । ବର୍ତ୍ତମାନର ସେସନ ଜଜ ରେ-ସାହେବ ଜୁରିମାନଙ୍କର ମତରେ ଐକ୍ୟ ହୋଇ ଅସାମୀଙ୍କୁ ମୁକ୍ତ ଦେବାରେ ସମ୍ବାଦପତ୍ରମାନଙ୍କରେ ତହିଁର ଘୋର ଆନ୍ଦୋଳନ ଲାଗିଥିଲା ଏବଂ ସମସ୍ତେ ଅବଗତ ହେବାର ଆପତ୍ତି କରିଥିଲେ । ବଙ୍ଗୀୟ ଗବର୍ଣ୍ଣମେଣ୍ଟ କାଗଜପତ୍ର ଦେଖି ଏବେ ସରକାରୀ ବାରିଷ୍ଟରଙ୍କର ପରାମର୍ଶ ନେଇ ସେସନ ଜଜଙ୍କ ଆଦେଶ ବିରୁଦ୍ଧରେ ହାଇକୋର୍ଟରେ ଅପିଲ କରିବାର ଅନୁମତି ଦେବାରୁ ଅପିଲ ଦାଏର ହୋଇଅଛି । ହାଇକୋର୍ଟ ଅପିଲ ମଞ୍ଜୁର କରି ମାଇକିନ ସାହେବଙ୍କୁ ଧରି ହାଜତରେ ରଖିବା କାରଣ ଜଣେ ମାଜିଷ୍ଟ୍ରେଟଙ୍କ ପ୍ରତି ଆଦେଶ ପ୍ରଦାନ କରିଅଛନ୍ତି ।

---

ଧର୍ମଶାଳା ଥାନା ଏଲାକା ଷମକ ମୌଜା ନିବାସୀ ଚନ୍ଦ୍ରମାଳୀ ପୃଷ୍ଟି ଓ ଯଶୋଦାଳ ହାଟ ଗୋଦାମରେ ଗତପୂର୍ବ ରବିବାର ଡକାଏତି ହେବାର ସମ୍ବାଦ ପାଇଅଛୁ । ଚନ୍ଦ୍ରମାଳୀ ପୃଷ୍ଟି ସନ୍ଧ୍ୟାରେ ଗୋଦାମଘରେ ଖଟ ପକାଇ ପିଣ୍ଡାରେ ବିଛଣା କରି ଶୋଇଥିଲା । ସେହି ଘରରେ ଦୃଷ୍ଟି ହେଉଥିଲା । ରେଳେବେଳେ ଏକ ବା ଅଧିକ ଡକାଏତ ଆସି ଚନ୍ଦ୍ରମାଳୀର ଗଳା, ହାତ ଓ କର୍ଣ୍ଣମୂଳ ଶାଣିତ ଅସ୍ତ୍ରଦ୍ୱାରା କାଟି ମାରି ପକାଇ ଗୋଦାମର ଚାବି ଆଣି ସନ୍ଦୁକରେ ଥିବା ଆଦାୟ ଟଙ୍କା ଏବଂ କଟକ ମହାଜନର ଗୁମାସ୍ତାର ଟ ୫୦୦ଙ୍କା ନେଇ ଗଲେ । ଗୁମାସ୍ତା ସେହି ଗୋଦାମଘରେ ଶୋଇଥିଲା । ପୁଲିସ ତଦନ୍ତ ହେଉଅଛି ଆଶା କରୁଁ ପୁଲିସ ଯଥାସାଧ୍ୟ ଚେଷ୍ଟା କରି ଏ ମାମଲାର ଆସାମୀ ଧରିବେ ନୋହିଲେ ବଡ଼ ନିନ୍ଦା ହେବ ।

---

ଇଂରେଜ ଜମିଦାରମାନଙ୍କ ଅତ୍ୟାଚାରରୁ ଆୟରଲଣ୍ଡର ପ୍ରଜାମାନଙ୍କୁ ରକ୍ଷା କରିବା ଅଭିପ୍ରାୟରେ ବିଲାତ ଗବର୍ଣ୍ଣମେଣ୍ଟ ଜମିଦାରଙ୍କ ନିକଟରୁ ଭୂମି ସତ୍ତ୍ୱ କ୍ରୟ କରି ପ୍ରଜାମାନଙ୍କୁ ବିକ୍ରି କରିଅଛନ୍ତି ଏବଂ ସେ ଦେଶରେ ଶାନ୍ତି ଓ ଆନନ୍ଦ ସ୍ଥାପିତ ହେଉଅଛି । ପ୍ରଜାମାନେ କ୍ରମେ ସେହି ଜମିର ମୂଲ୍ୟ ପ୍ରଦାନ କରିବେ । ଏଥିକୁ ଲକ୍ଷ୍ୟ କରି ବିଲାତର ଏକ ସମ୍ବାଦପତ୍ର ଲେଖିଅଛନ୍ତି କି ଏହା ବଙ୍ଗଦେଶ ଛଡ଼ା ଭାରତର କୌଣସି ପ୍ରଦେଶର ପ୍ରଜାଙ୍କର ଅବସ୍ଥା ଆଇରିସ ପ୍ରଜାଙ୍କଠାରୁ ଭଲ ନୁହେ । ଇଂରେଜ ଗବର୍ଣ୍ଣମେଣ୍ଟ ଆଇରିସ ପ୍ରଜାଙ୍କ ପ୍ରତି ଯେମନ୍ତ ଅନୁଗ୍ରହ ପ୍ରକାଶ କରୁଅଛନ୍ତି ଭାରତୀୟ ପ୍ରଜାଙ୍କ ପ୍ରତି ସେମନ୍ତ ଅନୁଗ୍ରହ ପ୍ରକାଶ କରିବା ଉଚିତ । ଲେଖକଙ୍କ ଏ କଥା ଉଚିତ ସନ୍ଦେହ ନାହିଁ । ମାତ୍ର ଗବର୍ଣ୍ଣମେଣ୍ଟଠାରେ ନିଜ ଦୁଃଖ ଜଣାଇବାର ଯେପରି ଉପାୟ ଆଇରିସ ପ୍ରଜାଙ୍କର ଅଛି ଭାରତୀୟ ପ୍ରଜାଙ୍କର ସେପରି ଉପାୟ ନାହିଁ । ଏହି ସ୍ୱାଭାବିକ ପ୍ରଭେଦ ହେତୁ ତାହାର ପ୍ରତିକାରର ଭରସା ଅଳ୍ପ ନାହିଁ ।

---

ମୟୂରଭଞ୍ଜ ଯଶିପୁରଠାରୁ ଜଣେ ଲେଖି ଅଛନ୍ତି କି ଯାଯପୀଠ ମଃ ଭୃଃ ଉକ୍ତ ଗ୍ରାମ ଏବଂ କରଞ୍ଜିଆ ଗ୍ରାମରେ ଓଲାଉଠା ପ୍ରବଳ ହୋଇଅଛି ଏବଂ ୨୦।୨୫ ଲୋକ ମରି ପଡ଼ି ଅଛନ୍ତି । ଏଥର ଆଉ ଏକ ରୋଗ ବାହାରିଅଛି ଯେ ପ୍ରଥମେ ଜ୍ୱର ହୋଇ ପଛକୁ ମୁହଁ ଫୁଲିଯାଏ ଓ ରୋଗୀର ମୃତ୍ୟୁ ହୁଏ । କରଞ୍ଜିଆରେ ଗୋଟିଏ ଡିସପେନସରି ଅଛି ମାତ୍ର ଉପଯୁକ୍ତ ବନ୍ଦୋବସ୍ତ ନ ଥିବା ହେତୁ ସେ ଗ୍ରାମର ଲୋକଙ୍କର ଚିକିତ୍ସା ହୁଏ ନାହିଁ । ଅନ୍ୟ ଲୋକଙ୍କ କଥା ପଚାରେ ? ପତ୍ରପ୍ରେରକ ଅଧିକ ଲେଖିଅଛନ୍ତି କି ଫରେଷ୍ଟ ଆଫିସର ବାବୁ ମଙ୍ଗଳାନନ୍ଦ ସରକାର କର୍ତ୍ତବ୍ୟରେ ସନ୍ତାନମାନ ରୋଗୀଙ୍କ ମଧ୍ୟରେ ବୁଲି ଦେଖି ଔଷଧ ଓ ପଥ୍ୟଦ୍ୱାରା ଯଥାସାଧ୍ୟ ସାହାଯ୍ୟ କରୁଅଛନ୍ତି । ମୟୂରଭଞ୍ଜର ଶାସନଶୃଙ୍ଖଳା ମତେ ଜଣେ ପତ୍ରପ୍ରେରକଙ୍କର ଉକ୍ତି ସତ୍ୟ ହୋଇଥିଲେ ଏଥି ମଧ୍ୟରେ ତାହା ମହାରାଜାଙ୍କର ଗୋଚରରେ ଆସି ତହିଁର ପ୍ରତିକାର ହୋଇଥିବାର ବିଶ୍ୱାସ କରୁଅଛୁ । ନ ହେବାରୁ ତାହା ହୋଇ ନ ଥିଲେ ତାହାଙ୍କର ମନୋଯୋଗ ଆକର୍ଷଣ ନିମନ୍ତେ ଏହା ପ୍ରକାଶ କଲୁଁ ।

---

ରାଞ୍ଚି ଜିଲ୍ଲା ଅନ୍ତର୍ଗତ ଚନ୍ଦ୍ରଦିହ ଗ୍ରାମରେ ଅତ୍ୟନ୍ତ ଜଳକଷ୍ଟ ଘଟିବା ବିଷୟ ପ୍ରଚୁର ଜଣାଇବା ପ୍ରତ୍ୟକ୍ଷେ ତହିଁର କିଛି ପ୍ରତୀକାର କର୍ତ୍ତୃପକ୍ଷଙ୍କଦ୍ୱାରା ନ ହେବାର ଦେଖି ଜଣେ ପତ୍ରପ୍ରେରକ ଦୁଃଖ ପ୍ରକାଶ କରି ଲେଖିଅଛନ୍ତି କି ସେହି ଗ୍ରାମରେ [illegible] କେବଳ ଗୋଟିଏ କ୍ଷୁଦ୍ର କୂପରେ ଅଳ୍ପ ମାତ୍ର ଜଳ ଅଛି । ଗ୍ରାମବାସୀ ସମସ୍ତେ ସେହି କୂପରୁ ଜଳ ନେବାକୁ ନାହୁଁଥିଲେ ବ୍ୟବହାର କରିବାକୁ ବାଧ୍ୟ ହୋଇ ଅଛନ୍ତି । ଜଳ ଅଭାବରୁ ଧୋବାମାନେ ଲୁଗା କାଚି ପାରୁନାହାନ୍ତି । ସୁତରାଂ ଲୋକେ ନାଦୁଆ ଜଳ ଏବଂ ମଇଳା ବସ୍ତ୍ରରେ ବ୍ୟବହାର କରୁଅଛନ୍ତି । ଏ ସମୟରେ ଓଲାଉଠା ରୋଗ ନାହିଁ ହେଲା ଦେଉଅଛି । ଆମ୍ଭେମାନେ ଏ ବିଷୟ କର୍ତ୍ତୃପକ୍ଷଙ୍କର ଦୃଷ୍ଟିଗୋଚରରେ ଆଣି ଅନୁରୋଧ କରୁଅଛୁଁ କି ପତ୍ରପ୍ରେରକଙ୍କର ଲିଖିତ ଯଥାର୍ଥ ହେଲେ ଶୀଘ୍ର ଜଳକଷ୍ଟ ଦୂର କରିବାର ବ୍ୟବସ୍ଥା କରିବାକୁ ମନୋଯୋଗୀ ହେବେ । ଜଳକଷ୍ଟରେ ଓଲାଉଠା ବା ଅନ୍ୟ ସଂକ୍ରାମକ ରୋଗ ମାଡ଼ିବା କିଛି ନୁହେ ଏବଂ ରାଞ୍ଚି ସରକାରଙ୍କର ଶାସନାଧୀନ ହେଉଥିବା ସ୍ଥଳେ ତହିଁରେ ଜଳକଷ୍ଟ ହେବା ଉଚିତ ନୁହେ ।

---

ଜ୍ଞାନଦୀପିକାର ସମ୍ପାଦକ ଶ୍ରୀଯୁକ୍ତ ରଘୁନାଥ ଶାସ୍ତ୍ରୀ [illegible] ଭଣ୍ଡାରରେ ର-

Digitized by srujanika@gmail.com

Split by PDF Splitter



ଳିଲ ଭାଷାର ଉନ୍ନତି ନିମନ୍ତେ ବିଦ୍ୟାଚେଷ୍ଟାଦ୍ୱାରା ଅର୍ଜିତ ପଦର ମହତ୍ୱ ବଢ଼ାଇବାର ଅବଗତ ହୋଇ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଗଞ୍ଜାମଜିଲ୍ଲାର ଡାକବିଭାଗରେ ଓଡ଼ିଆ ଜାଣିବା ଲୋକର ଅତ୍ୟନ୍ତ ଅଭାବ ହେତୁ ଲୋକମାନଙ୍କର ନାନା ଅସୁବିଧା ଘଟିବାର ପାଠକମାନଙ୍କୁ ଜଣାଅଛି । ଉତ୍କଳବିନୋଦ ମହାଶୟ ସେ ବିଷୟ ପୋଷ୍ଟ ମାଷ୍ଟର ଜେନେରଲଙ୍କୁ ଆବେଦନ ପତ୍ର ଦ୍ୱାରା ଜଣାଇବାରେ ଏଣ୍ଟ୍ରାନ୍ସ ପାସ କରିଥିବା ଓଡ଼ିଆମାନେ ବରହମପୁରର ପୋଷ୍ଟ ମାଷ୍ଟରଙ୍କ ନିକଟରେ ପ୍ରାର୍ଥନା କଲେ କାର୍ଯ୍ୟ ପାଇପାରିବେ ବୋଲି ସାହେବ ମହୋଦୟ ଆଦେଶ ପ୍ରଦାନ କରିଅଛନ୍ତି । ଏପରି ତାହାଙ୍କ ଯତ୍ନରେ ନବସୃଷ୍ଟ ପାଠାଗାର ନାମରେ ଗୋଟିଏ ଉତ୍କଳ ପୁସ୍ତକାଳୟ ବହରମପୁରଠାରେ ସ୍ଥାପନ ହେବାର ସ୍ଥିର ହୋଇ କାର୍ଯ୍ୟ ନିର୍ବାହାର୍ଥେ ଗୋଟିଏ କମିଟି ଗଠିତ ହୋଇଅଛି । ସାଧାରଣ ସାହାଯ୍ୟ ବିନା ଏହି ଗୁରୁତର ଅନୁଷ୍ଠାନ ସିଦ୍ଧ ହେବା କଠିନ । ସେଥିପାଇଁ ସେ ପୁସ୍ତକ ବା ଅର୍ଥଦ୍ୱାରା ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି । ଭରସା କରୁଁ ତାହାଙ୍କର ହିତକର ପ୍ରାର୍ଥନା ପ୍ରତି ଉତ୍କଳୀୟମାନେ ଯଥାସାଧ୍ୟ ସହାନୁଭୂତି ଦେଖାଇବେ ।

---

ଯାଜପୁର ଏଲାକା ବଡ଼ ଗୋବିନ୍ଦପୁର ପାଉଣ୍ଡ ଇଜାରଦାର ନାମରେ ଧାର୍ଯ୍ୟ୍ୟାରମଠ ମହାନ୍ତଙ୍କର ତହସିଲଦାର ସନ ୧୮୭୧ ସାଲର ଆ ୧ ଆଇନର ଧା ୨୨ ସ ମତେ ନାଲିସ କରି ଅଛି କି ଇଜାରଦାରର ଦୁଇ ଜଣ ନକୁଷୀ ମହନ୍ତଙ୍କର ଗୋ୨୧ଟା ଗାଈ ଓ ମହିଷ ଭଗ୍ନ ଆଳ ସଙ୍ଗେ ଯାଉଥିବା ଅବସ୍ଥାରେ ଧରି କେଦାର ରକ୍ଷ୍ୟାଳଠାରୁ ପୁଣି ନାଣ୍ଡିଦାଶ୍ରସଙ୍କୁ ଯିବାରେ ଇଜାରଦାର କହିଲା କି ଜରିମାନା ଟ ୧୦୫ ଏବଂ ଦ ୮ ଦିନର ଖର୍ଚ୍ଚ ଟ ୨୧ ଗାଏ ଟ ୫୧ ହେଲେ ସେ ପଶୁମାନଙ୍କୁ ଛାଡ଼ିଦେବ । ପଶୁମାନେ ସେହି ଦିନ ଧରା ହୋଇଥିବା ସ୍ଥଳେ ଦ ୮ ଦିନ ଖରଚ ଦେବାକୁ ଅସମ୍ମତ ହୋଇ ତହସିଲଦାର ଧର୍ମଶାଳା ପୁଲିସରେ ଦେବାରେ ତାହା ପୁଲିସ ଥର୍ଡ଼କ ମାମଲା ନ ଥିବା ହେତୁରେ ନାଲିସ କରିବା କାରଣ ବୁଝାଇ ଦେଲେ । ତହସିଲଦାର ଅଗତ୍ୟା ଇଜାରଦାରର ହାକିମଙ୍କ ଜରିମାନା ଓ ଖରଚ ଦିଏ ଟ କହ୍ୟ ତାହାକୁ ଫେରି ନାଲିସ କରିଅଛି । ଏଥିକୁ ଇଜାରଦାର ବିରୁଦ୍ଧରେ ପୁଲିସ ରିପୋର୍ଟ କରିଥିବାରୁ ଉପରଲିଖିତ ଆଇନର ଧା ୨୭ ସ ଅନୁସାରେ ମୋକଦ୍ଦମା ଦାଏର ହୋଇଅଛି । ଆମ୍ଭେମାନେ ଆଶା କରୁ ସବଡିଭିଜନ ହାକିମ ଏ ମୋକଦ୍ଦମାକୁ ଉତ୍ତମରୂପେ ବୁଝିବେ । ମୋଫସଲରେ ଏପରି ଅତ୍ୟାଚାର ସୁଦ୍ଧା କେତେ ଶୁଣାଯାଏ । ଅଧିକାଂଶ ଗରିବ ଲୋକ ଖରଚ ଭୟରେ ନାଲିସଦ୍ୱାରା ପ୍ରତିକାର ଲୋଡ଼ି ପାରନ୍ତି ନାହିଁ ।

---

ଗତ ସୋମବାର ସନ୍ଧ୍ୟା ସମୟରେ ଏଠା କଲେଜର ଛାତ୍ରମାନେ କଲିଜିୟଟ ମହାକବି ସେକ୍ସପିୟରଙ୍କର ମର୍ଚ୍ଚାଣ୍ଟ ଅଫ ଭେନିସ (Merchant of venice) ନାମକ ନାଟକର ଅଭିନୟ ଦେଖାଇଥିଲେ । ଅଭିନୟ ସ୍ଥଳଟି ବନିବାବୁଙ୍କ ବନ୍ଦସିକନ୍ଦାରସ୍ଥ ଗୋଦାମଘରେ ହୋଇଥିଲା । ସ୍ଥାନ ଯଥେଷ୍ଟ ଥିଲେହେଁ ପବନ ଯିବାଆସିବାର ବାଟ ନ ଥିବାରୁ ଏ କାଳରେ ସେଠାରେ ବସିବା କଷ୍ଟକର । ତଥାପି ସେ ଅସହ୍ୟ ଗ୍ରୀଷ୍ମ ସହ୍ୟ କରି ଅନେକ ଦେଶୀୟ ଲୋକେ ଏବଂ ସାହେବ ମେମ ପ୍ରଭୃତି ଉପସ୍ଥିତ ହୋଇ ଅଭିନେତାମାନଙ୍କୁ ଉତ୍ସାହିତ କରିଥିଲେ । ଅଭିନୟ କାର୍ଯ୍ୟଟି ମନ୍ଦ ହୋଇ ନ ଥିଲା । ପିଲାମାନେ ଆପଣାର ପାଠ ଉତ୍ତମରୂପେ ଅଭ୍ୟାସ କରିଥିଲେ । ସର୍ବାପେକ୍ଷା ପୋର୍ଶିୟା ଓ ସାଇଲକର ଅଭିନୟ ଭଲ ହୋଇଥିଲା । ରଙ୍ଗମଞ୍ଚଟି ସୁନ୍ଦର ଏବଂ ସୁସଜ୍ଜିତ ହୋଇଥିଲା । ବେଶ ଭୂଷା ଏବଂ ଐକତାନର ବାଦ୍ୟ ଉତ୍ତମ ଥିଲା । ଆମ୍ଭେମାନେ ଏ ଅଭିନୟ ଦେଖି ସନ୍ତୁଷ୍ଟ ହୋଇଅଛୁଁ । ତେବେ ବାହାରର ଲୋକମାନେ ହାଇବେଞ୍ଚରେ ଉପସ୍ଥିତ ହୋଇ ଗୋଳମାଳ କରିବାରୁ ଅଭିନେତାମାନଙ୍କର କଥା ଶୁଣା ଯିବାରେ ବିଶେଷ ବାଧା ହୋଇଥିଲା ଓ ସେହେତୁ ଅନେକେ ନିରାଶ ହୋଇ ଫେରି ଆସିଥିଲେ । ସ୍କୁଲ ଛାତ୍ରମାନଙ୍କର ଆପଣା ପଢ଼ା ପୁସ୍ତକର ଅଭିନୟ କଦାପି ଅନୁଚିତ ବୋଲି ଯାଇ ନ ପାରେ । ବରଂ ଇହାଦ୍ୱାରା ସେମାନଙ୍କର ପଢ଼ାର ଉନ୍ନତି ଓ ସଚ୍ଚରିତ୍ରତା ବୃଦ୍ଧି ହେବାର ଆଶା ହୁଏ । ସୁତରାଂ ବାଳକମାନଙ୍କର ଏ କାର୍ଯ୍ୟକୁ ଆମ୍ଭେମାନେ ସମ୍ପୂର୍ଣ୍ଣରୂପେ ଅନୁମୋଦନ କରୁଅଛୁଁ ।

---

ସର ଜର୍ଜ ବାର୍ଡଉଡ ଲଣ୍ଡନର 'ଟାଇମସ୍' ପତ୍ରିକା ଯୋଗେ ପ୍ରକାଶ କରିଅଛନ୍ତି ଯେ ପ୍ରାଚୀନ କାଳରୁ ହିନ୍ଦୁମାନେ ମଶା ଏବଂ ମାଲେରିୟା ଜ୍ୱର ନିବାରଣ ଗୁଣ ତୁଳସୀ ଗଛରେ ଥିବାର ଜାଣି ସେ ଗଛର ବିଶେଷ ଆଦର କରନ୍ତି । ଧଳା, କଳା ଗନ୍ଧଶ୍ୟାମତୁଳସୀ ପ୍ରଭୃତି ନାନା ଜାତୀୟ ତୁଳସୀ ଅଛି । ସେ ସମସ୍ତ ଭାରତର ନାନା ସ୍ଥାନରେ ଅନାୟାସରେ ଜନ୍ମେ ଏବଂ ବିଶେଷତଃ ମନ୍ଦିରରେ ଏବଂ ବାଡ଼ିରେ ଲୋକେ ଏ ଗଛ ଲଗାନ୍ତି । ଏହାର ଛାଇ ଓ ପବନ ହାଥ ଦୂଷିତ ଗଲେ ମେଲେରିଆ ଜ୍ୱର ଅନେକ ଦୂର ହୁଏ । ଯେତେବେଳେ ବମ୍ବେଇରେ ଭିକ୍ଟୋରିଆ ଉଦ୍ୟାନ ଏବଂ ଆଲବର୍ଟ ଯାଦୁଘର ନିର୍ମାଣ ଆରମ୍ଭ ହେଲା ସେତେବେଳେ ମଶା ଓ ମେଲେରିୟା ଜ୍ୱର ଜ୍ୱାଳାରେ କାରିଗର ଓ କୁଲିମାନେ ସେଠାରେ ବଡ଼ ବ୍ୟସ୍ତ ହେବାର ଦେଖି ଜଣେ ହିନ୍ଦୁ କାରବାରୀ ସେହି ଜମିର ଚାରି ସୀମାରେ ତୁଳସୀ ଗଛ ଲଗାଇବାକୁ କହିଦେଲା । ଅଳ୍ପ ଦିନରେ ମଶାର ଦୌରାତ୍ମ୍ୟ ଊଣା ହେଲା ଏବଂ ମାଲେରିୟା ଜ୍ୱର ସେଠାରୁ ଛାଡ଼ି ପଳାଇଲା । ସେ କହିଅଛନ୍ତି ଯେ ଘରେ ଗୁଗ୍ଗୁଳ ବା ଲୋବାନର ଧୂଆଁ ଦେଲେ ବା ନହିଲ ତେଲ ସାର ଟୋପାଏ ଟୋପାଏ ବିଛଣାରେ ଛିଟାଇ ଦେଲେ ବିଛଣା ପାଖରେ ମଶା ପଶି ପାରେ ନାହିଁ ପୁଣି ଯେଉଁ ଭାରତବାସିମାନେ ଅଧିକ ଡାଲଚିନି, ଲବଙ୍ଗ ଇତ୍ୟାଦି ନାନା ଭୋଜନୀୟ ପଦାର୍ଥକୁ ବ୍ୟବହାର କରନ୍ତି ସେମାନେ ମେଲେରିୟା ଜ୍ୱର ଭୋଗ କରିବାର ଅଥବା ଓଲାଉଠାରେ ମରିବାର ସେ ଦେଖି ନାହାନ୍ତି । ଘର ପାଖ ଓ ବାଗିଚାରେ ତୁଳସୀ ଗଛ ରଖିବା ଏବଂ ତୁଳସୀ ପତ୍ର ଭୋଜନ ଓ ସେବା କରିବା ବ୍ୟବସ୍ଥାରେ ପ୍ରାଚୀନ ହିନ୍ଦୁମାନେ ଧର୍ମ ସଙ୍ଗେ ସ୍ୱାସ୍ଥ୍ୟର ସୁନ୍ଦର ସଂଯୋଗ କରି ଦେଇଅଛନ୍ତି ।

---

ଶ୍ରୀବାବୁ ମଧୁସୂଦନ ଦାସ ଏବଂ ଏଠା ପୁଲିସ ସାହେବଙ୍କ ମଧ୍ୟରେ ଘଟିଥିବା ମାମଲା ସମ୍ବନ୍ଧରେ ଏ ପତ୍ରିକାରେ ଗତ ସପ୍ତାହରେ ଯାହା ପ୍ରକାଶିତ ହୋଇଥିଲା ସେ ଉପଲକ୍ଷରେ ଖଣ୍ଡିଏ ଦୀର୍ଘ ପତ୍ର ପାଇଅଛୁଁ । ସ୍ଥାନ ଏବଂ ସମୟର ଅଭାବ ହେତୁ ତାହା ପ୍ରକାଶ କରିବାକୁ ଅକ୍ଷମ ହୋଇ ତହିଁର ସଂକ୍ଷେପ ମର୍ମ ପାଠକମାନଙ୍କୁ ଜଣାଉଅଛୁ । ତାହା ଏହି କି ପତ୍ରପ୍ରେରକ ଅନୁସନ୍ଧାନର ସୁଫଳ ହେଲୁ ମଧୁବାବୁଙ୍କ ମଙ୍ଗଳବାଦ ପ୍ରଦାନ କରି ତାହାଙ୍କର ସାହସ ଓ ଗବର୍ଣ୍ଣମେଣ୍ଟଙ୍କର କାର୍ଯ୍ୟର ପ୍ରଶଂସା କରିଅଛନ୍ତି । କିନ୍ତୁ ଶ୍ରୀଯୁକ୍ତ ଗୁପ୍ତ ସାହେବ କମିଶନର ଏ ବିଷୟର ଅନୁସନ୍ଧାନ ଇଚ୍ଛା ପୂର୍ବକ ଏଡ଼େଇବାର ଲକ୍ଷଣ ଅସଙ୍ଗତ ଓ ଅନ୍ୟାୟ ଓ ତହିଁପାଇଁ ପତ୍ରପ୍ରେରକ ଦୁଃଖିତ । ଅନୁସନ୍ଧାନର ପ୍ରସଙ୍ଗ ଉଦୟ ହେବାର ବହୁଦିନ ପୂର୍ବରୁ ଗୁପ୍ତ ସାହେବଙ୍କର ଛୁଟି ହୋଇଥିଲା ଓ ତାହାଙ୍କର କାର୍ଯ୍ୟର ବନ୍ଦୋବସ୍ତ ହୋଇଥିଲା । ଯଥା ସମୟରେ ନୂତନ କମିଶନର ମଧ୍ୟ ଆସି ପହୁଞ୍ଚିଥିଲେ ଏବଂ ମଧୁବାବୁ ମଫସଲରେ ଥିଲେ । ବାସ୍ତବରେ ଗୁପ୍ତ ସାହେବ ଏଠାରୁ ପ୍ରସ୍ଥାନ କରି ଭଦ୍ରକଠାରେ ମଧୁବାବୁଙ୍କୁ ଭେଟିଥିଲେ । କଏ କହିବ ଯେ ଅନୁସନ୍ଧାନର ବିଷୟ ଏମନ୍ତ ଗୁରୁତର ଥିଲା ଯେ ତହିଁପାଇଁ ଏତେ ଉଚ୍ଚ କର୍ମଚାରୀଙ୍କର ବନ୍ଦୋବସ୍ତମାନ ଭଙ୍ଗ ହେବା ଉଚିତ

Digitized by srujanika@gmail.com

ହୁଅନ୍ତି ? ଏପରି ଜଣେ ପୁଲିସ କର୍ମଚାରୀର ଚରିତ୍ରର ଅନୁସନ୍ଧାନ ପୁଲିସ ବିଭାଗର କର୍ତ୍ତାଙ୍କ ଦ୍ୱାରା ହେବା ସୁସଙ୍ଗତ ଅଟେ ଏବଂ ପରେ ତାହା ହୋଇଅଛି । ଯେଉଁମାନେ ଗୁପ୍ତ ସାହେବଙ୍କର କର୍ତ୍ତୀକ ସ୍ୱାର୍ଥୀକ ଚରିତ୍ରର କଥା ଜାଣନ୍ତି ସେମାନେ ଅବଶ୍ୟ ସ୍ୱୀକାର କରିବେ ଯେ ହାଉଲ୍ଟ ଉଇ ସାହେବ ଯେପରି ଅନୁସନ୍ଧାନ କଲେ ଗୁପ୍ତ ସାହେବ ସେହିପରି କରିଥାନ୍ତେ । ଅତଏବ ଗୁପ୍ତ ସାହେବଙ୍କ ବିରୁଦ୍ଧରେ କୌଣସି କଳୁଷ ଦେବା ଅମୂଳକ ଏବଂ ଅନ୍ୟାୟ ଅଟେ । ପତ୍ର ପ୍ରେରକ ପ୍ରକୃତ ସତ୍ୟତା ଯାହା ଲେଖିଅଛନ୍ତି ତହିଁରେ ଦ୍ୱିରୁକ୍ତି ନାହିଁ । ଏକ ଘଟନାର ନାନା ଅର୍ଥ ନାନା ଲୋକ କରିବାର ଅନେକ ସମୟରେ ଦେଖାଯାଏ । ଏଠାରେ ସେପରି ହେବା ବିଚିତ୍ର ନୁହେ ।

---

ପୁରୀ ରଥଯାତ୍ରା ।

ଗତ ବୁଧବାର ସୂର୍ଯ୍ୟୋଦୟ ପୂର୍ବେ ଅର୍ଥାତ୍ ପ୍ରାୟ ସ ୪ ଘଠାରେ ପ୍ରଭୁମାନଙ୍କର ପହଣ୍ଡି ଆରମ୍ଭ ହେଲା ଏବଂ ସୂର୍ଯ୍ୟୋଦୟ ବେଳକୁ ପ୍ରଭୁମାନେ ସ୍ନାନମଣ୍ଡପରେ ବିଜେମାନ ହେଲେ ଦିବା ସ ୯ ଘ ସମୟରେ ଶ୍ରୀଜଗନ୍ନାଥଙ୍କର ସ୍ନାନ-ପୂର୍ଣ୍ଣିମା ପରେ ହସ୍ତିବେଶ ଏବଂ ସ ୧ ଘଠାରେ ଖେଚଡ଼ି ଭୋଗ ଶେଷ ହୋଇଥିଲା । ଉପରେ ଯାତ୍ରୀମାନେ ସୁଖରେ ଦର୍ଶନ କରିଥିଲେ । ଅପରାହ୍ନ ପ୍ରାୟ ସ ୫ ଟିକା ସମୟରେ ପହଣ୍ଡି ହୋଇ ଘ ସ ୭ ସମୟରେ ପ୍ରଭୁମାନେ ସ୍ନାନମଣ୍ଡପ ଛାଡ଼ି ଅନବସର ପିଣ୍ଡିରେ ଉପସ୍ଥିତ ହୋଇଥିଲେ ପରେ ଟାଟିବନ୍ଧ ଓ ପଟସ୍ଥାପନ ବନ୍ଦାପନାର ରେତପ୍ରଭୃତି ଅନ୍ୟାନ୍ୟ ନୀତିମାନ ସୁଚାରୁରୂପେ ନିର୍ବାହିତ ହୋଇଥିଲା ।

କେବଳ ମେନେଜର ମହୋଦୟଙ୍କ ସୁବନ୍ଦୋବସ୍ତ ଯୋଗୁଁ ଏ ବର୍ଷ ନୀତିମାନ ସୁନ୍ଦରରୂପେ ଓ ଯଥାସମୟରେ ସମ୍ପନ୍ନ ହେବା ଅନ୍ତ ଆନନ୍ଦର ବିଷୟ ହୋଇଥିଲା ଏହେତୁ ମେନେଜର ମହାଶୟ ସାଧାରଣର ବିଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ସ୍ନାନଯାତ୍ରା ଯେ ଏ ବର୍ଷ ଯେପରି ଭଲରେ ନିର୍ବାହ ହୋଇଅଛି ବନ୍ଧୁମାନଙ୍କୁ ସେପରି ଦେଖା ନ ଥିଲା ମନ୍ଦିରର ଦୈନିକ ନୀତିମାନ ଯଥାସମୟରେ ଉତ୍ତମରୂପେ ଚାଲୁ-ଥିବାର ଦେଖି ଲୋକଙ୍କର ବଡ଼ ଆନନ୍ଦ ଜାତ ହୋଇଅଛି । ଆଶା କରୁଅଛୁ ଏଥର ରଥଯାତ୍ରା ସୁମ୍ପୂର୍ଣ୍ଣରୂପେ ନିର୍ବାହ ହେବ ।

—୦✻୦—

ରେଲୱେ କମିଶନ ।

ଏହି କମିଶନର ମନ୍ତବ୍ୟ ବାହାରିଅଛି । କମିଶନର ସଦସ୍ୟମାନେ ଭାରତରେ ରେଲ ବିସ୍ତାର ଓ ଉନ୍ନତି ସମ୍ବନ୍ଧରେ ଅନେକଗୁଡ଼ିଏ ପ୍ରକୃଷ୍ଟ ଉପାୟ ଅବଲମ୍ବନ କରିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି । ରେଲ ଗାଡ଼ିରେ ତୃତୀୟ ଶ୍ରେଣୀର ଯାତ୍ରୀଙ୍କର କଷ୍ଟ ଅଧିକ ଏବଂ କମିଶନ ଅନୁସନ୍ଧାନଦ୍ୱାରା ତାହା ଉତ୍ତମରୂପେ ଅବଗତ ହୋଇ ତହିଁର ପ୍ରତିକାର ନିମନ୍ତେ ଯେ ସମସ୍ତ ପ୍ରସ୍ତାବ କରିଅଛନ୍ତି ସେ ସମସ୍ତ ମୂଲ୍ୟବାନ୍ ଅଟେ । ଗବର୍ଣ୍ଣମେଣ୍ଟ ସେ ସମସ୍ତ ଗ୍ରହଣ କରି ତଦନୁସାରେ କାର୍ଯ୍ୟ କରିବା ପ୍ରତି ରେଲୱେ କର୍ତ୍ତାମାନଙ୍କୁ ଆଦେଶ ଦେଲେ ରେଲ ଭ୍ରମଣରେ ଲୋକଙ୍କର ଅଧିକ ପ୍ରବୃତ୍ତି ହେବ ଏବଂ ରେଲୱେର ଆୟ ମଧ୍ୟ ବଢ଼ିବ । କମିଶନ ଯଥାର୍ଥ କହୁଅଛନ୍ତି ତ ଯାତ୍ରି ରେଲ ଗାଡ଼ିର ପ୍ରଧାନ ପୋଷଣକାରୀ ୩ୟ ଶ୍ରେଣୀର ଯାତ୍ରୀ ଅଟନ୍ତି । ୩ୟ ଶ୍ରେଣୀର ଯାତ୍ରୀ ଭଡ଼ାରେ ରେଲୱେର ଯେତେ ଆୟ ହୁଅଇ ତାହା ୧ମ ଓ ୨ୟ ଶ୍ରେଣୀର ଯାତ୍ରି ଭଡ଼ାର ଆୟରୁ ଅନେକ ଅଧିକ । ଅଥଚ ରେଲୱେର କର୍ତ୍ତାମାନେ ୧ମ ଓ ୨ୟ ଶ୍ରେଣୀର ଯାତ୍ରୀଙ୍କର ସୁଖ ସ୍ୱଚ୍ଛନ୍ଦତା ପ୍ରତି ଯେତେ ମନୋଯୋଗ ୩ୟ ଶ୍ରେଣୀର ଯାତ୍ରୀଙ୍କ ପ୍ରତି ସେମନ୍ତ ଦେଖାଯାଏ ନାହିଁ । ୩ୟ ଶ୍ରେଣୀର ଗାଡ଼ିରେ ଭିଡ଼ ଅତି ହୁଅଇ ଏବଂ ପର୍ବ ଉପଲକ୍ଷରେ ଏକ ଗାଡ଼ିରେ ଖୁନ୍ଦା ଖାଦିକର ଏତେ ଲୋକ ଭରତି କରାଯାଏ ଯେ ବସିବାର ସ୍ଥାନ ନ ପାଇ ଲୋକେ ଛିଡ଼ା ହୋଇ ରହନ୍ତି ଏବଂ ମାଲଗାଡ଼ିରେ ସେମାନଙ୍କୁ ଭରତି କରାଯାଏ । ତହିଁ ଉପରେ ସେମାନଙ୍କ ଅନେକ ସମୟରେ ଗାଳି ବକ୍ଷିସ୍ତା ଓ ଅଶିଷ୍ଟାଚାର ସହ୍ୟ କରିବାକୁ ହୁଏ । ଷ୍ଟେସନର ନିମ୍ନଶ୍ରେଣୀର ଚାକର ଓ ପୁଲିସ ଅନେକ ସମୟରେ ସେମାନଙ୍କ ଉପରେ ଅନ୍ୟାୟ ବଳ ପ୍ରକାଶ କରନ୍ତି ଏବଂ ନାନା ଛଳରେ ଅନ୍ୟାୟ ପ୍ରକାର କରିଥାନ୍ତି । ପୁଣି ୩ୟ ଶ୍ରେଣୀର ରେଲ ଗାଡ଼ିରେ ପାଣି ପ୍ରଭୃତିର ସ୍ଥାନ ନାହିଁ ଏବଂ ଷ୍ଟେସନମାନଙ୍କର ପରିସରରେ ସେମାନଙ୍କର ବିଶ୍ରାମ ଓ ପାନ ଆହାରର ସୁବନ୍ଦୋବସ୍ତ ନାହିଁ । ରେଲୱେ କମିଶନ ୩ୟ ଶ୍ରେଣୀର ଯାତ୍ରୀଙ୍କର ସମସ୍ତ ଦୁଃଖ ବିଶଦରୂପେ ବର୍ଣ୍ଣନା କରି ସେ ସମସ୍ତର ନିବାରଣ ପ୍ରତିକାର ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି ସେ ଅନୁସାରେ ବା ଏହି ବର୍ଷରେ ସମସ୍ତ ଦୁଃଖ ଦୂର ହୋଇ ନ ପାରେ ମାତ୍ର ମନୋଯୋଗ ଥିଲେ ଅନ୍ତତଃ ପାଞ୍ଚବର୍ଷରେ ତାହା ହୋଇ ପାରିବ । ମାଲଭଡ଼ା ସମ୍ବନ୍ଧରେ କମିଶନ ଲେଖିଅଛନ୍ତି ଯେ ଏ ଭଡ଼ାମାନ ବହୁ ସ୍ଥଳରେ ଅଧିକ ଏମନ୍ତ କି ଏକସ୍ଥାନରେ ୭ ମାଇଲକୁ ଅଧିକ ନୁହେଁ ଏବଂ କେବଳ ୩ ମାଇଲ ଦୂରର । ମାଲଙ୍କ ଭଡ଼ା କରିବ

ଅପେକ୍ଷା ଏଠାରେ ଅଧିକ । ଏହା କମ ହେବା ଉଚିତ ନୁହେ । ଏପରି ମାଲ ପଠାଇବାର ନିରାପଦ ସ୍ଥାନ ଷ୍ଟେସନମାନଙ୍କରେ ନାହିଁ ଏବଂ ବହୁତ ମାଲ ନଷ୍ଟ ହୁଅଇ । କର୍ମଚାରୀଙ୍କ ଦୋଷରୁ ମାଲ ନଷ୍ଟ ବା ଅପ୍ରାପ୍ତ ହେଲେ ତହିଁର ଉପଯୁକ୍ତ କ୍ଷତିପୂରଣ ଦିଆଯାଏ ନାହିଁ । ଏ ପରି ଦେଶୀୟ ପଣ୍ୟ ଦ୍ରବ୍ୟର ବ୍ୟବସାୟରେ ଲୋକଙ୍କ ଉତ୍ସାହ ଦେବା କାରଣ ତହିଁର ଭଡ଼ା ଅଳ୍ପ ଦରରେ କମାଇବାର ବିଧାନ ନାହିଁ । ତଦନୁସାର ଏବଂ ଦ୍ରବ୍ୟ ସୁରକ୍ଷାର ସୁବନ୍ଦୋବସ୍ତ କରିବା କାରଣ କମିଶନ ଗବର୍ଣ୍ଣମେଣ୍ଟଙ୍କୁ ବିଶେଷ ଅନୁରୋଧ କରିଅଛନ୍ତି । ଏ ସମସ୍ତ ଛଡ଼ା କମିଶନ ଅନ୍ୟ ଅନେକ ସୁପରାମର୍ଶ ଦେଇଅଛନ୍ତି । ଦେଶୀୟ ଲୋକଙ୍କଦ୍ୱାରା ରେଲବାଟ ନିର୍ମାଣ ହେବା କାରଣ ଉପଯୁକ୍ତ ଉପାୟ ଅବଲମ୍ବନ କରିବାକୁ ମଧ୍ୟ କହିଅଛନ୍ତି । ଆଶା କରୁଅଛୁ ଗବର୍ଣ୍ଣମେଣ୍ଟ ଏ ସମସ୍ତର ଗୁରୁତ୍ୱ ଜାଣି ଶୀଘ୍ର ତଦନୁରୂପ ଆଦେଶ ପ୍ରଚାର କରିବେ ।

---

ପଥକର ବନ୍ଦୋବସ୍ତର ଦୋଷ ।

ପଥକରର ନୂତନ ବନ୍ଦୋବସ୍ତର କେତେକ ଦୋଷ ଏହି ପୂର୍ବେ ଆମ୍ଭେମାନେ ପାଠକମାନଙ୍କୁ ଜଣାଇଅଛୁ, ବର୍ତ୍ତମାନ ଆଉ ଗୋଟିଏ ବଡ଼ ଅସୁବିଧା ଓ କଷ୍ଟର କଥା ଜଣେ ଜମିଦାର ଆମ୍ଭମାନଙ୍କୁ ଜଣାଇଅଛନ୍ତି । ତାହା ଗୋଟିଏ ମାମଲା ପରସ୍ଥ ଅଟଇ । ତାଙ୍କ ଜମିଦାରୀର ଗୋଟିଏ ମୌଜା ଅଛି ମୋଟ ଟ ୦ /୫ ଅଂଶିଦାରଙ୍କର ଅଟେ ଅର୍ଥାତ୍ ସେ ଆପଣା ଅଂଶାନୁସାରେ ସକଳ ମୌଜାରେ ଦଖଲକାର ନ ଥାଇ କେବଳ ସେହି ମୌଜା ସମ୍ପ୍ରଦାୟରେ ଦଖଲକାର ଆଉ ତହିଁର ମୋଟ ଅଂଶ ଜଣେ ସେ ଓଡ଼ିଆ ଚଉଧୁରୀ ଅନ୍ୟ ମୌଜାମାନଙ୍କରେ ତାଙ୍କର ସମ୍ପର୍କ ନାହିଁ । ସେ ଗୁଡ଼ିଏ ମୌଜାର ସଦର ଜମା ଟ ୧୧୭ ଟଙ୍କା ଅଟେ । ଅବଶିଷ୍ଟ ଅଂଶ ଯାହା ମୌଜାମାନ ଶତାଧିକ ଅଂଶୀଦାରଙ୍କର ଅଟେ ଓ ସେମାନଙ୍କ ସଦର ଜମା ଟ ୧୧୦୧ ଟଙ୍କା ଏମାନଙ୍କର ଅଂଶ ଅଂଶମାନଙ୍କ ନିକଟରେ ଓ ତାଲ ବନ୍ଦୋବସ୍ତ ନାହିଁ ଏଥିରେ ଅଧିକ ହୋଇଅଛି । ବନ୍ଦୋବସ୍ତ ନିୟମାନୁସାରେ ସେମାନଙ୍କ ପଥ ଅରକାଶ କଲୁ ଓ କଲେକ୍ଟର ସାହେବ ଦେବଲ ବଡ଼ ଅଂଶର ଦଖଲଦାରଙ୍କୁ ଦେବାର ଭାର ଦେବାକୁ ବନ୍ଦୋବସ୍ତର ଅଂଶୀ କରିଅଛନ୍ତି । ମାତ୍ର ନୂତନ ପଥକର ବନ୍ଦୋବସ୍ତର ନିୟମାନୁସାରେ ସେମାନଙ୍କୁ ଦେବା ନ ପାଇ ସେହି ମୌଜାର ସମସ୍ତଙ୍କୁ ଦେବା ପାଇବ ।

Digitized by srujanika@gmail.com

ଏଥିରୁ ଲାଖରାଜ ଜମିର ପଥକର ଜମିଦାରୀ ଅନ୍ତର୍ଗତ ହୋଇଅଛି ଏଥିର ସଂଖ୍ୟା ପ୍ରତି ମୌଜାରେ ଅନେକ ଓ ଅଧିକାଂଶ ରେଜା ଅର୍ଥାତ ଅତି ସାମାନ୍ୟ ଜମାର ଅଟେ । ଏ ସବୁ ଉସୁଲ ହେବା ଅତି କଷ୍ଟକର ପୁଣି ତହିଁର ଜମାବନ୍ଦି କାଗଜ ଜମିଦାର ନ ପାଇଲେ ଆଦୌ ଉସୁଲ ହୋଇ ପାରିବ ନାହିଁ । ଉପର୍ଯ୍ୟୁକ୍ତ ମହାଲର ଛୋଟ ଓ ବଡ଼ ଅଂଶିମାନଙ୍କର ବିବାଦ ଅନେକ ଅଛି ଅଟେ ଓ ଦୁହିଙ୍କ ମଧ୍ୟରେ ମକଦ୍ଦମା ସୁତରାଂ ଛୋଟଅଂଶୀ ପଥକର କାଗଜ ପ୍ରାପ୍ତ ହୋଇ ଆପେ ରଖିଲେ ଓ ଆପଣା ମୌଜାର ଲାଖରାଜ ପଥକର ଯଥାସମ୍ଭବ ଉସୁଲ କଲେ ବଡ଼ଅଂଶୀ ଉକ୍ତ ଜମାବନ୍ଦି କାଗଜ ଅଭାବେ ଆଦୌ ଉସୁଲ କରି ନ ପାରି ମୋଟ ପଥକର କଲେକ୍ଟରୀରୁ ନିଜେ ଆପଣା ହାତରୁ ଦେଲେ ।

ବଡ଼ଅଂଶୀ ଜମାବନ୍ଦି କାଗଜ ନ ପାଇବା ବିଷୟ ଡେପୁଟି କଲେକ୍ଟରରେ ଜଣାଇବାରୁ ଆମଲା କହିଲେ ଯେ ଜମାବନ୍ଦି କାଗଜ ପ୍ରତ୍ୟେକ ସରିକଦାରଙ୍କୁ ଦେବାର ବିଧି ନ ଥାଇ କୌଣସି ଜଣେ ସରିକଦାରକୁ ଦେବାର ବିଧି ଥିବାରୁ ପିଅଦା ପ୍ରଥମେ ଯେଉଁ ସରିକଦାରଙ୍କୁ ପାଇଲା ତାଙ୍କୁ କାଗଜ ଦେଇ ଅସିଲା ଏଥିରେ ତାହାର ଦୋଷ ହୋଇ ନ ପାରେ । ତୁମ୍ଭେ ଅଧିମରେ ନକଲ ନେଇ ପାର । ଏଥିରୁ ମଞ୍ଜୁର ନକଲ ଖର୍ଚ୍ଚା ହୋଇବ ଟଙ୍କାରୁ ଉର୍ଦ୍ଧ୍ୱ ହେବାର ସେ କହନ୍ତି । ପ୍ରଥମେ ରେଜା ପଥକର କାନୁନଗୋ ଦ୍ୱାରା ଉସୁଲ ହେଉଥିଲା ଓ ଯାହାଙ୍କ ଦ୍ୱାରା ଉକ୍ତ ପଥକର ଖଜଣାଖାନାରେ ତହସିଲଦାରଙ୍କ ଦ୍ୱାରା ଦାଖଲ ହେଉଥିଲା । ସାର୍ଟିଫିକେଟ ଜାରି ଦ୍ୱାରା ସରକାରୀ ପାଉଣା ଉସୁଲ ହେବାର ସହଜ ଉପାୟ ସରକାରଙ୍କ ହସ୍ତେ ଥିଲେହେଁ ରେଜା ପଥକର ଉସୁଲ କରିବାର କଷ୍ଟକର ହେଲ ବୋଲି ସରକାର ତାହା ଜମିଦାରଙ୍କ ହସ୍ତ ଦେଇଅଛନ୍ତି । ଏଥିର ତହସିଲ ଖର୍ଚ୍ଚା ଶତକଡ଼ା ୫ ଟଙ୍କା ଥିବାରୁ ବୋଧ ହୁଏ ନ ତାହା ଏତେ କଷ୍ଟଦାୟକ ହେଲା ଯେ ସରକାର ଅତି ଉଚ୍ଚ ଦରରେ ଖର୍ଚ୍ଚା ଦେବାଦ୍ୱାରା ହୋଇନପାରି ସବୁ ଅର୍ପଣ ହାତରୁ ଏ କାର୍ଯ୍ୟ ବାହାର କରିଦେଲେ । ସରକାରଙ୍କ ଏତେ ଅଧିକାର ଥିବା ପ୍ରତ୍ୟେକ ଯାହା ତାଙ୍କୁ କଷ୍ଟକର ହେଲା ତାହା ସେ ଜମିଦାର ପକ୍ଷରେ କେତେ ଅଧିକ କଷ୍ଟକର ଏହା ସହଜରେ ହୃଦୟଙ୍ଗମ ହୋଇପାରେ । ଯଦି ସରକାର ଏପରି କଷ୍ଟକର କାର୍ଯ୍ୟ ଜମିଦାରଙ୍କୁ ଅର୍ପଣ କଲେ ତେବେ ତହିଁର ଯଥା ସମ୍ଭବ ସୁବିଧା କରିଦେବା ଉଚିତ । କାରଣ ଓଡ଼ିଶାରେ ଛୋଟମାନେ ଜମିଦାରୀ ଅନେକାନେକ ଅଛି ମଧ୍ୟ ଗୁଡ଼ାଏ ବଡ଼ ଜମିଦାରୀ ହେବନ୍ତି ତ ଅନ୍ୟ ଗୋଟିଏ ମହାଲରେ ଯେ ବଡ଼ ସରିକଦାର ଥିଲେ ତହିଁର ପଥକର କାଗଜ ପାଇ ନାହାନ୍ତି ଓ କେହି ଛୋଟ ସରିକଦାର ପାଇ ଥିବାର ତାଙ୍କୁ ଜଣା ନାହିଁ । ସେ ଯାହାହେଉ ବନ୍ଦୋବସ୍ତ ମହକୁମାରୁ ଉକ୍ତ ଖତିଆନ ବଡ଼ ସରିକଦାରଙ୍କୁ ଦିଆ ଯିବାର ଯେ ବିଧି ହୋଇ ତଦନୁସାରେ କାର୍ଯ୍ୟ ହୋଇଥିଲା ସେହି ବିଧି ପଥକରଜମାବନ୍ଦି କାଗଜ ବଣ୍ଟନରେ ପ୍ରତିପାଳିତ ହେବାର ଉଚିତ ଥିଲା ମାତ୍ର ତାହା ହୋଇ ନଥିବାର ବୋଧ ହେଉଅଛି । ବର୍ତ୍ତମାନ ଏ ଦୋଷ ସୁଧାରିବାର ଉପାୟ ଏହି ଯେ ବନ୍ଦୋବସ୍ତ ମହକୁମାରୁ ଖସଡ଼ା ନକଲ ଦେବାର ଯେ ବିଧି ହୋଇଥିଲା ଅର୍ଥାତ ଜମିଦାରଙ୍କ ନିଯୁକ୍ତ ବଣ୍ଟା ଠିକା ମୋହରରମାନେ ନକଲ କରୁଥିଲେ ଓ ସରକାରୀ ଅମଲା ତାହା ମୁକାବିଲା କରି ଦେଉଥିଲେ ଯଦ୍ଦ୍ୱାରା ଜମିଦାରମାନେ ଅଳ୍ପ ଖର୍ଚ୍ଚାରେ ଖସଡ଼ା ନକଲ ପାଇଗଲେ, ସେହି ବିଧି ପଥକର ଜମାବନ୍ଦି କାଗଜର ନକଲ ଦେବା ପକ୍ଷେ କରିବା ଉଚିତ । ଏପରି ହେଲେ ଅଳ୍ପ ଖର୍ଚ୍ଚାରେ ଜମିଦାରମାନେ ଉକ୍ତ କାଗଜର ନକଲ ପାଇ ପାରିବେ । ଲାଖରାଜ ପଥକର ଅନେକ ଉସୁଲ ହୁଅଇ ନାହିଁ ଜମିଦାରମାନେ ଉଚ୍ଚ ଦରରେ ତହସିଲ ଖର୍ଚ୍ଚା ପାଉଥିଲେହେଁ ଅନେକ ସ୍ଥଳେ କ୍ଷତି ସହନ୍ତି ତହିଁ ଉପରେ ସେମାନଙ୍କୁ ନକଲ ନିମନ୍ତେ ଅଧିକ ଖର୍ଚ୍ଚାରେ ବାଧ୍ୟ କରିବା ଅନୁଚିତ ହେଉଅଛି । ଅତଏବ ଆମ୍ଭେମାନେ ଆଶାକରୁଁ ଯେ ଆମ୍ଭମାନଙ୍କର ସୁଯୋଗ୍ୟ କମିଶନର ସାହେବ ଏ ବିଷୟରେ ବିବେଚନା ପୂର୍ବକ ଆମ୍ଭମାନଙ୍କର ପ୍ରସ୍ତାବ ଗ୍ରହଣ କରିବେ । ଅଥବା ଅନ୍ୟ କୌଣସି ସୁବିଧା ଜମିଦାରଙ୍କ ପକ୍ଷରେ କରିଦେବେ ।

---

୧୯୦୩ ସାଲର ପ୍ରଥମ ସଂସ୍କୃତ ପରୀକ୍ଷାରେ ନିମ୍ନଲିଖିତ ପରୀକ୍ଷାର୍ଥୀମାନେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

ସଂସ୍କୃତ ସମିତି ବାଲେଶ୍ୱର

ବ୍ୟାକରଣ

ପ୍ରଥମବିଭାଗ

| ଛାତ୍ରର ନାମ | ଟୋଲର ସ୍ଥାନ |
|---|---|
| ଶ୍ରୀ ସୁର୍ଯ୍ୟନାଥ ମିଶ୍ର | ମୟୂରଭଞ୍ଜ |
| ହରେକୃଷ୍ଣ ମିଶ୍ର | ଐ |
| ଗୋବିନ୍ଦ ଷଡ଼ଙ୍ଗୀ | ବାରିପଦା |

୨ ୟ ବିଭାଗ

| | |
|---|---|
| ବାସୁଦେବ ଆଚାର୍ଯ୍ୟ | ବାଲସାହି, ମେଦିନୀପୁର |
| ଘନଶ୍ୟାମ ଦାସ | ଶ୍ରୀରାମଟୋଲ ବାଲେଶ୍ୱର |
| ଗଦାଧର ପଣ୍ଡା | ଶ୍ରୀରାମଚନ୍ଦ୍ରଟୋଲ ବାଲେଶ୍ୱର |
| ଦାମୋଦର ମିଶ୍ର | ଶ୍ୟାମଚନ୍ଦ୍ରଟୋଲ କଳିକତା |
| କୃପାସିନ୍ଧୁ ମିଶ୍ର | ଶ୍ରୀରାମଚନ୍ଦ୍ରଟୋଲ ବାଲେଶ୍ୱର |
| ନରସିଂହ ମିଶ୍ର | ଲକ୍ଷ୍ମୀଟୋଲ ଗଡ଼ପଦା, |
| ଶିବପ୍ରସାଦ ମିଶ୍ର | କବିଟୋଲ ବେଲ୍ୟାବେଡ଼ା, ମେଦିନୀପୁର |
| ବନମାଳୀ ନନ୍ଦ | ମୟୂରଭଞ୍ଜ |
| ଭୁବନମୋହନ ନନ୍ଦ | ମାଲଞ୍ଚମୁଣ୍ଡା, ମେଦିନୀପୁର |
| ତ୍ରିପୁରନାଥ ପାଢ଼ୀ | ,, ,, |
| ରାମଚନ୍ଦ୍ର ଷଡ଼ଙ୍ଗୀ | ଗୋବିନ୍ଦ ଟୋଲ, ଗଡ଼ପଦା, ବାଲେଶ୍ୱର |
| ଘନଶ୍ୟାମ ଷଡ଼ଙ୍ଗୀ | ଅମରଦା ଟୋଲ, ମୟୂରଭଞ୍ଜ |
| ମଦନମୋହନ ତ୍ରିପାଠୀ | ଭାରତୀଟୋଲ, ବେଲ୍ୟାବେଡ଼ା ମେଦିନୀପୁର |
| ରାମଚନ୍ଦ୍ର ତ୍ରିପାଠୀ | ଅମରଦାଟୋଲ, ମୟୂରଭଞ୍ଜ |
| ଗଦାଧର ମହାପାତ୍ର | ଶ୍ୟାମଚନ୍ଦ୍ର ଟୋଲ କଳିକତା |

କାବ୍ୟ ୧ ମ ବିଭାଗ

| | |
|---|---|
| ଶ୍ରୀକୈଳାସନାଥ ଚକ୍ରବର୍ତ୍ତୀ | କୃଷ୍ଣପୁର ବାଲେଶ୍ୱର |
| ରଘୁରାମ ପଣ୍ଡିତ | ,, ,, |
| ସୁଧାକର ମିଶ୍ର | ଶ୍ୟାମଚନ୍ଦ୍ର ଟୋଲ, କଳିକତା |
| ନରସିଂହ ପଣ୍ଡା | ଗୋପୀନାଥଟୋଲ, ବାଲେଶ୍ୱର |
| ରମାନାଥ ବ୍ରହ୍ମଚାରୀ ପ୍ରଧାନ | ଲକ୍ଷ୍ମୀଟୋଲ, ଗଡ଼ପଦା ବାଲେଶ୍ୱର |
| ଜଗନ୍ନାଥ ରଥ | ଦେବୀପ୍ରସାଦଟୋଲ ବାଲେଶ୍ୱର |
| ଶ୍ୟାମସୁନ୍ଦର ରଥ | ମୟୂରଭଞ୍ଜ |

୨ ୟ ବିଭାଗ

| | |
|---|---|
| ଗୋପୀନାଥ କର | ବାଲସାହି, ମେଦିନୀପୁର |
| ଚକ୍ରମଣି ମିଶ୍ର | ଶ୍ରୀରାମଚନ୍ଦ୍ରଟୋଲ ବାଲେଶ୍ୱର |
| ହେମଚନ୍ଦ୍ର ନନ୍ଦ | ,, ,, |
| ଅନନ୍ତ ଷଡ଼ଙ୍ଗୀ | କବିଟୋଲ, ବେଲ୍ୟାବେଡ଼ା, ମେଦିନୀପୁର |
| କେଦାରନାଥ ତ୍ରିପାଠୀ | ,, ,, ,, |
| ମଧୁସୂଦନ ତ୍ରିପାଠୀ | ,, ,, ,, |
| ମହେଶ୍ୱର ମହାପାତ୍ର | ଗଣେଶ୍ୱରପୁର ଟୋଲ ବାଲେଶ୍ୱର |

ସ୍ମୃତି, ୧ ମ ବିଭାଗ ।

| | |
|---|---|
| ଜଗନ୍ନାଥ ଦ୍ୱିବେଦୀ | ଶ୍ୟାମଚନ୍ଦ୍ର ଟୋଲ, କଳିକତା |

୨ ୟ ବିଭାଗ ।

| | |
|---|---|
| ଗୋବିନ୍ଦଚନ୍ଦ୍ର ଷଡ଼ଙ୍ଗୀ | ଶ୍ୟାମଚନ୍ଦ୍ର ଟୋଲ, କଳିକତା |

ପୁରାଣ, ୧ ମ ବିଭାଗ ।

| | |
|---|---|
| ଲୋକନାଥ ତ୍ରିପାଠୀ | ମୟୂରଭଞ୍ଜ |

ସଂସ୍କୃତ ସମିତି, କଟକ ।

ବ୍ୟାକରଣ, ୨ୟ ବିଭାଗ ।

| | | |
|---|---|---|
| ବାସୁଦେବ ଆଚାର୍ଯ୍ୟ | ବଳଦେବଜୀଉ | କେନ୍ଦୁ |
| ସୁଦର୍ଶନ ଆଚାର୍ଯ୍ୟ | ପଟନାଗଡ଼ | ,, |
| ରଘୁନାଥ ଦାସ | ମଙ୍ଗଳପୁର | ,, |
| ଲୋକନାଥ ଦାସ | ପ୍ରାଚୀ | ,, |
| ଜନାର୍ଦ୍ଦନ କର | ମୁକୁନ୍ଦପୁର | ,, |
| ବଳରାମ ମିଶ୍ର | ବଳଦେବଜୀଉ | ,, |
| ସଦାଶିବ ମିଶ୍ର | ପୁରୁଷୋତ୍ତମ | ,, |
| ଗୋପୀନାଥ ମିଶ୍ର | ମଦନମୋହନ | ,, |
| ହରେକୃଷ୍ଣ ମିଶ୍ର | ବଳଦେବଜୀଉ | ,, |
| କୃଷ୍ଣଚନ୍ଦ୍ର ମିଶ୍ର | ,, | ,, |
| ସୋମନାଥ ମିଶ୍ର | ,, | ,, |
| ବାଞ୍ଛାନିଧି ନନ୍ଦ | ଚୌଧୁରୀ | ଭଦ୍ରକ |
| ବାଞ୍ଛାନିଧି ନନ୍ଦ | ବଳଦେବଜୀଉ | କେନ୍ଦୁ |
| ଗୋପୀନାଥ ରଥ | ,, | ,, |
| ପରମାନନ୍ଦ ରଥ | କଣ୍ଡପଡ଼ା | |

Split by PDF Splitter

Digitized by srujanika@gmail.com